ଧରିତ୍ରୀ 52 Years

ପୃଷ୍ଠା–୧୨+୮

# ଧରିତ୍ରୀ
# DHARITRI

୨୦୨୬ର ଶୁଭେଚ୍ଛା

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧/୨୦୨୬ (୧୨+୮=୨୦ ପୃଷ୍ଠା) | Bhubaneswar, Thursday, January 1/2026 Page 20 | ₹ 7.00

୫୨ଶ ଭାଗ ୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 39 | ମୂଲ୍ୟ ₹୭/-




KP GROUP Quality Since 1965
Safal
ନବ ବର୍ଷର
ହାର୍ଦ୍ଦିକ ଶୁଭକାମନା
KP GROUP Quality Since 1965
CELEBRATING 60 YEARS
Safal TM
PAN MASALA
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ
DHARITRI
ଧରିତ୍ରୀ 52 Years
୨୦୨୬ର ଶୁଭେଚ୍ଛା





ନୂଆବର୍ଷ ୨୦୨୬କୁ ସ୍ୱାଗତ କରିବା ଅବସରରେ ଅଷ୍ଟ୍ରେଲିଆର ସିଡ୍‌ନୀ ହାର୍ବର ବ୍ରିଜ୍ ନିକଟରେ ଆୟୋଜିତ ଆତସବାଜି ।

## ନିର୍ଦ୍ଦିଷ୍ଟ ବର୍ଗଙ୍କ ମହଙ୍ଗା ଭତ୍ତା ୫% ବଢ଼ିଲା

ଭୁବନେଶ୍ୱର,୩୧।୧୨
(ରବିନାରାୟଣ ଜେନା)

ନୂଆବର୍ଷ ଅବ୍ୟବହିତ ପୂର୍ବରୁ ରାଜ୍ୟର ବିଭିନ୍ନ ବର୍ଗର ସରକାରୀ କର୍ମଚାରୀଙ୍କୁ ସରକାର ମହଙ୍ଗା ଭତ୍ତା ଉପହାର ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଅର୍ଥ ବିଭାଗ ପକ୍ଷରୁ ମଙ୍ଗଳବାର ବିଶ୍ୱବିଦ୍ୟାଳୟର ନିୟମିତ ଶିକ୍ଷକ/ଅଣଶିକ୍ଷକ, ନ୍ୟାୟିକ ଅଧିକାରୀ (ସବ୍‌ଅର୍ଡିନେଟ), ୱାର୍କଚାର୍ଜ କର୍ମଚାରୀ ଓ ଅନ୍ୟାନ୍ୟ ବର୍ଗଙ୍କ ପାଇଁ ୫ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି କରାଯାଇଛି। ଏ ସଂକ୍ରାନ୍ତରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

ଭାରତୀୟ ସଂସ୍କୃତିରେ ପରିବର୍ତ୍ତନ

# ଭାରତ-ପାକ୍ ସଂଘର୍ଷ ରୋକିବାରେ ଚାଇନାର 'ମଧ୍ୟସ୍ଥତା' ଦାବି

ଗତ ମେ' ମାସରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହୋଇଥିବା ସାମରିକ ସଂଘର୍ଷକୁ ରୋକିବାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟସ୍ଥତା କରିଥିବା ନେଇ ଇତିମଧ୍ୟରେ ପ୍ରାୟ ୬୫ ଥର ଦାବି କଲେଣି। ଏବେ ଅନୁରୂପ 'ମଧ୍ୟସ୍ଥତା' ଦାବି କରିଛି ଚାଇନା। ଚାଇନାର ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ମଙ୍ଗଳବାର କହିଛନ୍ତି, ବେଜିଂର ମଧ୍ୟସ୍ଥତା ଯୋଗୁ ହିଁ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ସମ୍ଭବ ହୋଇଛି। ଏହି ବୟାନକୁ ନେଇ ପୁଣିଥରେ ଭାରତରେ ରାଜନୈତିକ ବାତାବରଣ ସରଗରମ ହୋଇଛି। ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତୀବ୍ର ସମାଲୋଚନା କରି ସ୍ପଷ୍ଟୀକରଣ ମାଗିଛି। ଗୋଟିଏ ପଟେ ଭାରତୀୟ ସେନା 'ଅପରେଶନ ସିନ୍ଦୂର' ମାଧ୍ୟମରେ ପାକିସ୍ତାନକୁ ଜବାବ ଦେଉଥିବାବେଳେ ଅନ୍ୟପଟେ ଚାଇନା ପାକିସ୍ତାନକୁ ସାମରିକ ସହାୟତା ଯୋଗାଉଥିଲା। ଏଭଳି ସ୍ଥିତିରେ ଚାଇନାର ମଧ୍ୟସ୍ଥତା ଦାବି ଭାରତର ସାର୍ବଭୌମତ୍ୱ ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି କଂଗ୍ରେସ କହିଛି। ଭାରତ ସରକାରଙ୍କ ପକ୍ଷରୁ ଚାଇନା ମନ୍ତ୍ରୀଙ୍କ ମନ୍ତବ୍ୟ ଉପରେ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ। ତେବେ ଯୁଦ୍ଧ ରୋକିବାରେ କୌଣସି ତୃତୀୟ ପକ୍ଷର ହସ୍ତକ୍ଷେପ ହୋଇନାହିଁ ବୋଲି ଭାରତ ସରକାର ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ କୁହାଯାଇଥିଲା।

ନୂଆଦିଲ୍ଲୀ,୩୧।୧୨

୨୦୨୫ରେ ଭାରତ-ପାକିସ୍ତାନ ମଧ୍ୟରେ ଅନେକ ସଂଘର୍ଷ ଅଟକାଇବା ପାଇଁ ଚାଇନା ମଧ୍ୟସ୍ଥତା କରିଥିବା ବେଜିଂ ପକ୍ଷରୁ ଦାବି କରାଯାଇଛି। ଗତ ମେ'ରେ ଦୁଇଦେଶ ମଧ୍ୟରେ ସଂଘର୍ଷ ବେଳେ ମଧ୍ୟ ଆମେ ମଧ୍ୟସ୍ଥତା କରିଥିଲୁ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି କହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତା ଦାବିକୁ ଭାରତ ପକ୍ଷରୁ ଅସ୍ୱୀକାର କରାଯାଇଥିବାବେଳେ ୱାଙ୍ଗ୍ ୟିଙ୍କ ଏପରି ଦାବି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। କାରଣ ଗତ ୫ ବର୍ଷରେ ପାକିସ୍ତାନ ଆମଦାନୀ କରିଥିବା ମୋଟ ସାମରିକ ହାର୍ଡୱେର୍‌ର ୮୧% ହେଉଛି ଚାଇନା ଦ୍ୱାରା ନିର୍ମିତ।

ବେଜିଂରେ 'ଅନ୍ତର୍ଜାତୀୟ ସ୍ଥିତି ଓ ଚାଇନାର ବହିର୍ବ୍ୟାପାର ସମ୍ପର୍କ' ସନ୍ଦର୍ଭରେ ମଙ୍ଗଳବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଯୋଗଦେଇ ଚାଇନାର ବରିଷ୍ଠ କୂଟନୀତିଜ୍ଞ ୱାଙ୍ଗ୍ ୟି କହିଛନ୍ତି, ଚଳିତବର୍ଷ ସ୍ଥାନୀୟ ଯୁଦ୍ଧ ଓ ସୀମାପାର ସଂଘର୍ଷ ବହୁ ପରିମାଣରେ ବଢ଼ିଯାଇଛି। ଏପରି କି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠୁ ଏତେମାତ୍ରାରେ ଯୁଦ୍ଧ ଓ ସଂଘର୍ଷ କେବେ ଦେଖିବାକୁ ମିଳି ନ ଥିଲା। ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଆମେ ☞ପୃଷ୍ଠା–୨









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଶ୍ୱ ଶାନ୍ତି ମହାଯଜ୍ଞର ସୂର୍ଯ୍ୟ ପୂଜା ଓ ଚଣ୍ଡୀ ଆହୂତି, ସ୍ଥାନ: ବାଲିଅନ୍ତା –ବେଣ୍ଣୁପୁରର କୁଶଗାଡିଆ ମଠ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ୨୯ତମ ବାର୍ଷିକ ରୁଦ୍ର ମହାଯଜ୍ଞର ସୂର୍ଯ୍ୟ ପୂଜା ଓ ରୁଦ୍ରାଭିଷେକ, ସ୍ଥାନ: ବାଲିଅନ୍ତା ବ୍ଲକ ବଇଦୁଆର ସିଦ୍ଧେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାକନକ, ସୃଜନାନୁଷ୍ଠାନ ପକ୍ଷରୁ 'ମା' ପରି କିଏ ହେବ' କାର୍ଯ୍ୟକ୍ରମ ପରିବେଷଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଶ୍ରୀଶ୍ରୀ ରାମଚରିତ ମାନସ ସାମୂହିକ ପାଠ ଓ ମହୋତ୍ସବର ସପ୍ତମ ଦିବସ, ସ୍ଥାନ: ମା' ଦୁର୍ଗା ମନ୍ଦିର, ଚୌଧୁରୀ ବଜାର, ସମୟ: ଅପରାହ୍ନ ୪ଟା।
- ରାମକୃଷ୍ଣ ପରମହଂସ ଦେବଙ୍କ କଳ୍ପତରୁ ଉତ୍ସବ ଉପଲକ୍ଷେ ଆଧ୍ୟାତ୍ମିକ ସଭା, ସ୍ଥାନ: ରାମକୃଷ୍ଣ କୁଟୀର, ବଙ୍ଗାଳିସାହି, ସମୟ: ଅପରାହ୍ନ ୫ଟା ୩୦।
- ଅଷ୍ଟବିଂଶତମ ବାର୍ଷିକ ଅଖଣ୍ଡ ଭଜନ ମହୋତ୍ସବର ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ଶ୍ରୀଶ୍ରୀ ପତିତପାବନଜୀଉ ମନ୍ଦିର ସମ୍ମୁଖ, ଦୋଳମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ସ୍ୱାଧୀନତା ସଂଗ୍ରାମୀ ମୋହନ ଦାସଙ୍କ ୩୧ତମ ଶ୍ରାଦ୍ଧବାର୍ଷିକୀ ସମାରୋହ, ସ୍ଥାନ: ନିମାପଡ଼ା ଚଅଁରପଦା ପତିତପାବନ ସେବା ସଂଘ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଇଣ୍ଡିଆ ଗୋପନାରାୟଣ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପତିରାଜପୁର ମେଳା କମିଟିର ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ପତିରାଜପୁର ମେଳା ପଡ଼ିଆ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍ସବ ଉତ୍ତର ଓଡ଼ିଶା ପଞ୍ଚମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଭୋଗରାଇ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଥାନା ଛକ ହେଲିପ୍ୟାଡ ପଡ଼ିଆ, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଶ୍ରୀଚୈତନ୍ୟ ଆଶ୍ରମର ବାର୍ଷିକ ଉତ୍ସବ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ ନିକଟ, ମୋଟେଲ ଛକ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଆଗରପଡ଼ା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ରାତି ୮ ଟା।

## ମୟୂରଭଞ୍ଜ

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ:ମା' ସୁଭଦ୍ରା ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ସାରସକଣା, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରପତିଙ୍କ ଦ୍ୱାରା ଭର୍ଚ୍ଚୁଆଲ ମାଧ୍ୟମରେ ନୂତନ ଆଞ୍ଚଳିକ କେନ୍ଦ୍ର ଏବଂ ଦକ୍ଷତା କେନ୍ଦ୍ର ଶୁଭ ଉଦ୍‌ଘାଟନ, ସ୍ଥାନ:ରାଇରଙ୍ଗପୁର ପିସିଏମ କଲ୍ୟାଣ ମଣ୍ଡପ ପରିସର,ସମୟ:ପୂର୍ବାହ୍ନ ୧୦ଟା୪୫ ।

## ଗଞ୍ଜାମ

- ଗାଁ କଳା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡ଼ା ବ୍ଲକ ଆଦିପୁର, ସମୟ: ସନ୍ଧ୍ୟା ୬ଟା।
- ଭଜନ ସମାରୋହ, ପ୍ରବଚନ, ସ୍ଥାନ: ବୁଗୁଡ଼ା ବ୍ଲକ କରଚୁଲି ମାନସ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ଆହ୍ୱାନ ଫାଉଣ୍ଡେଶନ ପକ୍ଷରୁ ଇଂରାଜୀ ନବବର୍ଷ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ଶିବ ମନ୍ଦିର ପାଖ କ୍ଲବ, ମଧୁବନ ପାରାଦୀପ, ସମୟ: ସକାଳ ୮ ଟା।

## କେନ୍ଦ୍ରାପଡ଼ା

- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଶ୍ରୀ ଜଗନ୍ନାଥ ମନ୍ଦିର, ରାଧାମାଳିପୁର, ରାଜନଗର, ସମୟ: ସକାଳ ୯ଟା ।
- ବିଶ୍ୱ ପ୍ରାର୍ଥନା ଦିବସ ପାଳନ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡା ସହର, ସମୟ: ସକାଳ ୮ଟା ।
- ବାଦୀପାଲା ମହୋତ୍ସବ, ସ୍ଥାନ:ମା' ବୁଢ଼ୀ ଜାଗୁଳାଇ ପୀଠ, ପଞ୍ଚୁପାଣ୍ଡବ, ଏଣ୍ଡର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: କଖାରୁଣୀ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା ।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ରାମିଆଗଞ୍ଜ, ମଣିକୁଣ୍ଡା, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା ।
- ବାବା ସଙ୍କଟମୋଚନଙ୍କ ବାର୍ଷିକ ମହାଯଜ୍ଞ, ସ୍ଥାନ: ବୀରସ୍ୱତୀ, ଇଚ୍ଛାପୁର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା, ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରୁ କୁସୁମା, ସମୟ : ପୂର୍ବାହ୍ନ ୧୧ଟା।
- ମଡର୍ଣ୍ଣ ରେକର୍ଡ ରୁମ ଓ କମ୍ପ୍ୟୁଟର ସେଲ ଉଦ୍‌ଘାଟନ, ସ୍ଥାନ : ବିଞ୍ଝାରପୁର ସବରେଜିଷ୍ଟ୍ରାର କାର୍ଯ୍ୟାଳୟ, ସମୟ : ମଧ୍ୟାହ୍ନ ୧୨ଟା।
- ଧର୍ମଶାଳା ମହୋତ୍ସବରେ ଜ୍ୟୋତିପ୍ରକାଶ ଓଝାଙ୍କ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ : ଧର୍ମଶାଳା ମହୋତ୍ସବ ପଡିଆ, ସମୟ : ସନ୍ଧ୍ୟା ୭ଟା।

## ନୟାଗଡ଼

- ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଶ୍ରୀ ଜଗନ୍ନାଥ ଧାମ ପୁରୀ ପକ୍ଷରୁ ୩୪ତମ ଚାରଣ ପ୍ରବଜ୍ୟାରେ ପ୍ରଭୁ ଜଗନ୍ନାଥ ବିମାନରେ ପରିକ୍ରମା, ସ୍ଥାନ:ଭାପୁର ବ୍ଲକ ସୁନାର ତଇଲା, ମାଳବେରଣୀ,କଇଁଫୁଲିଆ, ଭାପୁର ଜଗନ୍ନାଥ ମନ୍ଦିର, ସମୟ:ସକାଳ ୬ରୁ ସନ୍ଧ୍ୟା ୬ ଟା ।
- ଘୋଡଲାଗି ପର୍ବର ୩୬ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡଲାଗି ପର୍ବର ୩୬ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର: ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ ଟା ୩୦ ।
- ରାମଚରିତ ମାନସର ସପ୍ତମ ଦିବସରେ ନବାହ୍ନ ପରାୟଣ ଓ ପ୍ରବଚନ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।
- ସତ୍ୟ, ଅହିଂସା, ଧର୍ମ ଓ ଉତ୍କର୍ଷତା ସମ୍ବଳିତ ସମାବେଶ, ସ୍ଥାନ:ଓଡଗାଁ ବ୍ଲକ ରୋହିବାଙ୍କ ଜୟମଙ୍ଗଳ ପ୍ରସାଦ ତପୋବନ, ସମୟ: ପୂର୍ବାହ୍ନ ୧୧ଟା ।
- ବାଲି ଚଲାଖିଆ ପର୍ବ, ସ୍ଥାନ: କଣ୍ଟିଲୋର ମହାନଦୀ ବାଲୁକା ଶଯ୍ୟା ସମୟ: ଅପରାହ୍ନ ୫ଟା।

## ନବରଙ୍ଗପୁର

- କଳ୍ପତରୁ ଉତ୍ସବ, ସ୍ଥାନ: ଡାବୁଗାଁ ବ୍ଲକ ଗରୁଡଗୁଡ଼ାସ୍ଥିତ ରାମକୃଷ୍ଣ ମିଶନ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ପାଣି ପଞ୍ଚାୟତ ପକ୍ଷ ୨୦୨୬ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ୪ ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ସ୍ଥିତ ହାୱା ମଇଦାନ, ସମୟ : ସକାଳ ୭ଟା।
- ସମ୍ବଲପୁର ଲୋକ ମହୋତ୍ସବ–୨୦୨୬ ଆୟୋଜନ କମିଟିର ବୈଠକ, ସ୍ଥାନ: ଅଇଠାପାଲିସ୍ଥିତ ବୀର୍ସା ମଇଦାନ ସ୍ଥିତ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ–୨୦୨୬ର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ୧୦୫ତମ ଜନ୍ମ ବାର୍ଷିକ ସମାରୋହ, ସ୍ଥାନ: ବଲାଙ୍ଗୀର ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଡ଼କ ସୁରକ୍ଷା ମାସ–୨୦୨୬ର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ରାଉରକେଲା

- ଜଗନ୍ନାଥ ମନ୍ଦିରରେ ବିଶେଷ ପୂଜା, ସ୍ଥାନ: ସେକ୍ଟର –୩ ଜଗନ୍ନାଥ ମନ୍ଦିର, ସମୟ: ପ୍ରାତଃ ୭ଟା।
- ସୁନ୍ଦରଗଡ଼ ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ଆର୍‌ଏମ୍‌ସି କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଆର୍‌ଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜେଏସ୍‌ପି ପକ୍ଷରୁ ନବବର୍ଷ ପାଳନ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା ୩୦

## ସୁନ୍ଦରଗଡ଼

- ଦ୍ୱିଦିବସୀୟ ୭୯ତମ ସୁନ୍ଦରଗଡ ଜିଲା ପ୍ରତିଷ୍ଠା ଦିବସ ତଥା ସୁନ୍ଦରଗଡ ଦିବସ ସମାରୋହ ପାଇଁ ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା ଓ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: ସମଲେଇ ମନ୍ଦିର, ସମୟ: ସକାଳ ୮ଟା।
- ସୁନ୍ଦରଗଡ ଜିଲା ପ୍ରତିଷ୍ଠା ଦିବସ ପାଇଁ ଆଲୋଚନା ଚକ୍ର, ସ୍ଥାନ: ବିକାଶ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସୁନ୍ଦରଗଡ ଜିଲା ପ୍ରତିଷ୍ଠା ଦିବସ ତଥା ସୁନ୍ଦରଗଡ ଦିବସ ସମାରୋହ ପାଇଁ ସାଧାରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନାରୀ କଲ୍ୟାଣ କେନ୍ଦ୍ର, ସୁନ୍ଦରଗଡ଼, ସମୟ: ଅପରାହ୍ନ ୫ଟା ।

## ଦେବଗଡ଼

- ୩୩ତମ ଜିଲା ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଦେବଗଡ଼ ସଂସ୍କୃତି ଭବନ, ସମୟ: ଅପରାହ୍ନ ୪ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ୨୬ତମ ଆଞ୍ଚଳିକ ମହାନଦୀ ବାଲି ଉତ୍ସବରେ ଗଙ୍ଗା ଆଳତୀ, ସାମୂହିକ ହନୁମାନ ଚାଳିଶା ପାଠ ଓ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ହିକୁଡି ସ୍ଥିତ ସୋନପୁର ସରକାରୀ ଆଇଟିଆଇ ଖେଳ ପଡିଆ, ସମୟ: ସକାଳ ୬ଟା ୩୦।
- ସୁବର୍ଣ୍ଣପୁର ପଏଁରୀ ତିହାର–୨୦୨୬ ଶୁଭାରମ୍ଭ ପାଇଁ ମଶାଲ ଯାତ୍ରା, ସ୍ଥାନ: ସୁରେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ:ସକାଳ ୯ଟା।
- ସୁବର୍ଣ୍ଣପୁର ପଏଁରୀ ତିହାର ଉଦ୍‌ଘାଟନୀ ସନ୍ଧ୍ୟା, ସ୍ଥାନ: ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ସମୟ:ସନ୍ଧ୍ୟା ୬ଟା।

## ନୂଆପଡ଼ା

- ମଦର ଟେରେସା ସେବା ସଂଗଠନ ପକ୍ଷରୁ ବଟବୃକ୍ଷ ଚାରା ରୋପଣ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ କରଙ୍ଗାଭଟା ଗାଁ, ସମୟ: ସକାଳ ୮ଟା ୩୦।

## ଝାରସୁଗୁଡ଼ା

- ଦୁଲଦୁଲି ପାଇଁ ପୂଜା କାର୍ଯ୍ୟକ୍ରମ, ସ୍ଥାନ:କନକ ଦୁର୍ଗା ମନ୍ଦିର, ସମୟ:ସକାଳ ୮ ଟା।
- ଜିଲା ଲୋକ ମହୋତ୍ସବ, ସ୍ଥାନ:ବିଟିଏମ୍ ପଡ଼ିଆ, ସମୟ:ସନ୍ଧ୍ୟା ୫ଟା।

# ନିର୍ମାଣ ହେବ ୧୦ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଗୃହ

ଭୁବନେଶ୍ୱର, ୩୧।୧୨(ସୁନିତ୍ ମିଶ୍ର)

ରାଜ୍ୟରେ ୧୦ ଲକ୍ଷ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିର୍ମାଣ ହେବ। ପ୍ରାଥମିକ ଭାବେ ୪ ଲକ୍ଷ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଗୋଦାମ ନିର୍ମାଣ ପାଇଁ ସରକାର ଅନୁମୋଦନ କରିଛନ୍ତି। ଆଉ ୬ ଲକ୍ଷ କ୍ଷମତା ବିଶିଷ୍ଟ ଗୋଦାମ ନିର୍ମାଣ ପାଇଁ ପ୍ରସ୍ତାବ ଦେବା ସମ୍ପର୍କରେ ନିଷ୍ପତ୍ତି ହୋଇଛି। ସେହିଭଳି ଧାନକିଣାରୁ ଉତ୍ପାଦିତ ବଳକା ଚାଉଳକୁ ଭାରତୀୟ ଖାଦ୍ୟ ନିଗମକୁ ପ୍ରଦାନ କରିବା ବିଷୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଲୋଚନା କରିଛନ୍ତି। ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୁଧବାର ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ନେଇ ସମୀକ୍ଷା କରିଛନ୍ତି। ଲୋକସେବା ଭବନ ସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ସଞ୍ଜୟ ସିଂହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଜାରି ରହିଥିବା ଖରିଫ ଧାନକିଣା ଋତୁରେ ଏ ପର୍ଯ୍ୟନ୍ତ ୧୮ ଜିଲାର ପ୍ରାୟ ୨ ଲକ୍ଷ ୨୮ ହଜାର ଚାଷୀଙ୍କ ଠାରୁ ପ୍ରାୟ ୧୦ ଲକ୍ଷ ମେଟ୍ରିକ ଟନ ଧାନ କିଣାଯାଇଛି। ଏ ବାବଦକୁ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ପାଖାପାଖି ୧୭୯୦ କୋଟି ଟଙ୍କା ଓ ଇନପୁଟ ସହାୟତା ବାବଦକୁ ୫୫୨ କୋଟି ଟଙ୍କା ଚାଷୀମାନଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି। ରାଜ୍ୟରେ ଧାନ କିଣାକୁ ତ୍ୱରାନ୍ୱିତ କରିବା ସହ ଚାଷୀମାନଙ୍କ ସ୍ୱାର୍ଥ ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପାତ୍ର ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଅନିୟମିତତାର ଅଭିଯୋଗ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।


## ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଳପ ଲୋକର ବହୁତ ଗୁରୁ**
**ଧଣ୍ଡ ସାପ ପ୍ରାୟ ଟେକଇ ମେରୁ।**

ନିମ୍ନସ୍ତରର ବ୍ୟକ୍ତି ହଠାତ୍ ଉଚ୍ଚ ପଦପଦବୀ ବା ଧନ ସମ୍ପଦର ଅଧିକାରୀ ହୋଇଗଲେ ଗର୍ବରେ ଫାଟିପଡ଼ିଥାନ୍ତି। ନିଜକୁ ଖୁବ ଉଚ୍ଚ ବୋଲି ଦେଖେଇ ହୋଇ କାହାକୁ ଖାତିର କରି ନ ଥାନ୍ତି। ଏପରି ହୀନ ଆଚରଣ ଦେଖାଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଗଡ଼ ମଗଡ଼ ଖାଏ ଯେ,**
**ଶଗଡ଼ ଭଲିଆ ହୁଏ ସେ ।**

ଯିଏ ମୋଟା ରୋଟା ଖାଦ୍ୟ ଖାଏ, ସେ ବହୁ ବଳୁଆ ହେବାର ଦେଖାଯାଏ। ଏପରି ଖାଦ୍ୟ ଖାଉଥିବା ବ୍ୟକ୍ତି ଶଗଡ଼ ଭଳି ବୋଝ ବୋହିବାକୁ ସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଭାରତ–ପାକ୍ ସଂଘର୍ଷ ...

ସେସବୁର ଲକ୍ଷଣ ଓ ମୂଳ କାରଣ ପର୍ଯ୍ୟନ୍ତ ଯାଇଥିଲୁ। ମ୍ୟାନ୍‌ମାର ଗୃହଯୁଦ୍ଧ, ଇରାନ୍‌ର ଆଣବିକ ପ୍ରସଙ୍ଗ ଓ ଭାରତ–ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଁ ଆମେ ମଧ୍ୟସ୍ଥତା କରିଥିଲୁ। ଏପରି କି ପାଲେଷ୍ଟାଇନ୍–ଇସ୍ରାଏଲ୍ ଏବଂ କାମ୍ବୋଡିଆ ଓ ଥାଇଲାଣ୍ଡ ସଂଘର୍ଷରେ ମଧ୍ୟ ଚାଇନା ମଧ୍ୟସ୍ଥତାକରି ଶାନ୍ତି ଉଦ୍ୟମ ଚଳାଇଥିବା ସେ ପ୍ରକାଶ କରିଛନ୍ତି। ଆମେ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିଥିବାରୁ ଇତିହାସର କଷଟି ପଥରରେ ଚାଇନାର ସିଦ୍ଧାନ୍ତ ଓ ଅଧ୍ୟବସାୟ ଲିପିବଦ୍ଧ ହୋଇ ରହିବ।

ଗତ ଏପ୍ରିଲ ୨୨ରେ ଜମ୍ମୁ–କଶ୍ମୀରର ପହଲଗାମସ୍ଥିତ ବୈସରନ୍ ଉପତ୍ୟକାରେ ଇସ୍‌ଲାମିକ୍ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏକେ–୪୭ ଧାରୀମାନେ ଧର୍ମ ପଚାରି ହିନ୍ଦୁମାନଙ୍କୁ ଗୁଳି କରିଥିଲେ। ଏଥିରେ ୨୫ ହିନ୍ଦୁ ପର୍ଯ୍ୟଟକ ଓ ଜଣେ ସ୍ଥାନୀୟ ଅପରେଟରଙ୍କ ମୃତ୍ୟୁ ଘଟିଥିଲା। ୨୦୦୮ ମୁମ୍ବାଇ ଆକ୍ରମଣ ପରେ ଭାରତୀୟ ନାଗରିକଙ୍କ ଉପରେ ହୋଇଥିବା ଏହି ସବୁଠୁ ଘାତକ ଆକ୍ରମଣ ପାଇଁ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର–ଇ–ତୋଇବା (ଏଲ୍‌ଇଟି)ର ଦି ରେଜିଷ୍ଟାନ୍ସ ଫୋର୍ସ (ଟିଆର୍‌ଏଫ୍) ନିଜକୁ ଦାୟୀ କରିଥିଲା। ସେତେବେଳେ ପାକିସ୍ତାନ ଉପରେ ପ୍ରତିଶୋଧ ନେବା ପାଇଁ ଭାରତର ବିଭିନ୍ନ ମହଲରେ ଦାବି ଜୋର୍ ଧରିବା ସହ ସରକାରଙ୍କ ଉପରେ ଏକପ୍ରକାର ଚାପ ସୃଷ୍ଟି ହୋଇଥିଲା। ମେ' ୭ରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ ପାକିସ୍ତାନ ଏବଂ ପାକ୍–ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀଙ୍କୁ ନିପାତ କରିବା ଲାଗି ସେମାନଙ୍କ ଭିତ୍ତିଭୂମି ଉପରେ ଜୋରଦାର ଏୟାର ଷ୍ଟ୍ରାଇକ୍ କରାଯାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ କେତେଜଣ ଆତଙ୍କବାଦୀ ନିହତ ହୋଇଥିଲେ, ସେମାନଙ୍କ ସଂଖ୍ୟା ଏଯାଏ ସ୍ପଷ୍ଟ ହୋଇ ନାହିଁ। ଅନ୍ୟପକ୍ଷେ ପାକିସ୍ତାନ ମଧ୍ୟ ଏହାର ଜବାବ ଦେବାକୁ ଯାଇ ବହୁସଂଖ୍ୟକ ଡ୍ରୋନ୍ ବ୍ୟବହାର କରିଥିଲା। ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନକୁ ସମ୍ଭାଳି ନ ପାରି ୮୭ ଘଣ୍ଟା ପରେ ପାକିସ୍ତାନର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ (ଡିଜିଏମ୍‌ଓ) ପକ୍ଷରୁ ଭାରତୀୟ ପ୍ରତିପକ୍ଷଙ୍କୁ ଆଲୋଚନା ପାଇଁ ଅନୁରୋଧ କରାଯାଇଥିଲା। ଭାରତ ଏଥିରେ ସହମତି ପ୍ରକାଶ କରିବା ପରେ ଉଭୟ ପକ୍ଷ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ। ମେ' ୧୦ ଅପରାହ୍ନ ୫ରେ ଅସ୍ତ୍ରବିରତି ଲାଗୁ ହୋଇଥିଲା। କିନ୍ତୁ ଏହା ପୂର୍ବରୁ ଅସ୍ତ୍ରବିରତି ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସୋସିଆଲ ମିଡିଆ ସାଇଟ୍ ଟ୍ରୁଥ୍ ସୋସିଆଲରେ ଘୋଷଣା କରିଥିଲେ। ଟ୍ରମ୍ପ ଉଚ୍ଚ ଟାରିଫ୍ ଭୟ ଦେଖାଇ ଯୁଦ୍ଧ ବନ୍ଦ କରାଇଥିବା ନେଇ ସେବେଠୁ ଅଦ୍ୟାବଧି ୬୫ ଥର ଦାବି କଲେଣି, ଯାହାକୁ ଭାରତ ଖଣ୍ଡନ କରିଆସୁଛି। ଭାରତ ଓ ପାକିସ୍ତାନ ମଧ୍ୟରେ କଶ୍ମୀର ସମେତ ଅନ୍ୟ ସମସ୍ତ ବିବାଦ ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ନୂଆଦିଲ୍ଲୀ ଏଥିରେ କୌଣସି ତୃତୀୟ ପକ୍ଷଙ୍କ ହସ୍ତକ୍ଷେପ କିମ୍ବା ମଧ୍ୟସ୍ଥତାକୁ ଅଗ୍ରାହ୍ୟ କରେ। ଭବିଷ୍ୟତରେ ମଧ୍ୟ ଯାହାକିଛି ସମାଧାନ ହେବ, ତାହା ଭାରତ ଓ ପାକିସ୍ତାନ ମଧ୍ୟରେ ଆପୋସ ଆଲୋଚନା ଜରିଆରେ ହିଁ ହେବ ବୋଲି ନୂଆଦିଲ୍ଲୀ ନିଜ ସ୍ପଷ୍ଟ ଆଭିମୁଖ୍ୟକୁ ବହୁବାର ଦୋହରାଇ ସାରିଛି। ଏ ସମ୍ପର୍କରେ ଚାଇନା ଭଲ ଭାବେ ଅବଗତ ଥିବା ସତ୍ତ୍ୱେ ଭାରତ–ପାକିସ୍ତାନ ସଂଘର୍ଷ ଅଟକାଇଥିବା ଦାବି କରିବା ଦେଖି ଅନେକେ ଆଶ୍ଚର୍ଯ୍ୟ ହୋଇଛନ୍ତି।

ଅପରେଶନ୍ ସିନ୍ଦୂର ବେଳେ ପାକିସ୍ତାନ ତା'ର ସବୁଦିନିଆ ବନ୍ଧୁ ପାକିସ୍ତାନକୁ ପିଏଲ୍–୧୫ ମିଶାଇଲଠାରୁ ନେଇ ଜେ–୧୦ ଏୟାରକ୍ରାଫ୍ଟ ପର୍ଯ୍ୟନ୍ତ ସାମରିକ ଅସ୍ତ୍ର ଯୋଗାଇଥିଲା। ଏପରି କି ଭାରତକୁ କେଉଁ ପଟୁ କେମିତି ଆକ୍ରମଣ କଲେ ଅଧିକ ଧନଜୀବନ ନଷ୍ଟ ଓ କ୍ଷୟକ୍ଷତି ହୋଇପାରିବ, ତାହା ମଧ୍ୟ ପାକିସ୍ତାନକୁ ସେହି ସମୟରେ ଚାଇନାଠାରୁ ରଣନୈତିକ ମାର୍ଗଦର୍ଶନ କରାଯାଇଥିଲା। ଜୁଲାଇରେ ଭାରତର ଡେପୁଟି ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (କାପାବିଲିଟି ଡେଭେଲପମେଣ୍ଟ ଆଣ୍ଡ ସଷ୍ଟେନ୍ସ) ରାହୁଲ ଆର୍. ସିଂ ଗୋଇନ୍ଦା ତଥ୍ୟ ଆଧାରରେ ଏହି ବିଷୟ ପ୍ରଘଟ କରିଥିଲେ। ଅଗଷ୍ଟରେ ୱାଙ୍ଗ୍ ୟି ଭାରତ ଗସ୍ତରେ ଆସି ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଓ ବହିର୍ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କରଙ୍କୁ ଭେଟିଥିଲେ। ଅଗଷ୍ଟ ଶେଷ ଆଡ଼କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମିଟ୍‌ରେ ଯୋଗଦେବା ପାଇଁ ଚାଇନାର ତିଆଞ୍ଜିନ୍ ସହରକୁ ଯାଇଥିଲେ। ଏହି ପରିପ୍ରେକ୍ଷୀରେ ଭାରତ–ଚାଇନା ସମ୍ପର୍କରେ ସୁଧାର ଆସୁଥିବାବେଳେ ୱାଙ୍ଗ୍ ୟି କାହିଁକି ଏପରି ଦାବି କରି ନୂଆଦିଲ୍ଲୀକୁ ଅଡ଼ୁଆରେ ପକାଇବାକୁ ଚେଷ୍ଟା କରିଛନ୍ତି ତାହା ଅନେକଙ୍କ ପାଇଁ ଅବୁଝା।

ୱାଙ୍ଗ୍ ୟିଙ୍କ ମନ୍ତବ୍ୟ ଉପରେ ଭାରତ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିବାବେଳେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବାକୁ ପଛାଇନାହିଁ। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ X ରେ ପୋଷ୍ଟ କରି କହିଛନ୍ତି, ୱାଙ୍ଗ୍ ୟିଙ୍କ ମନ୍ତବ୍ୟ ଚିନ୍ତାଜନକ। ଏହି ପ୍ରସଙ୍ଗରେ ଭାରତୀୟମାନେ ସ୍ପଷ୍ଟତା ଚାହୁଁଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ନୀରବତା ଭଙ୍ଗ କରି ମୁହଁ ଖୋଲନ୍ତୁ। ମୋଦିଙ୍କ ତଥାକଥିତ ଭଲ ବନ୍ଧୁ ଟ୍ରମ୍ପ ଭାରତ–ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରି ଯୁଦ୍ଧ ଅଟକାଇଥିବା ବିଷୟ ୭ ଦେଶରେ ୬୫ ଥର କହିଲେଣି। ଜୁଲାଇ ୪ରେ ଭାରତୀୟ ସେନାର ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାହୁଲ ଆର୍. ଅପରେଶନ୍ ସିନ୍ଦୂର ବେଳେ ଭାରତ କିପରି ଚାଇନାକୁ ସାମ୍ନା କରିଥିଲା ତାହା କହିଥିଲେ। ତେଣୁ ଚାଇନା ବହିର୍ବ୍ୟାପାର ମନ୍ତ୍ରୀଙ୍କ ଦାବିକୁ ପ୍ରଧାନମନ୍ତ୍ରୀ ମୋଦି ଖଣ୍ଡନ କରନ୍ତୁ ବୋଲି ଜୟରାମ ଦାବି କରିଛନ୍ତି। ଇତିମଧ୍ୟରେ ୨୦୨୬ରେ ଭାରତ–ପାକିସ୍ତାନ ମଧ୍ୟରେ ପୁନର୍ବାର ଯୁଦ୍ଧ ହୋଇପାରେ ବୋଲି ଆମେରିକା ପକ୍ଷରୁ ଦାବି କରାଯାଇଛି। ସମାନ ସମୟରେ ଚାଇନା ପଟୁ ଆସିଥିବା ଏହି ଦାବି ଉପରେ ଭାରତର ପ୍ରତିକ୍ରିୟାକୁ ଅନେକେ ଅପେକ୍ଷା କରିଛନ୍ତି। କାରଣ ୱାଙ୍ଗ୍ ୟି ହେଉଛନ୍ତି ସେହି ବ୍ୟକ୍ତି, ଯିଏକି ଅପରେଶନ୍ ସିନ୍ଦୂର ବେଳେ ମେ' ୯ ତାରିଖ ରାତିରେ ପାକିସ୍ତାନକୁ ଭାରତ ବିରୋଧରେ ଉସୁକାଇଥିଲେ। ଚାଇନାର ସବୁଦିନିଆ ରଣନୈତିକ ସହଯୋଗୀ ପାକିସ୍ତାନକୁ ସମର୍ଥନ ଜାରି ରଖିବା ନେଇ ବେଜିଂର ଆଭିମୁଖ୍ୟକୁ ସେ ସେତେବେଳେ ଦୋହରାଇଥିଲେ।

### ନିର୍ଦ୍ଦିଷ୍ଟ ବର୍ଗଙ୍କ ...

ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି, ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ୨୦୨୫ ଅକ୍ଟୋବର ୫ ନିର୍ଦ୍ଦେଶନାମା ଅନୁଯାୟୀ, ଏହି ବର୍ଗଙ୍କ ଦରମା ସଂଶୋଧିତ ହାରରେ ମିଳିବ। ଏହି ବର୍ଗର କର୍ମଚାରୀମାନେ ମହଙ୍ଗାଭତ୍ତା ୨୫୨% ପାଉଥିବାବେଳେ ବଢ଼ା ମହଙ୍ଗା ଭତ୍ତା ପିଛିଲା ଭାବେ ଜୁଲାଇ ୨୦୨୫ରୁ ୨୫୭% ପାଇବେ। ଅର୍ଥ ବିଭାଗ ପ୍ରମୁଖ ସଚିବ ଦର୍ଶାଇଛନ୍ତି, ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ, ଯେଉଁମାନେ ନିୟମିତ ହୋଇଛନ୍ତି ଏବଂ ଓଆର୍‌ଏସ୍‌ପି ନିୟମ–୨୦୦୮ ଅନୁଯାୟୀ ଦରମା ପାଉଛନ୍ତି, ସେମାନେ ଏହି ମହଙ୍ଗା ଭତ୍ତା ପିଛିଲା ଭାବେ ପାଇବାକୁ ଯୋଗ୍ୟ। ସେହିପରି ନ୍ୟାୟିକ ଅଧିକାରୀ(ସବ୍‌ଅର୍ଡିନେଟ)ମାନଙ୍କ ସହିତ ୱାର୍କଚାର୍ଜ କର୍ମଚାରୀ ଏବଂ ଅନ୍ୟାନ୍ୟ ବର୍ଗର କର୍ମଚାରୀ, ଯେଉଁମାନେ ଏହିସବୁ ସର୍ତ୍ତ ପୂରଣ କରୁଥିବେ ସେମାନେ ମଧ୍ୟ ଏହି ୫ପ୍ରତିଶତ ବଢ଼ା ମହଙ୍ଗା ଭତ୍ତା ପାଇବାକୁ ଯୋଗ୍ୟ ହେବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ନୂଆ ବର୍ଷରେ ଭାଗ୍ୟସ୍ଥାନରେ ରାଜଯୋଗ। କର୍ମକ୍ଷେତ୍ରରେ ଆଦରଣୀୟ ହେବେ। ଉଚ୍ଚାରୋହୀ ମଙ୍ଗଳ ଯୋଗୁ ଦେହ ଭଲ ରହିବ। ଧନସ୍ଥାନରେ ଚନ୍ଦ୍ର ସୁସ୍ୱାଦୁ ଭୋଜନ ପରଷିବେ। ପାରିବାରିକ ଶାନ୍ତି ସାଙ୍ଗକୁ ବନ୍ଧୁମିଳନର ସୁଯୋଗ ଜୁଟିବ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି, ପଡ଼ୋଶୀଙ୍କ କୁତ୍ସାରଟନା,ଦର୍ଶନୀୟସ୍ଥାନକୁ ଯାତ୍ରା କରିବେ।

**ବୃଷ** ରାଶିରେ ଉଚ୍ଚସ୍ଥ ଚନ୍ଦ୍ର ଯୋଗୁ ମନ ପ୍ରଫୁଲ୍ଲ ରହିବ। ଦର୍ଶନୀୟସ୍ଥାନ ଭ୍ରମଣ, ମନୋରଞ୍ଜନ କାର୍ଯ୍ୟକ୍ରମ, ସୁସ୍ୱାଦୁ ଭୋଜନରେ ଆପ୍ୟାୟିତହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ମିଳିବ। ଭ୍ରାତୃସମ୍ପର୍କରେ ଉନ୍ନତି, ବନ୍ଧୁମିଳନରୁ ଉତ୍ସାହ, ବ୍ୟବସାୟରେ ଅର୍ଥଲାଭଘଟିବ। କର୍ମକ୍ଷେତ୍ରରେ ମତାନ୍ତର, କ୍ରନିକ୍‌ରୋଗରେ ପୀଡା, କିଣାବିକାରେ ଠକାମିରେ ପଡିପାରନ୍ତି।

**ମିଥୁନ** ବୃହସ୍ପତି ନୂତନ ଦିଗ୍‌ଦର୍ଶନ ଦେବେ। ସଭାସମିତିକୁ ନିମନ୍ତ୍ରିତ ହୋଇପାରନ୍ତି। ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ବନ୍ଧୁଙ୍କ ଆଦର ଅଭ୍ୟର୍ଥନା, ପାରିବାରିକ ସହମତିରୁ ଖୁସି ରହିବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ମିଳିବ, ପରିବହନରେ ଉନ୍ନତି କରିବେ, କରଜଦାତାଙ୍କ ଚାପ ବଢ଼ିବ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନସ୍ତାପ କରିପାରନ୍ତି।

**କର୍କଟ** ଆଜି ଲାଭସ୍ଥାନରେ ଚନ୍ଦ୍ର ଯୋଗୁ ମନ ଯେମିତି, କାମ ସେମିତି ହେବ । ହାତ ଖାଲି ରହିବନି। ଖୋଜୁଥିବା ଜିନିଷ ପାଖକୁ ଆସିବ। ପ୍ରତୀକ୍ଷାର ଅନ୍ତ ଘଟିବ। ଦୀର୍ଘଦିନର ଆଶା ପୂରଣ ହେବ। ବନ୍ଧୁଟି ଦେଖେଇ ଶିଖେଇ କଟୁକଥା କହିପାରେ। ସ୍ୱାସ୍ଥ୍ୟହାନି, ପାରିବାରିକ ଅସ୍ଥିରତା, ସମ୍ପର୍କୀୟଙ୍କ ଅସହଯୋଗରୁ ଅଶାନ୍ତି ରହିପାରନ୍ତି।

**ସିଂହ** ଆଜି ଚନ୍ଦ୍ରଙ୍କ ଚତୁର୍ଥରେ କେତୁ ଯୋଗୁ ମନ ଭଲ ରହିବନାହିଁ। ଆଶା ଅନୁସାରେ ଫଳ ମିଳିବନି। ପରିବାରରେ ସାଧାରଣ କଥାରେ କଳହ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ପ୍ରଶଂସା, ପୂର୍ବବିବାଦର ସମାଧାନ, ସାହିତ୍ୟକୃତିରୁ ସମ୍ବର୍ଦ୍ଧନା ମିଳିବ। ଭ୍ରମଣ, ନୂଆ ଯୋଜନାର ପରିକଳ୍ପନା, ଋଣ ପରିଶୋଧର ଆଲୋଚନା କରିପାରନ୍ତି।

**କନ୍ୟା** ଆଜି ଖର୍ଚ୍ଚ ବଢ଼ିବ। ସହକର୍ମୀଙ୍କ ସହଯୋଗ ଓ ପାରିବାରିକ ସହାନୁଭୂତିରୁ ଖୁସି ରହିବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ବିବାଦୀୟ ପରିସ୍ଥିତିକୁ ସୁଧାରିବେ। ବ୍ୟବସାୟ ଭଲ ହେବ। ବିଜାତୀୟ ବ୍ୟକ୍ତିଙ୍କ ସହ କଳହର ଆଶଙ୍କା ରହିଛି। ଦେହକୁ ଜଗିରଖି ଚଳିବା ଭଲ। ବନ୍ଧୁଙ୍କୁ ଭରସା କରି ପସ୍ତେଇବେ।

**ତୁଳା** ପଦସ୍ଥ ବ୍ୟକ୍ତିଙ୍କ ପରାମର୍ଶ, ନୂଆ ଯୋଜନାର ଖସଡା, ଆନୁଷ୍ଠାନିକ କର୍ମାରମ୍ଭରୁ ଖୁସି ରହିବେ। ଅଷ୍ଟମଚନ୍ଦ୍ର ଯୋଗୁ ମନ ସ୍ଥିର ରହିବନି କିନ୍ତୁ ରୋଜଗାର ଭଲ ହେବ। ପରିବାରରେ ମତପାର୍ଥକ୍ୟ, ଯାତ୍ରା ସମୟରେ ସମସ୍ୟା, ପିଲାଙ୍କ ଅଳିରୁ ଭାବାନ୍ତର ସୃଷ୍ଟିହେବ। ଭ୍ରାତୃ ବିବାଦ ଦେଖାଦେଇ ପାରେ। ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବିଛା** ଆପଣଙ୍କ ରାଶି ପାଇଁ ଭାଗ୍ୟାଧିପ ଉଚ୍ଚରେ। ଯାହା ଚାହୁଁଛନ୍ତି ତାହା ପାଇବେ। ନୂଆ କାମ ପାଇଁ ପରିବାରରେ ଆଲୋଚନା କରିପାରନ୍ତି। ଋଣ ପରିଶୋଧ ଚିନ୍ତା ବଢ଼ିବ। ସମ୍ପର୍କ ରଖୁ ନ ଥିବା ଆତ୍ମୀୟଙ୍କ ଉପରେ ଦୁଃଖ କରିବେ। ବ୍ୟବସାୟ ମନ୍ଦ ହେବନି, ଦୈହିକ ସୁସ୍ଥତା ରହିବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆହୂତ ହେବେ।

**ଧନୁ** ଆଜି ବିପରୀତ ରାଜଯୋଗ। ସମସ୍ୟା ସମାଧାନ କରିବେ। ଚନ୍ଦ୍ରଙ୍କ ପ୍ରତି ଶନି ଦୃଷ୍ଟିରୁ ନିରୁତ୍ସାହିତ ହେବେ। ଥଣ୍ଡା, କାଶ ଦେଖାଦେବ। ସମ୍ପର୍କୀୟଙ୍କ ସଦ୍‌ଭାବରୁ କାର୍ଯ୍ୟସିଦ୍ଧି। ପରିବାରରେ ଉତ୍ତମ ବୁଝାମଣା। ସାମାଜିକ ସମ୍ମାନ ପାଇବେ। ମୂଲ୍ୟବାନ୍ ଜିନିଷ କିଣିପାରନ୍ତି। ନୂଆ ବନ୍ଧୁ ଘରକୁ ଆସିପାରନ୍ତି। ଭ୍ରାତୃ ସମ୍ପର୍କରେ ଅବନତି। ଦୂରଯାତ୍ରା କରିବେ।

**ମକର** ବନ୍ଧୁଙ୍କ ସାହାଯ୍ୟ ମିଳିବ। ନୂଆ ଭାବନାକୁ ରୂପାୟିତ କରିବେ। ଆର୍ଥିକ ପରିସ୍ଥିତିକୁ ସୁଧାରି ନେବେ। ସ୍ଥାନ ପରିବର୍ତ୍ତନରୁ ଦୁଶ୍ଚିନ୍ତା ବଢ଼ିବ। ଆଲୋଚନା ପରିସରରେ ବିତର୍କ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ପ୍ରତ୍ୟେକ କାମ ବିଳମ୍ବରେ ସମ୍ପନ୍ନ ହେବ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟିର ଆଶଙ୍କା ରହିଛି।

**କୁମ୍ଭ** ଧନସ୍ଥାନରେ ଶନି ଯୋଗୁ ଅର୍ଥସଙ୍କଟ ଦେଖାଦେବ। ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବେ। ସ୍ଥଗିତ କର୍ମାରମ୍ଭ କରିପାରନ୍ତି। ଦର୍ଶନୀୟସ୍ଥାନ ଭ୍ରମଣର ସୁଯୋଗ ଜୁଟିବ। ଋଣଭାର ବୃଦ୍ଧିରୁ ମାନସିକ ଅସ୍ଥିରତା । ପରୋକ୍ଷ ଶତ୍ରୁତାରୁ ମନସ୍ତାପ। ବନ୍ଧୁମିଳନରେ ମଜାମଉଜର ସୁଯୋଗ ପାଇପାରନ୍ତି।

**ମୀନ** ନୂଆ କାମ ଆରମ୍ଭ କରିପାରନ୍ତି। ମାନସିକ ଅସ୍ଥିରତା ଦୂରେଇଯିବ। ଆରୋଗ୍ୟରୁ ଆଶ୍ୱସ୍ତି ଅନୁଭବ କରିବେ। ଚେଷ୍ଟା କରୁଥିବା କାମରେ ଅଗ୍ରଗତି ଘଟିବ। ପାରିବାରିକ ସମର୍ଥନରୁ ଉପକୃତ ହେବେ। ପଡ଼ୋଶୀ କୁତ୍ସାରଟନା କରିପାରନ୍ତି। ମନୋରଞ୍ଜନରୁ ଦୂରେଇ ରହିବେ। ସନ୍ତାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ଓ ବନ୍ଧୁଙ୍କ ସହ ମତାନ୍ତର ଘଟିପାରେ।

ଆଜି ଇଂଲିଶ ନବବର୍ଷ–୨୦୨୬ ମସିହାର ପ୍ରଥମ ଦିବସ, ପୌଷ ଶୁକ୍ଳ ତ୍ରୟୋଦଶୀ ଗୁରୁବାର। ରାଶିନକ୍ଷତ୍ର– ରୋହିଣୀ/ବୃଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୬.୨୫ ଗତେ ଘ.୦୭.୫୧ ମଧ୍ୟେ ରାହୁ କାଳ।

## ସ୍ୱପ୍ନର ଓଡ଼ିଶା ସାକାର କରିବାକୁ ଉଦ୍ୟମ କରିବି



ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନ ଲାଗି ସଂକଳ୍ପ ନିଆଯାଇଛି। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ସବୁମତେ ଉଦ୍ୟମ ଜାରି ରଖିବି। ରାଜ୍ୟର ବିକାଶରେ ମହିଳାମାନେ କିଭଳି ସହଭାଗୀ ହୋଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବି। ଏହାସହିତ ଯୁବବର୍ଗ ଏବଂ ସବୁବର୍ଗଙ୍କ ବିକାଶକୁ ନେଇ କାର୍ଯ୍ୟ କରାଯିବ। ମୋର ପ୍ରଥମ କର୍ତ୍ତବ୍ୟ ହେବ ସ୍ୱପ୍ନର ଓଡ଼ିଶା ଗଠନ। ଏଥିପାଇଁ ଅନେକ ଚାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ତେବେ ସମସ୍ତେ ମିଳିମିଶି ରାଜ୍ୟର ସାମୂହିକ ସ୍ୱାର୍ଥ ସାଧନ ନିମନ୍ତେ କାର୍ଯ୍ୟକଲେ ତାହା ନିଶ୍ଚିତ ସାକାର ହୋଇପାରିବ।

-ଅନୁ ଗର୍ଗ, ନବନିଯୁକ୍ତ ମୁଖ୍ୟ ଶାସନ ସଚିବ

## ମାଓବାଦୀମୁକ୍ତ ଓଡ଼ିଶା ଲକ୍ଷ୍ୟ



ଆମର ପ୍ରଥମ ଲକ୍ଷ୍ୟ ରହିବ ମାଓବାଦୀଙ୍କୁ ଓଡ଼ିଶାରୁ ଶେଷ କରିବା। ସେଥିପାଇଁ ଆମକୁ କାର୍ଯ୍ୟ କରିବାକୁ ପଡୁଛି । ଆମେ ମାଓବାଦୀଙ୍କୁ କହୁଛୁ, ସେମାନେ ୨୦୨୬ରେ ଅସ୍ତ୍ର ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ। ନଚେତ୍ ପରିଣାମ ଭୋଗିବାକୁ ପ୍ରସ୍ତୁତ ରୁହନ୍ତୁ। ଆହୁରି ମଧ୍ୟ ସାଇବର ଠକେଇ ରୋକିବା ଉପରେ ଗୁରୁତ୍ୱ ଦିଆଯାଉଛି। ଯେଉଁମାନେ କିଛି ଅଘଟଣ କରିବାକୁ ଯୋଜନା କରୁଛନ୍ତି, ସେମାନେ ସାବଧାନ ହୋଇଯାଆନ୍ତୁ। ଜାଣିନିଅନ୍ତୁ ଯେ, ପୋଲିସ ସେମାନଙ୍କ ଉପରେ ନଜର ରଖିଛନ୍ତି।

-ୱାଇ. ବି. ଖୁରାନିଆ, ପୋଲିସ ମହାନିର୍ଦ୍ଦେଶକ(ଡିଜିପି), ଓଡ଼ିଶା

## ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଗଠନକୁ ଅଧିକ ଗୁରୁତ୍ୱ



ଇଂଲିଶ୍ ନବବର୍ଷ-୨୦୨୬ରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନକୁ ଅଧିକ ଗୁରୁତ୍ୱ ଦିଆଯିବ। ବିଦ୍ୟାର ପ୍ରକୃତ ଉପଯୋଗିତା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଗତଦିନରେ ଶିକ୍ଷକ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଇଥିବାବେଳେ ଚଳିତବର୍ଷ ୧୫ହଜାରରୁ ଅଧିକ ଶିକ୍ଷକ ନିଯୁକ୍ତି ଦିଆଯିବାକୁ ରହିଛି। ଏହାସହିତ ପାଠ୍ୟଖସଡ଼ାରେ ଯେଭଳି ରାଜ୍ୟ ତଥା ଦେଶର ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ରହିପାରିବ, ତାହା ଉପରେ ମଧ୍ୟ ତର୍ଜମା କରାଯିବ। ବିଶେଷକରି ଜନସାଧାରଣଙ୍କ ଶୃଙ୍ଖଳିତ ମାଟ୍ରିକ୍ ପରୀକ୍ଷା ପ୍ରତି ଆଗ୍ରହ ରହୁଛି। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ସ୍ୱଚ୍ଛତା ଉପାୟ ଅବଲମ୍ବନ କରାଯିବ। ରାଜ୍ୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ନବବର୍ଷର ଶୁଭେଚ୍ଛା।

- ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

## ସାଇବର ଠକେଇ ନିୟନ୍ତ୍ରଣ ଉପରେ ଫୋକସ୍ ରହିବ



୨୦୨୬ ପୋଲିସ ପାଇଁ ଚ୍ୟାଲେଞ୍ଜ ହେବ। ମହିଳା ସୁରକ୍ଷା ଓ ସାଇବର ଠକେଇ ନିୟନ୍ତ୍ରଣ ଉପରେ ଫୋକସ ରହିବ। ଯେଉଁମାନେ ଆଇନକୁ ହାତକୁ ନେଇ ବିଶୃଙ୍ଖଳା ଓ ଆପରାଧିକ କାର୍ଯ୍ୟ କରିବେ, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିଶା ମାଫିଆଙ୍କୁ ସାବାଡ଼ କରାଯିବ। ତେବେ ଥାନାକୁ ଅଭିଯୋଗ ନେଇ ଆସୁଥିବା ଲୋକଙ୍କୁ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ଏହାକୁ ଆହୁରି ତ୍ୱରାନ୍ୱିତ କରାଯିବ। ବିଶେଷକରି ଅଭିଯୋଗକାରୀଙ୍କୁ କିପରି ତ୍ୱରିତ ନ୍ୟାୟ ମିଳିପାରିବ, ସେଦିଗରେ କାର୍ଯ୍ୟ କରିବାକୁ ୨୦୨୬ରୁ ନୂଆ କିଛି ଯୋଜନା ହେବ।

-ସୁରେଶ ଦେବଦତ୍ତ ସିଂ, କଟକ-ଭୁବନେଶ୍ୱର ପୋଲିସ କମିଶନର

## ଶିଶୁଙ୍କୁ ମୋବାଇଲର କୁପ୍ରଭାବ ଉପରେ ସଚେତନ କରାଯିବ



ନୂଆବର୍ଷରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ଶିଶୁମାନଙ୍କୁ ମୋବାଇଲ କିମ୍ବା ଅନ୍‌ଲାଇନ ମାଧମରେ ଘଟୁଥିବା କୁପ୍ରଭାବଗୁଡ଼ିକ ଉପରେ ସଚେତନ କରାଯିବ। ବିଶେଷକରି ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଷଷ୍ଠ ଶ୍ରେଣୀଠାରୁ ଯୁକ୍ତ ୨ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମୋବାଇଲ ଏବଂ ଅନ୍‌ଲାଇନ ଗେମ୍‌ର କୁପ୍ରଭାବ ସମ୍ପର୍କରେ ଶିକ୍ଷା ଦିଆଯିବ; ଯଦ୍ଦ୍ୱାରା ପିଲାମାନେ ଅନୈତିକ କାର୍ଯ୍ୟ, ଠକେଇର ଶିକାର ଏବଂ ଅପରାଧଜନିତ ଘଟଣାଠାରୁ ଦୂରେଇ ପାରିବେ। ଏଥିସହ ଶିଶୁ ଶ୍ରମିକମୁକ୍ତ କରିବା ପାଇଁ ଜିଲାସ୍ତରୀୟ କର୍ମଶାଳା କରିବାକୁ ଯୋଜନା ରହିଛି। ସରକାରଙ୍କ ସହିତ ଆଲୋଚନା କରି ମେଣ୍ଟାଲ ହେଲ୍‌ଥକୁ ନେଇ ଶିଶୁମାନଙ୍କୁ ମଧ୍ୟ ସଚେତନ କରାଯିବାକୁ ଲକ୍ଷ୍ୟ ରହିଛି। ଏଭଳି ୩ଟି କାର୍ଯ୍ୟକୁ ଆୟୋଗ ଗୁରୁତ୍ୱ ଭାବେ ନେଇ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ରଖିଛି।

- ବବିତା ପାତ୍ର, ଅଧକ୍ଷା, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ

## ସଂଘର୍ଷର ବର୍ଷ ହେବ: କାଡାମ



ଇଂଲିଶ୍ ନବବର୍ଷ-୨୦୨୬ କଂଗ୍ରେସ ପାଇଁ ସଂଘର୍ଷର ବର୍ଷ ହେବ। କଂଗ୍ରେସ ସବୁବେଳେ ମହିଳା, ଆଦିବାସୀ ଓ ଅବହେଳିତଙ୍କ ସ୍ୱର ହୋଇ ରହିଛି। ରାଜ୍ୟରେ ଯେପରି ନାରୀ ନିର୍ଯାତନା ଦିନକୁ ଦିନ ବଢ଼ିଚାଲିଛି, ତାକୁ ନେଇ କଂଗ୍ରେସ ପକ୍ଷରୁ ବ୍ୟାପକ ରଣନୀତି ପ୍ରସ୍ତୁତ ହୋଇଛି। ନୂଆବର୍ଷରେ ନାରୀଙ୍କୁ ନ୍ୟାୟ ଏବଂ ଆଦିବାସୀ ବର୍ଗଙ୍କ ପାଇଁ ପେସା' ଆଇନ ଲାଗୁ କରିବା ଓ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ତାଙ୍କ ହକ୍ ଦେବା ପାଇଁ କଂଗ୍ରେସ ସଂଘର୍ଷ ଜାରି ରଖିବ। ଏଥିପାଇଁ ବିଭିନ୍ନ ସମୟରେ ପର୍ଯ୍ୟାୟକ୍ରମେ ଭିନ୍ନ ଧରଣର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କାଡାମ କହିଛନ୍ତି।

-ରାମଚନ୍ଦ୍ର କାଡାମ, କଂଗ୍ରେସ ବିଧାୟକ ଦଳ ନେତା

## ପ୍ରଦୂଷଣକୁ ରୋକିବା ବଡ଼ ଚାଲେଞ୍ଜ ହେବ



୨୦୨୬ରେ ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ବିଏମ୍‌ସି ପକ୍ଷରୁ ଗୁରୁତ୍ୱ ଦିଆଯିବ। ଏଥିପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ସହରରେ ପ୍ରଦୂଷଣ ରୋକିବା ଏବଂ ପରିମଳ ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବା ପାଇଁ ଚେଷ୍ଟା କରାଯିବ। ବିଏମ୍‌ସି ସୈନିକ ସ୍କୁଲ ନିକଟସ୍ଥ ଟିଟିଏସ୍‌କୁ ନେଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛି। ତାକୁ ସେଠାରୁ ହଟାଇବା ସହିତ ବାୟମାଇନିଂ କରି ସେ ଜାଗାକୁ ଉଦ୍ଧାର କରାଯିବ। ବିଏମ୍‌ସି ଲୋକଙ୍କ ପାଇଁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ଚେଷ୍ଟା କରିବ। ବିଏମ୍‌ସି ପକ୍ଷରୁ ରାଜସ୍ୱ ବଢ଼ାଇବା ପାଇଁ ଚେଷ୍ଟା କରାଯାଉଛି। ଏଥିପାଇଁ ଅନେକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଉଛି। ନୂଆବର୍ଷରେ ଦୟା ନଦୀ ଓ ଗଙ୍ଗୁଆ ନଦୀର ପୁନଃ ଉଦ୍ଧାର ପାଇଁ ସରକାରଙ୍କ ନିକଟରେ ନିବେଦନ କରାଯିବ।

- ସୁଲୋଚନା ଦାସ, ମେୟର, ଭୁବନେଶ୍ୱର

## ପ୍ରତ୍ୟେକ ବ୍ଲକରେ ସାଇବର ସଚେତନତା କାର୍ଯ୍ୟକ୍ରମ କରାଯିବ



ରାଜ୍ୟରେ ମହିଳାଙ୍କ ସୁରକ୍ଷାକୁ ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ମହିଳାମାନେ ଯେପରି ସୁରକ୍ଷିତ ଜୀବନଯାପନ କରିପାରିବେ, ସେ ନେଇ ରାଜ୍ୟ ମହିଳା ଆୟୋଗ ପକ୍ଷରୁ ଧ୍ୟାନ ଦିଆଯାଉଛି। ଏହି କାର୍ଯ୍ୟକ୍ରମକୁ ୨୦୨୬ରେ ତ୍ୱରାନ୍ୱିତ କରାଯିବ। ପ୍ରତ୍ୟେକ ମହିଳା ଲିଙ୍ଗଭିତ୍ତିକ ଓ ଅନ୍ୟାନ୍ୟ ମହିଳା ବିରୋଧୀ ହିଂସା ସମ୍ପର୍କରେ ସ୍ୱର ଉତ୍ତୋଳନ କରିବା ସହ ମହିଳା ଆୟୋଗ ଏବଂ ଅନ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ରିପୋର୍ଟ କରନ୍ତୁ । ପ୍ରତିଦିନ ସାଇବର ଅପରାଧ ବୃଦ୍ଧି ପାଉଥିବାରୁ ଆୟୋଗ ତରଫରୁ ବ୍ଲକ ଓ ଜିଲାସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମରେ ସାଇବର ଅପରାଧ ନିରାକାରଣ ସଚେତନତା କାର୍ଯ୍ୟକ୍ରମ କରାଯିବ। ଆୟୋଗକୁ ଆସୁଥିବା ମାମଲାଗୁଡିକର ତୁରନ୍ତ ସମାଧାନ କରିବାକୁ ଯୋଜନା କରାଯାଉଛି। ଏଥିସହ ସମାଧାନକୁ ତ୍ୱରିତ କରିବା ପାଇଁ ମହିଳାଙ୍କ ଅଭିଯୋଗ ଶୁଣାଣି ସହ ପ୍ରତ୍ୟେକ ଜିଲାରେ ଶିବିର ଅଦାଲତ କରାଯିବ।

-ଶୋଭନା ମହାନ୍ତି, ଅଧକ୍ଷା, ରାଜ୍ୟ ମହିଳା ଆୟୋଗ

## ତ୍ୱରିତ ନ୍ୟାୟ ମୂଳ ଲକ୍ଷ୍ୟ



ରାଜ୍ୟବାସୀଙ୍କୁ କିଭଳି ତ୍ୱରିତ ନ୍ୟାୟ ମିଳିପାରିବ, ତାହା ଆମର ମୂଳ ଲକ୍ଷ୍ୟ ରହିବ। ଆଇନ ଉପରେ ଜନସାଧାରଣଙ୍କ ଭରସା ବଜାୟ ରଖିବାକୁ ଉଦ୍ଦେଶ୍ୟ ନେଇ କାମ କରାଯିବ। ଏବର୍ଷ ମଧ କ୍ରାଇମବ୍ରାଞ୍ଚକୁ ସବୁବର୍ଷ ଭଳି ଅଧିକ ସକ୍ରିୟ କରାଯିବ। ସମସ୍ତ ଓଡ଼ିସାବାସୀଙ୍କୁ ନୂଆବର୍ଷର ଅଭିନନ୍ଦନ। ଜଗନ୍ନାଥଙ୍କ ଆଶୀର୍ବାଦ ସମସ୍ତଙ୍କ ଉପରେ ରହୁ।

- ବିନୟତୋଷ ମିଶ୍ର, କ୍ରାଇମବ୍ରାଞ୍ଚ ଡିଜି

## ନୂତନ ସମ୍ଭାବନା, ଉନ୍ମାଦନାର ବର୍ଷ ହେଉ



ସମଗ୍ର ଭାରତ ତଥା ରାଜ୍ୟବାସୀଙ୍କୁ ଇଂରାଜୀ ନବବର୍ଷ-୨୦୨୬ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଏହି ନୂଆ ବର୍ଷ ସମସ୍ତଙ୍କ ପାଇଁ ନୂତନ ସମ୍ଭାବନା, ସକରାତ୍ମକତା ଏବଂ ଉଲ୍ଲାସର ସହିତ ଆସୁ। ୨୦୨୬ କେବଳ ଏକ କ୍ୟାଲେଣ୍ଡର ପରିବର୍ତ୍ତନ ନୁହେଁ ବରଂ ଏହା ସାଢ଼େ ଚାରି କୋଟି ଓଡ଼ିଆଙ୍କ ପାଇଁ ନୂତନ ସମ୍ଭାବନା ଓ ଉନ୍ମାଦନାର ବର୍ଷ ହେଉ। 'ବିକଶିତ ଓଡ଼ିଶା' ସଂକଳ୍ପରେ ୨୦୨୬ ଏକ ନୂତନ ସମ୍ଭାବନାର ବର୍ଷ ହେବ। ତେଣୁ ଆମକୁ ସକରାତ୍ମକ ଚିନ୍ତାଧାରା ସହ ଏହି ନୂତନ ଆରମ୍ଭକୁ ସ୍ୱାଗତ କରିବାକୁ ହେବ। ୨୦୩୬ରେ ଭାଷା ଭିତ୍ତିରେ ଓଡ଼ିଶା ଗଠନର ଶତବାର୍ଷିକୀ ଏବଂ ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ ହେବାକୁ ଯାଉଛି। ଏହି ଅମୃତ କାଳରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଛି।

- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ

## ମାଓବାଦୀ ଅପରେଶନ ତୀବ୍ରତର ହେବ



ଗୃହମନ୍ତ୍ରୀ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ମାଓବାଦୀମୁକ୍ତ କରିବାକୁ ଯେଉଁ ଟାର୍ଗେଟ୍ ଦେଇଛନ୍ତି ତାହା ଉପରେ କାମ ଜାରି ରହିବ। ନୂଆବର୍ଷରେ ମାଓବାଦୀ ଅପରେଶନ ଆହୁରି ଅଧିକ ତୀବ୍ରତର ହେବ। ମାଓବାଦୀମୁକ୍ତ ଓଡ଼ିଶା ଲକ୍ଷ୍ୟ ନେଇ କାମ ଜାରି ରହିଛି। ରାଜ୍ୟରେ ମାର୍ଚ୍ଚ ଶେଷ ସୁଦ୍ଧା ମାଓବାଦୀ ମୁକ୍ତ କରିବାକୁ ସବୁ ପ୍ରକାର ପ୍ରଚେଷ୍ଟା କରାଯିବ।

- ସଞ୍ଜୀବ ପଣ୍ଡା, ଆଣ୍ଟି ନକ୍ସଲ ଏଡିଜି









# ଭାରତୀୟ ସଂସ୍କୃତିରେ ପରିବର୍ତ୍ତନ



ଦେବଦତ୍ତ ପଟ୍ଟନାୟକ

ଆକ୍ରମଣ ଏବଂ ଦେଶାନ୍ତର ଗମନ ମଧ୍ୟରେ ପାର୍ଥକ୍ୟ ରହିଛି। ସାଧାରଣତଃ କୌଣସି ଦେଶ ଉପରେ ଆକ୍ରମଣକରି ଆକ୍ରମଣକାରୀ ସେଠାରୁ ଧନ ଲୁଟିନିଏ ଏବଂ ଲୋକଙ୍କୁ ତାହାର ପ୍ରଜା ବୋଲି ଗଣିଥାଏ। ଏଭଳି ଆକ୍ରମଣ ଦେଶର ଅର୍ଥନୈତିକ ତଥା ରାଜନୈତିକ ବ୍ୟବସ୍ଥାକୁ ନିୟନ୍ତ୍ରଣକରି ସଂସ୍କୃତିକୁ ବଦଳାଇ ଦେଇପାରେ। ଅନ୍ୟପକ୍ଷରେ ଦେଶାନ୍ତର ଗମନ ଅର୍ଥାତ୍ ଲୋକେ ସେମାନଙ୍କ ମୂଳ ସ୍ଥାନରୁ ନୂତନ ସ୍ଥାନକୁ ଯାଇ ସେଠାକାର ପରିବେଶ ସହ ଖାପଖୁଆଇ ଜୀବନ ନିର୍ବାହ କରିଥାନ୍ତି। ହେଲେ ସମୟକ୍ରମେ ପ୍ରବାସୀ ଓ ମୂଳବାସୀଙ୍କ ସଂସ୍କୃତି ମଧ୍ୟରେ ବିଭେଦ ଦେଖାଦେଇ ଉତ୍ତେଜନା ପ୍ରକାଶ ପାଏ। ଏହା ଏବେ କେତେକ ଦେଶରେ ଦେଖାଗଲାଣି। ଉଦାହରଣ ସ୍ୱରୂପ, ମୁସଲମାନ ପ୍ରବାସୀମାନେ ବ୍ରିଟେନ୍‌ରେ ହିଂସା ସୃଷ୍ଟିକରିବା ସହ ଅନେକ ୟୁରୋପୀୟ ଦେଶରେ ଅଶାନ୍ତିର କାରଣ ପାଲଟୁଥିବା ଦେଖାଗଲାଣି। ଆକ୍ରମଣ କହିଲେ ଲୁଣ୍ଠନ, ଉପନିବେଶବାଦ ଏବଂ ସାମ୍ରାଜ୍ୟବାଦ ପ୍ରତିଷ୍ଠାକୁ ସୂଚିତକରେ। ଲୁଣ୍ଠନକାରୀ ଆକ୍ରମଣକରି ଧନ ନେଇ ଚାଲିଯାଆନ୍ତି , ସେମାନେ ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥାକୁ ନିୟନ୍ତ୍ରଣକରି ରଖିବାକୁ ଚାହାନ୍ତି ନାହିଁ, ଯାହା ଘଟିଥିଲା ଗଜ୍‌ନୀର ମହମ୍ମଦଙ୍କ କ୍ଷେତ୍ରରେ। ଆଜକୁ ହଜାରେ ବର୍ଷ ପୂର୍ବେ ସେ ଭାରତକୁ ଲୁଣ୍ଠନକରି ଚାଲିଯାଇଥିଲେ। ଉପନିବେଶବାଦୀମାନେ କୌଣସି ଦେଶକୁ ପ୍ରବେଶକରି ସେଠାକର ରାଜନୈତିକ ଓ ଆର୍ଥିକ ବ୍ୟବସ୍ଥା ନିୟନ୍ତ୍ରଣକୁ ନେଇ ଶାସକ ପାଲଟିଯାଆନ୍ତି। ଉଦାହାଣ ସ୍ୱରୂପ ତୁର୍କୀର ସମ୍ରାଟ ମୁଇଜାଦ୍-ଦିନ୍ ମହମ୍ମଦ ଘୋରୀଙ୍କ ମୃତ୍ୟୁ ପରେ ତାଙ୍କ ସେନାଧ୍ୟକ୍ଷ ମାମୁଲୁକ କୁତୁବୁଦ୍ଦିନ୍ ଆଇବେକ୍‌ଙ୍କ ଦିଲ୍ଲୀ ସୁଲତାନ ପ୍ରତିଷ୍ଠା କରିଥିଲେ। ସମୟକ୍ରମେ ମୋଗଲଙ୍କର ରାଜପୁତଙ୍କ ସହ ସମ୍ପର୍କ ବଢ଼ିଲା, ଏପରିକି ବୈବାହିକ ସମ୍ପର୍କ ବୃଦ୍ଧିପାଇଲା। ଫଳରେ ମୋଗଲମାନେ ନିଜକୁ ବିଦେଶୀ ମନେ ନ କରି ସ୍ଥାନୀୟ ଲୋକ ବୋଲି ଭାବିନେଲେ। ଏଭଳି ଭାବନାକୁ ଭାରତର ଅନେକ ମୂଳ ଭାରତୀୟ ଗ୍ରହଣ କରିପାରୁ ନ ଥିଲେ। ସାମ୍ରାଜ୍ୟବାଦୀମାନେ ନିଜ ଦେଶକୁ ଧନ ଆଣିବା ସକାଶେ ଦୂର ଦେଶରେ ଶାସନ କରନ୍ତି , ଯାହା ବ୍ରିଟେନ ଏବଂ ଇଟାଲୀ କ୍ଷେତ୍ରରେ ଦେଖିବାକୁ ମିଳିଛି।

ଭାରତକୁ ବିଭିନ୍ନ ସମୟରେ ଅନ୍ୟ ଦେଶର ଲୋକେ ଆସିଛନ୍ତି। ଆଦି ମାନବ ଆଫ୍ରିକାର ମୂଳ ବାସିନ୍ଦା ଏବଂ ସେମାନେ ୬୦,୦୦୦ ବର୍ଷ ପୂର୍ବେ ସେଠାରୁ ଆସି ପ୍ରଥମେ ଭାରତରେ ପହଞ୍ଚିଥିଲେ। ୧୦,୦୦୦ ବର୍ଷ ପୂର୍ବେ ଇରାନୀୟ କୃଷକଙ୍କ ପୂର୍ବପୁରୁଷମାନେ ଭାରତ ଆସିଥିଲେ। ସେମାନେ ଭାରତରେ ଗହମ ଓ ବାର୍ଲି ଚାଷ ଆରମ୍ଭ କରିଥିଲେ।



ସେହିଭଳି ୪,୦୦୦ ବର୍ଷ ପୂର୍ବେ ଦକ୍ଷିଣ ପୂର୍ବ ଏସିଆରୁ 'ମୁଣ୍ଡା'ମାନେ ଭାରତକୁ ଆସି ରୁଆ ପ୍ରଣାଳୀରେ ଧାନଚାଷ ଆରମ୍ଭ କରିଥିଲେ। ଏହାପରେ ପାଖାପାଖି ୩,୫୦୦ ବର୍ଷ ପୂର୍ବେ ଆର୍ଯ୍ୟମାନେ ଘୋଡ଼ା ନେଇ ଭାରତକୁ ଆସିଥିଲେ। ବିଶେଷକରି ଏହିସବୁ ଦେଶାନ୍ତର ଗମନ ଆନୁବଂଶିକ ଓ ଭାଷା ଅଧ୍ୟୟନରୁ ଜାଣିବାକୁ ମିଳେ।

ଖ୍ରୀଷ୍ଟପୂର୍ବ ୬ଷ୍ଠରୁ ୪ର୍ଥ ଶତାବ୍ଦୀ ମଧ୍ୟରେ ପାରସ୍ୟ ସମ୍ରାଟ ସାଇରସ୍ ଦି ଗ୍ରେଟ୍ ଏବଂ ପରେ ଡାରିଅସ୍ ୱାନ୍ କ୍ରମାଗତ ଉତ୍ତର-ପଶ୍ଚିମ ଭାରତ ଉପରେ ଆକ୍ରମଣ କରି ଦଖଲ କରିନେଇଥିଲେ। ଏହାସହ ମୌର୍ଯ୍ୟ ଏବଂ ଗୁପ୍ତ ସାମ୍ରାଜ୍ୟ ପାରସ୍ୟ ପ୍ରଶାସନର କେନ୍ଦ୍ରୀଭୂତ ଅମଲାତନ୍ତ୍ର ବ୍ୟବସ୍ଥାକୁ ଗ୍ରହଣ କରିଥିଲେ। ସେହି ସମୟରେ ବ୍ରାହ୍ମୀ ଲିପି ଉଦ୍ଭାବନ ହୋଇଥିଲା ଏବଂ ତାହା ଭାରତରୁ ଦକ୍ଷିଣ ପୂର୍ବ ଏସିଆକୁ ବ୍ୟାପିଥିଲା। ଏହି ସମୟରେ ରାଜାମାନେ ପାର୍ସୀ ସମ୍ରାଟଙ୍କ ଭଳି ନିଜ ଶକ୍ତି ସୂଚିତ କରିବା ଲାଗି ସ୍ତମ୍ଭ ନିର୍ମାଣ କରିଥିଲେ। ପରେ ଖ୍ରୀଷ୍ଟପୂର୍ବ ୩୦୦ରୁ ଖ୍ରୀଷ୍ଟାବ୍ଦ ୩୦୦ ମଧ୍ୟରେ ବିଦେଶରୁ ଅନେକ ଜନଜାତି ଯଥା ଗ୍ରୀକ୍ସ (ଯବନ), ସ୍କିଥିଆନ (ସାକସ୍), ପାର୍ଥିଆନ (ପଲ୍ଲଭ) ଏବଂ ୟୁହେ-ଚି (କୁଶାଣ) ଭାରତକୁ ଆସିଥିଲେ। ସେମାନେ ଗଙ୍ଗା ନଦୀ ଅବବାହିକାରୁ ହିନ୍ଦୁକୁଶ ପର୍ବତ ଦେଇ ଇରାନ ପର୍ଯ୍ୟନ୍ତ ବ୍ୟାପିଥିବା ବାଣିଜ୍ୟ ପଥକୁ ନିୟନ୍ତ୍ରଣ କରିବାକୁ ଚାହିଁଥିଲେ। ଏମାନଙ୍କ ମଧ୍ୟରୁ ଅନେକେ ବୌଦ୍ଧ ଓ ଜୈନ ଧର୍ମ ଗ୍ରହଣ କରିବା ସହ ବାଣିଜ୍ୟ କାରବାରକୁ ସୁଗମ କରିବା ସକାଶେ ମୁଦ୍ରା ପ୍ରଚଳନ କରିପାରିଥିଲେ। ପଞ୍ଚମ ଶତାବ୍ଦୀରେ ଗୁପ୍ତ ସାମ୍ରାଜ୍ୟ ସମୟରେ ହୁଣ (ହୁନ୍)ମାନେ ମଧ୍ୟ-ଏସିଆରୁ ଭାରତକୁ ଆସିଥିଲେ। ସେମାନେ ଗୁପ୍ତ ସାମ୍ରାଜ୍ୟକୁ ଦୁର୍ବଳ କରିଦେବା ସହ ବୌଦ୍ଧମଠଗୁଡ଼ିକର ପତନର କାରଣ ହୋଇଥିଲେ। ସେହି ସମୟରେ ଭାରତର ବାଣିଜ୍ୟିକ ଭାଗୀଦାରି ରୋମ୍ ସାମ୍ରାଜ୍ୟର ପତନ ମଧ୍ୟ ଘଟିଥିଲା। ଫଳରେ ବ୍ୟବସାୟୀଙ୍କ ଗୁରୁତ୍ୱ କମିଗଲା ଓ କୃଷିର ଉନ୍ନତି ଘଟିଲା। ସମୟକ୍ରମେ ବୌଦ୍ଧଧର୍ମ -ବାଣିଜ୍ୟ ଆଧାରିତ ସଂସ୍କୃତି ବ୍ରାହ୍ମଣକୈନ୍ଦ୍ରିକ କୃଷ ତଥା ମନ୍ଦିର ସଂସ୍କୃତିକୁ ପରିବର୍ତ୍ତନ ହୋଇଥିଲା। ଫଳରେ ସଂସ୍କୃତ ଦରବାରି ଭାଷା ହୋଇ ଆଫଗାନିସ୍ତାନ ଓ ଭିଏତ୍‌ନାମକୁ ବ୍ୟାପିଥିଲା।

ସପ୍ତମ ଶତାବ୍ଦୀରେ ଆରବରେ ଇସ୍‌ଲାମର ଉତ୍‌ଥାନ ଘଟିଥିଲା। ନାବିକମାନଙ୍କ ଦ୍ୱାରା ଏହା ଉପକୂଳ ଭାରତରେ ପହଞ୍ଚିଥିଲା, ଯେଉଁଥିପାଇଁ ଗୁଜରାଟ, କୋଙ୍କଣ ଏବଂ କେରଳର ପଶ୍ଚିମ ଉପକୂଳରେ ପୁରାତନ ମସ୍‌ଜିଦ ଦେଖିବାକୁ ମିଳେ। ଦ୍ୱାଦଶ ଶତାବ୍ଦୀ ସୁଦ୍ଧା ମଧ୍ୟ-ଏସୀୟ ସେନାଧ୍ୟକ୍ଷମାନେ ପ୍ରଥମେ ଇସ୍‌ଲାମ ଧର୍ମ ଗ୍ରହଣକରି ଦିଲ୍ଲୀ ସହରରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ ଏବଂ ଅର୍ଥନୈତିକ ବ୍ୟବସ୍ଥା ହାତକୁ ନେଇଥିଲେ। ସେମାନେ ମଧ୍ୟ ଆଇନ ବ୍ୟବସ୍ଥାକୁ ନିୟନ୍ତ୍ରଣକୁ ନେଇଥିଲେ, ଯାହା ଏକ ପ୍ରକାର ଆକ୍ରମଣ ଥିଲା । ଏଭଳି ପଦକ୍ଷେପ ସବୁ ଥିଲା ଏକ ନୂତନ ଚିନ୍ତାଧାରା । ଏତିକିବେଳେ ସଂସ୍କୃତ ପରିବର୍ତ୍ତେ ପାର୍ସୀ ଦରବାରି ଭାଷା ହୋଇଥିଲା । ତୁର୍କୀ, ପାର୍ସୀ ଏବଂ ଆଫଗାନଙ୍କ ସପକ୍ଷରେ ବ୍ରାହ୍ମଣମାନେ ରହିବା ଯୋଗୁ ମନ୍ଦିର ପ୍ରତି ଲୋକଙ୍କ ସମର୍ଥନ କମିବାକୁ ଲାଗିଲା ଏବଂ ମସ୍‌ଜିଦ ଏବଂ ରାଜକୀୟ କବର ନିର୍ମାଣ ବୃଦ୍ଧିପାଇଥିଲା। ଅଧିକ ବିକେନ୍ଦ୍ରୀକୃତ ପୁରାତନ ରାଜମଣ୍ଡଳ ବ୍ୟବସ୍ଥା ବଦଳରେ କେନ୍ଦ୍ରୀକୃତ ପାର୍ସୀ ବ୍ୟବସ୍ଥା ସାମ୍ନାକୁ ଆସିଥିଲା। ତୁର୍କୀମାନେ କାଗଜ ଏବଂ କଲମର ବ୍ୟବହାର ଜାଣିଥିଲେ। ଫଳରେ ଭାରତରେ ପୂର୍ବରୁ ବ୍ୟବହାର କରାଯାଉଥିବା ପଥର, ତମ୍ବା ଗଛଛାଲି ଏବଂ ବରଡ଼ାପତ୍ର ବଦଳରେ ଅଧିକ ବ୍ୟବହାର ହେଲା।

ଗୋଆ ୧୫୧୦ରେ ବିଜାପୁର ସାମ୍ରାଜ୍ୟ ଅଧୀନକୁ ଚାଲିଗଲା ପରେ ପର୍ତ୍ତୁଗୀଜ ଉପନିବେଶବାଦ ଆରମ୍ଭ ହୋଇଥିଲା। ପର୍ତ୍ତୁଗୀଜମାନେ ପଶ୍ଚିମ ଉପକୂଳ ଏବଂ ପଶ୍ଚିମ ସମୁଦ୍ରକୁ ନିୟନ୍ତ୍ରଣକୁ ନେଇଗଲେ ଓ ଟିକସ ଆଦାୟକଲେ, ଯାହା ପୂର୍ବରୁ କେବେ ବି ଏଭଳି ଘଟି ନ ଥିଲା। ସେମାନେ ଖ୍ରୀଷ୍ଟିଆନ ମିଶନ ଏବଂ ପ୍ରିଣ୍ଟିଂ ପ୍ରେସ୍ ଆରମ୍ଭ କରିଥିଲେ ଓ ସ୍ଥାନୀୟ ଭାଷାଗୁଡ଼ିକ ଅନୁବାଦ ଲେଖା ପ୍ରକାଶ କରିଥିଲେ। ପର୍ତ୍ତୁଗୀଜଙ୍କୁ ଡଚ୍, ଫ୍ରାନ୍ସ ଏବଂ ଇଂଲଣ୍ଡ ଅନୁସରଣକରି ଗଣିତ, ପ୍ରମାଣ ଆଧାରିତ ନୂତନ ବିଜ୍ଞାନ ଚିନ୍ତାଧାରାକୁ ସାମ୍ନାକୁ ଆଣିଥିଲେ। ପର୍ତ୍ତୁଗୀଜମାନେ ଶିଳ୍ପ ବିପ୍ଳବ ଆଣିଥିଲେ । ସମଗ୍ର ବିଶ୍ୱରେ ପୁରାତନ କୃଷି ଏବଂ ସାମନ୍ତବାଦ ବ୍ୟବସ୍ଥାର ପରିବର୍ତ୍ତନ ଆଣିଥିଲେ, ଯାହା ବିଶେଷକରି ଅଷ୍ଟାଦଶ ଶତାବ୍ଦୀରେ ତୀବ୍ର ହୋଇଥିଲା ଯେତେବେଳେ ଦିଲ୍ଲୀକୁ ଇରାନର ନାଦିର ଶାହା ଲୁଣ୍ଠନ କରିଥିଲେ। ତା'ପରେ ଅହମ୍ମଦ ଶାହା ଅବ୍‌ଦଲି ଆସିଥିଲେ। ଏହିସବୁ ଘଟଣାରୁ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ମୋଗଲ ସାମ୍ରାଜ୍ୟର ଦୁର୍ବଳତାକୁ ପରଖି ଉପନିବେଶବାଦର ପ୍ରସାର କରିପାରିଥିଲା। ଏହିଭଳି ଭାବେ ବିଭିନ୍ନ ସମୟରେ ଭାରତକୁ ବହୁ ସ୍ଥାନରୁ ଲୋକେ ଆସି ଆକ୍ରମଣ କରିଥିଲେ ଏବଂ ଭାରତୀୟ ସଂସ୍କୃତିର ପରିବର୍ତ୍ତନ ଘଟାଇଥିଲେ।

-devduttofficial@gmail.com

# ଆନନ୍ଦାନୁଭୂତି



ଇଂ. ସଚ୍ଚିଦାନନ୍ଦ ନନ୍ଦ

ଉପନିଷଦ ଯୁଗର ଦିବ୍ୟଦ୍ରଷ୍ଟା ମହାନ୍ ଋଷିଗଣ ମାନବ ଜୀବନର ଅନ୍ତିମ ଲକ୍ଷ୍ୟ ନିର୍ଦ୍ଧାରଣକରି କହିଛନ୍ତି, 'ପରମାନନ୍ଦ ପ୍ରାପ୍ତି କରିବା।' ସାଧୁସନ୍ଥ ଓ ଦିବ୍ୟ ପୁରୁଷଗଣ ମନୁଷ୍ୟକୁ ଜୀବନର ଅନ୍ତିମ ଲକ୍ଷ୍ୟ ହାସଲକରି ପରମାନନ୍ଦ ପ୍ରାପ୍ତ ହେବାକୁ କହିଆସିଛନ୍ତି । ଦେଖିବାକୁ ଗଲେ ଭଗବାନ୍‌ଙ୍କ ସହ ସଂଯୁକ୍ତ ନ ହୋଇ କେହି କେବେ ଆନନ୍ଦ ଲାଭ କରିନାହାନ୍ତି। ଏହାର ଉପର ସୋପାନଗୁଡ଼ିକୁ ଆରୋହଣ କରିବା ଆହୁରି କଷ୍ଟକର। ସେଗୁଡ଼ିକ ହେଉଛି – ନିତ୍ୟାନନ୍ଦ, ସତାନନ୍ଦ, ରସାନନ୍ଦ, ପରମାନନ୍ଦ, ପ୍ରେମାନନ୍ଦ, ସଚ୍ଚିଦାନନ୍ଦ ଓ ବ୍ରହ୍ମାନନ୍ଦ ସ୍ତର। ଥରେ ସେ ଶିଢ଼ିରେ ପାଦ ଦେଲେ ତାହା ସାଧକକୁ ଆପେ ଆପେ ସର୍ବୋଚ୍ଚ ଆନନ୍ଦ ସ୍ତରକୁ ଘେନିଯାଏ। ଯାହା ଶାସ୍ତ୍ରମାନେ ଘୋଷଣା କରିଛନ୍ତି, ଯାହା ଆପ୍ତବାକ୍ୟ କହେ, ଅବତାର ପୁରୁଷମାନେ ଯାହା କହିଛନ୍ତି ମାନବ ମୂଳତଃ ବ୍ରହ୍ମକୁ ନିଜ ଭିତରେ ଧାରଣକରି ଚାଲିଛି ଏବଂ ତାହା ଉପଲବ୍ଧି କଲେ ଯାଇ ବ୍ରହ୍ମାନନ୍ଦ ସ୍ତରରେ ପହଞ୍ଚିବ। ଆମ୍ଭେମାନେ ମୂଳତଃ ଆତ୍ମା, ଏହି ଉପଲବ୍ଧି ଆସିବା ଦରକାର। ନ ହେଲେ ଆନନ୍ଦ ଅନ୍ୟ କେଉଁଠାରୁ ମିଳିପାରିବ ନାହିଁ। ଏଥିପାଇଁ ଆତ୍ମା ସହ ସଂଯୋଗ ସ୍ଥାପନ ଦରକାର। ଯେମିତି ରାସ୍ତାରେ ଥିବା ବତିଖୁଣ୍ଟ ସହ ଆମ ଘରର ବିଦ୍ୟୁତ୍ ବ୍ୟବସ୍ଥା ସଂଯୁକ୍ତ ନ ହେଲେ ରାସ୍ତା ଖୁଣ୍ଟ ଯେତେ ପାଖରେ ଥିଲେ ମଧ୍ୟ ଘର ଆଲୋକିତ ହୋଇପାରେ ନାହିଁ, ଠିକ୍ ସେହିଭଳି ଶ୍ରେଷ୍ଠ ଆନନ୍ଦର ଉତ୍ସ ଆମ ଅନ୍ତରରେ ବିଦ୍ୟମାନ ଥିଲେ ବି ତାହା ସହ ସଂଯୁକ୍ତ ନ ହେଲେ ଆନନ୍ଦାନୁଭୂତି ଆମ ପାଇଁ ସୁଦୂରପରାହତ ହୋଇଯିବ। ଉତ୍ସ ସହ ସଂଯୁକ୍ତ ହେବା ଅର୍ଥ ନାମ ମାଧ୍ୟମରେ ନାମୀ ସହ ସଂଯୁକ୍ତ ହେବା। ନାମ ଓ ନାମୀ ଏକ, ଅଭିନ୍ନ ଓ ସମାନ ଶକ୍ତି ବିଶିଷ୍ଟ।

ଓଡ଼ିଶାର ପ୍ରାଚୀନ କବିମାନେ ତାଙ୍କ ରଚନାରେ କହିଥିଲେ, 'ହରିନାମେ କି ରସ ଅଛି, ପାନକଲା ଲୋକ ସନା ଜାଣିଛି।' କି ରସ ଅଛି ଅର୍ଥ ଆନନ୍ଦ ରସ ଅଛି। ରସ ହିଁ ଆନନ୍ଦର ଅନ୍ୟ ନାମ। କେବଳ ନାମରେ ଆନନ୍ଦ ଥାଏ। ଅନ୍ୟ ଜଣେ କବି କହିଲେ – ବନ୍ଧ୍ୟା ନାରୀ ବୀରପୁତ୍ରର ଜନନୀ ହୋଇଛନ୍ତି। ଦିନେ କେବେ ଏହା ସମ୍ଭବ ହୋଇପାରେ ; କିନ୍ତୁ ହରି ନାମ ବିନା ଜଣେ ଆନନ୍ଦ ପାଇଛନ୍ତି ଏହା ଅସମ୍ଭବ। ଧଳା ରଙ୍ଗର କୁଆ ଦିନେ କେବେ ଦେଖିବାକୁ ମିଳିପାରେ, କିନ୍ତୁ ହରିନାମ ବିନା ଆନନ୍ଦ କେବେହେଲେ ମିଳିପାରିବ ନାହିଁ।

ଭାଗବତ ବାଣୀ 'ଶ୍ରୀକୃଷ୍ଣ ପରମ ମଙ୍ଗଳ, ସକଳ ଆନନ୍ଦର ମୂଳ'। ଏଠାରେ ଶ୍ରୀକୃଷ୍ଣ ଅର୍ଥ ପରଂବ୍ରହ୍ମଙ୍କର ଯେକୌଣସି ନାମ, ରୂପ ବିଶିଷ୍ଟ ଶକ୍ତି। ତାହା ହିଁ ପରମ ମଙ୍ଗଳ। ତାହା ହିଁ ସକଳ ଆନନ୍ଦର ମୂଳ। କେତେ ସୁନ୍ଦର ଭାବେ ଆନନ୍ଦର ଠିକଣା ବତାଇ ଦିଆଯାଇଛି ଏଠାରେ। ସାଧକ କେବଳ ସେ ଠିକଣାରେ ପହଞ୍ଚିବା ଦରକାର। ଏ ଦିଗରେ ଥିବା ବାଧା ପ୍ରତିବନ୍ଧକ ଆପେ ଆପେ ଶିଥିଳ ହୋଇଯିବ, ଶିକୁଳି ଫିଟିଯିବ ଗୋଟିଏ ସାଧନାରେ। ତାହା ହେଉଛି ନାମ ପ୍ରୀତିରେ ନାମୀଙ୍କୁ ପାଇବାର ବ୍ୟାକୁଳତାରେ। ଭଗବାନ ବାବା ତାଙ୍କ ବାଣୀରେ କହିଛନ୍ତି, ତୁମେ ଆନନ୍ଦ ପାଇବା ପାଇଁ ଯେତିକି ମାତ୍ରାରେ ବ୍ୟାକୁଳ, ମୁଁ ଆନନ୍ଦ ଦେବା ପାଇଁ ସେତିକି ମାତ୍ରାରେ ବ୍ୟାକୁଳ ହୁଏ। ତେଣୁ ଆନନ୍ଦ ପାଇବା, କେତେ ଶୀଘ୍ର ପାଇବା, କେତେ ମାତ୍ରାରେ ପାଇବା ତାହା ନିର୍ଭରକରେ ମନୁଷ୍ୟ ଉପରେ, ତା'ବ୍ୟାକୁଳତାର ମାତ୍ରା ଉପରେ। ଗୀତାରେ ଆଉ ଏକ ବିକଳ୍ପ ଦିଆଯାଇଛି। କୁହାଯାଇଛି – ଜପ, ଧ୍ୟାନ, କର୍ମଫଳ ତ୍ୟାଗ ଯଦି ସମ୍ଭବ ନ ହେଉଛି ତେବେ 'ମଦର୍ଥମ୍ କୁରୁ କର୍ମାଣୀ'। ତାଙ୍କ ପାଇଁ କାମ କରିବା ଅର୍ଥ ତାଙ୍କ ନିର୍ଦ୍ଦେଶ ମାନି କର୍ମମୟ ଜୀବନ ଅତିବାହିତ କରିବା। ସେ ପ୍ରକାର ଜୀବନରେ ଆଉ କିଛି ଭାବିବା, ଭୁଲ୍ ଠିକ୍ ବିଚାରକରିବା, କେଉଁ ସମୟରେ, କେଉଁ ସ୍ଥାନରେ, କେଉଁ ପରିସ୍ଥିତିରେ କ'ଣ କରିବା – ଏ ସବୁ ଚିନ୍ତା କରିବା ଦରକାର ନାହିଁ। ଭଗବାନ୍‌ଙ୍କ ବାଣୀ ପାଳନ କରିବା ହିଁ ସେବା, ତାହା ହିଁ ପରୋପକାର, ତାହା ସର୍ବଶ୍ରେଷ୍ଠ ପୂଜା। ଭାଗବତ କୃପା ମିଳେ ତାଙ୍କ ନିର୍ଦ୍ଦେଶରେ ଜୀବନ ବିତାଇବା ଦ୍ୱାରା। ଭଗବତ କୃପା ମିଳିଗଲେ ଆଉ କ'ଣ ପାଇବାକୁ ବାକି ରହେ? ଆନନ୍ଦର ମୂଳ ପାଖରେ ଯିଏ ପହଞ୍ଚିପାରିଛି ସେ ତା'ର ସ୍ୱରୂପ ସନ୍ଧାନ ପାଇବାକୁ ଆଉ ବିଳମ୍ବ ହେବ ନାହିଁ। ସ୍ୱରୂପ କ'ଣ ? ପ୍ରତ୍ୟେକଙ୍କର ସ୍ୱରୂପ ହେଉଛି ସଚ୍ଚିଦାନନ୍ଦ, ଅସ୍ତି ଜାତି ପ୍ରିୟମ୍, ସତ୍ୟଂ ଶିବଂ ସୁନ୍ଦରମ୍। ଜଗତଗୁରୁ ଶଙ୍କରାଚାର୍ଯ୍ୟ ତାଙ୍କ ମୋହମୁଦ୍‌ଗର କାବ୍ୟରେ ଲେଖିଲେ – ମନ ଯଦି ପରଂବ୍ରହ୍ମଙ୍କଠାରେ ରମଣ କରୁଥାଏ ତେବେ ସେ ପରମାନନ୍ଦରେ କାଳ କଟାଇବ।

ଅଲିଶା ବଜାର, କଟକ
ମୋ:୯୩୩୭୨୪୨୯୫୫

## ଏଇ ଭାରତରେ

ଦିଲ୍ଲୀର ଦୁଇଭାଇ ବିହାନ ଓ ନାଭ ଅଗ୍ରୱାଲ ବର୍ଜ୍ୟ ରିସାଇକେଲିଂ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛନ୍ତି। ସେମାନେ ୧୪ଟି ସହରରେ ୧ ମିଲିୟନ(୧୦ ଲକ୍ଷ) କେ.ଜି ବର୍ଜ୍ୟ ରିସାଇକେଲିଂ କରିସାରିଲେଣି। ଦିଲ୍ଲୀରେ ଲୋକେ ପୋଡ଼ି ଦେଉଥିବା ବର୍ଜ୍ୟ ବାୟୁ ପ୍ରଦୂଷଣ କରୁଥିବା ଅନୁଭବକରି ୨୦୧୭ରେ ସେମାନେ ବର୍ଜ୍ୟ ସଂଗ୍ରହ ଆରମ୍ଭ କରିଥିଲେ। ପ୍ରଥମେ ତାଙ୍କ ଘରୁ ବାହାରୁଥିବା କମ୍ ପରିମାଣ ବର୍ଜ୍ୟକୁ ରିସାଇକେଲ ଲାଗି ନେବାକୁ ମନା କରିଦେଇଥିଲେ। ପରେ ଦୁଇଭାଇ ୧୫ଟି ପରିବାରରୁ ବର୍ଜ୍ୟ ସଂଗ୍ରହକରି ରିସାଇକେଲିଂ ପାଇଁ ପଠାଇଥିଲେ। ୨୦୧୮ରେ ସେମାନେ 'ୱାନ୍ ଷ୍ଟେପ୍ ଗ୍ରୀନର୍' ଷ୍ଟାର୍ଟଅପ୍ ଗଠନ କରିଥିଲେ ଏବଂ ସେତେବେଳେ ବିହାନଙ୍କୁ ୧୪ ଓ ନାଭଙ୍କୁ ୧୧ ବର୍ଷ ହୋଇଥିଲା। ଏହି ଷ୍ଟାର୍ଟଅପ୍ ମାଧ୍ୟମରେ ଯୁବକଦ୍ୱୟ ୧୪ଟି ସହରର ଘରକୁ ଘର ଯାଇ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ଏହାସହ ସ୍କୁଲ ଓ କାର୍ଯ୍ୟାଳୟଗୁଡ଼ିକରୁ ମଧ୍ୟ ବର୍ଜ୍ୟ ସଂଗ୍ରହ କରାଯାଉଛି। ବିଶେଷକରି ପ୍ଲାଷ୍ଟିକ୍, କାର୍ଡବୋର୍ଡ, ଧାତୁ, ଗ୍ଲାସ୍ ଏବଂ ଇ- ବର୍ଜ୍ୟ ସଂଗ୍ରହକରି ରିସାଇକେଲିଂ କେନ୍ଦ୍ରକୁ ପଠାଯାଉଛି। ସଂଗୃହୀତ ବର୍ଜ୍ୟକୁ ଅଲଗା କରିବା କାମ କରି ଅନେକ ହଜାର ମହିଳାଙ୍କୁ ରୋଜଗାର ମିଳୁଛି। ଏହି ଷ୍ଟାର୍ଟଅପ୍ ମଧ୍ୟ ୭୩,୦୦୦ରୁ ଅଧିକ ଗଛ ଲଗାଇବାରେ ସହଯୋଗ କରିଛି।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

### ୧ ଜାନୁଆରୀ ୧୯୭୭

- ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ରପ୍ତାନି ଦ୍ରବ୍ୟ ଉପରେ ଶିଳ୍ପୋନ୍ନତ ଦେଶଗୁଡ଼ିକ ବାଣିଜ୍ୟ ଶୁଳ୍କରେ ରିହାତି ଦେବେ ବୋଲି ଘୋଷଣା କରିଛନ୍ତି।
- କାଲଟେକ୍ସ ଅଏଲ ରିଫାଇନିଂ (ଇଣ୍ଡିଆ) ଲିମିଟେଡ୍‌ର ଅଂଶ ହାତକୁ ନେବା ଏବଂ ଏହାର ସମସ୍ତ ଅଧିକାର ଓ ତତ୍‌ସମ୍ପର୍କୀୟ କାଗଜପତ୍ର ହସ୍ତାନ୍ତର ନିମନ୍ତେ ରାଷ୍ଟ୍ରପତି ଏକ ଆଦେଶ ଜାରି କରିଛନ୍ତି।
- ଭାରତ ଓ ରୁଷ ମଧ୍ୟରେ ୯୦୦୦ ନିୟୁତ ଟଙ୍କା ମୂଲ୍ୟର ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | 2 | 4 |
| | | 8 | | 2 | | 9 | 7 | |
| | | | 1 | | | | | 6 |
| | | 4 | | | 6 | | 9 | |
| | | | 3 | | | 8 | | |
| 8 | | | | | 5 | | 6 | 7 |
| | | | | | | | | |
| | | 7 | 2 | 3 | | | | |
| | | 2 | | 8 | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 7 | 3 | 8 | 4 | 1 | 6 | 5 |
| 5 | 3 | 6 | 1 | 2 | 9 | 4 | 8 | 7 |
| 1 | 4 | 8 | 7 | 6 | 5 | 3 | 9 | 2 |
| 9 | 1 | 4 | 6 | 5 | 7 | 8 | 2 | 3 |
| 3 | 7 | 5 | 2 | 1 | 8 | 9 | 4 | 6 |
| 6 | 8 | 2 | 4 | 9 | 3 | 7 | 5 | 1 |
| 7 | 2 | 3 | 8 | 4 | 6 | 5 | 1 | 9 |
| 8 | 5 | 1 | 9 | 3 | 2 | 6 | 7 | 4 |
| 4 | 6 | 9 | 5 | 7 | 1 | 2 | 3 | 8 |

ଗତକାଲିର ଉତ୍ତର

# ବିଶ୍ୱ ଓ ବର୍ଷାନ୍ତର



ଡ. ପ୍ରଫୁଲ୍ଲ କୁମାର ସାହୁ

କାଳର ଅନ୍ୟନାମ ସମୟ। ଅନନ୍ତ ସମୟର ଅସରନ୍ତି ଯାତ୍ରାରେ ଗୋଟିଏ ବର୍ଷ ବିତିବା ଓ ଆଉ ଗୋଟିଏ ବର୍ଷ ଆସିବା ଏକ ଚିରନ୍ତନ ପ୍ରକ୍ରିୟା। ଏହା ସତ୍ତ୍ୱେ ପରିବର୍ତ୍ତର ସନ୍ଧିକ୍ଷଣ ପ୍ରାଣରେ ଭରିଦିଏ ଏକ ଉଲ୍ଲାସମୟ ଶିହରଣ। କାରଣ ଜୀବନର ପ୍ରାୟତଃ ସବୁ କ୍ଷେତ୍ରରେ ନୂଆ ପ୍ରତି ଥାଏ ଏକ ବିଶେଷ ଉନ୍ମାଦନା। ବର୍ଷ ହେଉ କି ବୟସ, ନୂଆ ସର୍ବଦା ପ୍ରାଣରେ ଭରିଦିଏ ହର୍ଷ, ଉଲ୍ଲାସ ଓ ଆହ୍ଲାଦ। ତାକୁ ସ୍ୱାଗତ କରିବା ପାଇଁ ବ୍ୟାକୁଳ ହୁଏ ମନ।

ଅନ୍ତର୍ଜାତୀୟ ନୂଆବର୍ଷ ବ୍ୟତୀତ ଭିନ୍ନ ଭିନ୍ନ ଦେଶରେ ଅଲଗା ଅଲଗା ସମୟରେ ପାଳନ ହୁଏ ନିଜସ୍ୱ ନୂଆବର୍ଷ। କାରଣ ସମୟ ଗଣନା ପଦ୍ଧତିରେ ରହିଛି ଭିନ୍ନତା। ଏହି କାରଣରୁ ଗ୍ରୀକ, ମିଶର ମେସୋପଟାମିଆ, ବେବିଲୋନ, ସୁମେରିଆନ ଓ ଭାରତୀୟ ସଭ୍ୟତାରେ ଘଡ଼ି ଓ କ୍ୟାଲେଣ୍ଡରରେ ରହିଛି ଅନେକ ଭିନ୍ନତା। ଇତିହାସ କହେ ପାଶ୍ଚାତ୍ୟ କାଳଗଣନା ପ୍ରଥମେ ରୋମରେ ଆରମ୍ଭ ହୋଇଥିଲା ଏବଂ ସେତେବେଳେ ସେଠାକାର ବିଦ୍ୱାନ୍‌ମାନଙ୍କ ସିଦ୍ଧାନ୍ତ ଅନୁସାରେ ବର୍ଷକ ଥିଲା ୩୦୪ ଦିନ। ପରବର୍ତ୍ତୀ ସମୟରେ ପୋପ୍ ଗ୍ରେଗେରୀ ଜୁଲିଅସ (୧୩ତମ)ଙ୍କ ସମୟରେ ସେଥିରେ ଥିବା ତ୍ରୁଟି ସଂଶୋଧିତ ହୋଇ ପ୍ରକାଶ ପାଇଲା ଗ୍ରେଗେରିଆନ କ୍ୟାଲେଣ୍ଡର। ପୃଥିବୀ ସୂର୍ଯ୍ୟକୁ ଥରେ ପ୍ରଦକ୍ଷଣ କରିବା ପାଇଁ ୩୬୦ ଦିନ ସମୟ ନିଏ ବୋଲି ଏହି କ୍ୟାଲେଣ୍ଡର କହିଲା, ଯାହା ଭାରତୀୟ କାଳଗଣନା ଅନୁଯାୟୀ ତ୍ରୁଟିଯୁକ୍ତ। ଭାରତୀୟ ଜ୍ୟୋତିର୍ବିଜ୍ଞାନର ପ୍ରାଚୀନ ଗ୍ରନ୍ଥ 'ସୂର୍ଯ୍ୟ ସିଦ୍ଧାନ୍ତ' ଅନୁସାରେ ବର୍ଷକ ୩୬୦ ଦିନ ନୁହେଁ, ୩୬୫ ଦିନ ୧୫ ଘଣ୍ଟା ୩୧ ବିପଳ। ଗ୍ରେଗେରିଆନ କ୍ୟାଲେଣ୍ଡରରେ ତିଥି ଓ ମାସର କ୍ଷୟ ବୃଦ୍ଧି ନାହିଁ, ଯାହା ରହିଛି ଭାରତୀୟ କାଳ ଗଣନାରେ। ଏଥିରୁ ବୁଝିବାକୁ ହେବ ଯେ ପାଶ୍ଚାତ୍ୟ ତୁଳନାରେ ଭାରତୀୟ କାଳଗଣନା ପଦ୍ଧତି ଅଧିକ ସୂକ୍ଷ୍ମ ଓ ତ୍ରୁଟିଶୂନ୍ୟ। ଭାରତୀୟ ପରମ୍ପରାରେ ମେଷ ସଂକ୍ରାନ୍ତି (ବିଷୁବ ସଂକ୍ରାନ୍ତି)ରୁ ଆରମ୍ଭ ହୁଏ ନୂଆବର୍ଷ। ମାତ୍ର ବୈଶ୍ୱିକ ସମ୍ପର୍କ ଆଧାରରେ ପାଶ୍ଚାତ୍ୟ କାଳଗଣନା ସହିତ ସବୁଦେଶ ଅଭ୍ୟସ୍ତ ହୋଇଥିବାରୁ ଜାନୁଆରୀ ପହିଲାରେ ପାଳନ ହେଉଛି ନୂଆବର୍ଷ। ସମଗ୍ର ବିଶ୍ୱ ଏହାକୁ ପାଳନ କରୁଥିବାରୁ ଆମେ ମଧ୍ୟ ପାଳନ କରୁଛୁ ଖୁବ୍ ଉତ୍ସାହ ଓ ଉଦ୍ଦୀପନାର ସହ। ଏଭଳି ଅନୁକରଣ ଦ୍ୱାରା ହିଁ ପଲ୍ଲବିତ ଓ ପୁଷ୍ପିତ ହୁଏ ସଂସ୍କୃତି। ମାତ୍ର କୌଣସି ବାହ୍ୟ ସଂସ୍କୃତି ଭାରିପଡ଼ିବା କାରଣରୁ ଯଦି ତାକୁ ବଦଳେଇବାକୁ ଚେଷ୍ଟା କରାଯାଏ, ତେବେ ବିକଳିଉଠେ ଜାତିର ସାଂସ୍କୃତିକ ଆତ୍ମା। ଇଂଲିଶ ନୂଆବର୍ଷ ପାଳନ କରିବାର ମାତ୍ରାଧିକ ମୋହ ଯୋଗୁ ଏବେ ବିକୃତାୟନର ସମ୍ମୁଖୀନ ହେଉଛି ଓଡ଼ିଆ ସଂସ୍କୃତି।

ଇଂଲିଶ ନୂଆବର୍ଷ ପାଳନ କରିବାର ଉଦ୍ଦେଶ୍ୟ ଏହା ଥିଲା ଯେ ଝରକା ଦେଇ ଆମ ଘର ଭିତରକୁ ପାଶ୍ଚାତ୍ୟ ସଂସ୍କୃତିର ମଳୟ ପ୍ରବେଶ କରୁ ଏବଂ ଏଠାରେ ମିଳନ ହେଉ ବିଭିନ୍ନ ସଭ୍ୟତା ଓ ସଂସ୍କୃତିର। ଏହି ଅନୁକରଣ ମାଧ୍ୟମରେ ଆସିଥିଲେ ଆସିପାରିଥାନ୍ତା ଅନେକ ମୂଲ୍ୟବାନ୍ ସାଂସ୍କୃତିକ ବିଭବ। କହିବାର କଥା ଥାଇଲାଣ୍ଡରେ ଅସହାୟଙ୍କୁ ଭୋଜନ ସହିତ ନୂତନ ବସ୍ତ୍ର ଦାନକରିବା ନୂଆବର୍ଷର ପରମ୍ପରା। ନୂଆବର୍ଷରେ ବ୍ରାଜିଲବାସୀ ରଙ୍ଗିନ ପୋଷାକ ବଦଳରେ ସାଦା ପୋଷାକ ପିନ୍ଧନ୍ତି, ଯାହା ଶୁଦ୍ଧତା ଓ ସରଳତାର ପ୍ରତୀକ। ନୂଆବର୍ଷ ଦିନ ସ୍ପେନ୍‌ରେ ପାଳନ ହୁଏ ୧୨ ଅଙ୍ଗୁର ଉତ୍ସବ। ସେଠାରେ ଲୋକେ ସେଦିନ ୧୨ଟି ଲେଖା




ଅଙ୍ଗୁର ଖାଆନ୍ତି ଏବଂ ପ୍ରତିଟି ଅଙ୍ଗୁର ସହିତ ଥାଏ ଗୋଟିଏ ସଙ୍କଳ୍ପ ନେବାର ବିଧି। ସେହି ପ୍ରତିବଦ୍ଧତା ନେଇ ସେମାନେ କାମ କରନ୍ତି ବର୍ଷ ତମାମ। ରୋମ ଭଳି କେତେକ ଦେଶରେ ଆଡ଼ମ୍ବରପୂର୍ଣ୍ଣ ଭାବରେ ନବବର୍ଷ ପାଳନ କରିବା ଏକ ଅପରାଧ। ଅଥଚ ଆମେ ଏଠି ଇଂଲିଶ ନୂଆବର୍ଷକୁ ସ୍ୱାଗତ କରୁଛୁ ମହା ଆଡ଼ମ୍ବରରେ ଜିରୋନାଇଟ୍ ସେଲିବ୍ରେଶନରେ ଖର୍ଚ୍ଚ କରୁଛୁ ଆଖିବୁଜା ଟଙ୍କା।

ଇଂଲିଶ ନୂଆବର୍ଷରେ ଋତୁ ପରିବର୍ତ୍ତନ ହୁଏ ନାହିଁ କି ବଦଳେ ନାହିଁ ଗ୍ରହ ନକ୍ଷତ୍ରଙ୍କ ସ୍ଥିତି। କେବଳ କ୍ୟାଲେଣ୍ଡର ଓ ଡାଏରି ବଦଳେ ଏବଂ ହ୍ୱାଟ୍ସଆପ୍, ଫେସ୍‌ବୁକ୍, ଟୁଇଟର ଓ ଏସ୍‌ଏମ୍‌ଏସ୍ ଆଦି ଜରିଆରେ ଚାଲେ ପରସ୍ପରକୁ ଅଭିନନ୍ଦନ ଜଣାଇବାର ଔପଚାରିକତା। କିଏ ସାଙ୍ଗସାଥୀ ମେଳରେ ବଣଭୋଜି କରେ ତ ଆଉ କିଏ ଫୁଲତୋଡ଼ା ଧରି ନେତା, ମନ୍ତ୍ରୀ ଓ ହାକିମଙ୍କ ଘର ଆଗରେ ଧାଡ଼ିବାନ୍ଧେ ଟିକେ ଅନୁକମ୍ପା ପାଇଁ।

ଅନ୍ୟପକ୍ଷରେ ଓଡ଼ିଆ ନୂଆବର୍ଷରେ ଥାଏ ଏକ ପାରିବେଶିକ ପ୍ରଭାବ ଓ ଆଧ୍ୟାତ୍ମିକ ମହକ। ସୌରବୃତ୍ତର ପ୍ରଥମ ବିନ୍ଦୁରେ ସୂର୍ଯ୍ୟଙ୍କର ସ୍ଥିତି ହିଁ ମହାବିଷୁବ ସଂକ୍ରାନ୍ତିର ପୁଣ୍ୟ ମୁହୂର୍ତ୍ତ। ସେଦିନ ଚଉରାମୂଳେ ଦୀପଜାଳି ବୃନ୍ଦାବତୀଙ୍କ ପାଖରେ ଅର୍ପଣ କରାଯାଏ ସୁଆଦିଆ ପଣା। ମନ୍ଦିରରେ ପାଞ୍ଜି ଗଣନା ହେବା ସହିତ ଘିଅ, ଦୀପ, ଧୂପ ଓ ଝୁଣାର ମହକରେ ସୃଷ୍ଟିହୁଏ ଭକ୍ତିମୟ ପରିବେଶ। ଅସହାୟଙ୍କୁ ଅନ୍ନବସ୍ତ୍ର ଦାନ କରନ୍ତି ଅନେକ ଧର୍ମପ୍ରାଣ ଲୋକ। ଓଡ଼ିଆ ନୂଆବର୍ଷରୁ ଆରମ୍ଭ ହୁଏ ଆର୍ଥିକ ବର୍ଷ ଓ ପିଲାଙ୍କ ପାଠପଢ଼ା। ଇଂଲିଶ କ୍ୟାଲେଣ୍ଡର ଅନୁସାରେ ସିନା ସରକାରୀ କାମହୁଏ ଓ ଚାକିରିଆ ଦରମା ନିଅନ୍ତି, ହେଲେ ଓଡ଼ିଆ ପାଞ୍ଜି ଅନୁସାରେ ପାଳନହୁଏ ପର୍ବପର୍ବାଣି।

ପ୍ରତ୍ୟେକ ଉତ୍ସବ ପାଳନର ଲକ୍ଷ୍ୟ ଆନନ୍ଦ ପ୍ରତି ଅଭିପ୍ରେତ। ତାହା ହିଁ ଅସଲ ଆନନ୍ଦ, ଯାହା ଅନ୍ତରକୁ ଭିଜେଇ ଦିଏ ଏବଂ ହୃଦୟରୁ ହୃଦୟକୁ ସଞ୍ଚରିଯାଏ ଆହ୍ଲାଦପଣ। ଆନନ୍ଦର ଭାଷା କେବେ ହିଂସାର ନୁହେଁ କି ପ୍ରଦୂଷଣର ନୁହେଁ, ତାହା ସ୍ନେହ, ପ୍ରେମ ଓ ଆତ୍ମୀୟତାର। ଓଡ଼ିଆ ନୂଆବର୍ଷରେ ନ ଥାଏ ମଦ ମାଂସର ବନ୍ୟା। ଥାଏ କେବଳ ଭଲପାଇବା ଓ ଭାଇଚାରା। ଅନ୍ୟପକ୍ଷରେ ଇଂଲିଶ ନୂଆବର୍ଷରେ ଆମର ଆନନ୍ଦ ପାଇଁ ବଳିପଡ଼ନ୍ତି ଶହଶହ କୁକୁଡ଼ା ଓ ଛେଳି। ନୂଆବର୍ଷର ନୂଆ ସକାଳରେ ମଙ୍ଗଳ ଆଳତି ପରିବର୍ତ୍ତେ ପରିବେଶକୁ ଦୂଷିତ କରେ ହାଣମୁହଁକୁ ଯାଉଥିବା ଅସୁମାରି ପଶୁପକ୍ଷୀଙ୍କ ଆର୍ତ୍ତଚିତ୍କାର। ସେମାନଙ୍କୁ ହତ୍ୟାକରି ଆମେ ଯେଉଁ ଆନନ୍ଦ ଲାଭକରୁ ତାହା ବିମଳ ଆନନ୍ଦ ନୁହେଁ, ବୀଭତ୍ସ ଆନନ୍ଦ। ନିଷ୍ଠୁରତାର ଏକ ପ୍ରମତ୍ତପଣ।

ନୂଆବର୍ଷ ନୂଆ କିଛି କରିବା ନିମନ୍ତେ ଶୁଭ ସଙ୍କଳ୍ପର କ୍ଷଣ। ବଦଗୁଣ ପରିତ୍ୟାଗ ନିମନ୍ତେ ପ୍ରତିବଦ୍ଧତାର ସମୟ। ସମୟର କାଳଖଣ୍ଡରେ ଏମିତି ସଙ୍କଳ୍ପ ନେବାର ହିଁ ପରିବର୍ତ୍ତନର ବାର୍ତ୍ତାବହ। କାରଣ ସାଧାରଣ ସଙ୍କଳ୍ପଟିଏ ତିଆରି କରିପାରେ ଅସାମାନ୍ୟ ଉଦାହରଣ। ଗତକାଲିର ସ୍ୱପ୍ନ ପାଲଟି ଯାଇପାରେ ଆସନ୍ତାକାଲିର ସମ୍ଭାବନା। ମାତ୍ର ଆମର ଏଠି ନୂଆବର୍ଷରେ ଯେଉଁ ସଙ୍କଳ୍ପ ନିଆଯାଏ, ତାକୁ କାର୍ଯ୍ୟକାରୀ କରିବାକୁ ନ ଥାଏ କାହାରି ପ୍ରତିବଦ୍ଧତା। ତେଣୁ ବର୍ଷାନ୍ତର କେବଳ ସଙ୍କଳ୍ପ ନେବାର ଏକ 'କା' ମାତ୍ର।

ଅବସରପ୍ରାପ୍ତ ଅଧ୍ୟକ୍ଷ, ଭଦ୍ରକ
ମୋ: ୬୩୭୧୬୪୨୪୬୪

## ପାଠକ ଶ୍ରେଷ୍ଠ ବିଚାରକ

### ଅଭିଭାବକଙ୍କ ତାଗିଦା ଜରୁରୀ

ମହାଶୟ,

ଏବେ ସହରରେ ୩ ଚକିଆ ଗାଡ଼ି ସଂଖ୍ୟା ବଢ଼ିଚାଲିଛି। ଦୁଇଚକିଆ ଯାନଗୁଡ଼ିକର ଚଳାଚଳ ନିମନ୍ତେ ଯୁବପିଢ଼ିଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗି ରହିଛି। ଯୁବତୀଯୁବକମାନେ ସଡ଼କ ସୁରକ୍ଷା ଆଇନକୁ ବେଖାତିର କରୁଛନ୍ତି। ପ୍ରତି ଘରେ ୩ଟିରୁ ଅଧିକ ୨ ଚକିଆ ଯାନ ଥିବା ଦୃଷ୍ଟିଗୋଚର ହେଉଛି। ଯୁବପିଢ଼ି ଧାର୍ଯ୍ୟ ବୟସସୀମାକୁ ମଧ୍ୟ ଉଲ୍ଲଂଘନ କରୁଛନ୍ତି। ସ୍କୁଲ ଏବଂ କଲେଜରେ ନୂଆକରି ପାଦ ଥାପୁଥିବା ଯୁବବର୍ଗ ଆଜି ବିନା ଲାଇସେନ୍ସ, ବିନା ହେଲ୍‌ମେଟ୍‌ରେ ୨ ଚକିଆରେ ୩ ଜଣଙ୍କୁ ବସାଇ ଚଳପ୍ରଚଳ କରୁଛନ୍ତି। ରନ୍‌ୱେରେ ଡ୍ରାଇଭକରି ଯିବା ଆସିବା କରୁଥିବାରୁ ଦୁର୍ଘଟଣାର ଶିକାର ହେଉଛନ୍ତି। ପ୍ରଶ୍ନ ଉଠେ, ପିଲାମାନଙ୍କର ଏହି ବେପରୁଆ ଗାଡ଼ି ଚାଳନା ଯୋଗୁ କ୍ଷତିରେ ପଡୁଥିବା ଜନଜୀବନ ଆଜି କେତେ ସୁରକ୍ଷିତ ? ସରକାର ଯଥାଶୀଘ୍ର ଯୁବବର୍ଗର ଚାଳକଙ୍କ ନିମନ୍ତେ କଡ଼ାକଡ଼ି ଆଇନ ପ୍ରଣୟନ କରନ୍ତୁ। ପ୍ରତି ସାପ୍ତାହିକ କିମ୍ବା ଦୈନନ୍ଦିନ ଅନ୍ତରରେ ଏହି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶିବିର ଆୟୋଜନ କରାଯିବା ଆବଶ୍ୟକ । ଏହି ଶିବିର ସମସ୍ତ ସହରରେ କରାଯିବାର ଆୟୋଜନ କରନ୍ତୁ। ହୁଏତ ଦୁର୍ଘଟଣାର ହାର ନିଶ୍ଚିତଭାବେ କମ୍ ହୋଇପାରିବ।

-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, କଟକ ରୋଡ୍, ଭୁବନେଶ୍ୱର

## ଚିରନ୍ତନୀ

ସେହି ମୋର ହେଲା ପ୍ରିୟ
ସବୁଠାରୁ କମନୀୟ
ସେହି ମୋର ଅନାଗତ ରାଗିଣୀ
ଯାହା କେବେ ଏ ଜୀବନେ ବାଜିନି ।
-(ଶରତ-ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ବସ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**ଆଠଗଡ଼, ୩୧।୧୨ (ସତ୍ୟ ପ୍ରସାଦ ରଥ)**

କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ସ୍ଥାନୀୟ ଏନ୍‌ଏସି ରଥଗଡ଼ା ଛକରେ ବୁଧବାର ସକାଳେ ବସ୍ ଧକ୍କାରେ ୨ ବାଇକ୍ ଆରୋହୀ ଶଳାଭିଣୋଇଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଆଠଗଡ଼ ଏନ୍‌ଏସିର ୪ନଂ. ୱାର୍ଡ ଅନ୍ତର୍ଗତ ହାଡିସାହିର ରାମ ନାଏକ ଓ ତାଙ୍କ ଭିଣୋଇ କଟକ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ଅଞ୍ଚଳର ମୁରାଦାବାଦର ତାପସ ନାଏକ ବୋଲି ଜଣାପଡ଼ିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ପରିବାର ଓ ଦଳିତ ସାହିର ଉତ୍ୟକ୍ତ ଲୋକେ ପୁରୁଣା କଟକ-ସମ୍ବଲପୁର ରାସ୍ତାକୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ନିକଟରେ ଅବରୋଧକରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କୁ ପୋଲିସ ଓ ପ୍ରଶାସନ ବୁଝାଶୁଝା ପରେ ରାସ୍ତାରୋକୋ

**କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ**

ହଟିଥିଲା। ପୋଲିସ ଉଭୟଙ୍କ ମୃତଦେହ ଜବତ କରି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ପୋଲିସ ସୂଚନା ମୁତାବକ, ବାଇକ୍ (ନଂ. ଓଡି ୦୫ ସିଇ ୯୮୭୨)ରେ ଶଳା ରାମ ଓ ଭିଣୋଇ ତାପସ ଖୁଣ୍ଟୁଣୀ ପଟରୁ ଆସୁଥିବା ବେଳେ ଅପରପାର୍ଶ୍ୱରୁ ଆସୁଥିବା ଏକ ଘରୋଇ ବସ୍ (ନଂ. ଓଡି ୦୫ ଏଏଚ ୯୯୪୧) ସହ ଧକ୍କା ହୋଇଥିଲା। ଶଳାଭିଣୋଇ ରାସ୍ତାରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ନିକଟରୁ ଏକ ଖେଳନା ବନ୍ଧୁକ ଜବତ ହୋଇଥିବା ଆଠଗଡ଼ ଥାନା ଆଇଆଇସି ସୁମତି କୁମାରୀ ମହାନ୍ତି କହିଛନ୍ତି। ରାସ୍ତାରୋକୋ ଯୋଗୁ ବହୁ ସମୟ ଧରି ଉଭୟପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିଥିଲା। ଆଠଗଡ଼ ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରା, ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତି ଓ ଆଇଆଇସି ମହାନ୍ତି ବିକ୍ଷୋଭ ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଏବଂ ବସ୍ ମାଲିକଙ୍କ ପକ୍ଷରୁ ୨୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ବସ୍‌କୁ ଜବତ କରିଛି। ଏ ନେଇ ପୋଲିସ ନଂ. ୪୭୭/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ୧୮ ମାସରେ ଓଡ଼ିଶାରେ ଅପରାଧ ଅହେତୁକ ଭାବେ ବଢ଼ିଛି: ବିଜେଡି

**ଭୁବନେଶ୍ୱର, ୩୧।୧୨ (ସୁନିତ୍ ମିଶ୍ର)**

ଭାଜପା ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ସହ ଓଡ଼ିଶା ସାରା ଦେଶରେ ନିନ୍ଦିତ ଓ ଲଜ୍ଜିତ ହୋଇଛି। ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟାରେ ଏହି ସମୟ ଭିତରେ ଅହେତୁକ ବୃଦ୍ଧି ପାଇଛି ବୋଲି ବିଜେଡି ତଥ୍ୟ ରଖିଛି। ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ଦଳର ଜାତୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଆଇନ ଶୃଙ୍ଖଳା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତାର ଏକ ଲମ୍ବା ତାଲିକା ପ୍ରଦାନ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଗତ ୧୮ ମାସର ଶାସନରେ ଓଡ଼ିଶା କେବଳ ନିଜ ରାଜ୍ୟ ଭିତରେ ନୁହେଁ ବରଂ ଜାତୀୟ ସ୍ତରରେ ଗୋଟିଏ କ୍ଷେତ୍ରରେ ନିନ୍ଦା ଓ ଲଜ୍ଜା ପାଇଛି, ଯାହା ହେଉଛି ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥା। ଜୁନ୍ ୨୦୨୪ରେ ରାଜ୍ୟରେ ଭାଜପା କ୍ଷମତାସୀନ ହେବା ପରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାର ମୂଳଦୁଆ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ଦ୍ୱାରା ପଡ଼ିଥିଲା। ପୁରୀ ସ୍ଥିତ ରାଜ୍ୟପାଳଙ୍କ ବାସଭବନ ଭିତରେ ଜଣେ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିବା ସହ ଜୋତାରେ ଛେପ ପକାଇ ତାଙ୍କୁ ଚାଟିବାକୁ ବାଧ କରାଯାଇଥିଲା। ଏହି ନିନ୍ଦନୀୟ ଘଟଣାକୁ ରାଜ୍ୟ ସରକାର ଚାପିଦେଇଥିଲେ। ସେହିପରି ଭାଜପା କର୍ମୀମାନଙ୍କ ଦ୍ୱାରା ବିଏମ୍‌ସି କମିଶନରଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣା ମଧ୍ୟ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ଏହାଛଡ଼ା ଅପରାଧ କ୍ଷେତ୍ରରେ ଓଡ଼ିଶା ଦେଶର ଅଷ୍ଟମ ଅପରାଧପ୍ରବଣ ରାଜ୍ୟ ଭାବେ ଚିହ୍ନିତହୋଇ ଏକ ଅଲୋଡ଼ା କୀର୍ତ୍ତିମାନ ହାସଲ କରିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି ଉପସ୍ଥିତ ଥିଲେ।

# ଦୁଇଟି 'ପ୍ରଳୟ' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

**ବାଲେଶ୍ୱର, ୩୧।୧୨ (ବାଞ୍ଛାନିଧି ଦେ)**

ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ (ଡିଆରଡିଓ) ପକ୍ଷରୁ ଏକାଥରକେ ଦ୍ୱରିତ କ୍ରମାନ୍ୱୟରେ ଦୁଇଟି ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ଶର୍ଟ ରେଞ୍ଜ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ପ୍ରଳୟ'ର ସଫଳ ପରୀକ୍ଷଣ କରାଯାଇଛି। ଏକ ମୋବାଇଲ ଲଞ୍ଚର ମାଧ୍ୟମରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଏହି କ୍ଷେପଣାସ୍ତ୍ର ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ୩୦ ମିନିଟ୍ ସମୟରେ ଗୋଟିଏ ପରେ ଗୋଟିଏ ଉତ୍‌କ୍ଷେପଣ ହୋଇଥିଲା। ଏହି ପରୀକ୍ଷଣ ମିଶନର ସମସ୍ତ ଉଦ୍ଦେଶ୍ୟ ପୂରଣ ହୋଇଛି ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଚାନ୍ଦିପୁରସ୍ଥିତ ଆଇଟିଆର୍ ପକ୍ଷରୁ ନିୟୋଜିତ ବିଭିନ୍ନ ଟ୍ରାକିଂ ସେନ୍ସର ଦ୍ୱାରା ପ୍ରାପ୍ତ ପରୀକ୍ଷଣ ତଥ୍ୟ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ଅବସ୍ଥିତ ଜାହାଜରେ ନିୟୋଜିତ ଉପକରଣର ତଥ୍ୟ ବିଶ୍ଳେଷଣରୁ ଏହା ପ୍ରମାଣିତ ହୋଇଥିବା କୁହାଯାଇଛି। ଏହି କ୍ଷେପଣାସ୍ତ୍ର କଠିନ ପ୍ରୋପେଲାଣ୍ଟ ରକେଟ୍ ମୋଟର ସହିତ ଚାଳିତ ଏବଂ ଏଥିରେ ଅନେକ ନୂତନ ଟେକ୍ନୋଲୋଜି ରହିଛି। ପ୍ରାୟ ୫ଶହରୁ ୧ହଜାର କି.ଗ୍ରା.ର ଯୁଦ୍ଧାସ୍ତ୍ର ଧାରଣ କରି ଏହା ୩୫୦-୫୦୦ କି.ମି. ପର୍ଯ୍ୟନ୍ତ ଟାର୍ଗେଟକୁ ଲକ୍ଷ୍ୟଭେଦ କରିପାରିବ। ମିଶାଇଲ୍ ଗାଇଡ୍ ସିଷ୍ଟମରେ ଆର୍ଟ ନେଭିଗେଶନ୍ ସିଷ୍ଟମ୍ ଏବଂ ଇଣ୍ଟିଗ୍ରେଟେଡ୍ ଆଭିଓନିକ୍ସ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରଳୟର ସଫଳ ପରୀକ୍ଷଣ ପାଇଁ ଡିଆରଡିଓ, ଭାରତୀୟ ବାୟୁସେନା ଓ ସ୍ଥଳସେନା, ପ୍ରତିରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଅନ୍ୟ ସହଯୋଗୀ ସଂସ୍ଥାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।







# ଏମ୍‌ସରେ ପ୍ରଥମ ଯକୃତ ପ୍ରତିରୋପଣ ସଫଳ

**ଭୁବନେଶ୍ୱର, ୩୧।୧୨ (ଅନୁରାଧା ମହାରଣା)**

ଏମ୍‌ସ ଭୁବନେଶ୍ୱରରେ ଡିସେମ୍ବର ୨୦ରେ ହୋଇଥିବା ପ୍ରଥମ ଲିଭର (ଯକୃତ) ପ୍ରତିରୋପଣ ସଫଳ ହୋଇଛି। ସାନଭାଇର ଯକୃତ ଗ୍ରହଣ କରି ବଡ଼ଭାଇ ନୂଆ ଜୀବନ ପାଇଛନ୍ତି। ପୁରୀ ଜିଲା ପିପିଲି ଅଞ୍ଚଳର ୩୭ ବର୍ଷୀୟ ଯୁବକ ନିଜର ଅସୁସ୍ଥ ଯକୃତ କାରଣରୁ ଲକ୍ଷାଧିକ ଟଙ୍କା ବ୍ୟୟ କରି ଏକପ୍ରକାର ଅସହାୟ ହୋଇପଡ଼ିଥିଲେ। ସୁସ୍ଥ ହେବାର କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ଉନ୍ନତ ଚିକିତ୍ସା ପାଇଁ ପ୍ରାୟ ୮୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ବିଭିନ୍ନ ହସ୍ପିଟାଲ ପକ୍ଷରୁ କୁହାଯିବା ପରେ ସେ ମାନସିକ ସ୍ତରରେ ଭାଙ୍ଗିପଡ଼ିଥିଲେ। ଶେଷରେ ଏମ୍‌ସରେ ଆୟୁଷ୍ମାନ୍ ଭାରତ ଯୋଜନା ମାଧ୍ୟମରେ ସୁଲଭ ମୂଲ୍ୟରେ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିରେ ତାଙ୍କ ଯକୃତ ପ୍ରତିରୋପଣ କରାଯାଇଛି। ୩୦ ବର୍ଷୀୟ ସାନଭାଇ ଯକୃତ ପ୍ରଦାନ କରିଛନ୍ତି। ପ୍ରତିରୋପଣ ପରେ ଉଭୟ ଭାଇ ସୁସ୍ଥ ଅଛନ୍ତି। ସାନଭାଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିବା ବେଳେ ଆଉ କିଛିଦିନ ମଧ୍ୟରେ ବଡ଼ଭାଇ ମଧ୍ୟ ଡିସ୍‌ଚାର୍ଜ ହେବେ ବୋଲି ଏମ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ. ଆଶୁତୋଷ ବିଶ୍ୱାସ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଚଳିତବର୍ଷ ଏମ୍‌ସରେ ଏକ ସ୍ୱତନ୍ତ୍ର ଯକୃତ ପ୍ରତିରୋପଣ ଓପିଡି ଆରମ୍ଭ ହୋଇଥିବାବେଳେ ୧୦ ଶଯ୍ୟା ବିଶିଷ୍ଟ ଅତ୍ୟନ୍ତ ଉନ୍ନତ ପ୍ରତିରୋପଣ ଇଣ୍ଟେନ୍‌ସିଭ କେୟାର ୟୁନିଟ୍ (ଆଇସିୟୁ) ୨୦୨୫ ନଭେମ୍ବରରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ତେବେ ସଫଳ ହୋଇଥିବା ଏହି ପ୍ରଥମ ଯକୃତ ପ୍ରତିରୋପଣ ପାଇଁ ୫୦ରୁ ଅଧିକ ସଦସ୍ୟଙ୍କୁ ନେଇ ଗଠିତ ଅସ୍ତ୍ରୋପଚାର ଦଳକୁ ପ୍ରାୟ ୧୪ ଘଣ୍ଟା ସମୟ ଲାଗିଥିଲା। ଏମ୍‌ସ ଭୁବନେଶ୍ୱର ଗ୍ୟାଷ୍ଟ୍ରୋସର୍ଜରି ବିଭାଗ ମୁଖ୍ୟ ଡା. ବ୍ରହ୍ମଦତ୍ତ ପଟ୍ଟନାୟକ, ଡା. ତନ୍ମୟ ଦତ୍ତ ଏବଂ ଡା. ସୁନୀତା ଗୁପ୍ତାଙ୍କ ନେତୃତ୍ୱରେ ନୂଆଦିଲ୍ଲୀର ଆଇଏଲ୍‌ବିଏସ୍‌ର ଲିଭର ପ୍ରତିରୋପଣ ଅସ୍ତ୍ରୋପଚାର ମୁଖ୍ୟ ପ୍ରଫେସର ଡା. ବିନୟେନ୍ଦ୍ର ପାମେଚା ଏବଂ ତାଙ୍କ ବିଶେଷଜ୍ଞ ଦଳର ମାର୍ଗଦର୍ଶନରେ ଏହି ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଥିଲା। ଏମ୍‌ସ ଭୁବନେଶ୍ୱର ପେଡିଆଟ୍ରିକ୍ସ ସର୍ଜରି ବିଭାଗର ଡା. ସୁବ୍ରତ କୁମାର ସାହୁ ଶଲ୍ୟଚିକିତ୍ସା ଦଳର ଜଣେ ପ୍ରମୁଖ ସଦସ୍ୟ ଥିଲେ। ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡା, ଡିଡିଏ ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ଶିଶୁ ଚିକିତ୍ସା ବିଭାଗ ମୁଖ୍ୟ ତଥା ଓଟି କମିଟି ଅଧ୍ୟକ୍ଷ ଡା. ମନୋଜ କୁମାର ମହାନ୍ତିଙ୍କ ପକ୍ଷରୁ ସହଯୋଗ ମିଳିଥିଲା। ଆନାସ୍ଥେସିଓଲୋଜି ଓ କ୍ରିଟିକାଲ କେୟାର ମୁଖ୍ୟ ଡା. ସତ୍ୟଜିତ ମିଶ୍ର, ଡା. ଶ୍ରୀତମ ସ୍ୱରୂପ ଜେନା ଏବଂ ଡା. ପ୍ରସନ୍ନ କୁମାର ଦାସ ନିଶ୍ଚେତକ ସହାୟତା ପ୍ରଦାନ କରିଥିଲେ। ଡା. ତାରା ପ୍ରସାଦ ତ୍ରିପାଠୀ ଓ ଡା. ରଞ୍ଜନ କୁମାର ପଟେଲଙ୍କ ଦ୍ୱାରା ରେଡିଓଲୋଜିକାଲ ସହାୟତା ସୁନିଶ୍ଚିତ କରାଯାଇଥିଲା। ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗୀୟ ମୁଖ୍ୟ ଡା. ମାନସ କୁମାର ପାଣିଗ୍ରାହୀ ଓ ଡା. ହେମନ୍ତ କୁମାର ନାୟକ ଏହି ପ୍ରକ୍ରିୟାରେ ବିଶେଷ ଭୂମିକା ନିର୍ବାହ କରିଥିଲେ। ଡା. ସୋମନାଥ ମୁଖାର୍ଜୀ, ଡା. ଅଂଶୁମାନ ସାହୁ



ଯକୃତ ପ୍ରତିରୋପଣ ହୋଇଥିବା ରୋଗୀଙ୍କ ସହ ଡାକ୍ତରୀ ଟିମ୍।

**ବଡ଼ ଭାଇଙ୍କୁ ଯକୃତ ଦାନ କଲେ ସାନ**

ଓ ଟିମ ପକ୍ଷରୁ ରକ୍ତଭଣ୍ଡାର ସେବା ଯୋଗାଇ ଦିଆଯାଇଥିଲା। ନର୍ସିଂ ଅଧୀକ୍ଷକ ଡା. ଭି. ମହାଲିଙ୍ଗମ୍‌ଙ୍କ ନେତୃତ୍ୱରେ ନର୍ସିଂ ଓ କ୍ରିଟିକାଲ କେୟାର ନର୍ସିଂ ବୃତ୍ତିଗତଙ୍କ ଏକ ପ୍ରତିବଦ୍ଧ ଦଳ ଦ୍ୱାରା ସାମଗ୍ରିକ ନର୍ସିଂ ସେବା ପ୍ରତିରୋପଣର ସଫଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଦୀପକ ନାରାୟଣଙ୍କ ଦ୍ୱାରା ଅଙ୍ଗ ପ୍ରତିରୋପଣ ରୋଗୀ ପରାମର୍ଶ ପ୍ରକ୍ରିୟା ସମନ୍ୱିତ କରାଯାଇଛି। ପ୍ରକାଶ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବୈଷୟିକ ସହାୟତା ଯୋଗାଇ ଦିଆଯାଇଥିଲା ବୋଲି ପ୍ରଫେସର ବିଶ୍ୱାସ କହିଛନ୍ତି।




# ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା, ୨ ମୃତ

**କବିସୂର୍ଯ୍ୟନଗର, ୩୧।୧୨ (କୃପାସିନ୍ଧୁ ସ୍ୱାଇଁ)**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ବୁଢ଼ାଆମ୍ବ ନିକଟରେ ବୁଧବାର ବାଇକ ସହ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକମାନେ ହେଲେ କୋଦଳା କୁମୁଟି ସାହିର ଦୁଇ ପଡୋଶୀ ରୁଦ୍ରନାରାୟଣ ଦାଶ ଓ ରଶ୍ମିରଞ୍ଜନ ପାଢ଼ୀ। ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳର ପବିତ୍ର ବିଦ୍ଧାଣି ଗୁରୁତର ଆହତ ହୋଇଛନ୍ତି। ରୁଦ୍ରନାରାୟଣ ଓ ରଶ୍ମିରଞ୍ଜନ ଗୋଟିଏ ବାଇକ୍‌ରେ କବିସୂର୍ଯ୍ୟନଗରରୁ କୋଦଳା ଅଭିମୁଖେ ଯିବା ସମୟରେ ବୁଢ଼ାଆମ୍ବ ନିକଟରେ ବିପରିତ ଦିଗରୁ ଆସୁଥିବା ପବିତ୍ରଙ୍କ ସ୍କୁଟି ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ୨ ବାଇକ୍ ଆରୋହୀଙ୍କ ସହ ସ୍କୁଟିରେ ଥିବା ୩ ଜଣ ରାସ୍ତା ଉପରେ ଛିଟିକି ପଡି ରହିଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ରୁଦ୍ରନାରାୟଣ ଓ ରଶ୍ମିରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁରସ୍ଥିତ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। କବିସୂର୍ଯ୍ୟନଗର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ।









## ସଂକ୍ଷେପରେ

### ସିଂହପୁର ବରିଷ୍ଠ ନାଗରିକ ମଞ୍ଚର ବନ୍ଧୁମିଳନ

ସିଂହପୁର,୩୧।୧୨(ଅନଙ୍ଗ ଉଦୟ ବେଉରିଆ): ସିଂହପୁର ବରିଷ୍ଠ ନାଗରିକ ମଞ୍ଚର ଏକ ବନ୍ଧୁମିଳନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ପଦ୍ମନାଭ ଦାଶଙ୍କ ଅଧ୍ୟକ୍ଷତାରେ ସିଂହପୁର ଏମ୍‌ଭିଏନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୦୨୫ର ଅନ୍ତିମ ଦିବସକୁ ବିଦାୟ ଦିଆଯାଇ ଇଂରାଜୀ ନବବର୍ଷ ୨୦୨୬ରେ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରାଯାଇଛି। ବୈଠକ ଆରମ୍ଭରେ କୃଷ୍ଣଚନ୍ଦ୍ର ବେହୁରିଆ ଓ ବ୍ରଜ ସୁନ୍ଦର ଦାସଙ୍କ ଅମର ଆତ୍ମାର ସଦ୍‌ଗତ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ସୁଶାନ୍ତ ନାୟକ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହ ପରିଚୟ ପ୍ରଦାନ କରିଥିଲେ। ଖରସ୍ରୋତା ଅବବାହିକାର ୮୦ ବରିଷ୍ଠ ନାଗରିକ ଯୋଗଦେଇ ନିଜର ବୃତ୍ତିଗତ, ପାରିବାରିକ ଜୀବନ ସହ ସାମାଜିକ ଜୀବନରେ ସେମାନଙ୍କର ନିରନ୍ତର ତ୍ୟାଗ, ସମର୍ପଣ ଓ ସେବାକୁ ମଧୁମୟ କରିବା ଲାଗି ନିରନ୍ତର ଉଦ୍ୟମ ଜାରି ରଖିବାକୁ ବଦ୍ଧପରିକର ହୋଇଥିଲେ। ନିୟମିତ ବ୍ୟବଧାନରେ ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ମାଗଣାରେ କିମ୍ବା ପଚାଶ ପ୍ରତିଶତ ରିହାତିରେ ସବୁ ପ୍ରକାରର ଚିକିତ୍ସା ସରକାର ଯୋଗାଇ ଦେବାକୁ ପ୍ରାକ୍ତନ ଅଧ୍ୟକ୍ଷ ପରିଡ଼ା ନିଜ ଅଭିଭାଷଣରେ ମତ ରଖିଥିଲେ। ସନ୍ତୋଷ ବେହୁରିଆ ଭଜନ ଗାଇଥିଲେ। କବି ଗଦାଧର ପଢ଼ିଆରୀଙ୍କ କବିତା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ନାରାୟଣ ଚନ୍ଦ୍ର ଦାସ ମନ୍ତ୍ର ପାଠ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ନାଗରିକ ନିରଞ୍ଜନ ଦାସ, ସୁବାସ ଚନ୍ଦ୍ର ପ୍ରଧାନ, ଶରତ ନାୟକ, ପ୍ରଦୀପ ଜେନା, ମେଘନାଦ ମହାଳିକ, କୃଷ୍ଣଚନ୍ଦ୍ର ବେହେରା, ଅକ୍ଷୟ ସାମଲ, ପୁରୁଷୋତ୍ତମ ବେହେରା, କ୍ଷୀରୋଦ ବେହେରା, ଦେବେନ୍ଦ୍ର ସାମଲ, ପଦ୍ମଚରଣ ଧଳ, ଗୋଲକ ଚନ୍ଦ୍ର ଦାସ, ଘନଶ୍ୟାମ ଦାସ, ଅଶୋକ ପଣ୍ଡା, ବଂଶୀଧର ବେହେରା. ନିରଞ୍ଜନ ଥାଟୋଇ, ରତ୍ନାକର ସାମଲ, ଅର୍ଜୁନ ଚରଣ ଦାଶ, କୃଷ୍ଣଚନ୍ଦ୍ର ଭୂୟାଁ, ଅଭୟ ବିଶ୍ୱାଳ, ଅମିୟ ବିଶ୍ୱାଳ, ନିତ୍ୟାନନ୍ଦ ସାମଲ ପ୍ରମୁଖ ସଂଯୋଜନା କରିଥିଲେ।

### ଫାଇନାଲରେ ଇଷ୍ଟ କୋଷ୍ଟ ରେଲୱେ ଖୋର୍ଦ୍ଧା

ଯାଜପୁରଟାଉନ,୩୧।୧୨(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି): ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ବୁଧବାର ତୃତୀୟ ଦିବସ ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଫାଇନାଲକୁ ଉନ୍ନିତ ହୋଇଛି। ଯାଜପୁର ଜିଲା କ୍ରିକେଟ୍ ଆସୋସିଏଶନ୍ ଓ ମେଲବର୍ଣ୍ଣ କ୍ରିକେଟ୍ କ୍ଲବ୍ ମିଳିତ ଉଦ୍ୟମରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ଇଷ୍ଟ କୋଷ୍ଟ ରେଲୱେ ଖୋର୍ଦ୍ଧା ଓ ଗୋପବନ୍ଧୁ କ୍ରିକେଟ୍ କ୍ଲବ୍ ଇନ୍ଦୁପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଷ୍ଟ କୋଷ୍ଟ ରେଲୱେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୧୯୧ ରନ୍ ସଂଗ୍ରହ କରିଥିଲା। ଗୋପବନ୍ଧୁ କ୍ରିକେଟ୍ କ୍ଲବ୍ ୨୧.୨ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୫୮ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା।

# ଚାଷୀଙ୍କୁ ମୌଳିକ ସୁବିଧା ଦେବାକୁ ନିର୍ଦ୍ଦେଶ


ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

### ୭ରୁ ଜିଲାରେ ଧାନ ସଂଗ୍ରହ

ଯାଜପୁର,୩୧।୧୨ (ହର୍ଷବର୍ଦ୍ଧନ ବେହେରା): ଖରିଫ ଋତୁ ୨୦୨୫-୨୬ରେ ମଣ୍ଡିରେ ଧାନ କ୍ରୟ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାପାଳ ଅମ୍ବର କୁମାର କର ଅଧ୍ୟକ୍ଷତା କରି ଜିଲାରେ ଜାନୁଆରୀ ୭ରୁ ଧାନ କ୍ରୟ କରାଯିବ ବୋଲି ସୂଚନା ଦେଇଥିଲେ। ଏଥିସହିତ ଜିଲାପାଳ ସଭାରେ ଉପସ୍ଥିତ ଅଧିକାରୀ, ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକର ସମ୍ପାଦକ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହ ଧାନକ୍ରୟ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଧାନ ମଣ୍ଡିରେ ଚାଷୀଙ୍କ ପାଇଁ ମୌଳିକ ସୁବିଧା କରିବା ସହ ଚାଷୀଙ୍କୁ ଉଚିତ ସମ୍ମାନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକସ୍ତରରେ ନୋଡାଲ ଅଧିକାରୀ ଓ ମଣ୍ଡି ସୁପରଭାଇଜର ବୈଠକ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେବା ସହ ଧାନ କ୍ରୟରେ ଅବହେଳା କିମ୍ବା ଅବ୍ୟବସ୍ଥା ନଜରକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ। ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ ଯୋଗଦେଇ କହିଥିଲେ, ମଣ୍ଡିରେ ଧାନ କ୍ରୟ ଓଡ଼ିଶା ସରକାରଙ୍କ ଏକ ଫ୍ଲାଗସିପ ଯୋଜନା। ଗତ ବର୍ଷ ପ୍ରାୟ ୫୬,୦୦୦ ଚାଷୀଙ୍କଠାରୁ ୨୦ ଲକ୍ଷ ୫୪ହଜାର ୩୦୫ କୁଇଣ୍ଟାଲରୁ ଅଧିକ ଧାନ କ୍ରୟ କରାଯାଇଥିଲା। ଏଥର ପ୍ରାୟ ୫୯,୯୬୦ ପଞ୍ଜୀକୃତ ଚାଷୀଙ୍କଠାରୁ ପ୍ରଥମ ପର୍ଯ୍ୟାୟରେ ୧୪ ଲକ୍ଷ ୩୦୦ କୁଇଣ୍ଟାଲରୁ ଅଧିକ ଧାନ କ୍ରୟ କରାଯିବା ପାଇଁ ଲକ୍ଷ୍ୟ ରହିଛି। ଧାନ କ୍ରୟ କେନ୍ଦ୍ରଗୁଡିକରେ ପାନୀୟ ଜଳ, ଆଲୋକ, ସିସିଟିଭି, ତାର୍ପୋଲିନ, ଆର୍ଦ୍ରତା ମେଶିନ ଏବଂ ବସିବା ବ୍ୟବସ୍ଥା କରିବା ପାଇଁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେବା ସହ ଏଥର କେବଳ ଝୋଟ ବ୍ୟାଗରେ ହିଁ ଧାନ କ୍ରୟ କରାଯିବ ବୋଲି କହିଥିଲେ। ଯାଜପୁରରେ ସୁବ୍ୟବସ୍ଥିତ ଢଙ୍ଗରେ ମଣ୍ଡିରେ ଧାନ କ୍ରୟ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏହାସହ ମଣ୍ଡି କ୍ରୟକୁ ସେଣ୍ଟ୍ରାଲ ମନିଟରିଂ ୟୁନିଟ ତଦାରଖ କରିବେ ବୋଲି ସୂଚନା ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଯୋଗାଣ ଅଧିକାରୀ ଦିଲୀପ କୁମାର ପାଣିଗ୍ରାହୀ, ଡିଆରସିଏସ ଅମୂଲ୍ୟ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହାସହ ୧୩୯ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ, ୪୨ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମାର୍କେଟିଂ ଇନ୍ସପେକ୍ଟର ଆଲୋଚନାରେ ଭାଗ ନେଇଥିଲେ। ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କୃଷ୍ଣ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

## ମା' ମଙ୍ଗଳାଙ୍କ ଯଜ୍ଞ ଉତ୍ସବ ଉଦ୍‌ଯାପିତ

ଚଢ଼େଇଧରା,୩୧।୧୨(ଦିଲୀପ ପରିଡ଼ା): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଥାନୁଆଳ ପଞ୍ଚାୟତ ଜାରାତଳୀ ପାହାଡ଼ ପାଦଦେଶରେ ମା' ମଙ୍ଗଳାଙ୍କ ବାର୍ଷିକ ଯଜ୍ଞ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମ ପୋଖରୀରୁ କଳସରେ ଜଳ ଅଣାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଏହାପରେ ଯଜ୍ଞ ଆରମ୍ଭ ହୋଇଥିଲା। ମା'ମଙ୍ଗଳାଙ୍କ ମନ୍ଦିରକୁ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯଜ୍ଞ ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତ ଯୋଗ ଦେଇଥିଲେ। କର୍ତ୍ତାଭାବେ ଯଦୁମଣି ଜେନା ଦାୟିତ୍ୱ ତୁଲାଇଥିଲେ।



## ଚଣ୍ଡିଖୋଲକୁ ଏନ୍‌ଏସି ମାନ୍ୟତା

ଚଣ୍ଡିଖୋଲ,୩୧।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି): ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ପୁରଣା ବର୍ଷ ଶେଷ ହୋଇ ନୂତନ ବର୍ଷ ଆରମ୍ଭ ହେବାକୁ ଯାଉଥିବାବେଳେ ବୁଧବାର ଚଣ୍ଡିଖୋଲକୁ ବିଜ୍ଞପିତ ଅଞ୍ଚଳ ପରିଷଦ(ଏନଏସି) ମାନ୍ୟତା ପ୍ରଦାନ କରାଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୩୧୯୦୨ରେ ୩୧-୧୨-୨୦୨୫ ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦରେ ୨୧ ଗ୍ରାମ ସ୍ଥାନ ପାଇଛି। ସେଗୁଡିକ ହେଲା ସୁଙ୍ଗୁଡା, ନିଶିମଳା, ନାରଣପୁର, ଖୋସାଲୀପୁର, ଦେବତା ସାହି, ବେଦପୁର, ଶାସନ ସୀମା, ରାମଚନ୍ଦ୍ରପୁର, ଧାନମଣ୍ଡଳ, ବଡ଼ଚଣା, ବଡ଼ଚଣା ବଜାର, ଦେଉଳକୁର, ଶାସନ ପୁରୁଷୋତ୍ତମପୁର, କାଞ୍ଜିଆ, ଅକବରାବାଦ, ରାଣୀବନ୍ଧୀ, ଖଣ୍ଡିଆବନ୍ଧି, ଭୂଷଣ୍ଡ ପୁରଓ ଦର୍ପଣଗଡ। ଏହିଘୋଷଣା ହେବା ପରେ ଭାଜପା ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନ, ଉପସଭାପତି ପ୍ରମୋଦ ଜେନା, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ଚନ୍ଦ୍ର ମହାପାତ୍ର ଓ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

ପୂର୍ବରୁ ସ୍ୱାୟତ୍ତ ଶାସନ ଦିବସରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚଣ୍ଡିଖୋଲକୁ ଏନଏସି ଘୋଷଣା କରାଯାଇଥିବାବେଳେ ଗତ ୨୨ ତାରିଖରେ ବାହାରିଥିବା ତାଲିକାରେ ନାମ ପ୍ରକାଶ ପାଇ ନ ଥିଲା। ଫଳରେ ବଡ଼ଚଣା ନିର୍ବାଚନମଣ୍ଡଳୀ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା।

## ଧର୍ମଶାଳା ସାହିତ୍ୟ ସମାଜର ବର୍ଷ ପୂର୍ତ୍ତି କବିତା ପାଠୋତ୍ସବ


କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୩୧।୧୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ସାହିତ୍ୟ ସମାଜର ବର୍ଷ ପୂର୍ତ୍ତି କବିତା ପାଠୋତ୍ସବ ସ୍ଥାନୀୟ ଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କାହ୍ନୁଚରଣ ଦାଶଙ୍କ ସଭାପତିତ୍ୱରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶିବଚରଣ ମାଝୀ ଓ ସୂର୍ଯ୍ୟମଣି ଖୁଣ୍ଟିଆ ଯୋଗ ଦେଇଥିଲେ। ପ୍ରଫୁଲ୍ଲ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ ବିବରଣୀ ପାଠ କରିଥିଲେ। କବି ଧ୍ରୁବଚରଣ ବିଶ୍ୱାଳଙ୍କ ପୁସ୍ତକ 'ମୋ ସ୍ମୃତି ଓ ଅନୁଭୂତିରୁ କିଛି'କୁ ଅତିଥି ଉନ୍ମୋଚନ କରିଥିଲେ। ପରେ କବିତା ପାଠୋତ୍ସବ ବେଣୁଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଜୟ ଦେବତା, ସବିତା ମିଶ୍ର ଓ ଗଣେଶ୍ୱର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଜକିଶୋର ପାଢ଼ୀ, ସରୋଜିନୀ ପଣ୍ଡା, ନରୋତ୍ତମ ସାହୁ, ବିଦ୍ୟୁତ୍‌ଲତା ଦାସ, ମିନତି ସାହୁ, ଶଶୀଭୂଷଣ ଦ୍ୱାରୀ, ଶୁଭକାନ୍ତ ନାୟକ, ପ୍ରେମଲତା ମହାରଣା, ଦିନବନ୍ଧୁ କର, ସଂଗ୍ରାମ ଜେନା, ଦେବେନ୍ଦ୍ର ପଟ୍ଟନାୟକ ପ୍ରମୁଖ କବିତା ପାଠ କରିଥିଲେ। ଏହି ଅବସରରେ ନିର୍ବାଚିତ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଯାଇଥିଲା। ଯୁଗଳ କିଶୋର ଦାସ ଧନ୍ୟବାଦ ଦେଇଥିଲେ।

### ମଦ୍ୟପଙ୍କ ଉପରେ ନଜର ରଖିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

ଚଣ୍ଡିଖୋଲ,୩୧।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି): ଯାଜପୁର ଜିଲାପାଳ ଅମ୍ବର କୁମାର କର ଜାନୁଆରୀ ୫ରୁ ୨୫ତାରିଖ ପର୍ଯ୍ୟନ୍ତ ମଦଦୋକାନ ଓ ମଦ୍ୟପଙ୍କ ଉତ୍ପାତ ଉପରେ କଡ଼ା ନଜର ରଖିବାକୁ ଧର୍ମଶାଳା ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବଡ଼ଚଣା ନିର୍ବାଚନମଣ୍ଡଳୀରେ ଜାନୁଆରୀ ୭ରୁ୨୪ ପର୍ଯ୍ୟନ୍ତ ୩ ବଡ଼ କାର୍ଯ୍ୟକ୍ରମ ରହିଛି। ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଆମ ବଡ଼ଚଣା ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ବହୁ ଦାମୀ କଳାକାର ଯୋଗଦେବେ। ଏଥିସହିତ ବହୁ ମନ୍ତ୍ରୀ ଓ ବିଧାୟକ ମଧ୍ୟ ଆସିବେ। ସେହିପରି ୧୦ରୁ୧୬ ତାରିଖ ପର୍ଯ୍ୟନ୍ତ ଉଦୟଗିରିଠାରେ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ୨୦ ଦେଶରୁ ବହୁ ବୌଦ୍ଧ ସନ୍ନ୍ୟାସୀ ଆସି ଏଥିରେ ସାମିଲ ହେବେ। ଠିକ ଏହି ସମୟରେ ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ଅନୁଷ୍ଠିତ ହେବ। ଏହା ଜାନୁଆରୀ ୧୪ରୁ ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଯେହେତୁ ୩ ବଡ଼ ଐତିହ୍ୟ ଓ ସାଂସ୍କୃତିକ ଉତ୍ସବ ପାଳନ ହେବ ସେଥିପାଇଁ ଧର୍ମଶାଳା ଅବକାରୀ ବିଭାଗର ବିଭାଗ ଏସ୍‌ଆଇ ଶୁଭଶ୍ରୀ ମହାପାତ୍ରଙ୍କୁ ଓଳାଶୁଣୀ ଗୁମ୍ଫା ମେଳା ପ୍ରଶାସନିକ ପ୍ରସ୍ତୁତି ବୈଠକରେ ଜିଲାପାଳ ଉପରୋକ୍ତ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

### ଶାନ୍ତି ବଜାରରୁ ବାଇକ୍ ଚୋରି

ଧର୍ମଶାଳା,୩୧।୧୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଶାନ୍ତିବଜାର କଲୋନୀରୁ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ କଲୋନୀର ଦେବବ୍ରତ ରାଉତ ଅଭିଯୋଗ କରିଛନ୍ତି ଯେ, ସେ ତାଙ୍କ ବାଇକକୁ ସନ୍ଧ୍ୟା ୭ଟାରେ ଘର ଆଗରେ ରଖି ଭିତରକୁ ଯାଇଥିଲେ। ୭ଟା୩୦ରେ ଆସି ଦେଖନ୍ତିତ ବାଇକ ନ ଥିଲା। ଏନେଇ ସେ ଥାନାରେ ଏତଲା ଦେବା ପରେ ପୋଲିସ ନଂ.୭୭୭/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ଗତ କିଛି ଦିନ ତଳେ ବାରବାଟୀ ମାର୍କେଟରୁ ମଧ୍ୟ ବାଇକ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏବେ ଧର୍ମଶାଳା ମହୋତ୍ସବ ଚାଲିଛି। ଏହି ୭ଦିନ ମଧ୍ୟରେ ଜଣେ ଯୁବତୀଙ୍କ ମୋବାଇଲ୍‌କୁ ଦୁର୍ବୃତ୍ତ ଛଡ଼ାଇ ନେବା ସହ ଅନ୍ୟ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଛିଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଏଥିପ୍ରତି ପୋଲିସ ସଜାଗ ରହିବାକୁ ସାଧାରଣରେ ଦାବି ହୋଇଛି।

## ଆଦିବାସୀଙ୍କୁ କବାଟବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସହାୟତା



ଜେନାପୁର,୩୧।୧୨ (ଅଶୋକ ଦାସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୁରୁସାହିରେ ୨୫ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରୁଛନ୍ତି। ସେଠାରେ ଆଦିବାସୀ ପିଲାଙ୍କ ସହ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ନିହାର ରଞ୍ଜନ କର ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରିବା ସହ ସେମାନଙ୍କୁ ସହାୟତା ପ୍ରଦାନ କରିଛନ୍ତି। ସେ ପିଲାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ପଢ଼ିବା ପାଇଁ ବହି ଅନ୍ୟ ସାମଗ୍ରୀ ଦେଇଛନ୍ତି। ମହିଳାମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ଆଞ୍ଚଳର ଗଣମାଧ୍ୟମ ପ୍ରତିନିଧି ଓ ସ୍ୱେଚ୍ଛାସେବୀ ଯୋଗଦେଇ ସହଯୋଗ କରିଥିଲେ।

# ବାଲି ଘାଟ ରାସ୍ତା ଖୋଳାହେଲା

କାଏମା,୩୧।୧୨( ଶିବପ୍ରସାଦ ମହାନ୍ତି): ଧର୍ମଶାଳା ତହସିଲ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତ କେଲୁଅ ନଦୀର ନୂଆସାହି ଏବଂ ଗୋପନଗର ଗ୍ରାମ ନିକଟରେ ବେଆଇନ ବାଲି ଚାଲାଣ ପାଇଁ କରାଯାଇଥିବା ରାସ୍ତାକୁ ବୁଧବାର ଜେସିବି ଲଗାଇ ଖୋଳି ଦିଆଯାଇଛି। କାଏମା ଆର୍‌ଆଇ ମାନସ ବେଜଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ କରାଯାଇଛି। ଏହି ସମୟରେ କେତେଜଣ ବ୍ୟକ୍ତି ବିଶେଷ ଆସି ବିଭିନ୍ନ ଆଳଦେଖାଇ ଏହାକୁ ବନ୍ଦ କରିବା ପାଇଁ ପ୍ରୟାସ କରି ବିଫଳ ହୋଇଥିଲେ। ସେହିପରି ଏହାର ନିକଟରେ ଥିବା ଅନ୍ୟ ଏକ ବେଆଇନ ବାଲିଘାଟକୁ ଥିବା ଅନ୍ୟ ରାସ୍ତାକୁ ମଧ୍ୟ ଖୋଳାଯାଇଛି। ଏହି ଘାଟ ଲିଜ ଥିବା ସମୟରେ ସ୍ଥାନୀୟ ଲୋକେ ବିଭିନ୍ନ ସମସ୍ୟା ହେଉଥିବା ଦର୍ଶାଇ ଏହାକୁ ବନ୍ଦ କରିବା ନିମନ୍ତେ ବାରମ୍ବାର ଦାବି କରି ଆସୁଥିଲେ। କିଛି ମାସ ପୂର୍ବରୁ ଭୋର ସମୟରେ ଏକ ବାଲି ବୋଝେଇ ଟ୍ରାକ୍ଟର ବିନା ଲାଇଟରେ ବାଲି ବୋଝେଇ କରି ଯାଉଥିବାବେଳେ ବନ୍ଧ ରାସ୍ତାରେ ଏକ ବାଇକ ସହ ଧକ୍କା ହୋଇଥିଲା। ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଗୁରୁତର ହୋଇଥିଲେ।

ଗତ ସୋମବାର ଅପରାହ୍ନରେ ଏହି ରାସ୍ତାକୁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଜେସିବି ଲଗାଇ ଖୋଳୁଥିବା ବେଳେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। କେତେଜଣ ବାଲି ଚାଲାଣକାରୀ ପହଞ୍ଚି ଗଣ୍ଡଗୋଳ କରିବା ସହ ଜେସିବିକୁ ଟେକା ପଥର ମାଡ଼ କରି ଖୋଳିବା କାର୍ଯ୍ୟ ବନ୍ଦ କରିଥିଲେ।


ବାଲିଘାଟକୁ ଯାଇଥିବା ରାସ୍ତା ଖୋଳାଯାଉଛି।

# ଲୋକଙ୍କ ସର୍ବାଙ୍ଗୀନ ବିକାଶ ଏକମାତ୍ର ଲକ୍ଷ୍ୟ: ବିଧାୟକ

### ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ

ଯାଜପୁର,୩୧।୧୨(ହର୍ଷବର୍ଦ୍ଧନ ବେହେରା): ଯାଜପୁର ଜିଲା ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟିର ଏକ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ହିମାଂଶୁ ଶେଖର ସାହୁ ଅଧ୍ୟକ୍ଷତା କରି ଲୋକଙ୍କ ସର୍ବାଙ୍ଗୀନ ବିକାଶ ହିଁ ଏକ ମାତ୍ର ଲକ୍ଷ୍ୟ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିସହିତ ନିର୍ବାଚନମଣ୍ଡଳୀ ଅଞ୍ଚଳରେ ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର ଅଗ୍ରଗତି ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଯେଉଁ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ସମସ୍ୟା ରହୁଛି ସେ ସମ୍ପର୍କରେ ବିଧାୟକ ଏବଂ ଜିଲାପାଳଙ୍କୁ ଅବଗତ କରି ବରିଷ୍ଠ ଅଧିକାରୀମାନେ ମିଳିତ ପ୍ରୟାସ କଲେ ଯଥାଶୀଘ୍ର ଏହାର ସମାଧାନ ହୋଇପାରିବ ବୋଲି ବିଧାୟକ କହିଥିଲେ। ବିଶେଷ କରି ରାସ୍ତା ଆଲୋକୀକରଣ, ଗ୍ରାମାଞ୍ଚଳରେ ଉନ୍ନତ ବିଦ୍ୟୁତ ସେବା, ଯୋଗାଯୋଗ ସୁବିଧା, ସେତୁ ପ୍ରକଳ୍ପ ଗୁଡିକ ଇତ୍ୟାଦି ଉପରେ ବିଧାୟକ ଅଧିକ ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।



ବୈଠକରେ ଧର୍ମଶାଳା ବିଧାୟକ, ଜିଲାପାଳ ଓ ଅନ୍ୟଅଧିକାରୀ।

ବୈଠକରେ ଜିଲାପାଳ ଅମ୍ବର କୁମାର କର ଏବଂ ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ ଯୋଗ ଦେଇଥିଲେ। ଜିଲାରେ ଯେପରି ଆଇନ ଶୃଙ୍ଖଳା ପରିସ୍ଥିତି ସୁଦୃଢ଼ ରହିବ ସେ ଦିଗରେ ବିଧାୟକ ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା କରିଥିଲେ। ଜାରକାରେ ନୂତନ ପୋଲିସ ବିଟହାଉସ ନିର୍ମାଣ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ସେହିଭଳି ରାସ୍ତାଘାଟ ଏବଂ ସେତୁଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ଡ୍ରେନେଜ ଉପରେ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦିଆଯାଇଥିଲା। ଏହାବାଦ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ଏବଂ ଆଇନ ଶୃଙ୍ଖଳା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ବିଧାୟକ କହିଥିଲେ। ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସ୍ୱାସ୍ଥ୍ୟ ଭିତ୍ତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ଜଳ ଅଭାବ ଅଞ୍ଚଳରେ ତୁରନ୍ତ ପାନୀୟଜଳ ଯୋଗାଇ ଦେବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ କୃଷି, ସ୍ୱାସ୍ଥ୍ୟ, ଜଳସେଚନ, ଲଘୁ ଜଳସେଚନ, ଉଠା ଜଳସେଚନ, ପ୍ରାଣୀ ଚିକିତ୍ସା, ଦକ୍ଷତା ବିକାଶ, ବିଦ୍ୟୁତ, କ୍ରୀଡା, ଜଙ୍ଗଲ, ଖଣି, ଲଘୁ ଖଣିଜ ସମ୍ପଦ, ପରିବହନ, ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲାପାଳ ତାପସରଞ୍ଜନ ଦେହୁରୀ, ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଅର୍ଚ୍ଚିତା ଦାସ ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନଦୀର ସ୍ଥିତି ବଦଳାଉଛି ଜବରଦଖଲ



ନୟନଯୋରୀକୁ ଜବରଦଖଲ କରାଯାଇଛି।



ଜବରଦଖଲ କରି ଘର ନିର୍ମାଣ କରାଯାଇଛି।

ପାରାଦୀପ, ୩୧।୧୨
(ଶରତ ରାଉତ)

ରାଜ୍ୟ ସରକାର ସରକାରୀ ଜମିରୁ ଜବରଦଖଲ ହଟିବ ବୋଲି କହିଛନ୍ତି। ନିକଟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ, ଯେଉଁଠାରେ ସରକାରୀ ଜମି ଜବରଦଖଲ କରି ଘରବାଡ଼ି ଲୋକେ କରିଛନ୍ତି ସେମାନେ ତୁରନ୍ତ ଭାଙ୍ଗି ଦିଅନ୍ତୁ, ନ ହେଲେ ଯେତେବେଳେ ପ୍ରଶାସନିକ ଅଧିକାରୀ ଜବରଦଖଲ ହଟାଇବେ ସେ ସମୟରେ ସମସ୍ତ ଖର୍ଚ୍ଚ ଜବରଦଖଲକାରୀଙ୍କଠାରୁ ଆଦାୟ କରାଯିବ। ହେଲେ ଏଠାରେ ପ୍ରଶାସନ ନିଦାବିଷ୍ଟୁ ପାଲଟିଛି। ସରକାରଙ୍କ ତାଗିଦ ସତ୍ତ୍ୱେ ଜବରଦଖଲ ହଟାଯାଉନାହିଁ। ଯାହାକି ଜଳ ନିଷ୍କାସନର ପ୍ରତିବନ୍ଧକ ସାଜିଛି। ତେଣୁ ତୁରନ୍ତ ଜବରଦଖଲରେ ଥିବା ସରକାରୀ ଜାଗାକୁ ଉଚ୍ଛେଦ ପାଇଁ ରାଜସ୍ୱ ମନ୍ତ୍ରୀ ପୂଜାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ପାରାଦୀପ ବନ୍ଦର ନିର୍ମାଣ କାର୍ଯ୍ୟ ୧୯୬୨ରେ ଆରମ୍ଭ ହୋଇଥିଲା। ସେତେବେଳେ ପାରାଦୀପଠାରୁ କୁଜଙ୍ଗ ପର୍ଯ୍ୟନ୍ତ ଅଞ୍ଚଳରେ ୫୭ଟି ନଦୀ, ଯୋର, ସଇରାତ ଆଦି ଥିଲା। ପରବର୍ତ୍ତୀ ସମୟରେ ଶିଳ୍ପ ସଂସ୍ଥା ବୃଦ୍ଧି ପାଇବା ସହ ଜନବସତି ଅଧିକ ହୋଇଛି। ଏହି ୫୦ବର୍ଷ ମଧ୍ୟରେ ଅନେକ ନଦୀ ଲୀନ ହୋଇଗଲାଣି। ଜବରଦଖଲ ଯୋଗୁ ଏବେ ଯେଉଁ କେତୋଟି ନଦୀ ଦୃଶ୍ୟମାନ ଅଛି, ତାହା ଧୀରେ ଧୀରେ ପୋତା ଚାଲିଛି। ଏପରି ହେବା ଦ୍ୱାରା ପାରାଦୀପଗଡ଼ ସମେତ ୭ ପଞ୍ଚାୟତରେ ବର୍ଷା ଜଳ ନିଷ୍କାସନ ପଥ ବନ୍ଦ ହୋଇଗଲାଣି। ଏ ନେଇ ଅଧିକାଂଶ ସମୟରେ ପାରମ୍ପରିକ ମତ୍ସ୍ୟଜୀବୀ ସଂଘ, ଗ୍ରାମବାସୀ ଓ ଅନ୍ୟ ସଙ୍ଗଠନ ପକ୍ଷରୁ ଜଗତ୍‌ସିଂହପୁର ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ଏବେ ପାରାଦୀପ ଉପକଣ୍ଠ ଉଦୟବଟ ମୌଜାରେ ଥିବା ନୟନଯୋରିକୁ ପୋତି ଘରବାଡି କରି କଲୋନି ଗଢ଼ି ଉଠିବା ଘଟଣାକୁ ନେଇ ଶତାଧିକ ଚାଷୀ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସୁରେନ୍ଦ୍ର ବାରିକ, ପଦନା ମଙ୍ଗରାଜଙ୍କ ଭଳି ଚାଷୀ ଅଭିଯୋଗରେ ଦର୍ଶାଇଛନ୍ତି, ଉଦୟବଟ ମୌଜା ପ୍ଲଟ ନଂ. ୧୩୦୭ ଓ ୧୩୦୯ ହେଉଛି ନୟନଯୋରି ଜଳପଥ। ୧୯୩୦ ମସିହା ବନ୍ଦୋବସ୍ତ ସମୟରୁ ଏହା ଯୋର ଥିବା ତହସିଲ ରେକର୍ଡରେ ରହିଛି। ଗତ ୬ ମାସ ହେଲା ସେହି ଯୋର ଜାଗା ଉପରେ କେତେଜଣ ଲୋକ ଘରବାଡି ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି। କେବଳ ସେତିକି ନୁହେଁ, କୁଜଙ୍ଗ ତହସିଲ କାର୍ଯ୍ୟାଳୟରେ ମାମଲା (ନଂ. ୭/୯୯ ଓ ୧୭୪/୨୦୦୮) ରୁଜୁ କରି କେତେଜଣ ନଦୀ ଜାଗାକୁ କିସମ ପରିବର୍ତ୍ତନ କରି ବିକ୍ରି କରୁଛନ୍ତି। ଏମିତି ଅନେକ ନଦୀର ପଥ ପରିବର୍ତ୍ତନ ହୋଇ ସେଠାରେ ଜନବସତି ହୋଇଯାଇଛି। ଫଳରେ ପାଣି ନିଷ୍କାସନ ସମସ୍ୟା ସୃଷ୍ଟି ହେଉଛି। ସୂଚନାଯୋଗ୍ୟ, ପାରାଦୀପଠାରୁ କୁଜଙ୍ଗ ପର୍ଯ୍ୟନ୍ତ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ପାଖରେ ଜମିର ମୂଲ୍ୟ ବୃଦ୍ଧି ପାଇଛି। ଏବେ ଏକର ପିଛା ପ୍ରାୟ ୨ କୋଟିରୁ ଅଧିକ ଟଙ୍କାରେ କିଣାବିକା ହେଉଛି ବୋଲି ଉଦୟବଟ ମୌଜାର ହରେକୃଷ୍ଣ ସାହୁ କହିଛନ୍ତି। ଏହାର ସୁଯୋଗରେ କେତେଜଣ ପ୍ରଭାବଶାଳୀ ଲୋକ ପ୍ରଶାସନିକ ଗଳା ବାଟ ଦେଇ ଏପରି ଜମିକୁ ହାତେଇଛନ୍ତି। ଏ ସମ୍ପର୍କରେ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କୁ ପଚାରିବାରେ ଏପରି ଅଭିଯୋଗ ଉପରେ ପ୍ରଶାସନିକ ତର୍ଜମା ଚାଲିଛି। ସରକାରୀ ଜମିଗୁଡ଼ିକ ଉପରେ ଥିବା ଜବରଦଖଲ ମୁକ୍ତ କରାଯିବ ବୋଲି ସେ କହିଛନ୍ତି।

- ନୟନଯୋରୀ, ଏବେ କଲୋନି
- ଜଳ ନିଷ୍କାସନରେ ବାଧା
- ଜବରଦଖଲକାରୀ ଜାଗା ଛାଡ଼ନ୍ତୁ, ନ ହେଲେ ଉଚ୍ଛେଦ ଖର୍ଚ୍ଚ ବହନ କରିବେ

# ଜାନୁଆରୀ ୨୫ରୁ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

କୁଜଙ୍ଗ,୩୧।୧୨(ମନୋଜ ପ୍ରଧାନ )

କୁଜଙ୍ଗ ବ୍ଲକ ଅନ୍ତର୍ଗତ ଫତେପୁର ଖେଳପଡ଼ିଆରେ ଜାନୁଆରୀ ୨୫ରୁ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏ ନେଇ ବୁଧବାର ଜୀବନ ଜ୍ୟୋତି ପାଠାଗାର ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟର ରୂପରେଖ ସମ୍ପର୍କରେ ସୂଚନା ଦିଆଯାଇଛି। ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରସାଦ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ନିରଞ୍ଜନ ପ୍ରଧାନ, ସାଗର ପ୍ରଧାନ, ସନ୍ତୋଷ ମାଝୀ, ନିତ୍ୟାନନ୍ଦ ସାମଲ, ପ୍ରଫୁଲ୍ଲ ଲେଙ୍କା, ସୁଧାଂଶୁ ବରାଳ, ସୁଧୀର ରାଉତ, ସୋମ୍ୟରଞ୍ଜନ ରାଉତ, ରଞ୍ଜନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଖେଳ ଗୌରବମୟ ପରମ୍ପରା ସମ୍ପର୍କରେ ସେମାନେ କହିବା ସହ ଆଗାମୀ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶର କେତେଗୋଟି ଦଳ ଭାଗ ନେବେ ବୋଲି ସୂଚନା ଦେଇଥିଲେ। ଏଥିସହ ୨ ଜାନୁଆରୀ ୩୧ରେ ଏକ ସର୍ବଭାରତୀୟ ମହିଳା କ୍ରିକେଟ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିପାଇଁ ପଡିଆ ଓ ଅନ୍ୟ ଭିତ୍ତିଭୂମି ପ୍ରସ୍ତୁତି ସାରିଛି। ବିଗତଦିନରେ ଦର୍ଶକଙ୍କ ଭିଡକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି।




ଖବରଦାତା ସମ୍ମିଳନୀରେ ଜୀବନଜ୍ୟୋତି ପାଠାଗାର କର୍ମକର୍ତ୍ତା।

# ମଧୁସୂଦନ ସେବାକୁଞ୍ଜର ବାର୍ଷିକ ଉତ୍ସବ

ନାଉଗାଁ, ୩୧।୧୨(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଚାନ୍ଦଖାଁପାଟଣା ମଠସାହିସ୍ଥିତ ମଧୁସୂଦନ ସେବାକୁଞ୍ଜରେ ୨୦ ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାତଃ ସମୟରେ ମନ୍ଦିରରେ ଧ୍ୱଜା ବନ୍ଧନ ସହ ସମୂହ ପ୍ରାର୍ଥନାର ଆୟୋଜନ କରାଯାଇଥିଲା। ପରେ ବାବା ଦାମୋଦର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଧର୍ମ ସମ୍ମିଳନୀରେ ବାବା ଦିବାକର ଦାସ ମହାରାଜ, ବାବା ଦିବ୍ୟ କୃଷ୍ଣ ଦାସ ମହାରାଜ, ବାବା ଚିତ୍ତ ବିନୋଦ ଦାସ, ବାବା ଆତ୍ମାକୃଷ୍ଣ ଦାସ, ବାବା ସୀତାରାମ ଦାସ, ବାବା ବାଇଧର ଦାସ, ବାବା ପୂର୍ଣ୍ଣଚନ୍ଦ୍ର ଦାସ, ବାବା ଅକ୍ଷୟ ଦାସ, ବାବା ଗୋପାଳ ଦାସ, ବାବା ଗୋବିନ୍ଦ ଚନ୍ଦ୍ର ଦାସ, ମା' ସବିତା ଦାସ, ମା' ବିନୋଦିନୀ ଦାସ ପ୍ରମୁଖ ଯୋଗଦେଇ ଗୁରୁବାଦ ଉପରେ ଆଲୋଚନା କରିଥିଲେ। ଗୁରୁ ବିନା ଜୀବନ ମୂଲ୍ୟହୀନ ବୋଲି ମତବ୍ୟକ୍ତ କରିଥିଲେ।

# ଅବସର ପର ଜୀବନ ମୁକ୍ତ ଆକାଶର ବିହଙ୍ଗ ସଦୃଶ

## ରେଢୁଆ କଲେଜ ଅଧକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରଘୁନାଥପୁର, ୩୧।୧୨
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସରୋଜ କୁମାର ପଣ୍ଡା ବୁଧବାର ଚାକିରିରୁ ଅବସରଗ୍ରହଣ କରିଛନ୍ତି। ଏହି ଅବସରରେ ବରିଷ୍ଠ ଅଧ୍ୟାପକ ପ୍ରତାପ କୁମାର ଲେଙ୍କା ଯୁକ୍ତ ୨ ଜୁନିୟର କଲେଜର ଅଧକ୍ଷ ଓ ଅଧ୍ୟାପିକା ସ୍ମିତାରାଣୀ ପଣ୍ଡାଙ୍କୁ ଯୁକ୍ତ ୩ କଲେଜର ଅଧକ୍ଷା ଭାବେ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ଏକ ବଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏଥିରେ ଯୁକ୍ତ ୨ କଲେଜର ଅଧକ୍ଷ ଲେଙ୍କା ପୌରୋହିତ୍ୟ କରି ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ପଣ୍ଡାଙ୍କ ଛାତ୍ରବତ୍ସଳତା ଓ କର୍ମତତ୍ପରତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଏହି କଲେଜର ପୂର୍ବତନ ଅଧକ୍ଷ ରମାରଞ୍ଜନ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ପଣ୍ଡାଙ୍କ ଗଠନମୂଳକ ଚିନ୍ତାଧାରା ତଥା ଅଦ୍ୟମ ନିଷ୍ଠାକୁ ପ୍ରଶଂସା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଅବସର ପରର ଜୀବନ ମୁକ୍ତ ଆକାଶର ବିହଙ୍ଗ ସଦୃଶ୍ୟ ବୋଲି ପ୍ରକାଶ କରିଥିଲେ। ସେହିପରି କସର୍ଦା କଲେଜର ପୂର୍ବତନ ଅଧକ୍ଷ ଶାନ୍ତନୁ କୁମାର ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ଅବସର ଏକ ମାନସିକ ବ୍ୟାଧି ନୁହେଁ ବରଂ ସାମାଜିକ କ୍ଷେତ୍ରରେ ନିଜକୁ ନିୟୋଜିତ କରିବାକୁ ପ୍ରଫେସର ପଣ୍ଡାଙ୍କୁ ଆହ୍ୱାନ କରିଥିଲେ। ଅଧ୍ୟାପିକା ଡ. ଯାଜ୍ଞସେନୀ ରାଉତ, ପ୍ରଶାନ୍ତ ରଞ୍ଜନ ସ୍ୱାଇଁ, ବାଦଲ ପ୍ରାସାଦ ସିଂହ, ସମରେନ୍ଦ୍ର ନାୟକ, ରଞ୍ଜନ ମହାନ୍ତି, ହିମାଂଶୁ ଶେଖର ଜେନା, ସୌମ୍ୟାଶ୍ରୀ ମହାନ୍ତି, ସ୍ୱାଗତିକା ଦାସ ଓ ସୁଜାତା ଦାସ ପ୍ରମୁଖ ସେମାନଙ୍କ ପ୍ରିୟ ଅଧକ୍ଷ ପଣ୍ଡାଙ୍କ ଆଦର୍ଶ ଓ ଆତ୍ମୀୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧକ୍ଷ ପ୍ରଫେସର ପଣ୍ଡା ତାଙ୍କ ବିଦାୟକାଳୀନ ସମ୍ଭାଷଣରେ ଛାତ୍ରୀଛାତ୍ରଙ୍କୁ ପ୍ରଥମେ ଭଲ ମଣିଷଟିଏ ହେବାକୁ ପରାମର୍ଶ ଦେବାସହ ଗରୁଶିଷ୍ୟର ପରମ୍ପରା ଅତୁଟ ରଖିବାକୁ ନିବେଦନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଓ ସହକର୍ମୀଙ୍କ ପକ୍ଷରୁ ଅଧକ୍ଷ ପଣ୍ଡାଙ୍କୁ ଅଙ୍ଗବସ୍ତ୍ର, ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପ୍ରଦୀପ କୁମାର ନାୟକ, କୃଷ୍ଣଚନ୍ଦ୍ର ସ୍ୱାଇଁ, କୈଳାସ ସ୍ୱାଇଁ ଓ ବାବୁଲି ସ୍ୱାଇଁ ସହଯୋଗ କରିଥିଲେ।



ଅଧକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ଗହଣରେ କର୍ମଚାରୀ, ଛାତ୍ରୀଛାତ୍ର।

# ଧଳତଙ୍ଗଗଡ଼ ଜଙ୍ଗଲରେ ରାତ୍ର ବଣଭୋଜି ଭଣ୍ଡୁର





ଜଙ୍ଗଲରେ ଭୋଜି ପାଇଁ ପ୍ରସ୍ତୁତି ଚାଲିଛି।

ଜଗତ୍‌ସିଂହପୁର, ୩୧।୧୨
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ପରିସରରେ ଜିରୋ ନାଇଟ୍ ସେଲିବ୍ରେଶନ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ସନ୍ଧ୍ୟାବେଳୁ ରୋଷେଇ ମଧ୍ୟ ଆରମ୍ଭ ହୋଇଯାଇଥିଲା। କିନ୍ତୁ ଏହା ଭଣ୍ଡୁର ହୋଇଯାଇଛି। ବନ ବିଭାଗ ପକ୍ଷରୁ ସେମାନଙ୍କୁ ଘଉଡ଼ାଇ ଦିଆଯାଇଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

ଏ ସମ୍ପର୍କରେ କେତେଜଣ ବ୍ୟକ୍ତି ନାମ ଗୋପନ ରଖି କହିଛନ୍ତି, ରାଢ଼ଙ୍ଗ ଅଞ୍ଚଳର ପାଖାପାଖି ୩୦ରୁ ୪୦ ଜଣ ବ୍ୟକ୍ତି ଚଳିତବର୍ଷ ଜିରୋ ନାଇଟ୍ ସେଲିବ୍ରେଶନ ପାଇଁ ଏହି ଜଙ୍ଗଲ ସ୍ଥିର କରିଥିଲେ। ଯୋଜନା ମୁତାବକ, ସେମାନେ ସମସ୍ତ ସାମଗ୍ରୀ ଧରି ବିଟ୍ ହାଉସ୍ ନିକଟରେ ପହଞ୍ଚିଥିଲେ। ସେଠାରେ ଆଲୋକ ବ୍ୟବସ୍ଥା ଥିବାରୁ କିଛି ଅସୁବିଧା ହୋଇ ନ ଥିଲା। ଏପରି କି ରୋଷେଇ ମଧ୍ୟ ଆରମ୍ଭ କରିଦେଇଥିଲେ। ସବୁକିଛି ଠିକ୍‌ଠାକ୍ ଥିଲା। ନିରୋଳା ରାତିରେ କେହି ସେମାନଙ୍କୁ ଦେଖିପାରିବେ ନାହିଁ ବୋଲି ଭାବି ସମସ୍ତେ ଖୁସିରେ ଥିଲେ। ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିଚାଲିଥିଲେ। କିନ୍ତୁ ଏହା ବେଶି ସମୟ ରହିପାରି ନ ଥିଲା। କୌଣସି ମାଧ୍ୟମରେ ଅଭିଯୋଗ ପାଇ ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ସେମାନଙ୍କୁ ଘଉଡ଼ାଇଥିଲେ। ଏ ସମ୍ପର୍କରେ କେତେଜଣ ପରିବେଶବିତ୍ କହିଛନ୍ତି, ଜଙ୍ଗଲରେ ରାତିରେ ବନ୍ୟପ୍ରାଣୀ ସୁରକ୍ଷିତ ମଣନ୍ତି। ସେମାନେ ନିର୍ଭୟରେ ଯାତାୟାତ କରନ୍ତି, ଯେଉଁଥିପାଇଁ ରାତିରେ ଜଙ୍ଗଲରେ ବଣଭୋଜି ମନା। କିନ୍ତୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ଭ୍ରୂକ୍ଷେପ କରାଯାଇ ବଣଭୋଜିର ଆୟୋଜନ ହେବା ଦୁର୍ଭାଗ୍ୟଜନକ। ସୂଚନାଯୋଗ୍ୟ, ଏହି ଜଙ୍ଗଲ ଦାୟିତ୍ୱରେ ଥିବା ରେଞ୍ଜ୍ ଅଫିସର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ଏହାର ସୁଯୋଗ ନେଇ ସ୍ଥାନୀୟ ଅଞ୍ଚଳର ଲୋକେ ଏଭଳି ବଣଭୋଜିର ଆୟୋଜନ କରିଥିବା କୁହାଯାଉଛି।

**ଜିରୋ ନାଇଟ୍ ସେଲିବ୍ରେଶନ ପାଇଁ ଚାଲିଥିଲା ପ୍ରସ୍ତୁତି**

# ମହାବୀରଙ୍କ ବାର୍ଷିକ ଉତ୍ସବ

ଏରସମା, ୩୧ । ୧୨ ( ଦୀପ୍ତି ଖଣ୍ଡୁଆଳ )

ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମରେ ମା' ଉତ୍ତରେଶ୍ୱରୀ ପୀଠରେ ମହାବୀରଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସିହା ଗ୍ରାମ୍ୟ କମିଟିର ସଭାପତି ଆଶିଷ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ଉପସ୍ଥିତ ହୋଇଥିଲେ। ବୁଧବାର ପ୍ରଭାତରେ ସୂର୍ଯ୍ୟ ପୂଜା, କଳସ ସ୍ଥାପନ, ମଙ୍ଗଳ ଆଳତି ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ମନ୍ଦିର ଦ୍ୱାର ଖୋଲା ଯାଇଥିଲା। ଦିବସ ବ୍ୟାପୀ ୧୦୮ ହନୁମାନ ଚାଳିସା ପାଠ କରାଯାଇଥିଲା। ୧୨ଟାରେ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସରୋଜିନୀ ବେହେରା ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଏଥିରେ ନରେନ୍ଦ୍ର କୁମାର ସ୍ୱାଇଁ, ବିଚିତ୍ର କୁମାର ସ୍ୱାଇଁ, ଶିବ ପ୍ରସାଦ ଲେଙ୍କା, ସର୍ବେଶ୍ୱର ଜେନା, ସ୍ୱାମୀ ବିବେକାନନ୍ଦ ସ୍ମାରକ ଯୁବ ସଙ୍ଗଠନର ସଭାପତି ରଞ୍ଜନ ଜେନା, ସମ୍ପାଦକ ସୁଶାନ୍ତ କୁମାର ସ୍ୱାଇଁ, ବାବାଜୀ ମହାନ୍ତି, ଛନକର ସେଠୀ, ସୁଧୀର କୁମାର ସ୍ୱାଇଁ, ନିକୁଞ୍ଜ କିଶୋର ପାଇଁ, ପାର୍ଥ ସାରଥୀ ମହାରଣା ପ୍ରମୁଖଙ୍କ ସହିତ ଗ୍ରାମବାସୀ ଉପସ୍ଥିତ ହୋଇ ସହଯୋଗ କରିଥିଲେ।



# ରାସ୍ତା ଫାଟି ଆଁ, ଅଞ୍ଚଳବାସୀ ହୀନସ୍ତା

ଡେରାବିଶ, ୩୧।୧୨
(ବେବର୍ତ୍ତା ଅଜୟ ଦାସ)



ଡେରାବିଶ ବ୍ଲକ୍ ଗ୍ରାମାଞ୍ଚଳରେ ରାସ୍ତାଘାଟର ବିକାଶ ପାଇଁ ବିଭିନ୍ନ ଯୋଜନାରେ ସରକାର ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ମାତ୍ର ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ବ୍ଲକ ଅଧୀନ ଖମୋଳ ପଞ୍ଚାୟତରେ। ଏହି ପଞ୍ଚାୟତ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥରୁ ଖମୋଳ ଶୋରିମୁହଁ କେନାଲ ବନ୍ଧ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାଟି ମରଣଯନ୍ତାରେ ପରିଣତ ହୋଇଛି। ଏହି ୧ କିଲୋମିଟର ରାସ୍ତାର ଉଭୟପାର୍ଶ୍ୱରେ ୧୫ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଗ୍ରାମର ଜନସାଧାରଣ କଟକ-ଚାନ୍ଦବାଲି ରାସ୍ତାକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଥିବାରୁ ଦୈନନ୍ଦିନ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ପ୍ରାୟ ୫ବର୍ଷ ପୂର୍ବେ ଏହି ରାସ୍ତାଟି ପଞ୍ଚାୟତ ପକ୍ଷରୁ ପ୍ରଥମକରି ନିର୍ମାଣ କରାଯାଇଥିବାବେଳେ ପରବର୍ତ୍ତୀ ଅବସ୍ଥାରେ ଏଥିପ୍ରତି ଦୃଷ୍ଟି ଦିଆ ନ ଯିବା ହେତୁ ଏହା ମରଣଯନ୍ତା ପାଲଟିଥିବା ଗ୍ରାମର ପୂର୍ବତନ ୱାର୍ଡସଭ୍ୟ ଜୟନ୍ତ କୁମାର ନାୟକ କହିଛନ୍ତି। କୌତୂହଳର ବିଷୟ ପୂର୍ବ ସରକାରଙ୍କ ଅମଳରେ ଏହି ରାସ୍ତାଟିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ଘୋଷଣା କରାଯାଇଥିଲା। ଏପରିକି ନିର୍ବାଚନ ଆଉ ଅଳ୍ପଦିନ ବାକିଥିବାବେଳେ ତତ୍କାଳୀନ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ଦ୍ୱାରା ରାସ୍ତାର ଉନ୍ନତୀକରଣ ପାଇଁ ଶିଳାନ୍ୟାସ ମଧ୍ୟ କରାଯାଇଥିଲା। ମାତ୍ର ଆଜି ଯାଏ ରାସ୍ତାର ଅବସ୍ଥା ସୁଧୁରିପାରି ନ ଥିବାବେଳେ ଗ୍ରାମବାସୀଙ୍କ ଦୁଃଖ ବଢ଼ି ଚାଲିଥିବା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ସୁରେନ୍ଦ୍ର ବେହେରା କହିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତର ସରପଞ୍ଚ ତୃପ୍ତିମୟୀ କରଙ୍କୁ ପଚାରିବାରୁ ଏହି ରାସ୍ତାର ଉନ୍ନତୀକରଣ ପାଇଁ ପଞ୍ଚାୟତ ପାଣ୍ଠିରୁ ଅର୍ଥ ମଞ୍ଜୁର କରାଯାଇଥିଲେ ହେଁ ବିଧାୟିକାଙ୍କ ଦ୍ୱାରା ଶିଳାନ୍ୟାସ ଯୋଗୁ ଅର୍ଥ ବିନିଯୋଗ ହୋଇ ପାରି ନ ଥିବା କହିଥିଲେ। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ ପଚାରିବାରୁ ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନ ଥିବା କହିଛନ୍ତି। ତେବେ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ବା ବ୍ଲକ ପ୍ରଶାସନ କେହି ବି ଅଦ୍ୟାବଧି ଦୃଷ୍ଟି ଦେଉ ନ ଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦି ରାସ୍ତାଟି ଖୁବ୍‌ଶୀଘ୍ର ଯାତାୟାତ ଉପଯୋଗୀ କରା ନ ଯାଏ ତେବେ ଗ୍ରାମବାସୀ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଶିକ୍ଷାବିତ୍ ଭକ୍ତ ରଞ୍ଜନ ନାୟକ ଚେତାବନୀ ଦେଇଛନ୍ତି।

# ଅର୍ଦ୍ଧାଧିକ ଚାଷଜମି ଜଳସେଚନରୁ ବଞ୍ଚିତ

କେନ୍ଦ୍ରାପଡ଼ା, ୩୧।୧୨ (ଜଗନ୍ନାଥ ଧଳ)

- କମିବ ଧାନ ଅମଳ
- ଭିତ୍ତିଭୂମି ଅଭାବରୁ ଚାଷ ଛାଡୁଛନ୍ତି ଚାଷୀ
- ପ୍ରହସନ ପାଲଟିଛି ପାଣି ପଞ୍ଚାୟତ ଗଠନ

କେନ୍ଦ୍ରାପଡ଼ା ଜିଲାରେ ଜାନୁଆରୀ ୧୦ଠାରୁ ୧୨୨ ସ୍ଥାନରେ ସରକାରୀ ଧାନମଣ୍ଡି ଖୋଲିବ। ବଳକା ଧାନକୁ ପଞ୍ଜୀକୃତ ଚାଷୀ ବିକ୍ରି କରିବେ। ତେବେ ପୂର୍ବବର୍ଷ ତୁଳନାରେ ଚଳିତ ଥର ଖରିଫ ଧାନ ସଂଗ୍ରହ କମ୍ ରହିବ ବୋଲି ପ୍ରାଥମିକ ଆକଳନ କରାଯାଉଛି। ଏହାର କାରଣ କ୍ଷେତ ପାଇଁ ଜଳ ପରିଚାଳନା। ଅର୍ଦ୍ଧାଧିକ ଜମି ଜଳସେଚନରୁ ବଞ୍ଚିତ ହୋଇଛି। ପାଣି ପଞ୍ଚାୟତ ଗଠନ ଓ ପରିଚାଳନାଗତ ତ୍ରୁଟି ପାଇଁ ଚାଷ ଏବେ ଲାଭଜନକ ହେଉ ନାହିଁ। କୃଷକଙ୍କ ପ୍ରକୃତ ସମସ୍ୟାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ କଂସାର ଗ୍ରାମର ଚାଷୀ ନିରଞ୍ଜନ ପରିଡ଼ା, କୃଷକ ନେତା ଗୟାଧର ଧଳ କହିଛନ୍ତି, ନିର୍ବାଚନ ସମୟରେ ରାଜନେତାଙ୍କର ଚାଷୀଙ୍କ ସମସ୍ୟା ମନେପଡ଼େ। ଇସ୍ତାହାର ପତ୍ରରେ ଚାଷୀ ଓ ଚାଷ ସମସ୍ୟାକୁ ଗୁରୁତ୍ୱ ଦିଆଯାଏ। ନିର୍ବାଚନ ପ୍ରକ୍ରିୟା ଶେଷ ପରେ ଏହି ଇସ୍ତାହାରର ଗୁରୁତ୍ୱ ରହେନାହିଁ। ଜିଲାର ୩୬,୦୩୮ ହେକ୍ଟର ଉଚ୍ଚ ଜମିକୁ ଜଳସେଚନ ବ୍ୟବସ୍ଥା ନାହିଁ। ସେହିପରି ୭୦,୩୩୩ ହେକ୍ଟର ଜମିରେ ଜଳ ନିଷ୍କାସନ ଏକ ସମସ୍ୟା ହୋଇଛି। ଚାଷୋପଯୋଗୀ ୭୫,୮୧୮ ହେକ୍ଟର ମଧ୍ୟମ ଜମି ମଧ୍ୟରୁ ୬୫,୦୩୨ ହେକ୍ଟର ଜମି ଜଳସେଚିତ ହେଉଥିବା ଦର୍ଶାଯାଉଥିଲେ ମଧ୍ୟ ବାସ୍ତବିକ ତଥ୍ୟ ଏହାଠାରୁ ଭିନ୍ନ। ଜିଲାର ୯ ବ୍ଲକ ମଧ୍ୟରୁ ଆଳି, ରାଜନଗର ଓ ରାଜକନିକାରେ ଆଦୌ କେନାଲ ନାହିଁ। ପ୍ରତି ବ୍ଲକ୍‌ର ଅତିକମ୍‌ରେ ୩୫ ପ୍ରତିଶତ କ୍ଷେତକୁ ଜଳଯୋଗାଣ ହେବ ବୋଲି ପୂର୍ବର ରାଜ୍ୟ ସରକାର ଘୋଷଣା କରିବାର ଦୀର୍ଘଦିନ ବିତିଥିଲେ ମଧ୍ୟ ଏହା ଏହି ବ୍ଲକଗୁଡିକରେ କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଯୁବବର୍ଗ ଚାଷ ଛାଡ଼ି କର୍ମନିଯୁକ୍ତି ପାଇଁ ବିଦେଶ ମୁହାଁ ହେଉଛନ୍ତି। ସୂଚନା ଅଧିକାର କର୍ମୀ ପ୍ରମୋଦ କୁମାର ସ୍ୱାଇଁ କହିଛନ୍ତି, ଏ ନେଇ କୃଷି ବିଭାଗ ପକ୍ଷରୁ ଏକ ତଥ୍ୟ ମିଳିଛି। ଏହି ତଥ୍ୟ ଅନୁଯାୟୀ, ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୨୮,୦୭୦ ହେକ୍ଟର ଚାଷ ଜମି ଥିବାବେଳେ ମାତ୍ର ୬,୮୨୩ ହେକ୍ଟର ଜମିକୁ ଜଳସେଚନର ବ୍ୟବସ୍ଥା ରହିଛି। ଅର୍ଥାତ୍ ୨୪.୩୧ ପ୍ରତିଶତ ଜମି ଜଳସେଚିତ। ସେହିପରି ରାଜନଗରର ୨୫,୮୯୫ ହେକ୍ଟର ଜମିରୁ ମାତ୍ର ୧୯.୧୬ ପ୍ରତିଶତ ଜମି ଜଳସେଚିତ। ରାଜକନିକା ବ୍ଲକ ଅଞ୍ଚଳରେ ୩୩.୬୨ ପ୍ରତିଶତ କ୍ଷେତକୁ ଉଠା ଜଳସେଚନ ଓ ଅନ୍ୟ ଉତ୍ସରୁ ଜଳ ମିଳୁଛି। ଜିଲାରେ ୧,୧୧୪ଟି ଲିଫ୍ଟ ଇରିଗେଶନ ଓ ୩,୦୬୩ଟି ସୋଲୋ ଟ୍ୟୁବ୍‌ୱେଲ ମାଧ୍ୟମରେ ମୋଟ ୩୦,୬୮୧ ହେକ୍ଟରକୁ ଜଳସେଚନ ହେଉଥିବା ଏହି ତଥ୍ୟରେ ଉଲ୍ଲେଖ ଥିବାବେଳେ ଅନ୍ୟାନ୍ୟ ଉତ୍ସରୁ ମାତ୍ର ୧୦,୬୨୪ ହେକ୍ଟର ପାଣି ମିଳୁଥିବା ଦର୍ଶାଯାଇଛି। ତୃଣମୂଳରେ ଏହାର ତନଖି କଲେ ଏହି ତଥ୍ୟ ଅବାସ୍ତବ ବୋଲି ସେ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ବାନାମ୍ବର ସାହୁ କହିଛନ୍ତି, ଉଠା ଜଳସେଚନ ବିଭାଗ ପକ୍ଷରୁ ଗଠନ ହୋଇଥିବା ପାଣି ପଞ୍ଚାୟତ ଏବେ ପ୍ରହସନ ପାଲଟିଛି। କେତେଗୋଟି ପାଣି ପଞ୍ଚାୟତରେ ସଭ୍ୟାସଭ୍ୟଙ୍କ ଅଜାଣତରେ କର୍ମକର୍ତ୍ତାମାନେ ସରକାରୀ ଅନୁଦାନକୁ ଠିକାଦାରୀ ଆଳରେ ହଡ଼ପ କରୁଛନ୍ତି। ସେହିପରି ଜଳ ସମ୍ପଦ ବିଭାଗ ପକ୍ଷରୁ ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉନାହିଁ। ଗୋବରୀ, ଜମ୍ବୁ, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ କେନାଲ ଆଦିରେ ବିଲାତି ଦଳ ଭର୍ତ୍ତି ଯୋଗୁ ଶେଷ ମୁଣ୍ଡରେ ଜଳ ପହଞ୍ଚି ପାରୁନାହିଁ। ପ୍ରତିବର୍ଷ ବନ୍ୟା ସମୟରେ ଉପାନ୍ତ ଅଞ୍ଚଳର ୫୫ ପଞ୍ଚାୟତରେ ଚାଷ ନଷ୍ଟ ହେଉଛି। ଜଳ ନିଷ୍କାସନ ଓ ଜଳସେଚନ ପାଇଁ ଆବଶ୍ୟକ ଜଳର ଅଭାବ ଚାଷୀଙ୍କୁ ଚାଷରୁ ନିବୃତ କରୁଛି। ବିଭିନ୍ନ ନଦୀ ଓ ନାଳରେ ବ୍ୟାରେଜ ଏବଂ କ୍ରିକ୍ ବନ୍ଧ ଦ୍ୱାରା ମଧୁର ଜଳ ଅଟକାଇ ଚାଷ କ୍ଷେତକୁ ଜଳସେଚନ ହୋଇପାରନ୍ତା। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି। କେନାଲର ଉନ୍ନତୀକରଣ ସହ କ୍ରିକ୍ ବନ୍ଧ ନିର୍ମାଣ କରାଯାଉଛି। ଆଗକୁ ନଦୀରେ ବ୍ୟାରେଜ ଓ ଅଧିକ କ୍ରିକ୍ ବନ୍ଧ ନିର୍ମାଣ ଯୋଜନା ରହିଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ରୋହିତ ରଥ ଗଜପତି ଜିଲା କନଷ୍ଟେବଲ ସଂଘ ସଭାପତି

ପାରଳାଖେମୁଣ୍ଡି,୩୧।୧୨ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପୋଲିସ କନଷ୍ଟେବଲ ସଂଘର ଅନୁଷ୍ଠିତ ନିର୍ବାଚନରେ ରୋହିତ କୁମାର ରଥ ସଂଘ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ଲକ୍ଷ୍ମଣ ଭୂୟାଁ, ସମ୍ପାଦକ ଭାବେ ସଞ୍ଜୀବ କୁମାର ଦଳବେହେରା, କୋଷାଧ୍ୟକ୍ଷ ଭାବେ ସୁଧୀର ଜେନା, ସହ ସମ୍ପାଦକ ଭାବେ ଆଶିଷ ରାଜୁ ଓ ସୁରେଶ ପାତ୍ର ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭ୍ୟ ଭାବେ ୫ ଜଣ ଏ.ବିଜୟ କୁମାର, ସୀମାଞ୍ଚଳ ମହାରଣା, କୁମୁଦିନି ଦେବୀ, ଋଷିକେଶ ସାମଲ ଓ ପ୍ରଭାକର ନାୟକ ମନୋନୀତ ହୋଇଥିବା ଜଣାପଡ଼ିଛି। ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ପୋଲିସ ବିଭାଗର ବରିଷ୍ଠ ପଦାଧିକାରୀ ଓ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ଜିଲା ପୋଲିସ କନଷ୍ଟେବଲ ସଂଘର ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇ ମଙ୍ଗଳବାର ଫଳାଫଳ ଘୋଷଣା ହୋଇଥିଲା।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୁଗୁଡ଼ା,୩୧।୧୨(କାଳିଚରଣ ଦାଶ)– ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ବାଲିପଦର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତେଜସ୍ୱିନୀ ଦାଶ ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ବିଇଓ କାର୍ଯ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଇଓ ଚିନ୍ମୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦାଶଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ତାଙ୍କୁ ଫାଇନାଲ ପେନସନ୍ ଅର୍ଡର ପ୍ରଦାନ କରାଯାଇଥିଲା। ଏବିଇଓ ଅମିତା କୁମାରୀ ପାଢ଼ୀ, ଏସ୍‌ଓ ପ୍ରିୟଦର୍ଶୀ ଦାଶ, ବୁଗୁଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରତାପ ଖାଡ଼ଙ୍ଗା ଓ କର୍ମଚାରୀ ଉପସ୍ଥିତ ଥିଲେ।

### ଯୁବକଙ୍କ ଆତ୍ମହତ୍ୟା

ଖଜୁରିପଡ଼ା,୩୧।୧୨ ( ବିଦୁର ବେହେରା):

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ସର୍କେଶରୁ ଗ୍ରାମର ଆଶିଷ ମାଝୀ (୨୫) ପାରିବାରିକ କଳହରୁ ଆତ୍ମହତ୍ୟା କରିଛନ୍ତି। ସୁଦ୍ରୁକୁମ୍ପା ଫାଣ୍ଡିରେ ଅପମୃତ୍ୟୁ ମାମଲା (୧୭/୨୫) ରୁଜୁ ହୋଇଥିବା ଫାଣ୍ଡିଅଧିକାରୀ ସଞ୍ଜୀବ ବିଷୋୟୀ କହିଛନ୍ତି।

### ମହିଳାଙ୍କୁ ହତ୍ୟା ଘଟଣା, ସ୍ୱାମୀଙ୍କ ସମେତ ୫ ଗିରଫ

ଗୋପାଳପୁର,୩୧।୧୨(ନବୀନ ରାଜ ଆଚାରୀ)

ସ୍ତ୍ରୀଙ୍କୁ ହତ୍ୟା କରି ପ୍ରମାଣ ନଷ୍ଟ କରିବା ଉଦ୍ୟମ ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ବୁଧବାର ସ୍ୱାମୀଙ୍କ ସମେତ ୫ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଫାଶୀନୂଆପଡା ଗ୍ରାମର ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଏଲ.ରାମେୟା ରେଡ୍ଡୀ ଓ ତାଙ୍କ ୪ ଭାଇ ଏଲ.ଦେବରାଜ ରେଡ୍ଡୀ, ଏଲ ଡମ୍ବୁରୁ ରେଡ୍ଡୀ, ଏଲ. ଦିଲେଶ୍ୱର ରେଡ୍ଡୀ ଓ ଏଲ କେଶବ ରେଡ୍ଡୀ ବୋଲି ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ କହିଛନ୍ତି। କନିସି ଗ୍ରାମର ଡି. ଦୁର୍ଯ୍ୟୋଧନ ତାଙ୍କ ସାଙ୍ଗ ଗୌତମ ବେହେରା ଉଭୟେ ମଙ୍ଗଳବାର ଫାଶୀନୂଆପଡା ଗ୍ରାମକୁ ବୁଲିବାକୁ ଯାଇଥିଲେ। ସୋମବାର ରାତିରେ ଫାଶୀନୂଆପଡାରେ ରାମେୟା ତାଙ୍କ ସ୍ତ୍ରୀ ଏଲ. ଗୌରୀ ରେଡ୍ଡୀଙ୍କ ମୁଣ୍ଡକୁ ପିଟି ହତ୍ୟା କରିଥିଲେ। ରାତାରାତି ଅଖାରେ ମୃତଦେହ ପୂରାଇ ଅଟୋ ଯୋଗେ ଗ୍ରାମ ମଶାଣିକୁ ନେଇ ପୋଡି ଦେଇଥିବା ଗୋଳନ୍ଥରା ଥାନାରେ ଦୁର୍ଯ୍ୟୋଧନ ଅଭିଯୋଗ କରିଥିଲେ। ନଂ. ୬୦୨/୨୫ରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତକାରୀ ଅଧିକାରୀ ସିଲୁ ଧଳ, ଗଗନ ବେହେରା ଓ ଅନ୍ୟ ପୋଲିସ ଅଧିକାରୀ ଗ୍ରାମରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ରାମେୟା, ତାଙ୍କ ଭାଇ ଦେବରାଜ, ଡମ୍ବରୁ, କେଶବ ଓ ଦିଲେଶ୍ୱରଙ୍କୁ ଉଠେଇ ନେଇ ଥାନାରେ ଅଟକ ରଖି ପଚାର ଉଚରା କରିଥିଲେ। ସ୍ତ୍ରୀଙ୍କ ସହ ରାମେୟାଙ୍କ କୌଣସି ଏକ କଥାକୁ ନେଇ କଳି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରାମେୟା ବାଉଁଶରେ ଗୌରୀଙ୍କ ମୁଣ୍ଡକୁ ପିଟିଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ରାମେୟା ଏ ସମ୍ପର୍କରେ ତାଙ୍କ ଅନ୍ୟ ୪ ଭାଇଙ୍କୁ କହିଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ସମସ୍ତେ ମିଶି ବିଳମ୍ବିତ ରାତିରେ ଡମ୍ବରୁଙ୍କ ଅଟୋରେ ମୃତଦେହ ନେଇ ଗ୍ରାମର ମଶାଣିରେ ପୋଡି ଦେଇଥିବା କହିଥିଲେ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ବାଉଁଶ ବାଡ଼ି ଓ ଅଟୋ ଜବତ କରିଛି।

# ପ୍ରଶାସନ ଆଢୁଆଳରେ ଢେଙ୍କିଶାଳ ଖସଡା

ପାରଳାଖେମୁଣ୍ଡି,୩୧।୧୨ (ଗିରିଧାରୀ ପରିଚ୍ଛା)



ଢେଙ୍କିଶାଳ ଖସଡା।

ଗଜପତି ଜିଲା ଗୋଷାଣି ବ୍ଲକ ରମ୍ଭା ପଞ୍ଚାୟତ ଅନ୍ତର୍ଗତ ଦେଉଳା ଗ୍ରାମ ନିକଟରେ ରହିଛି ଢେଙ୍କିଶାଳ ଖସଡା ଝରଣା। ଜିଲାର ମୋହନା ବ୍ଲକ ଜିରାଙ୍ଗ ନିକଟସ୍ଥ ଖସଡା ଭଳି ସାମଞ୍ଜସ୍ୟ ରହିଛି ଏହି ଖସଡାରେ। ଜିରାଙ୍ଗ ଖସଡାଠାରେ ପଥର ଉଚ୍ଚତାରୁ ପାଣି ପଡୁଥିବା ବେଳେ ଏଠାରେ ଉଚ୍ଚତା କମ ରହିଛି। ପ୍ରାକୃତିକ ଶୋଭାରାଜି ମଧ୍ୟରେ ଦେଉଳା ଗ୍ରାମ ନିକଟରେ ରହିଛି ଏହି ଢେଙ୍କିଶାଳ ଖସଡା। ମହେନ୍ଦ୍ରଗିରି ପାଦଦେଶରେ ଥିବା ବିଭିନ୍ନ ପାହାଡ ମଧ୍ୟରୁ କଉଁପୁର–କିଞ୍ଜିଲିଙ୍ଗି ପାହାଡ ଶିଖରରୁ ଏହାର ଉତ୍ପତ୍ତି ହୋଇଥିବା ଜଣାଯାଇଛି। ଏହା ଚିରସ୍ରୋତା ହୋଇଥିବାରୁ ସବୁ ଋତୁରେ ପାଣି ବୋହିବା ଦୃଶ୍ୟ ଦେଖିବାକୁ ମିଳେ। ବିଶେଷ କରି ଶୀତ ଦିନେ ଢେଙ୍କିଶାଳ ଖସଡାରେ ଲୋକେ ବଣଭୋଜି କରିବାକୁ ଆସିଥାନ୍ତି। କେବେ କେମିତି ବହୁ ଲୋକ ମଧ୍ୟ ଅବସର ବିନୋଦନ ପାଇଁ ଏଠାକୁ ଆସିଥାନ୍ତି। ଢେଙ୍କିଶାଳ ଖସଡା ଏଯାଏ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବାରୁ ଏଠାକୁ ଭଲ ରାସ୍ତାଟିଏ ନାହିଁ । ଗାରାବନ୍ଧ–କିଞ୍ଜିଲିଙ୍ଗି–କଇଁପୁର ପୂର୍ତ୍ତ ବିଭାଗର ମୁଖ୍ୟରାସ୍ତାଠାରୁ ଏହି ଖସଡାର ଦୂରତା ମାତ୍ର ୮୦୦ ମିଟର। ଏହି ଝରଣାର ଜଳ କୃଷ୍ଣ ସାଗରରେ ମିଶିଥିବା କୁହାଯାଉଛି। ବିରାଟକାୟ ପଥର ଚଟାଣ ସାଙ୍ଗକୁ ପାହାଡ ଏବଂ ବୃକ୍ଷଲତା ମଧ୍ୟରେ ରହିଥିବା ଢେଙ୍କିଶାଳ ଖସଡାଠାରୁ ମାତ୍ର ୬ କି.ମି. ଦୂରରେ ରହିଛି ରାୟଗଡ ବ୍ଲକର ଗଣ୍ଡାହାତୀ ଜଳପ୍ରପାତ। ଗାରାବନ୍ଧ ଗ୍ରାମଠାରୁ ଢେଙ୍କିଶାଳ ଖସଡା ୭.୫ କି.ମି. ପାରଳାଖେମୁଣ୍ଡିଠାରୁ ଏହାର ଦୂରତା ୩୧ କି.ମି. ହୋଇଥିବା ବେଳେ ଗୋଷାଣି ବ୍ଲକଠାରୁ ୧୧ କି.ମି. ଦୂର। ତେବେ ଗୋଷାଣି ବ୍ଲକରେ ଏପରି ଏକ ଝରଣାଟିଏ ଥିବା ଖୁବ କମ ଲୋକ ଜାଣନ୍ତି । ଏହାର ଉନ୍ନତି ପାଇଁ ପ୍ରାଥମିକ ସ୍ତରରେ ରମ୍ଭା ପଞ୍ଚାୟତ ସମିତିସଭ୍ୟ ନୀର ଭୂୟାଁଙ୍କ ପ୍ରଚେଷ୍ଟାରେ ଉନ୍ନୟନମୂଳକ ଯୋଜନା ଲାଗି ଥିବା ପାଣ୍ଠିରୁ ୩ ଲକ୍ଷ ଟଙ୍କା ବ୍ୟୟରେ ଢେଙ୍କିଶାଳ ଖସଡାକୁ ମାଟି ରାସ୍ତାଟିଏ ହୋଇଛି। ଏହାର ଚତୁଃପାର୍ଶ୍ୱରେ ବହୁ ସ୍ଥାନ ରହିଥିବାରୁ ଏଠାରେ ବିଭିନ୍ନ କାର୍ଯ୍ୟ କଲେ ଏହି ଖସଡା ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ ବୋଲି ସମିତି ସଭ୍ୟ ଭୂୟାଁ କହିଛନ୍ତି।

# କୁକୁର ମୁହଁରୁ ହରିଣ ଉଦ୍ଧାର



ଉଦ୍ଧାର ହୋଇଥିବା ହରିଣ ।

ଗଞ୍ଜାମ,୩୧।୧୨(ବିଦ୍ୟାଧର ସାହୁ)

କୁକୁର ମୁହଁରୁ ଏକ ହରିଣ ଉଦ୍ଧାର ହୋଇଛି। ମଲାଡ଼ ମଲାଡ଼ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର କିଛି ଦୂର ଜଙ୍ଗଲ ମଧ୍ୟରୁ ଏକ ହରିଣକୁ ୪ଟି କୁକୁର ଗୋଡ଼ାଇ ଖଣ୍ଡିଆଖାବରା କରି ପକାଇଥିଲେ। ସେଠାରେ ଉପସ୍ଥିତ ଥିବା ସରପଞ୍ଚ ପ୍ରତିନିଧି ସୁଦାମ ବେହେରା ଆହତ ହରିଣକୁ ଉଦ୍ଧାର କରି ନିକଟସ୍ଥ ପ୍ରାଣୀଧନ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ। ସେଠାରେ ହରିଣଟି ସୁସ୍ଥ ହେବା ପରେ ବନବିଭାଗକୁ ହସ୍ତାନ୍ତର କରାଯାଇଛି। ଚାରିଆଡେ ଜଙ୍ଗଲ ନଷ୍ଟ ସହ ଇଟାଭାଟି, ପଥର କ୍ୱାରୀ ଯୋଗୁ ବିଭିନ୍ନ ସମୟରେ ବନ୍ୟଜନ୍ତୁ ଜନବସତି ଅଞ୍ଚଳକୁ ଚାଲି ଆସୁଛନ୍ତି।

# ଗଜପତି ଭାଜପାର ନୂଆ ଟିମ୍ ଘୋଷିତ

ପାରଳାଖେମୁଣ୍ଡି,୩୧।୧୨ (ଗିରିଧାରୀ ପରିଚ୍ଛା)

ଭାରତୀୟ ଜନତା ପାର୍ଟି (ଭାଜପା) ଗଜପତି ଜିଲା ପାଇଁ ନୂଆ ଟିମ୍ ଘୋଷଣା କରିଛି। ଜିଲା ସଭାପତି ନବ କିଶୋର ଶବର ନୂତନ ଭାଜପା ଟିମ ଘୋଷଣା କରିଛନ୍ତି। ଟିମ୍‌ରେ ଉପ ସଭାପତି ଭାବେ ମାମିଡି ରାଜେଶ୍ୱରୀ ଜି. ଶ୍ରୀଧର ନାଇଡୁ, ପି. ବାବୁ ରାଓ, କୃଷ୍ଣଚନ୍ଦ୍ର ବିଷୋୟୀ, ଆର.ବିଜୟ କୁମାର, ଶିବରାମ ମହାକୁଡ, ବନ୍ଦନା ବଡ଼ମୁଣ୍ଡି, କାମଦେବ ବଡ଼ ନାୟକ ଥିବା ବେଳେ ସାଧାରଣ ସମ୍ପାଦକ ଭାବେ ଜଗନ୍ନାଥ ମହାପାତ୍ର, ଇ. ପ୍ରଶାନ୍ତ, ଅମ୍ବିକା ପ୍ରସାଦ ଘଡାଇ, ସମ୍ପାଦକ ଭାବରେ କେ.ଭେଣୁ ଗୋପାଲ, ରୋକୋମ ସତୀଶ, ଏମ. ଲୋକନାଥମ୍, ଉମା ଶଙ୍କର ପାତ୍ର, ସସ୍ମିତା ମିଶ୍ର, ରଜନୀକାନ୍ତ ରାଉତ, ମାୟାଦେବୀ ମଣ୍ଡଳ, ସୁନୀତା ମଲ୍ଲିକ, ଓ କୋଷାଧ୍ୟକ୍ଷ ଭାବେ ଭି.ଭର୍ତ୍ତାରାଜୁ, ନଗର ସଭାପତି ଭାବେ ବାଳକୃଷ୍ଣ ପାତ୍ର ରହିଛନ୍ତି। ଏଥିସହ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ୭୦ ଜଣ ବରିଷ୍ଠ ନେତାଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଜିଲା ପ୍ରଭାରୀ ବିଶେଶ୍ୱର ଟୁଡୁଙ୍କ ଅନୁମୋଦନକ୍ରମେ ମନୋନୀତ କରାଯାଇଛି। ନବ ଗଠିତ ଟିମ ସଦସ୍ୟମାନଙ୍କୁ ଜିଲା ସଭାପତି ଶବର ଓ ପୂର୍ବତନ ବିଧାୟକ ତଥା ରାଜ୍ୟ ଉପ ସଭାପତି କେ.ନାରାୟଣ ରାଓ ଶୁଭେଚ୍ଛା ଜଣାଇଛନ୍ତି।

# ବିନା ତାଲିମରେ ଡେଙ୍ଗାପଦରରୁ ସୈନିକ, ପୋଲିସ

ଶେରଗଡ଼,୩୧।୧୨(ସୂର୍ଯ୍ୟ ନାରାୟଣ ଦାଶ)



ଡେଙ୍ଗାପଦର ଗ୍ରାମବାସୀ।

ଗଞ୍ଜାମ ଜିଲାର ଶେରଗଡ ବ୍ଲକରେ ରହିଛି ଡେଙ୍ଗାପଦର ପଞ୍ଚାୟତର ଡେଙ୍ଗାପଦର ଗାଁ। ପ୍ରତିବର୍ଷ ଗାଁର ଯୁବକମାନେ ସୈନ୍ୟବାହିନୀ ଓ ପୋଲିସ ବିଭାଗରେ ଦେଶ ସେବା ପାଇଁ ଭର୍ତ୍ତି ହେଉଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ, ଏହି ଗାଁର ଯୁବକମାନେ ବିନା କୌଣସି ତାଲିମରେ ନିଯୁକ୍ତି ସଫଳତା ପାଉଛନ୍ତି। ଡେଙ୍ଗାପଦର ଗ୍ରାମ ଛକରୁ ଗୋବିନ୍ଦପୁର ଗ୍ରାମ ପର୍ଯ୍ୟନ୍ତ ଥିବା ପ୍ରଶସ୍ତ ରାସ୍ତାରେ ଦୌଡାଦୌଡି କରି ସେମାନେ ନିଜକୁ ସୈନ୍ୟବାହିନୀ ଓ ପୋଲିସବାହିନୀ ପାଇଁ ପ୍ରସ୍ତୁତ କରିଥାନ୍ତି। ଫଳରେ ଗତ ୧୦ ବର୍ଷରେ ୫୦ରୁ ଅଧିକ ଯୁବତୀଯୁବକ ସୈନ୍ୟ ଓ ପୋଲିସବାହିନୀରେ ଚାକିରି ପାଇ ଡେଙ୍ଗାପଦର ଗ୍ରାମ ପାଇଁ ଗୌରବ ଆଣିଛନ୍ତି। ପ୍ରତିବର୍ଷ ଅଗ୍ନି ବୀର ପାଇଁ ପରୀକ୍ଷା ୩/୪ ଜଣ କୃତକାର୍ଯ୍ୟ ହେଉଛନ୍ତି। ଚଳିତବର୍ଷ ଗ୍ରାମର ଜଗନ୍ନାଥ ପାଣିଗ୍ରାହୀ, ରୁଦ୍ରପ୍ରସାଦ ସାହୁ, ଲିକୁ ପ୍ରଧାନ, ଶୁଭମ ପ୍ରଧାନ ଅଗ୍ନିବୀର ଭାବେ ନିଯୁକ୍ତି ପାଇଥିବା ବେଳେ ସୈନ୍ୟବାହିନୀ ଓ ପୋଲିସ ବିଭାଗରେ ଗ୍ରାମର ପୀତାମର ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ସେଠୀ, ସନ୍ତୋଷ ପ୍ରଧାନ, ନନ୍ଦନ ପ୍ରଧାନ, ବୁଲୁ ପ୍ରଧାନ, ଗୋକୁଳାନନ୍ଦ ପାଣିଗ୍ରାହୀ, ଶିବାନୀ ପାଢ଼ୀ,ପଞ୍ଚାନନ ସାହୁଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଯୁବକ ଚାକିରି କରି ଦେଶସେବା କରୁଛନ୍ତି। ଇତି ମଧ୍ୟରେ ସୈନ୍ୟବାହିନୀରୁ ୧୫ରୁ ଅଧିକ ଅବସର ନେଇ ପରେ ବିଭିନ୍ନ ସ୍ଥାନରେ ଚାକିରି କରିଛନ୍ତି। ସୈନ୍ୟବାହିନୀ ଓ ପୋଲିସ ବିଭାଗରେ ଯୋଗ ଦେବାର ଏକ୍ତିଆର ପାଳିଥିବା ଡେଙ୍ଗାପଦର ଗ୍ରାମରେ ସରକାରଙ୍କ ପକ୍ଷରୁ ଉପଯୁକ୍ତ ପ୍ରୋତ୍ସାହନ ଓ ପ୍ରଶିକ୍ଷଣ ବ୍ୟବସ୍ଥା କରାଗଲେ ଡେଙ୍ଗାପଦର ସମେତ ବ୍ଲକର ବହୁ ଗ୍ରାମର ଯୁବତୀଯୁବକମାନେ ଉଭୟ ବିଭାଗରେ ଯୋଗଦେଇ ଦେଶ ସେବା କରିବାର ସୁଯୋଗ ପାଇବେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ଭାଜପା ଘୁମୁସର ଜିଲା ପଦାଧିକାରୀ ତାଲିକାରେ ଖଲ୍ଲିକୋଟ ନିର୍ବାଚନମଣ୍ଡଳୀରୁ ୪ ନେତା

ଖଲ୍ଲିକୋଟ,୩୧।୧୨(ପ୍ରଶାନ୍ତ କୁମାର ମିଶ୍ର):

ଭାଜପା ଘୁମୁସର–ଆସିକା ସାଙ୍ଗଠନିକ ଜିଲାର ନୂତନ କମିଟି ଗଠିତ ହୋଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଘୁମୁସର–ଆସିକା ସାଙ୍ଗଠନିକ ଜିଲାର ସଭାପତି ବିଜୟ କୁମାର ସ୍ୱାଇଁ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ଜିଲା ପଦାଧିକାରୀ ଭାବେ ମନୋନୀତ କରିଛନ୍ତି। ନୂତନ କର୍ମକର୍ତ୍ତାଙ୍କୁ ନେଇ ତୃଣମୂଳ ସ୍ତରରେ ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି। ନୂତନ କମିଟିରେ ସଭାପତିଙ୍କ ସହିତ ୮ ଉପ ସଭାପତି, ୮ ସମ୍ପାଦକ, ୩ ସାଧାରଣ ସମ୍ପାଦକ ଏବଂ ଜଣେ କୋଷାଧ୍ୟକ୍ଷ ଅଛନ୍ତି। ଏହି ଜିଲା ପଦାଧିକାରୀ ତାଲିକାରେ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରୁ ୪ ଜଣଙ୍କ ନାମ ରହିଛି। ଚିକିଲିର ଯୁବନେତା ଅରୁଣ କୁମାର ଖୁଣ୍ଟିଆ ଓ ପଥରାର ବରିଷ୍ଠ ନାରୀ ନେତ୍ରୀ ବିଜୟଲକ୍ଷ୍ମୀ ବାଲା ଜିଲା ଉପସଭାପତି, ଯଜ୍ଞ ନାରାୟଣ ଦାଶ ସାଧାରଣ ସମ୍ପାଦକ ଏବଂ ସୋସିଆଲ ମିଡ଼ିଆ ପାଇଁ ଦେବଦତ୍ତ ପ୍ରଧାନ ମନୋନୀତ ହୋଇଛନ୍ତି। ଜିଲା ପଦାଧିକାରୀ ତାଲିକାରେ ମନୋନୀତ ହୋଇଥିବା ନେତାମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ଘୁମୁସର–ଆସିକା ସାଙ୍ଗଠନିକ ଜିଲା ସଭାପତି ସ୍ୱାଇଁ, ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ଓ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଅତ୍ୟାଚାର, ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ ହେଉ

ଭଞ୍ଜନଗର,୩୧।୧୨(ବାବୁଲା ପ୍ରଧାନ):

ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି ରାଧାକୃଷ୍ଣ ପାଠାଗାରରେ ମଙ୍ଗଳବାର ସନ୍ଧ୍ୟାରେ ଚକରା ବିଷୋୟୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ‘ଚକରା ବିଷୋୟୀଙ୍କ ଐତିହାସିକ ବିଦ୍ରୋହ ଓ ସାଂପ୍ରତିକ ଅବସ୍ଥା’ ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ପ୍ରଧାନଶିକ୍ଷକ ନିରଞ୍ଜନ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ପଞ୍ଚାନନ ସାହୁ ଚକରା ବିଷୋୟୀଙ୍କ ସ୍ମୃତି ସମ୍ପର୍କିତ ଏକ ସଂଗ୍ରାମୀ କବିତା ପରିବେଷଣ କରିଥିଲେ। ଓଡ଼ିଶା କୃଷକ ସଭା ଗଞ୍ଜାମ ଜିଲା କମିଟି ସଭ୍ୟ ତଥା ସମ୍ପାଦକ ବେଲଗୁଣ୍ଠା ବ୍ଲକ ଦୀନବନ୍ଧୁ ଜେନା ମୁଖ୍ୟ ଅତିଥି, ନେତାଜୀ ବିଷୋୟୀ ସମ୍ମାନିତ ଅତିଥି ଓ ରୁଢାପଦର ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଗୌରହରି ବାଉତ୍ୟା, ମୁଖ୍ୟବକ୍ତା ରୂପେ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଦୀନବନ୍ଧୁ ଜେନା ତାଙ୍କ ବକ୍ତବ୍ୟରେ ଆମେ ସମସ୍ତେ ଚକରା ବିଷୋୟୀଙ୍କ ତ୍ୟାଗପୂତ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରିବା ଆମର କର୍ତ୍ତବ୍ୟ ବୋଲି କହିଥିଲେ। ପାଠାଗାର ସମ୍ପାଦକ ଭଞ୍ଜ କିଶୋର ପ୍ରଧାନ ଚକରା ବିଷୋୟୀଙ୍କ କ୍ରାନ୍ତିକାରୀ ଚେତନାରେ ଅନୁପ୍ରାଣିତ ହେବା ପାଇଁ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମ ଚରଣ ପ୍ରଧାନ ବର୍ତ୍ତମାନ ସମାଜରେ ଦେଖାଯାଉଥିବା ସାମ୍ପ୍ରଦାୟିକ ବିଦ୍ୱେଷ ଓ ଘୃଣାରୁ ନିବୃତ୍ତ ରହିବା ପାଇଁ ଆହ୍ୱାନ ଦେଇଥିଲେ । ସମାଜିକ କର୍ମୀ ବିକାଶ ଜେନା ଚକରା ବିଷୋୟୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜ୍ଞାନ ଉପରେ ଆଧାରିତ ଜ୍ଞାନ କୌଶଳକୁ ସାମାଜିକ ପରିବର୍ତ୍ତନରେ ଉପଯୋଗ କରିବା ପାଇଁ ମତବ୍ୟକ୍ତ କରିଥିଲେ । ଆନନ୍ଦ ସଂଗୀତାୟାନର ଗୁରୁ ଅଶୋକ କୁମାର ମହାପାତ୍ର, ପୁରୁଷୋତ୍ତମ ମହାପାତ୍ର, ସତେଶର ମହାରଣା, ଦିଲ୍ଲୀପ କୁମାର ପଗଡ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଜୟରାମ ଗୌଡ଼, ଅବସରପ୍ରାପ୍ତ ମୁଖ୍ୟ କିରାଣି ତାରିଣୀ ନାୟକ, କୃଷ୍ଣ ନାୟକ, ବୈଦ୍ୟ ପ୍ରଧାନ, ଶିକ୍ଷକ ଦିବାକର ଲେଙ୍କା, ଯୁବ କଂଗ୍ରେସ ନେତା ସୁକାନ୍ତ ଦିଗାଲ, ଛାତ୍ରନେତା ଉତ୍ତମ ପ୍ରଧାନ, ପ୍ରସନ୍ନ ତ୍ରିପାଠୀ ଓ ମହିଳା ସମାଜସେବୀ ସୁନୀତା କୁମାରୀ ବିଷୋୟୀ, ଉଲ୍ଲା ସେଠୀ, ରମାକାନ୍ତ ବିଷୋୟୀ ସମେତ ଅଞ୍ଚଳବାସୀ ଉପସ୍ଥିତ ରହିଥିଲେ। ସମ୍ପାଦକ ଭଞ୍ଜ କିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଞ୍ଜାମ ବ୍ଲକର ୨ଗାଁକୁ ରାଜସ୍ୱ ଗ୍ରାମ ମାନ୍ୟତା

ଗଞ୍ଜାମ,୩୧।୧୨(ଅନାଥ ତରାଇ):

ଗଞ୍ଜାମ ବ୍ଲକର ରାମଗଡ଼ ପଞ୍ଚାୟତ ଅନ୍ତର୍ଗତ ଗଜପତି ନଗର ଓ ଅରୁଣପୁର ଗ୍ରାମକୁ ନୂଆ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯାଇଛି। ଏହି ଉପଲକ୍ଷେ ରାମଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ବିଶେଷ କାର୍ଯ୍ୟକ୍ରମ ହୋଇଥିଲା। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ, ଉପରୋକ୍ତ ୨ ଗ୍ରାମର ଦୀର୍ଘ ବର୍ଷର ଦାବି ବର୍ତ୍ତମାନର ସରକାର ପୂରଣ କରିଛନ୍ତି। ରାଜସ୍ୱ ଗ୍ରାମ ଘୋଷଣା ଫଳରେ ଏଣିକି ଗ୍ରାମବାସୀ ସମସ୍ତ ସରକାରୀ ଓ ରାଜସ୍ୱ ସୁବିଧା ଅଧିକ ଭାବେ ପାଇପାରିବେ। ୨୪ ବର୍ଷରେ ବିଜେଡି ସରକାର ଏହି କାମ କରିପାରି ନ ଥିବା ବେଳେ ବର୍ତ୍ତମାନର ସରକାର ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ବିକାଶର ଧାରାକୁ ତ୍ୱରାନ୍ୱିତ କରିଚାଲିଛନ୍ତି। ଛତ୍ରପୁରକୁ ମ୍ୟୁନିସିପାଲିଟି ଘୋଷଣା ସହ ଅନ୍ୟାନ୍ୟ ବିକାଶ କାର୍ଯ୍ୟ ହାତକୁ ନିଆଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ସମିତି ସଭ୍ୟା ଗୀତାଞ୍ଜଳି ବେହେରା, ସରପଞ୍ଚ ସନ୍ତୋଷିନୀ ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା, ତହସିଲଦାର ସୁକାନ୍ତ ମିଶ୍ର ଓ ବିଡିଓ ଅତ୍ୟୁତାନନ୍ଦ ଜାନି ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ନାୟକ ୬୦୦ରୁ ଅଧିକ ଜଣଙ୍କୁ ଜମି ପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ ତହସିଲଦାର ସଂଯୋଜନା କରିଥିଲେ।

# ଜରାଶ୍ରମକୁ କଳିଙ୍ଗ ବୈଶ୍ୟ ମହିଳା ସଂଘର ସହାୟତା

ବେଲଗୁଣ୍ଠା,୩୧।୧୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକର ତନରଡ଼ା ପଞ୍ଚାୟତ ନିକଟ ସତ୍ୟଶ୍ରୀ ଜରାଶ୍ରମରେ ବେଲଗୁଣ୍ଠା କଳିଙ୍ଗ ବୈଶ୍ୟ ମହିଳା ସଂଘର କର୍ମକର୍ତ୍ତା ଓ ସଭ୍ୟାମାନେ ପହଞ୍ଚି ସେଠାରେ ରହୁଥିବା ଅନ୍ତେବାସୀଙ୍କ ସକାଶେ ସାହାଯ୍ୟର ହାତ ବଢ଼ାଇଛନ୍ତି। ସେମାନଙ୍କ ପାଇଁ ଗ୍ୟାସ ଚୁଲା, ସିଲିଣ୍ଡର, ପ୍ରେସର କୁକର, ସିଲିଂ ଫ୍ୟାନ ଏବଂ କିଛି ଖାଦ୍ୟ ପଦାର୍ଥ ପ୍ରଦାନ କରିଛନ୍ତି। ଏଥିରେ ଘୁମୁସର ଅଞ୍ଚଳ ମହିଳା ସଂଘର ଉପ ସଭାନେତ୍ରୀ ଏ. ରାଧାରାଣୀ ପାତ୍ର, ସଂଘର ସଭାନେତ୍ରୀ ସିଏଚ. ସ୍ୱପ୍ନା ରାଣୀ ସୁବୁଦ୍ଧି, ଏ. ସସ୍ମିତା ପାତ୍ର, ସଂପାଦିକା ସିଏଚ୍. ଯଶ୍ୱିନୀ ପାତ୍ର, ଏମ. ସସ୍ମିତା ପାତ୍ରଙ୍କ ସମେତ ବହୁ ମହିଳା ସଭ୍ୟା ଉପସ୍ଥିତ ଥିଲେ। ଜରାଶ୍ରମରେ ୧୩ ଜଣ ବୃଦ୍ଧ ଓ ୧୨ ଜଣ ବୃଦ୍ଧା ରହୁଛନ୍ତି। ସେଠାର ଗୃହ ଗୁଡିକ ଅତ୍ୟନ୍ତ ପୁରୁଣା ହୋଇଯାଇଥିବାରୁ ସୋରଡ଼ା ବିଧାୟକ ନୀଳମଣି ବିଷୋଇ ମଧ୍ୟ ଅନୁଦାନ ପ୍ରଦାନ କରିଥିବା ଜରାଶ୍ରମର ମୁଖ୍ୟ ବ୍ୟବସ୍ଥାପକ ରବିନ୍ଦ୍ର ପାତ୍ର ମତବ୍ୟକ୍ତ କରିଛନ୍ତି।

# ସାନକୋଦଣ୍ଡାକୁ ହରାଇ ବୋଇରାଣୀ ଚାମ୍ପିୟନ

## ମୁଜାଗଡ଼ କ୍ରିକେଟ ଟୁର୍ନାମେଣ୍ଟ

ଭଞ୍ଜନଗର,୩୧।୧୨(ବାବୁଲା ପ୍ରଧାନ):

ଭଞ୍ଜନଗର ବ୍ଲକ ମୁଜାଗଡ଼ରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ମଙ୍ଗଳବାର ସାନକୋଦଣ୍ଡା ଓ ବୋଇରାଣୀ ମଧ୍ୟରେ ହୋଇଥିଲା। ଏଥିରେ ବୋଇରାଣୀ ୫ ଉଇକେଟରେ ବିଜୟୀ ହୋଇଛି। ସାନକୋଦଣ୍ଡା ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରିଥିଲା। ବୋଇରାଣୀ ଦ୍ୱିତୀୟ ବ୍ୟାଟିଂ କରି ୧୪ ଓଭର ୧ ବଲରେ ୫ ଉଇକେଟ ବିନିମୟରେ ବିଜୟ ପାଇଁ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା। ବୋଇରାଣୀର ପ୍ରଦୀପ ଶ୍ରେଷ୍ଠ ଖେଳାଳି ଓ ମିଟୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ। କନ୍ଧମାଳ ଏମପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ଭାଜପା ନେତା ଧୋବା ଗୌଡ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜା ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଦୀପକ ସାହୁ ସ୍କୋରର ଦାୟିତ୍ୱରେ ଥିଲେ। ସୁମନ୍ତ ସାହୁ ଓ ପୂର୍ଣ୍ଣ ନାୟକ ଅମ୍ପାୟାରିଂ କରିଥିଲେ। ସ୍ୱେଚ୍ଛାସେବୀ ଅଭୟ ପ୍ରଧାନ ସଭାକୁ ସଂଯୋଜନା କରିଥିଲେ।

# ନୂତନ ଉପଖଣ୍ଡ ଚିକିତ୍ସାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ




ଉପସ୍ଥିତ ଅତିଥିମାନେ।

ଆସିକା,୩୧।୧୨(ସୁରେନ୍ଦ୍ର ନାଥ ସାହୁ):

ଆସିକା–ବାଲିପଦର ମୁଖ୍ୟରାସ୍ତାର ଆସିକା ବ୍ଲକ ଅନ୍ତର୍ଗତ ନୂଆବାବନପୁରଠାରେ ହେବାକୁ ଥିବା ନୂତନ ଉପଖଣ୍ଡ ଚିକିତ୍ସାଳୟର ନିର୍ମାଣ କାର୍ଯ୍ୟ ଆସିକା ବିଧାୟକ ସରୋଜ ପାଢୀଙ୍କ ଉପସ୍ଥିତିରେ ଶୁଭାରମ୍ଭ ହୋଇଛି। ସେଠାରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଭି. କର୍ତ୍ତିଭାସନ, ହିମାଂଶୁ ଶେଖର, ଭଞ୍ଜନଗର ଉପଜିଲାପାଳ ଉମାଶଙ୍କର ବେହେରା, ତହସିଲଦାର ସଙ୍ଗୀତା ସେନ, ଭାରପ୍ରାପ୍ତ ବିଡିଓ ରାଜେନ୍ଦ୍ର ନାୟକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରେସମା ଦୋରା, ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡା.ବାଲଗୋପାଳ ବେହେରା, ନିର୍ବାହୀ ଯନ୍ତ୍ରୀ ସତ୍ୟରଞ୍ଜନ ପରିଡା, ଭାଜପା ନେତା ଶିବ ନାୟକ, ଭଗବାନ ସାହୁ, ସଙ୍ଗୀତ ପାଢୀ, ସମ୍ବିତ ପାଢୀଙ୍କ ସମେତ ବହୁ ଅଧିକାରୀ ସାମିଲ ଥିଲେ। ପ୍ରାୟ ୪ ଏକରରୁ ଉର୍ଦ୍ଧ୍ୱ ଜାଗାରେ ୪୭ କୋଟି ବ୍ୟୟବରାଦରେ ଚାରି ମହଲା ବିଶିଷ୍ଟ କୋଠା ନିର୍ମାଣ ଲାଗି ଆକଳନ କରାଯାଇଛି । ଏହି କାର୍ଯ୍ୟ ୨ବର୍ଷ ମଧ୍ୟରେ ସରିବ। ୧୦୦ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନାରେ ଅତ୍ୟାଧୁନିକ ସମସ୍ତ ଚିକିତ୍ସା ବ୍ୟବସ୍ଥା, ଡାକ୍ତର ଓ କର୍ମଚାରୀଙ୍କ ପାଇଁ କୋଠା ଆଦି ନିର୍ମାଣ କରାଯିବ ବୋଲି ଜଣାପଡିଛି। ଏହି ଅବସରରେ ବିଧାୟକ ପାଢୀ ଆସିକା ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାର ବିକାଶ ଲାଗି ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଆସିକା ଅଞ୍ଚଳର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଲାଗି ପ୍ରସ୍ତୁତ ଖସଡା ସମ୍ପର୍କରେ ସୂଚନା ଦେଇଥିଲେ ।

## ମିଞ୍ଜିଣିପାଟଣା ସବ୍ ପୋଷ୍ଟ ଅଫିସକୁ ଉଠାଇ ନେବାକୁ ବିଜ୍ଞପ୍ତି

# ଗ୍ରାମବାସୀଙ୍କ ବିରୋଧ, ୨ରୁ ଧାରଣା

ଛତ୍ରପୁର,୩୧।୧୨ (ଦିଲୀପ ସାମଲ)



ଗଞ୍ଜାମ ଜିଲା ରମ୍ଭା ନିକଟସ୍ଥ ମିଞ୍ଜିଣିପାଟଣାରେ ଥିବା ଉପଡାକଘରକୁ ଉଠାଇବା ପାଇଁ ନିକଟରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀର୍ଘ ୫୦ ବର୍ଷ ଧରି ରହିଥିବା ଏହି ପୋଷ୍ଟ ଅଫିସକୁ ଉଠାଇନେବା ନିଷ୍ପତ୍ତିକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏହାର ପ୍ରତିବାଦରେ ଜାନୁୟାରୀ ୨ ତାରିଖରୁ ଅହରାତ୍ର ଧାରଣା ଦେବେ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଏନେଇ ମଙ୍ଗଳବାର ଅପରାହ୍ନରେ ପୂର୍ବତନ ବିଧାୟକ ତଥା ସିପିଆଇ ନେତା ଏନ. ନାରାୟଣ ରେଡ୍ଡୀଙ୍କ ନେତୃତ୍ୱରେ ଗ୍ରାମର ବହୁ ବ୍ୟକ୍ତି ଗଞ୍ଜାମ ଜିଲା ଅତିରିକ୍ତ ଜିଲାପାଳ ପ୍ରମୋଦ ପୃଷ୍ଟିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପୋଷ୍ଟ ଅଫିସ ହେଉଛି ବହୁ ପୁରୁଣା ପୋଷ୍ଟ ଅଫିସ । ଏହାଦ୍ୱାରା ଅଞ୍ଚଳବାସୀ ସଞ୍ଚୟ, ଉଠାଣ ସାଙ୍ଗକୁ ପାର୍ସଲ, ମନିଅର୍ଡର ସୁବିଧା ପାଉଥିଲେ। ଏଠାରୁ ଏହାକୁ ଉଠାଇ ନେଲେ ଲୋକେ ବିଭିନ୍ନ ଅସୁବିଧା ସମ୍ମୁଖୀନ ହେବେ ବୋଲି ସେମାନେ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଣୁ ଏହି ପୋଷ୍ଟ ଅଫିସକୁ ମିଞ୍ଜିଣିପାଟଣାରୁ ନ ଉଠାଇବା ଲାଗି ଗ୍ରାମବାସୀ ଅନୁରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଭାସ୍କର ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ପୂର୍ବରୁ ଗ୍ରାମବାସୀମାନେ ଡାକବିଭାଗ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଭେଟି ସେମାନଙ୍କ ଦାବି ସମ୍ପର୍କରେ ଜଣାଇଛନ୍ତି।

# ପରିଦର୍ଶନ, ସମୀକ୍ଷାରେ ସୀମିତ ପଦକ୍ଷେପ

## ଯାଜପୁର ଜିଲାରେ ଅଧାପନ୍ତରିଆ ବହୁ ପର୍ଯ୍ୟଟନ କେନ୍ଦ୍ର

ଯାଜପୁର,୩୧।୧୨
(ହର୍ଷବର୍ଦ୍ଧନ ବେହେରା)

ପ୍ରାକୃତିକ ବିଭବ ଏବଂ ଐତିହ୍ୟ ଯୋଗୁ ଯାଜପୁର ମାଟି ସର୍ବଜନବିଦିତ। ଏଠାକାର ସର୍ବଧର୍ମ ସମନ୍ୱୟର ପ୍ରତୀକ ବରାହ-ବିରଜା କ୍ଷେତ୍ର, ଓଳାଶୁଣୀ ଗୁମ୍ଫା, ମାଳିକା ବର୍ଣ୍ଣିତ ଛତିଆ ବଟ, ପବିତ୍ର ଦଶାଶ୍ୱମେଧ ଘାଟ, ସପ୍ତମାତୃକା ମନ୍ଦିର, ମହାବିନାୟକ ପୀଠ, ଚଣ୍ଡୀମନ୍ଦିର, ଅଶୋକ ଝର, ବ୍ୟାସ ସରୋବର, ରତ୍ନଗିରି, ଉଦୟଗିରି, ଲଳିତଗିରି, ଗୋକର୍ଣ୍ଣେଶ୍ୱର, ବରୁଣେଶ୍ୱର ପ୍ରଭୃତି ପର୍ଯ୍ୟଟନ କେନ୍ଦ୍ର ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ହେଲେ ଏହି ପୀଠଗୁଡ଼ିକ ଉପରେ ପ୍ରଶାସନିକ ଅବହେଳା ଏବଂ ଦୀର୍ଘ ୫ ବର୍ଷ ହେବ ଅଧାପନ୍ତରିଆ ହୋଇ ପଡ଼ିଥିବା ପ୍ରକଳ୍ପଗୁଡ଼ିକ ପର୍ଯ୍ୟଟକଙ୍କୁ ନିରାଶ କରୁଛି। ଏଥର ପର୍ଯ୍ୟଟନ ଋତୁରେ ଆଗଭଳି ଦେଶ ବିଦେଶରୁ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସୁ ନଥିବା ଦେଖିବାକୁ ମିଳିଛି। ପ୍ରଶାସନିକସ୍ତରରେ ପ୍ରକଳ୍ପଗୁଡ଼ିକ ଶେଷ କରିବାକୁ କେବଳ ପରିଦର୍ଶନ ଓ ସମୀକ୍ଷାରେ ପଦକ୍ଷେପ ସୀମିତ ରହିଛି।

ଯାଜପୁର ଜିଲାର ଆରାଧ୍ୟା ଦେବୀ ମା' ବିରଜାଙ୍କ ମନ୍ଦିର ପରିସରରେ ନିର୍ମାଣାଧୀନ ତୀର୍ଥଯାତ୍ରୀ ସୁବିଧା ଏବଂ ସମ୍ପ୍ରଦାୟ କେନ୍ଦ୍ର ପ୍ରକଳ୍ପକୁ ସମୟୋପଯୁକ୍ତ ଓ ଉଚ୍ଚ ଗୁଣମାନରେ ସମାପ୍ତ କରିବା ଦିଗରେ ଜିଲା ପ୍ରଶାସନ ପକ୍ଷରୁ ନିକଟରେ ଦୃଢ଼ ଓ ସକ୍ରିୟ ପଦକ୍ଷେପ ନିଆଯାଇଛି। ଏହି ପ୍ରକଳ୍ପର ଫେଜ୍-୧ ଓ ଫେଜ୍-୨ କାର୍ଯ୍ୟ ସ୍ପେଶାଲ ପ୍ରୋବ୍ଲେମ ଫଣ୍ଡ ଓ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଅନ୍ତର୍ଗତ ସମ୍ପୂର୍ଣ୍ଣ ଅର୍ଥ ଅନୁଦାନରେ କାର୍ଯ୍ୟାନ୍ୱିତ ହେଉଛି। ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରାୟ ୬ କୋଟି ୫୦ ଲକ୍ଷ ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୯ କୋଟି ୯୯ ଲକ୍ଷ ଟଙ୍କା ରାଶି ପୂର୍ବରୁ ହସ୍ତାନ୍ତର କରାଯାଇଛି। ଏହି ପ୍ରକଳ୍ପର କାର୍ଯ୍ୟଗତି, ଗୁଣାତ୍ମକମାନ ଓ ସମୟସୀମାକୁ ଅନୁସରଣ କରି ସୁନିଶ୍ଚିତ କରିବା ପାଇଁ ଜିଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶରେ ବୈଷୟିକ, ଆର୍ଥିକ ବିଶେଷଜ୍ଞ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଏକ ଜିଲାସ୍ତରୀୟ ସମୀକ୍ଷା କମିଟି ଗଠନ କରାଯାଇଛି। ହେଲେ କାର୍ଯ୍ୟର ଅଗ୍ରଗତିକୁ ଦେଖିଲେ ପୂର୍ବଭଳି କାର୍ଯ୍ୟ ମନ୍ଥର ଗତିରେ ହେଉଥିବା ମତପ୍ରକାଶ ପାଉଛି। ଗତ ସପ୍ତାହରେ ପର୍ଯ୍ୟଟନ ବିଭାଗ କମିଶନର ବଳବନ୍ତ ସିଂ ଯାଜପୁର ଗସ୍ତରେ ଆସିଥିଲେ। ସଚିବ ସିଂ ବଡ଼ଚଣା ବ୍ଲକ ଅନ୍ତର୍ଗତ ଓଳାଶୁଣୀ ଗୁମ୍ଫା ଗସ୍ତ କରିବା ସହ ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ ଏବଂ ଲଳିତଗିରି ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ। ଏହାପରେ ସେ ଜିଲାର ପୁରାତନ ବୌଦ୍ଧ କୀର୍ତ୍ତିରାଜି ଉଦୟଗିରି ଏବଂ ରତ୍ନଗିରି ପରିଦର୍ଶନ କରିବା ସହ ବୌଦ୍ଧଧର୍ମ ଗୁରୁ, ସ୍ଥାନୀୟ ଜନପ୍ରତିନିଧି ଓ ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ। ଏହି ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ଉନ୍ନତି ପାଇଁ ପ୍ରସ୍ତାବିତ ଭିତ୍ତିଭୂମି ବୁଲି ଦେଖିବା ସହ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲାରେ ଏକ ସମନ୍ୱିତ ବୌଦ୍ଧ ସର୍କିଟ ବିକଶିତ କରିବାକୁ ପରିକଳ୍ପନା କରାଯାଇଛି। ଏହି ପ୍ରକଳ୍ପ ଅଧୀନରେ ଏଠାରେ ଏକ ଇଣ୍ଟରପ୍ରିଟେସନ କେନ୍ଦ୍ର, ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧା ସହ ବୌଦ୍ଧ କୀର୍ତ୍ତିରାଜିର ସଂରକ୍ଷଣ, ପ୍ରଚାର ପ୍ରସାର କରାଯିବ। ଆସନ୍ତା ଜାନୁଆରୀ ୨୦୨୬ରେ ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କ ଉଦ୍ଦେଶ୍ୟରେ ଉଦୟଗିରିଠାରେ ହେବାକୁ ଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀକୁ ଦୃଷ୍ଟିରେ ରଖି ସଚିବ ସିଂ ପ୍ରସ୍ତୁତି ପର୍ବକୁ ମଧ ସମୀକ୍ଷା କରିଥିଲେ। ଏହି ସମ୍ମିଳନୀରେ ଦେଶ ବିଦେଶରୁ ଅନେକ ବୌଦ୍ଧ ଧର୍ମାବଲମ୍ବୀ ଯୋଗଦେବା ସହ ସ୍ୱର୍ଣ୍ଣିମ ତ୍ରିଭୁଜ ଯଥା ଉଦୟଗିରି, ରତ୍ନଗିରି ଓ ଲଳିତଗିରି ପରିଦର୍ଶନ କରିବେ। ଏହାପରେ ସଚିବ ବଳବନ୍ତ ସିଂ ଯାଜପୁର ସହରରେ ନିର୍ମାଣାଧୀନ ସୁଉଚ୍ଚ ଧ୍ୟାନମଗ୍ନ ଶିବ ମୂର୍ତ୍ତି ପ୍ରକଳ୍ପ, ବରାହପୀଠରେ ଥିବା ସଂଗ୍ରହାଳୟ ଆଦି ପରିଦର୍ଶନ କରିଥିଲେ। ତେବେ ଏହି ପରିଦର୍ଶନ ଏବଂ ଜିଲା ପ୍ରଶାସନ ସହ ସମୀକ୍ଷା ଆଗକୁ କେତେଦୂର ସଫଳ ହେଉଛି, ତାହା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଉପରେ ନିର୍ଭର କରିବ ବୋଲି ଚର୍ଚ୍ଚା ହେଉଛି।


ଯାଜପୁର ବିରଜା ମନ୍ଦିର ଭିତରବେଢ଼ା ଅଧାପନ୍ତରିଆ।

ଅନ୍ୟପକ୍ଷେ ଅନ୍ୟତମ ପର୍ଯ୍ୟଟନ କେନ୍ଦ୍ର ବ୍ୟାସ ସରୋବର ପ୍ରତି ସମସ୍ତେ ଆଖି ବୁଜି ଦେଇଥିବା ମନେହେଉଛି। ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍) ପାଣ୍ଠିରେ ପ୍ରାୟ ୭୦ କୋଟି ଟଙ୍କା ଖର୍ଚ୍ଚ କରି ନିର୍ମାଣ ହୋଇଥିବା ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ହେବାର ୧୦ ମାସ ଅତିକ୍ରାନ୍ତ ହୋଇ ସାରିଛି। ଏହି ପ୍ରକଳ୍ପରେ କେବଳ ଚାରାରୋପଣରେ ୧୦ କୋଟି ଏବଂ ବିଦ୍ୟୁତ୍‌କରଣରେ ୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ଏଯାଏ ବ୍ୟାସସରୋବର ପ୍ରକଳ୍ପରେ ପର୍ଯ୍ୟଟକମାନେ କୌଣସି ଲାଭ ପାଉନାହାନ୍ତି। ସନ୍ଧ୍ୟା ହେଲେ ବିଜୁଳି ଆଲୁଅ ଜଳୁନାହିଁ। ବୋଟିଂ ବ୍ୟବସ୍ଥା ହୋଇଥିଲେ ହେଁ ଲୋକେ ଏଯାଏ ଏଠାରେ ବୋଟ ଦେଖିନାହାନ୍ତି। କଳିଙ୍ଗନଗର ଉନ୍ନୟନ ପରିଷଦ(କେଏନଡିଏ) ପକ୍ଷରୁ ପର୍ଯ୍ୟଟକଙ୍କ ପିଛା ୨୦ ଟଙ୍କା ଲେଖାଏଁ ଆଦାୟ ହେଉଛି ସତ, ହେଲେ ପର୍ଯ୍ୟଟକମାନେ ଭିତରକୁ ବୁଲିବାକୁ ଗଲେ ଶୁଖିଲା ଗଛ, ଘାସ ସମେତ ବ୍ୟାସ ସରୋବରର ପାଣି ଦେଖି ନିରାଶ ହୋଇ ଫେରୁଛନ୍ତି।

# ଆହତଙ୍କୁ ଅଂଶୁମାନ୍ ଟ୍ରଷ୍ଟ ପକ୍ଷରୁ ସହାୟତା

କାଏମା,୩୧।୧୨
(ଶିବପ୍ରସାଦ ମହାନ୍ତି):



ଧର୍ମଶାଳା ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ଯୁବକଙ୍କ ପରିବାରକୁ ବୁଧବାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେ ହେଲେ ଧର୍ମଶାଳା ବଜାର ଅଞ୍ଚଳର ସେକ୍ ଇସରାଇଲଙ୍କ ପୁଅ ସେକ୍ ଇସାକ(୨୦)। ଗତ ୩ ଦିନ ତଳେ ଇସାକ ସଡ଼କ ଦୁର୍ଘଟଣାର ଶିକାର ହୋଇଛନ୍ତି। ତାଙ୍କର ଏକ ଗୋଡ଼ର ହାଡ ଭାଙ୍ଗିଯାଇଛି। ଏବେ ସେ କଟକ ବଡ଼ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଟ୍ରଷ୍ଟ ପକ୍ଷରୁ ଲୋକନାଥ ମହାନ୍ତିଙ୍କ ନେତୃତ୍ୱରେ ଟିଟା ରାଉତ, ଅନୁପ ସାମଲ, ନିଜାମୁଦ୍ଦିନ, ବବୁଲ ଖାଁ ପ୍ରମୁଖ ମେଡିକାଲରେ ପହଞ୍ଚି ତାଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଅଣ୍ଡା ଦର ଆକାଶଛୁଆଁ: ମଧ୍ୟାହ୍ନଭୋଜନ ପ୍ରଭାବିତ

ବାଲିଚନ୍ଦ୍ରପୁର,୩୧।୧୨
(ଗିରିଜା ପ୍ରସାଦ ସାହୁ) :

ଦୁଇ ମାସ ହେବ ବଜାରରେ ଅଣ୍ଡା ଦର ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ ପେଟି ଉପରେ ବ୍ୟବସାୟୀ ୫୦ ଟଙ୍କା ବଢାଇ ଚାଲିଛନ୍ତି। ଏବେ ପେଟି ପ୍ରତି ରେଟ ୧୭ଶହ ଟଙ୍କା କିଣା ପଡୁଥିବାବେଳେ ତାହା ସହିତ ରହିଛି ଟ୍ରାନ୍ସପୋଟିଂ ଖର୍ଚ୍ଚ। ହିସାବ କରି ଦେଖିଲେ ଅଣ୍ଡା ଗୋଟି ୮ରୁ ୯ ଟଙ୍କା କିଣା ପଡୁଛି। ଯାହାର ପ୍ରଭାବ ସିଧାସଳଖ ଖାଉଟି, ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରର ମଧ୍ୟାହ୍ନଭୋଜନ ଉପରେ ପଡ଼ିଛି। ସରକାରଙ୍କ ପକ୍ଷରୁ ଯେତିକି ଅର୍ଥ ବ୍ୟୟ ବରାଦ ଧାର୍ଯ୍ୟ କରାଯାଇଛି ତାହାଠାରୁ ଯଥେଷ୍ଟ ଅଧିକ ମୂଲ୍ୟ ଦେଇ କ୍ରୟ କରିବାକୁ ପଡୁଛି। ଜଣେ ଅଣ୍ଡ ବ୍ୟବସାୟୀଙ୍କୁ ପଚାରିବାରେ ପୂର୍ବରୁ ଅନ୍ୟ ରାଜ୍ୟରେ ଯେଉଁ ବାଡ଼ଫ୍ଲୁ ହୋଇଥିଲା ସେଥିରେ କୁକୁଡ଼ା ମଡ଼କ ପଡ଼ିଥିଲା। ପ୍ରଡ଼କ୍ସନ କମ ହେଉଥିବାରୁ ଦାମ ବଢୁଛି। ଯେଉଁ ଅନୁସାରେ କିଣା ପଡୁଛି ସେହିଭଳି ବିକ୍ରି କରାଯାଉଛି ବୋଲି ପ୍ରକାଶ କରିଛନ୍ତି। ଅଣ୍ଡା ପାଇଁ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରିବାକୁ ପଡୁଛି। ଯଦି ରାଜ୍ୟ ସରକାର ଓଡ଼ିଶାରେ ଅଧିକ ଅଣ୍ଡା ଦିଆ କୁକୁଡ଼ା ପାଳନ ଉପରେ ଗୁରୁତ୍ୱ ଦିଅନ୍ତେ ଏପରି ଅବସ୍ଥା ଏଡ଼ାଇ ଦିଆଯାଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରୁ ମତପ୍ରକାଶ ପାଇଛି।

# ଖଣ୍ଡିତର ଉଚ୍ଚ ବିଦ୍ୟାଳୟ ୧୯୮୮ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

ରସୁଲପୁର,୩୧।୧୨(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୮ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ଏକ ଆଲୋଚନାଚକ୍ରରେ ପୁରାତନ ଛାତ୍ର ସିର୍ଦ୍ଧାର୍ଥ ଶଙ୍କର ଦାଶ ଅଧ୍ୟକ୍ଷତା କରିଥିଲେ। ଉପସ୍ଥିତ ପୁରାତନ ବିଦ୍ୟାର୍ଥୀ ଓ ସେମାନଙ୍କ ପରିବାର ବର୍ଗ ପରିବର୍ତ୍ତିତ ପାଣିପାଗ ଏବଂ ପରିବେଶର ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟେକ ସାଥୀ ଓ ସେମାନଙ୍କ ପରିବାର ସଦସ୍ୟ ବ୍ୟାପକ ଗଛ ଲଗାଇବା ସହ ଭୂତଳ ଜଳସ୍ତରକୁ ସୁରକ୍ଷିତ ରଖିବା, ଘରେ ସୁବଜ ଶକ୍ତିର ବ୍ୟବହାର ଦିଗରେ ପଦକ୍ଷେପ ଗ୍ରହଣ କରିବା, ପ୍ରାକୃତିକ ସମ୍ପଦର ସଦୁପଯୋଗ ଓ ପ୍ରକୃତିକୁ ହାନୀ ପହଞ୍ଚାଉଥିବା ବ୍ୟକ୍ତିଙ୍କୁ ସଚେତନ କରାଇବା ଉପରେ ଆଲୋଚନା କରିଥିଲେ। ବ୍ୟାଚ୍‌ର ସଦସ୍ୟଙ୍କ ପକ୍ଷରୁ ବର୍ଷସାରା ହାତକୁ ନିଆଯାଉଥିବା ନାନା ସେବା କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ବନ୍ଧୁମିଳନ ଆଳରେ ଦୂରଦୂରାନ୍ତରେ ଥିବା ସହପାଠୀଙ୍କୁ ଏକାଠି କରିବା ପାଇଁ ସୁଯୋଗ ସୃଷ୍ଟି କରାଇବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମୁକ୍ତିକାନ୍ତ ଦାଶଙ୍କୁ ବ୍ୟାଚ୍ ପକ୍ଷରୁ ସାଧୁବାଦ ଜ୍ଞାପନ କରାଯାଇଥିଲା। ଉତ୍ସବରେ ପୁରାତନ ବିଦ୍ୟାର୍ଥୀ ପ୍ରଦୀପ ସାହୁ, ସୁଧାକର ମଲିକ, ପ୍ରଦୀପ ମଲିକ, ପଦ୍ମନାଭ ବେହେରା, ଗତିକୃଷ୍ଣ ମଲିକ, ସ୍ୱର୍ଣ୍ଣମୟୀ ମହାନ୍ତି, ଜ୍ୟୋସ୍ନାରାଣୀ କର, କୁଞ୍ଜଲତା ଘଡ଼ାଇ, ସ୍ନେହଲତା ସାହୁ, ପ୍ରମିଳା ଆଏଚ, ଉର୍ବଶୀ ମଲିକ, ଗଜେନ୍ଦ୍ର ମଲିକ, ପୁଷ୍ପଲତା ସାହୁ, ଅଶୋକ ମଲିକ, ବିନୋଦ ଦାଶ, ମନୋରଞ୍ଜନ ସାହାଣୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ସହପାଠୀ ଓ ସେମାନଙ୍କ ପରିବାର ସଦସ୍ୟ ସହଯୋଗ କରିଥିଲେ।


ବନ୍ଧୁମିଳନରେ ସାମିଲ ହୋଇଥିବା ଖଣ୍ଡିତର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର।

# ନୃତ୍ୟ, ସଙ୍ଗୀତରେ ଦର୍ଶକ ବିଭୋର


ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

## ଗୋଲେଇପୁର ମହୋତ୍ସବର ଷଷ୍ଠ ସନ୍ଧ୍ୟା

ପାଣିକୋଇଲି,୩୧।୧୨
(ବିକାଶ ଚନ୍ଦ୍ର ମଲ୍ଲିକ):

କୋରେଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତ ମହୋତ୍ସବ ଷଷ୍ଠ ସନ୍ଧ୍ୟା ବୁଧବାର ପାଳିତ ହୋଇଯାଇଛି। ଏଥିରେ ପରିବେଷଣ କରାଯାଇଥିବା ନୃତ୍ୟ ଓ ସଂଗୀତରେ ଦର୍ଶକ ବିଭୋର ହୋଇଥିଲେ। ଦୋଳି ଓ ବିଭିନ୍ନ ଷ୍ଟଲରେ ଦର୍ଶକଙ୍କ ଭିଡ଼ ଜମିଥିଲା। ପ୍ରାଧ୍ୟାପକ ଉମାକାନ୍ତ ଖଣ୍ଡାଇଙ୍କ ସଭାପତିତ୍ୱ ଓ ଖବରଦାତା ସୁବାସ ଧଳଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭାଜପା ଜିଲା ସାଧାରଣ ସମ୍ପାଦକ ସୁବାସ ନନ୍ଦ, ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ବଳ, ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, ଶ୍ରମିକ ନେତା ବିଜୟ ବୋଇତାଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଦୀପ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଯୁବ ସାମାଜିକ କର୍ମୀ ଦେବବ୍ରତ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଚନ୍ଦ୍ରକାନ୍ତ ଖଣ୍ଡାଇ, ସମାଧାନ ଦାଶ, ମାଗୁଣୀ ମଲ୍ଲିକ, ଗୁଡୁ ଦାଶ, ଅଜୟ ମିର୍ଦ୍ଧା, ପ୍ରଦୀପ ମହାପାତ୍ର, କୁଳମଣି ସ୍ୱାଇଁ ଓ ସୋନୁ ବାରିକ ପ୍ରମୁଖ ସହଯୋଗ କରିଥିଲେ। ସଚିନ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

## ଅଟୋ ଜବତ, ୪ ଗୋରୁ ଉଦ୍ଧାର

ପାଣିକୋଇଲି,୩୧।୧୨(ବିକାଶ ଚନ୍ଦ୍ର ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ହାଟସାହି-ବଡ଼ବରୁହାଁ ରାସ୍ତାର ଗ୍ୟାସ ଡିଷ୍ଟ୍ରିବ୍ୟୁଟର ନିକଟରେ ଏକ ଅଟୋ ଜବତ କରାଯିବା ସହ ୪ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଅଟୋରେ ପାଲ ଘୋଡ଼ାଯାଇ ଗୋଚାଲାଣ ହେଉଥିବା ସ୍ଥାନୀୟ ଲୋକେ ଦେଖି ଅଟକାଇଥିଲେ। ଏହାପରେ ଥାନାକୁ ଖବର ଦେଇଥିଲେ। ଘଟଣାସ୍ଥଳରୁ ଚାଳକ ଓ ବେପାରି ଫେରାର ହୋଇଯାଇଥିଲେ। ଶଙ୍ଖଚିଲା ଫାଣ୍ଡି ଅଧିକାରୀ ଦେବବ୍ରତ ମହାନ୍ତି ପହଞ୍ଚି ଅଟୋକୁ ଥାନାକୁ ଆଣିଥିଲେ। ଅଟୋ ୪ ଗୋରୁଥିଲେ।

# କମ୍ରେଡ୍ ବସନ୍ତଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

ବଡ଼ଚଣା, ୩୧।୧୨
(ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବେଣାପୁର ଗ୍ରାମର କମ୍ୟୁନିଷ୍ଟ ନେତା କମ୍ରେଡ ବସନ୍ତ କୁମାର ମହାପାତ୍ର (୮୫)ଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାରେ କମ୍ରେଡ ରଞ୍ଜନ କୁମାର ଜେନା ଅଧ୍ୟକ୍ଷତା କରିଥଲେ। ଏଥିରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ସିପିଆଇ ଜିଲା ସମ୍ପାଦକ ଈଶ୍ୱର ପରିଡ଼ା, ବଡଚଣା ଜୋନ ସମ୍ପାଦକ ଅଜୟ କୁମାର ବିଶ୍ୱାଳ, ଭଗବାନ ପଣ୍ଡା, ରବୀନ୍ଦ୍ର କୁମାର ଜେନା, ଶ୍ରମିକ ନେତା କରୁଣାକର ମହାରଣା, ଶିଶୁ ସାହିତ୍ୟିକ ଅଭିମନ୍ୟୁ ଧଳ, ସୁର ମୋହନ ମହାପାତ୍ର, ଅଭିରାମ ସ୍ୱାଇଁ, କିଶୋର ମହାପାତ୍ର, ସଞ୍ଜୟ କୁମାର ଦାଶ, ପ୍ରହଲ୍ଲାଦ ଧଳ, ମୋହନ ଚରଣ ଜେନା, ବିଚିତ୍ରାନନ୍ଦ ଜେନା, ସାଧୁ ଚରଣ ପରିଡ଼ା, କମ୍ରେଡ ଯୁଧିଷ୍ଠିର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସମସ୍ତ ଅତିଥିମାନେ ବସନ୍ତଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ବସନ୍ତ ପ୍ରଥମରୁ ବାମପନ୍ଥୀ ଆଦର୍ଶରେ ଅନୁପ୍ରାଣିତ ହୋଇ ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। କମ୍ୟୁନିଷ୍ଟ ପାର୍ଟିର ଯେଉଁ କାର୍ଯ୍ୟକ୍ରମ ଥିଲା ସେହି ଚିନ୍ତାଧାରାରେ ନିଜକୁ ଉତ୍ସର୍ଗ କରି ବହୁ ଆନ୍ଦୋଳନରେ ଭାଗ ନେଇଥିଲେ। ଚାଷୀମାନଙ୍କ ସମସ୍ୟା ସମ୍ପର୍କରେ ଜୀବନର ଶେଷ ପର୍ଯ୍ୟନ୍ତ ଲଢ଼େଇ କରି ଆସୁଥିଲେ। ସେ କମ୍ୟୁନିଷ୍ଟ ପାର୍ଟିର ଆଜୀବନ ସଭ୍ୟ ହୋଇ ସାଧରଣ ଲୋକମାନଙ୍କ ପ୍ରିୟତ ହୋଇପାରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଓ ତାଙ୍କ ପରିବାର ପ୍ରତି ପ୍ରଭୁ ଶ୍ରୀଜଗନ୍ନାଥ ସହାୟ ହେବାକୁ ସମସ୍ତ ଅତିଥିମାନେ ପ୍ରାର୍ଥନା କରିଥଲେ। କମ୍ରେଡ ସାହୁ ବସନ୍ତଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ତାଙ୍କ ଜ୍ୟେଷ୍ଠପୁତ୍ର ରଞ୍ଜନ କୁମାର ମହାପାତ୍ର ସମସ୍ତ ଅତିଥିମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ବରିଷ୍ଠ ନାଗରିକ ଅନୁଭୂତିର ଗନ୍ତାଘର

## ମା' ହେଙ୍ଗୁଳା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ

ରସୁଲପୁର,୩୧।୧୨
(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଚି ପଞ୍ଚାୟତ ମଧୁବନହାଟ ହିଙ୍ଗୁଳା ପଡ଼ିଆରେ ମା' ହେଙ୍ଗୁଳା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ୫ମ ବାର୍ଷିକୋତ୍ସବ ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଯାଜପୁର ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୀତିକଣ୍ଠ କାନୁନଗୋ, ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ୍ ସୁଶାନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗଦାଧର ରାଉତ, ଯାଜପୁର ଜିଲା ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପ୍ରବୋଧ ନାୟକ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକ ସମାଜରେ ଅଭିଜ୍ଞତା, ଅନୁଭୂତି, ଅନୁଭବ ଗନ୍ତାଘର ବୋଲି ଅଭିହିତ କରିଥିଲେ। ଏଥିସହିତ ସେମାନଙ୍କୁ ସାମାଜିକ ନ୍ୟାୟ, ସୁରକ୍ଷା, ସହାୟତା ପ୍ରଦାନରେ ଆବଶ୍ୟକ ପଦକ୍ଷେପ ନିଆଯିବା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅବହେଳିତ ବରିଷ୍ଠଙ୍କୁ ସବୁ ବର୍ଗର ଲୋକେ ସହାୟତାର ହାତ ବଢ଼ାଇବା ପାଇଁ ଆହ୍ୱାନ ଦେଇଥିଲେ। ମଞ୍ଚ ସମ୍ପାଦକ ନଟବର ସେଠୀ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏଥିସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା କୁଳମଣି ନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

ଏହି ଅବସରରେ ମଞ୍ଚ ପକ୍ଷରୁ ଶିକ୍ଷାବିତ୍ ହିମାଂଶୁ ଭୂଷଣ ପାଳ, ଖବରଦାତା ଅମୂଲ୍ୟ ବରାଳ, ଯୁବନେତା ନିହାର ରଞ୍ଜନ କଣ୍ଠ, ବରିଷ୍ଠ ନାଗରିକ କାଳନ୍ଦି ଚରଣ ସାହୁ, ପଞ୍ଚାନନ ସାହୁ, ଚୈତନ୍ୟ ଚରଣ ସେଠୀ, ବିଶ୍ୱମ୍ଭର ରାଉତ, ଆନନ୍ଦ ଚନ୍ଦ୍ର ସାହୁ ଓ ନରେନ୍ଦ୍ର ତରାଇ ପ୍ରମୁଖଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ମଞ୍ଚ ପକ୍ଷରୁ ମଞ୍ଚାସୀନ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ମଞ୍ଚ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ମଞ୍ଚ ଉପଦେଷ୍ଟା ଦୁଃଶାସନ ସାହୁ ଧନ୍ୟବାଦ ଦେଇଥିଲେ।



ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

# ଗଛକଟା, ଉଚ୍ଛେଦକୁ ବିରୋଧ କଲା କଂଗ୍ରେସ

ଚଣ୍ଡିଖୋଲ,୩୧।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ମଝିପଡ଼ା ପାହାଡ଼ରେ ଆଦିବାସୀଙ୍କୁ ଉଚ୍ଛେଦ ଓ ଗଛକଟାକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ସେଠାରେ ଥିବା ସରକାରୀ ଓ ଜଙ୍ଗଲ ଜମିରୁ ବେଆଇନ ଉଚ୍ଛେଦ ସହ ଗଛ କଟା ସମ୍ପର୍କରେ ଦଳ ପକ୍ଷରୁ ଯାଜପୁର ଜିଲାପାଳଙ୍କୁ ଅବଗତ କରାଯାଇଛି। ବୁଧବାର ଜିଲା କଂଗ୍ରେସ ସଭାପତି ମାଗୁଣି ଜେନାଙ୍କ ନେତୃତ୍ୱରେ ଏକ ଟିମ କ୍ଷେତ୍ର ପରିଦର୍ଶନ କରିଛନ୍ତି। ବାସୁଦେବପୁର ବିଧାୟକ ଅଶୋକ ଦାସ, ପୂର୍ବତନ ଏମ୍‌ପି ଯଶୋବନ୍ତ ସିଂ ଲାଗୁରୀ, ସଂଗଠନ ସୃଜନ କମିଟି ଅଧ୍ୟକ୍ଷ ସୁଧାଂଶୁ ଶେଖର ଦେଓ, ପ୍ରବୀର ବଳ, ସୁଶାନ୍ତ ମିଶ୍ର, ଉମେଶ ମଲ୍ଲିକ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରି ମଝିପଡ଼ା ବିଦ୍ୟାଳୟ ପଛ ପଟେ ଥିବା ଅନାବାଦୀ ଓ ଜଙ୍ଗଲ ଜମିରୁ ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରିଥିଲେ।


କଂଗ୍ରେସର ଏକ ଟିମ୍ କ୍ଷେତ୍ର ପରିଦର୍ଶନରେ ଆସିଛନ୍ତି।

ସୂଚନାଯୋଗ୍ୟ, ଜାନୁଆରୀ ୧୦ରୁ୧୬ ପର୍ଯ୍ୟନ୍ତ ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରିଠାରେ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ୨ ହଜାରରୁ ଅଧିକ ବୌଦ୍ଧ ସନ୍ନ୍ୟାସୀ ଯୋଗଦେଇ ଗୁରୁ ପଦ୍ମ ସମ୍ଭବଙ୍କ ପ୍ରାର୍ଥନା କରିବେ। ୨୦ ଦେଶରୁ ବୌଦ୍ଧ ସନ୍ନ୍ୟାସୀ ଆସିବାକୁ ଥିବାରୁ ମଝିପଡ଼ା ପାହାଡ଼ ପାଦ ଦେଶରେ ସେମାନଙ୍କ ନିମନ୍ତେ ଅସ୍ଥାୟୀ ଶିବିର ତିଆରି କରାଯିବ। ମଝିପଡ଼ା ହାଇସ୍କୁଲ ପଛପଟେ ବ୍ୟାପକ ସ୍ଥାନ ଥିବାରୁ ଜିଲା ପ୍ରଶାସନ ପକ୍ଷରୁ ସେହି ସ୍ଥାନକୁ ଚୟନ କରାଯାଇଛି। ମେଶିନ ଲଗାଇ ସେହି ସ୍ଥାନକୁ ସଫା କରାଯାଉଛି। ସେଠାରେ କେତେଜଣ ଆଦିବାସୀ ପରିବାର ଜବରଦଖଲରେ ରହିଛନ୍ତି। ସେମାନଙ୍କୁ ଉଚ୍ଛେଦ କରାଯିବା ସହ କିଛି ଗଛ ମଧ କଟାଯାଇଛି ବୋଲି ସୂଚନା ମିଳିଛି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ବିନା ଗଛକଟା ଓ ଉଚ୍ଛେଦ ପ୍ରକ୍ରିୟା ନ କରି ଅସ୍ଥାୟୀ ଶିବିର ତିଆରି ହୋଇପାରିବ। ଏ ସମ୍ପର୍କରେ ଜିଲାପାଳ ଅମ୍ବର କୁମାର କରଙ୍କୁ ପଚାରିବାରେ ସେ କହିଛନ୍ତି, ଯେତିକି ସଂଖ୍ୟାରେ ବୌଦ୍ଧ ସନ୍ନ୍ୟାସୀ ଓ ପର୍ଯ୍ୟଟକ ଆସିବେ ସେମାନଙ୍କ ପାଇଁ ବିସ୍ତୃତ ସ୍ଥାନର ଆବଶ୍ୟକତା ରହିଛି। ତେଣୁ ସେ ସ୍ଥାନକୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇ ସମତୁଲ କରାଯାଉଛି।

# ଜିଲ୍ଲା ବିକାଶ ପାଇଁ ସମନ୍ୱୟ, ପ୍ରତିବଦ୍ଧତା ଜରୁରୀ

କେନ୍ଦ୍ରାପଡା, ୩୧।୧୨ (ଜଗନ୍ନାଥ ଧଳ)

୨୦୨୬ ଆରମ୍ଭ ହୋଇଛି । ଗତ ଦେଢ଼ବର୍ଷ କାଳ ଓଡ଼ିଶା ରାଜ୍ୟ ଶାସନ ବଦଳି ଥିବା ବେଳେ କେନ୍ଦ୍ରାପଡା ଜିଲାର ବିକାଶରେ ଆଖିଦୃଶିଆ ଚିତ୍ର ଅଦ୍ୟାବଧି ଆସିନାହିଁ। ଏହାସତ୍ତ୍ୱେ ସମସ୍ୟାରେ ଜର୍ଜରିତ ଜିଲାବାସୀ ବିକାଶର ଭିତ୍ତିଭୂମୀ ସୁଦୃଢ଼ ହେବା ଆଶା ରଖିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ ପଥ ପରି ମୌଳିକ ସମସ୍ୟା ସହିତ କର୍ମନିଯୁକ୍ତି, ଉପକୂଳ ସୁରକ୍ଷା, କ୍ଷେତରେ ଜଳ ପରିଚଳନା ଆଦି ସମସ୍ୟାର ସମାଧାନ ଖୋଜୁଛନ୍ତି। ଜିଲାର ଦୀର୍ଘସ୍ଥାୟୀ ବିକାଶ ପାଇଁ ୨୦୨୬ରେ ଜନତା, ରାଜନେତା ଓ ପ୍ରଶାସକଙ୍କ ମଧ୍ୟରେ ପ୍ରତିବଦ୍ଧତା ଓ ସମନ୍ୱୟ ଜରୁରୀ ହୋଇ ପଡିଥିବା ମତ ମିଳିଛି ।

## କର୍ମନିଯୁକ୍ତିକୁ ଗୁରୁତ୍ୱ



ପ୍ରାୟ ୧୬ ଲକ୍ଷ ଜନସଂଖ୍ୟା ବିଶିଷ୍ଟ କେନ୍ଦ୍ରାପଡା ଜିଲାରେ ଜଳ ପରିଚାଳନା ଜିଲା ପ୍ରଶାସନ ପାଇଁ ଆହ୍ୱାନ ପାଲଟିଛି। ପ୍ରତି ଘରକୁ ଟ୍ୟାପ୍ ଯୋଗେ ପାନୀୟ ଜଳ ଯୋଗାଣ ସହିତ କୃଷି କ୍ଷେତରେ ଜଳ ସେଚନ ଓ ନିଷ୍କାସନ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ଯୋଜନା ଅଛି। ଯୁବବର୍ଗଙ୍କ କର୍ମ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଉଛି। ଜାତୀୟ ଉଦ୍ୟାନ ଭିତରକନିକା ସହିତ ପର୍ଯ୍ୟଟନ ଶିଳ୍ପକୁ ତ୍ୱରାନ୍ୱିତ କରାଯିବ। ପଟ୍ଟାମୁଣ୍ଡାଇଠାରେ କ୍ଷୁଦ୍ର ଶିଳ୍ପ କେନ୍ଦ୍ର ପ୍ରତିଷ୍ଠା, ଜିଲା ମୁଖ୍ୟ ଚିକିତ୍ସାଳୟରେ ୭୦ ଶଯ୍ୟା ସଂଖ୍ୟା ବୃଦ୍ଧି, ପ୍ରାକୃତିକ ବିପର୍ଯ୍ୟୟରୁ ନିରାକରଣ ବ୍ୟବସ୍ଥା, ମହିଳା ସଶକ୍ତୀକରଣ ଦ୍ୱାରା ଜିଲାର ଅର୍ଥନୀତିରେ ସୁଧାର ଆଦି ଆସନ୍ତା ୨୦୨୬ରେ ଜିଲାବାସୀଙ୍କ ପାଇଁ ଯୋଜନା ରହିଛି।

**-ରଘୁରାମ ଆର ଆୟାର, ଜିଲାପାଳ, କେନ୍ଦ୍ରାପଡ଼ା**

## କୃଷିଭିତ୍ତିକ ଶିଳ୍ପ ଜରୁରୀ



କେନ୍ଦ୍ରାପଡା ଜିଲାରେ ଶିଳ୍ପ ଅଥବା ଖଣି ନାହିଁ । ଏହି ଜିଲାର ଅର୍ଥନୀତି କୃଷିଭିତିକ। ଏହି ଉପକୂଳ ଜିଲାରେ ଖରିଫ ଧାନ ଚାଷକୁ ଅଗ୍ରାଧିକାର ଦିଆଯାଉଛି। ତେବେ ସାମୁଦ୍ରିକ ଝଡ, ବନ୍ୟା, ମରୁଡି ପରି ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ବର୍ଷକ ଆହାର ଛଡାଇ ନେଉଛି । ସାମୁଦ୍ରିକ ଝଡ ଓ ଲଘୁଚାପ ଜନିତ ଲଗାଣ ବର୍ଷା ଚାଷ ନଷ୍ଟ କରୁଛି । ଏପରି ସ୍ଥିତିକୁ ପରିବର୍ତ୍ତନ ପାଇଁ ଜିଲାବାସୀଙ୍କୁ ଅର୍ଥକାରୀ ଫସଲ କରିବାକୁ ଯୁବକ ସଂଘ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି। ଏହି ଜିଲାରେ ବାଦାମ, ଆଖୁ, ନଳିତା, ସୂର୍ଯ୍ୟମୁଖୀ, ବିଲାତି ବାଇଗଣ ଆଦି ଚାଷ ପାଇଁ ଭିତ୍ତିଭୂମୀ ଅଛି । ଏପରି ଚାଷରେ କୃଷିଭିତିକ ଶିଳ୍ପ ପ୍ରତିଷ୍ଠା ପାଇଁ ସୁଯୋଗ ରହିଛି । ସେହିପରି କେନ୍ଦ୍ରାପଡା ଜିଲାରେ ଦ୍ୱିତୀୟ ଓ୍ୟୁଏଟିସ୍ଥାପନ ପଇଁ ସରକାରୀ ପ୍ରୋତ୍ସାହନ ଆବଶ୍ୟକ।

**-ଗୌତମ କୁମାର ବେହେରା, ସଭାପତି, ଉତ୍କଳମଣି ଯୁବକ ସଂଘ, କେନ୍ଦ୍ରାପଡା**

## ଉପକୂଳ କେନାଲ ଏବେ ପ୍ରସଙ୍ଗ

ଭିତରକନିକା ମଧଦେଇ ଉପକୂଳ ରାଜପଥ, ଜାତୀୟ ଜଳପଥ ୫, ମହାକାଳପଡାରେ ନଦୀଭିତ୍ତିକ ବନ୍ଦର, ଶିଳ୍ପ ପ୍ରତିଷ୍ଠା ଆଦି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ରହିଛି। ଅପର ପକ୍ଷରେ



ଧାମରା ଓ ପାରାଦୀପ ପୋର୍ଟରେ ଜାହାଜ, ହୁଇଲର ଦ୍ୱୀପରେ ବିରଳ ଅଲିଭ ରିଡ୍‌ଲେଙ୍କ ପ୍ରଜନନ ସମୟରେ ମିଶାଇଲ ପରୀକ୍ଷା, ବେଆଇନ ଚିଙ୍ଗୁଡ଼ି ଘେରି, ଜଙ୍ଗଲଜମିକୁ ଜବରଦଖଲ ଆଦି ଜାତୀୟ ଉଦ୍ୟାନର ପରିବେଶ ଉପରେ ବିପଦ ଆଣିଛି । ଏହା ସହ ସାମୁଦ୍ରିକ ଝଡ ଓ ସୁନାମୀ ବିପର୍ଯ୍ୟୟ ଏହି ଜିଲା ପାଇଁ ଏକ ଆତଙ୍କ ହୋଇଛି । ଏହାର ନିରାକରଣ ପାଇଁ ସାମୁଦ୍ରିକ ତଟାଞ୍ଚଳରେ ହେନ୍ତାଳବଣ ଆବଶ୍ୟକ। ଗୋପାଳପୁରଠାରୁ ଦୀଘା ପର୍ଯ୍ୟନ୍ତ ଉପକୂଳ ରାଜପଥ ସହିତ କେନାଲ ଖେଳା ହେଲେ ଉପକୂଳ ଅଞ୍ଚଳରେ ପାନୀୟଜଳ, କୃଷିକ୍ଷେତକୁ ଜଳଯୋଗାଣ ସହିତ ତଟାଞ୍ଚଳରେ ହେନ୍ତାଳବଣ ସୃଷ୍ଟି ହୋଇପାରିବ।

**-ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ପରିବେଶବିତ୍, କେନ୍ଦ୍ରାପଡ଼ା**

# ରାଜ୍ୟ ଛାତ୍ର ବିଜେଡି ଟିମ୍‌ରେ ବିଜୟ ମଣ୍ଡଳ

କେନ୍ଦ୍ରାପଡା, ୩୧।୧୨ (ଜଗନ୍ନାଥ ଧଳ)



ବିଜୟ ମଣ୍ଡଳ ।

ଛାତ୍ର ବିଜେଡିର ନବୀକରଣ ହୋଇଛି । କେନ୍ଦ୍ରାପଡା ଜିଲାର ଛାତ୍ର ନେତା ବିଜୟ କୁମାର ମଣ୍ଡଳଙ୍କୁ ରାଜ୍ୟ ଟିମ୍‌ରେ ସାମିଲ କରାଯାଇଛି । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ତାଙ୍କୁ ରାଜ୍ୟ ଛାତ୍ର ବିଜେଡିର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିବାକୁ ଚିଠି ହୋଇଛି । ଯୁବ ଆଇନଜୀବୀ ବିଜୟଙ୍କ ଘର କେନ୍ଦ୍ରାପଡା ସହରର ମଢ଼ିଆଳରେ। ସେ ପୂର୍ବରୁ ଯୁବ ଓ ଛାତ୍ର ସଂଗଠକ ଭାବେ କାର୍ଯ୍ୟ କରିଛନ୍ତି । ଏଥିସହିତ ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ସମେତ ଜିଲାର ସମସ୍ତ ବରିଷ୍ଠ ନେତାଙ୍କ ବିଶ୍ୱାସଭାଜନ ହେବା ସହ ଦଳୀୟ କାର୍ଯ୍ୟକ୍ରମକୁ ଆଗକୁ ନେଇଛନ୍ତି । ତାଙ୍କର ଏହି ନୂତନ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇବେ ବୋଲି ସେ ଏହି ଅବସରରେ କହିଛନ୍ତି । ତାଙ୍କର ଏହି ନିଯୁକ୍ତିରେ ବହୁ ସ୍ଥାନରୁ ଶୁଭେଚ୍ଛା ମିଳୁଛି ।

# ରାଜନଗରରେ ସି ଫୁଡ୍ ପ୍ରୋସେସିଂ ପ୍ଲାଣ୍ଟ ଦାବି

ରାଜନଗର,୩୧।୧୨(ଭାସ୍କର ରାଉତରାୟ)

ଧାମରା ମୁହାଣରୁ ବରୁଣେଇ ଯାଏ ଦୀର୍ଘ ବେଳାଭୂମି ଓ ବ୍ରାହ୍ମଣୀ, ବୈତରଣୀ ତଥା ଖରସ୍ରୋତାର ନଦୀ ଅବବାହିକା ଅଞ୍ଚଳ ଭାବରେ ପରିଚିତ ରାଜନଗରରେ ଏକ ସି-ଫୁଡ୍ ପ୍ରୋସେସିଂ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ହେଉଛି । ସ୍ଥାନୀୟ ଶିକ୍ଷାବିତ ତଥା ବିଶିଷ୍ଟ କଥାକାର ପ୍ରଦୀପ ନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ, ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଏହି ପ୍ଲାଣ୍ଟ ତିଆରିର ଅନୁକୂଳ ଭିତ୍ତିଭୂମି ଥିବା ଦର୍ଶାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ବଙ୍ଗୋପସାଗର ତଟବର୍ତ୍ତୀ ଅଞ୍ଚଳ ତଥା ନଦୀନାଳ ଘେରା ରାଜନଗରର ଆର୍ଥିକ ପ୍ରଗତିର ଆଧାର ଭାବରେ ଧାନ ଓ ମତ୍ସ୍ୟ ସମ୍ପଦକୁ ଗ୍ରହଣ କରାଯାଏ। ପ୍ରଚୁର ମାଛ ଏ ଅଞ୍ଚଳରେ ମିଳୁଥିବା ଦୃଷ୍ଟିରୁ ବାହାର ରାଜ୍ୟ ତଥା ବାହାର ଦେଶର ବ୍ୟବସାୟୀମାନେ ପ୍ରତ୍ୟହ ଏହି ଅଞ୍ଚଳରୁ ମାଛ ସଂଗ୍ରହ କରି ଚାଲାଣ କରୁଥିବା ଦେଖାଯାଉଛି। ମାଛ ବିକ୍ରି କରି ଜୀବିକା ନିର୍ବାହ କରୁଥିବା ତଥା ସାମୟିକ ଭାବେ ମାଛ ଧରୁଥିବା ଲୋକ ଏହି ବେପାରୀମାନଙ୍କୁ ଉଚିତ ଦରରେ ବିକ୍ରି କରିପାରନ୍ତି ନାହିଁ। କମ୍ପାନୀ ଏଜେଣ୍ଟମାନେ ଅଳ୍ପ ଦରଦେଇ ବହୁ ମୁନଫାର ମାଲିକ ହୁଅନ୍ତି। ତେବେ ଦୀର୍ଘଦିନରୁ ଏହି ବେସରକାରୀ ବ୍ୟବସ୍ଥା ଚାଲୁ ରହିଥିବା ବେଳେ ଏବଂ ଅଳ୍ପ କିଛି ମୁନଫାଖୋର ଏହାର ଲାଭ ଉଠାଉଥିବା ବେଳେ ଏଠାକାର ସଂଗୃହୀତ ମାଛକୁ ନେଇ ରାଜନଗରରେ ଏକ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ ନିର୍ମାଣ କରାଗଲେ ଅନେକ କ୍ଷୁଦ୍ର ଓ ବୃହତ ମତ୍ସ୍ୟଜୀବୀ ଉପକୃତ ହୋଇ ପାରିବେ ଏବଂ କେତେକ କର୍ମସଂସ୍ଥାନ ମଧ୍ୟ ସୃଷ୍ଟି ହୋଇପାରିବ। ଏଥିସହିତ କ୍ଷୁଦ୍ର ମତ୍ସ୍ୟଜୀବୀ ମାନେ ସେମାନଙ୍କ ଶ୍ରମର ଉଚିତ ମୂଲ୍ୟ ପାଇପାରିବେ ଓ ସରକାର ମଧ୍ୟ ରାଜସ୍ୱ ପାଇପାରିବ। ଶିକ୍ଷାବିତ୍ ନାୟକଙ୍କ ମତରେ ରାଜନଗରରେ କୌଣସି ଶିଳ୍ପ ଅବା କ୍ଷୁଦ୍ର ଉଦ୍ୟୋଗ ନ ଥିବା ବେଳେ ସି ଫୁଡ୍ ପ୍ରୋସେସିଂ ପ୍ଲାଣ୍ଟ ପାଇଁ ଉପଯୁକ୍ତ ଭିତ୍ତିଭୂମି ରହିଛି। ତାଳଚୁଆଠାରେ ଏକ ଫିସେରୀ ବେସ୍ ମଧ୍ୟ ରହିଛି। ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେବା ସହିତ କର୍ମସଂସ୍ଥାନର ପଥ ପ୍ରସ୍ତୁତ ପାଇଁ ସରକାର ଏ ଦିଗରେ ଆନ୍ତରିକତା ସହିତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

# ବେଳାଭୂମି ସଫେଇ, ସଚେତନତା କାର୍ଯ୍ୟକ୍ରମ

ରାଜନଗର,୩୧।୧୨(ଭାସ୍କର ରାଉତରାୟ)

ରାଜ୍ୟ ତଥା ବାହାରୁ ଆସୁଥିବା ପର୍ଯ୍ୟଟକମାନେ ପେଣ୍ଠ ବେଳାଭୂମିରେ ବଣଭୋଜି କରିବା ସହିତ ମଉଜ ମଜଲିସ କରି ଫେରି ଯାଇଛନ୍ତି । ସେମାନେ ବ୍ୟବହାର କରିଥିବା ପଲିଥିନ, ଥାଳି ପ୍ରଭୃତି ବର୍ଜ୍ୟବସ୍ତୁ ଯୋଗୁ ବେଳାଭୂମି ଆବର୍ଜନାରେ ପରିଣତ ହୋଇଥିଲା। ନିକଟରେ କେନ୍ଦ୍ରାପଡା ଜିଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ପେଣ୍ଠ ବେଳାଭୂମିକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ସ୍ଥାନୀୟ ପ୍ରଶାସନ, ପଲିସ ଓ ବନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ବନବିଭାଗ ପକ୍ଷରୁ ସହକାରୀ ବନ ସଂରକ୍ଷକ ଗଗନ ବିହାରୀ ମଲ୍ଲିକ, ଗବେଷକ ପ୍ରସନ୍ନ କୁମାର ନାୟକ, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟର ତ୍ରିଦୀପ ପ୍ରଧାନ, ସବିତା ବେହେରା, ସଙ୍ଗୀତା ସ୍ୱାଇଁ, ଦୋଳ ଗୋବିନ୍ଦ ନାୟକଙ୍କ ସହ ବନ କର୍ମଚାରୀ, ଯୁକେ ମହାବୀର ମହାବିଦ୍ୟାଳୟ ଛାତ୍ରୀଛାତ୍ର, ସାବିତ୍ରୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ପେଣ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ବେଳାଭୂମି ସଫେଇ କରିଥିଲେ । ପ୍ରଥମେ ସମସ୍ତେ ଶପଥ ପାଠ କରିଥିଲେ । ପରେ ସଫେଇ କରାଯାଇଥିଲା । ବେଳାଭୂମିରେ ବହୁ ସଂଖ୍ୟାରେ ଉଠା ଦୋକାନୀମାନଙ୍କୁ ବାରଣ କରାଯାଇଛି । ବେଳାଭୂମି ପ୍ରଦୂଷଣ ନ କରିବା ପାଇଁ ସଚେତନ କରାଯାଇଛି ।




ବେଳାଭୂମି ସଫେଇ ଅବସରରେ ବନ କର୍ମଚାରୀମାନେ ।

# ଅପହୃତା ୨ ନାବାଳିକା ଛାତ୍ରୀ ଉଦ୍ଧାର

ରାଜନଗର,୩୧।୧୨(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଦୁଇଜଣ ଅପହୃତା ନାବାଳିକା ଛାତ୍ରୀ ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଉଭୟଙ୍କୁ ସାମୁଦ୍ରିକ ଥାନା ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି । ରଙ୍ଗଣୀ ପଞ୍ଚାୟତ ଅଞ୍ଚଳର ଜଣେ ୧୦ ଶ୍ରେଣୀ ଛାତ୍ରୀଙ୍କୁ ପଟ୍ଟାପାରିଆ ଗ୍ରାମର ଜ୍ୟୋତି ଦଳାଇ ଅପହରଣ କରି ତାଙ୍କ ଘରକୁ ନେଇଯାଇଥିବା ନେଇ ନାବାଳିକାର ପିତା ଅଭିଯୋଗ କରିଥିଲେ । ପୋଲିସ ଏହି ଅଧାରରେ ଚଢାଉ କରି ସମ୍ପୃକ୍ତ ଛାତ୍ରୀଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଯୁବକଙ୍କୁ ଥାନାରେ ଅଟକ ରଖିଛି।

ସେହିପରି ଏହି ଥାନା କୃଷ୍ଣନଗର ପଞ୍ଚାୟତ ଅନ୍ତର୍ଗତ ଜନୈକା ନାବାଳିକା କଲେଜ ଛାତ୍ରୀଙ୍କୁ ଶୈଳେନ୍ଦ୍ରନଗର ଗ୍ରାମର ରାଧାକାନ୍ତ ପରିଡା ଅପହରଣ କରିଥିବା ନେଇ ୨୫ତାରିଖରେ ଛାତ୍ରୀଙ୍କ ପିତା ଅଭିଯୋଗ କରିଥିଲେ । ପୋଲିସ ରାଜ୍ୟ ବାହାରକୁ ଚାଲିଯାଇଥିବା ସମ୍ପୃକ୍ତ ନାବାଳିକା ଉଦ୍ଧାର କରିବା ସହ ଅପହରଣ କରିଥିବା ଯୁବକଙ୍କୁ ଧରିବା ପାଇଁ ଅନୁସନ୍ଧାନ ଜାରି ରଖିଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି । ଏହି ଦୁଇଟି ଘଟଣାରେ ପୃଥକ୍ ପୃଥକ୍ ଭାବେ ନଂ ୧୩୨/୨୫ ଓ ୧୭୨/୨୫ରେ ଦୁଇଟି ମାମଲା ରୁଜୁ ହୋଇଛି।

# ଦ୍ୱିତୀୟ ଦଳ ଭାବେ ଫାଇନାଲରେ ଇନ୍ଦୁପୁର




ବିଜୟୀ ଦଳକୁ ଚେକ୍ ସହ ପୁରସ୍କୃତ କରାଯାଉଛି ।

## ଆନ୍ତଃ ଜିଲା ବିପ୍ଳବୀ ଆନନ୍ଦ ଚନ୍ଦ୍ର ସୁବର୍ଣ୍ଣ ଜୟନ୍ତୀ କ୍ରିକେଟ ଟୁର୍ନାମେଣ୍ଟ

ରାଜକନିକା,୩୧। ୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ସିକୋ ପଞ୍ଚାୟତ ଡାଳିକାଏଦା ଗାଁର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ଆନୁକୂଲ୍ୟରେ ଆନ୍ତଃ ଜିଲା ୫୦ ତମ କ୍ରିକେଟ ଟର୍ନାମେଣ୍ଟର ୨ୟ ସେମି ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହା ଗୋପବନ୍ଧୁ କ୍ଲବ ଇନ୍ଦୁପୁର ବନାମ ଉଦୟ କ୍ରିକେଟ କ୍ଲବ ଗିରିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରସତୀ ଖେଳ ପଡ଼ିଆରେ ଅନୁଷ୍ଠିତ ଏହି ମ୍ୟାଚରେ ଇନ୍ଦୁପୁର ଟିମ୍ ଗିରିଆ ଟିମ୍‌କୁ ୧୫୧ ରନ ବ୍ୟବଧାନରେ ହରାଇ ୨ୟ ଟିମ୍ ଭାବେ ଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଛି। ଇନ୍ଦୁପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ଖେଳି ୮ ଉଇକେଟ ବିନିମୟରେ ୨୬୬ ରନ ସଂଗ୍ରହ କରିଥିଲା। ଜବାବରେ ଗିରିଆ ୧୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଅମ୍ପାୟାର ବିଜୟ ବେହେରା ଓ ବିପ୍ଲବ ବେହେରା ମ୍ୟାଚ ପରିଚାଳନା କରିଥିଲେ । ଆୟୋଜିତ ପୁରସ୍କାର ବିବରଣୀ ଉତ୍ସବରେ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି କନିକା ଭାସ୍କର ତଥା ଡ଼. ହୟଗ୍ରୀବ ଗୁରୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମତୋ ଡିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଅଧ୍ୟାପକ ବିଭୁତି ଭୂଷଣ ଜୟଦେବ ବିଶ୍ୱାଳ, ମୁଖ୍ୟବକ୍ତା ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ କ୍ଷୀରୋଦ କୁମାର ରାଉତ ଏବଂ ସମ୍ମାନିତ ଅତିଥି ରାଜକନିକା ପ୍ରଜାପିତା ବ୍ରହ୍ମାକୁମାରୀ ଈଶରୀୟ ବିଶ୍ୱଦ୍ୟାଳୟର ସଞ୍ଚାଳିକା ଲୀନା ଦିଦି, ଅଭିନେତ୍ରୀ ଭୂମିକା ଦାସ, ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ବିଦ୍ୟାଧର ବେହେରା, ଉପସଭାପତି ନିଗମାନନ୍ଦ ସାହୁ, ସୈନିକ ସିକୁରିଟି ଗ୍ରୁପର ଏମଡି ବିରଞ୍ଚି ନାରାୟଣ ନାୟକ, ସିକୋ ପଞ୍ଚାୟତ ସମିତି ସଭ୍ୟ ଅମ୍ବି ନାୟକ, ଖବରଦାତା ଅଜୟ କୁମାର ରାଉତ, ପୋଲିସ ଏସ୍‌ଆଇ ରାହାସ ବିହାରୀ ନାୟକ, ପୂର୍ବତନ ଶିକ୍ଷକ ବସୁଦେବ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ପୂର୍ବକ ବିଜେତା ଟିମର ନିଜସ ୧୩୯ ରନ ସଂଗ୍ରହ କରିଥିବା ଗୌରବ ଚୌଧୁରୀଙ୍କୁ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଭାବେ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ । ପୁରସ୍କାର ବିବରଣୀ ଉତ୍ସବରେ ଯୁବକ ସଂଘର କୋଷାଧକ୍ଷ କୈଳାସ ଚନ୍ଦ୍ର ସେଠୀ ମଞ୍ଚ ପରିଚାଳନା କରିଥିଲେ। ଜାନୁଆରୀ ୪ରେ ଫାଇନାଲ ମ୍ୟାଚ କନିକା କ୍ଲବ ରାଜକନିକା ବନାମ ଗୋପବନ୍ଧୁ କ୍ଲବ ଇନ୍ଦୁପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

# ରଘୁନାଥଜୀଉଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଡେରାବିଶ,୩୧।୧୨(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଜଅଁରାବାଗିମୂଳ ପଞ୍ଚାୟତ ଅର୍ତ୍ତାମୂଳସ୍ଥିତ ଇଛାବିହାରୀ କ୍ଷେତ୍ରରେ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପ୍ରତିଷ୍ଠାର ସପ୍ତମ ବାର୍ଷିକ ଉତ୍ସବ ଉପଲକ୍ଷେ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ମଙ୍ଗଳବାର ଅଙ୍କୁରାରୋପଣ କରାଯାଇଥିବା ବେଳେ ବୁଧବାର ନିକଟସ୍ଥ ନଦୀରୁ କଳସ ଶୋଭାଯାତ୍ରା କରାଯାଇ ଯଜ୍ଞସ୍ଥଳରେ ଘଟସ୍ଥାପନ କରାଯାଇଛି। ଶ୍ରୀ ଶ୍ରୀ ରଘୁନାଥଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆନୁଷ୍ଠାନ ସଭାପତି ରତ୍ନାକର ନାୟକଙ୍କ ତତ୍ତ୍ୱାବଧାନରେ ଅର୍ତ୍ତାମୂଳ, ଖାନନଗର ଓ ପାଣିଓଳା ଗ୍ରାମବାସୀ ପରିଚାଳନା କରୁଛନ୍ତି। ଏଥିରେ ମୁଖ୍ୟ କର୍ତ୍ତାକର୍ତ୍ତୀ ଭାବେ କଳ୍ପତରୁ ଶତପଥୀ ଓ କବିତା ଶତପଥୀ ଥିବା ବେଳେ ଉପକର୍ତ୍ତାକର୍ତ୍ତୀ ଭାବେ ରବୀନ୍ଦ୍ର କୁମାର ବଳ,ମୀନତି ବଳ, ଅବିନାଶ ପ୍ରଧାନ,ଦୀପ୍ତିମୟୀ ପ୍ରଧାନ,ତପନ ପରିଡ଼ା, କବିତା ପରିଡ଼ା ଓ ବିଜୟ ମହାପାତ୍ର, ସୁଲୋଚନା ମହାପାତ୍ର ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ଅବସରରେ ସନ୍ଧ୍ୟାରେ ପଣ୍ଡିତ ବୀରେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।



ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହ

ରାଜକନିକା, ୩୧।୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ବରାଡ଼ିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୩ ଦିନ ଧରି ହେବାକୁ ଥିବା ରଜତ ଜୟନ୍ତୀ ସମାରୋହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରସ୍ତରୀୟ ଜିଲା ପ୍ରମୁଖ କପିଳ ଚରଣ ମିଶ୍ରଙ୍କ ମଞ୍ଚ ପରିଚାଳନାରେ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ଯୋଗଦେଇ ରଜତ ଜୟନ୍ତୀର ସଫଳତା କାମନା କରିଥିଲେ। ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତୀୟ ତଥା ବୌଦ୍ଧିକ ପ୍ରମୁଖ ବିଶ୍ୱମ୍ବର ପାଣି, ବିଶିଷ୍ଟ ଅତିଥି ଭାବେ ଆଳିର ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ସମ୍ମାନିତ ଅତିଥି ଭାବେ ଜିଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ, ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଦ୍ୟାମନ୍ଦିରର ଉନ୍ନତି କାମନା କରିବା ସହ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଉତ୍ତମ ଶିକ୍ଷା ଗ୍ରହଣ କରିବା, ଦେଶ ତଥା ରାଜ୍ୟକୁ ଗଢ଼ି ତୋଳିବାରେ ସହାୟକ ହୋଇଥାନ୍ତି ବୋଲି କହିଥିଲେ। ସମାରୋହରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଭାପତି ଲକ୍ଷ୍ମୀଧର ମିଶ୍ର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାମନ୍ଦିରର ମୁଖପତ୍ର ଜାଗୃତିକୁ ଉନ୍ମୋଚନ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରବି ନାରାୟଣ ନାୟକ, କନିକା ଭାସ୍କର ଡ. ହୟଗ୍ରିବ ଗୁରୁ, ଗୋପୀନାଥ ଦାଶ, ପ୍ରହ୍ଲାଦ ସାହୁ, ଦିବଂଗତ ରାମଚନ୍ଦ୍ର ରାଉତ, ଲକ୍ଷ୍ମୀଧର ମିଶ୍ର ପ୍ରମୁଖଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ଚନ୍ଦନ କୁମାର ଦାସ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାମନ୍ଦିରର ସମସ୍ତ ଗୁରୁମା'ଗୁରୁଜୀ, ଶିକ୍ଷା କର୍ମଚାରୀ, ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ଉପସ୍ଥିତ ହୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବନ୍ଧୁମିଳନ, ସ୍ୱାସ୍ଥ୍ୟସେବା ଶିବିର

ଆଳି, ୩୧।୧୨ (ବନମାଳୀ ସେନାପତି )

ଆଳି ବ୍ଲକ ଅନ୍ତର୍ଗତ ଆୟତପୁରସ୍ଥିତ ଦାମୋଦର ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୯୧ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଏବଂ ସ୍ୱାସ୍ଥ୍ୟ ସେବା ଶିବିର ଗୌରାଙ୍ଗ କୁଞ୍ଜ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଡା. ଅବକାଶ ଯାଦବଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଗୋକୁଳ ବିହାରୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ଦେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଭାତ କୁମାର ଦାସ, ଟ୍ରଷ୍ଟ ଅଧ୍ୟକ୍ଷ ଡା. ଯାଦବ, ଡା. ଅଜୟ ସିଂହ ଓ ଶିକ୍ଷକ ଦୀପ୍ତି ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଦେବସ୍ମିତା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅନିରୁଦ୍ଧ ନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମୂଲ୍ୟ ରାଉତ, ରାଜେସ ସାମଲ, ସମୀର ସାହୁ, ପ୍ରତାପ ଦାସ, ଗଣେଶ ପାଣ୍ଡବ ଓ ଅଭିମନ୍ୟୁ ଦାସଙ୍କ ସହ ୧୯୯୧ ବ୍ୟାଚର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ପୂର୍ବତନ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ଦାସଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଡା. ଯାଦବ ପ୍ରସ୍ତାବ ଦେଇଥିଲେ। ଏହାକୁ ଅନ୍ୟ ସମସ୍ତ ସହପାଠୀ ସମର୍ଥନ କରିଥିଲେ। ସ୍ୱାସ୍ଥ୍ୟ ଶିବିରରେ ଶହେରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରାଯାଇଥିଲା।

# ଆଣ୍ଠୁଏ ପାଣିରେ ଧାନ ଅମଳ କରୁଛନ୍ତି ଚାଷୀ

ପଟ୍ଟାମୁଣ୍ଡାଇ, ୩୧।୧୨ (କଳ୍ପତରୁ ନାୟକ)



ପାଣିରେ ବୁଡ଼ିରହିଥିବା ଧାନ।

ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଚାହାପଡ଼ା ପୂର୍ତ୍ତ ବିଭାଗ ରାସ୍ତାଠାରୁ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱ ଜମି ପରିତ୍ୟକ୍ତ ଅବସ୍ଥାରେ ରହିଛି। ପୌର ପରିଷଦ ଯନ୍ତ୍ରୀଙ୍କ ଆକଳନରେ ହୋଇଥିବା ରାସ୍ତା କାମ ବେଳେ ଠିକ୍ ବ୍ୟବସ୍ଥା ନ ଥିବାରୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ବହୁଦିନ ଧରି ଜମିରେ ଲହଡ଼ି ମାରୁଛି। ଫଳରେ ବହୁଚାଷୀଙ୍କ ଜମିରେ ଧାନ ନଡ଼ା ପଚି ନଷ୍ଟ ହୋଇଯାଇଛି। ଏ ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ଶୁଣିବାକୁ କେହିନାହାନ୍ତି। କାଁ ଭାଁ ଯେଉଁ ଧାନଗଛ ରହିଛି ସେଗୁଡ଼ିକୁ ଚାଷୀମାନେ ଆଣ୍ଠୁଏ ପାଣିରେ ପଶି କାଟି ଅମଳ କରୁଥିବା ଦେଖିବାକୁ ମିଳିଛି। ପୌର କର୍ତ୍ତୃପକ୍ଷଙ୍କ ଏପରି ମାନମାନି ଯୋଗୁ ସ୍ଥାନୀୟ ଅଞ୍ଚଳ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିସହ ପୌର ଅଧିକାରୀ ଓ ଯନ୍ତ୍ରୀଙ୍କ ଏଭଳି କାର୍ଯ୍ୟରୁ ବହୁ ଜମି ପଡ଼ିଆ ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଚାଷୀ ପ୍ରଦୀପ ରାଉତରାୟ, ଉମେଶ ଚନ୍ଦ୍ର ରାଉତରାୟ, ଅକ୍ଷୟ ନାୟକ, ଲକ୍ଷ୍ମୀନାରାୟଣ

## ଦୂରଦୃଷ୍ଟି ଅଭାବ: ଜଳ ନିଷ୍କାସନ ପଥ ବନ୍ଦ

ରାଉତରାୟ, ନଳିନକାନ୍ତ ରାଉତରାୟ କହିଛନ୍ତି, ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରୁ ଚାହାପଡ଼ା ଛକ ଦେଇ ଏକ ମାଇନର କେନାଲ ଯାଇଥିଲା। ଉକ୍ତ କେନାଲରୁ ଜଳସେଚନ ହୋଇ ଅରଡ଼ା, ଚାହାପଡ଼ା ଓ ମାଟିଆ ଗ୍ରାମର ପାଖାପାଖି ୧୦ ହେକ୍ଟର ଜମିର ଚାଷୀ ଉପକୃତ ହେଉଥିଲେ। ବର୍ଷାଜଳ ନିଷ୍କାସନ ନିମନ୍ତେ ଉକ୍ତ ରାସ୍ତାରେ ୩ କଲଭର୍ଟ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ପୌର ପରିଷଦ ପକ୍ଷରୁ ଉକ୍ତ କେନାଲ ଓ ପାର୍ଶ୍ୱ ବନ୍ଧକୁ ମିଶାଇ ପାଖାପାଖି ୫୦ମିଟର ଓସାର ଓ ଲମ୍ବରେ ଢଳେଇ କରାଦିଆଯାଇଛି। ଏହାଦ୍ୱାରା ଚାଷଜମିକୁ ଜଳସେଚନ ଓ ନିଷ୍କାସନରେ ବାଧା ଉପୁଜି ଫସଲ ନଷ୍ଟ ହେଉଛି। ପୌରଯନ୍ତ୍ରୀଙ୍କ ଦୂରଦୃଷ୍ଟି ଅଭାବରୁ ଉନ୍ନତିମୂଳକ କାର୍ଯ୍ୟରେ କଲଭର୍ଟଗୁଡିକ ପୋତି ଦିଆଯାଇଛି। ଫଳରେ ଜଳ ପରିଚାଳନା ଓ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ସ୍ଥାନୀୟ ଆର୍‌ଆଇ, ତହସିଲଦାର ଏବଂ ପୌର ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ପାଇପାରୁନାହିଁ। ଫଳରେ ଚଳିତ ଖରିଫ ଋତୁରେ ଅନେକ ଚାଷୀ ଜମି ପଡ଼ିଆ ରଖିଥିବା ବେଳେ କେତେଜଣ ଧାନ ଫସଲ କରିଥିଲେ। ଯାହା ପାଣିରେ ବୁଡ଼ି ନଷ୍ଟ ହୋଇଯାଇଛି। ଅପରପକ୍ଷେ ମୁଖ୍ୟ ପୂର୍ତ୍ତ ବିଭାଗ ରାଜନଗର ରାସ୍ତା ଚାହାପଡ଼ା ଛକ ଦକ୍ଷିଣ ପାର୍ଶ୍ୱରେ ଥିବା ସମସ୍ତ ଘର ଡ୍ରେନ୍ ପାଣି ନିଷ୍କାସନ ହୋଇ ନ ପାରି ସେହି ଚାଷଜମିରେ ରହି ପ୍ରଦୂଷିତ ପରିବେଶ ସୃଷ୍ଟି କରୁଛି। ରାସ୍ତାକଡ଼ରେ ଥିବା ବିଭିନ୍ନ ଦୋକାନ ବଜାରର ବର୍ଜ୍ୟବସ୍ତୁକୁ ପୌର କର୍ମଚାରୀ ସେଠାରେ ପିଙ୍ଗିଦେଉଛନ୍ତି। ଏଥିପାଇଁ ପୂତି ଗନ୍ଧମୟ ପରିବେଶରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଦୂଷିତ ପରିବେଶରେ ମଶାମାଛିଙ୍କ ବଂଶ ବୃଦ୍ଧି ଘଟି ଡେଙ୍ଗୁ ବ୍ୟାପିବା ଆଶଙ୍କା ପ୍ରକାଶ ପାଇଛି। ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି କ୍ଷେତର ଜଳ ନିଷ୍କାସନ ପାଇଁ ପୌର କର୍ତ୍ତୃପକ୍ଷ, ତହସିଲଦାର ଓ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି। ଏନେଇ ପୌର ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶଙ୍କୁ ଯୋଗାଯୋଗ କରିବାରୁ ଏ ନେଇ ତନଖିକରି ଜଳ ନିଷ୍କାସନ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ବଦଳିଲା ନେପାଳ ଗାଁର ରୂପରେଖ

■ସ୍ୱାଧୀନତାର ୭୮ ବର୍ଷ ପରେ ଜଳିଲା ଲାଇନ୍
■ଘରେ ପହଞ୍ଚିଲା ପାଣି,ମିଳିଲା ଜଙ୍ଗଲ ଶିରୋନାମା
■କଥା ଦେଇ କଥା ରଖିଲେ ଜିଲାପାଳ


ନେପାଳ ଗାଁରେ ଜିଲାପାଳ, ଏମ୍‌ପି ଓ ଅନ୍ୟମାନେ।

ନୟାଗଡ଼/ଓଡଗାଁ,୩୧।୧୨(ଲୋକନାଥ ମିଶ୍ର/ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡଗାଁ ବ୍ଲକ ବିଚ୍ଛିନ୍ନାଞ୍ଚଳ ଓ ହାତୀ କରିଡର ଭାବେ ପରିଚିତ ନେପାଳ ଗାଁର ରୂପରେଖ ବଦଳିଛି। ସ୍ୱାଧୀନତାର ୭୮ ବର୍ଷ ପରେ ଗାଁରେ ଜଳିଛି ସୋଲାର ଲାଇଟ୍। ୩୭ ପରିବାରରେ ଲୋକ ଆଲୋକ ଦେଖିଛନ୍ତି। ଘରେ ଘରେ ମିଳିଛି ପାନୀୟ ଜଳ। ଗାଁ ଦାଣ୍ଡରେ ଜଳିଲା ଷ୍ଟ୍ରିଟ ଲାଇଟ। ୫ଟି ଗୋଷ୍ଠୀକୁ ଜଙ୍ଗଲ ଜମି ଶିରୋନାମା ପ୍ରଦାନ କରାଯାଇଛି। ପୁଣି ଅସ୍ଥାୟୀ ଭାବେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କୁ ମଧାହ୍ନ ଭୋଜନ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି।

ପ୍ରକାଶଯେ, ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ନଭେମ୍ବର ୬ରେ ନେପାଳ ଗାଁକୁ ଯାଇ ଲୋକଙ୍କର ସୁବିଧା ଅସୁବିଧା ବୁଝିବା ସହ ଲୋକଙ୍କୁ ସର୍ବନିମ୍ନ ସୁବିଧା ମିଳୁନଥିବା ଅନୁଭବ କରଥିଲେ। ଜିଲାପାଳଙ୍କ ଗସ୍ତ ପରେ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ନଭେମ୍ବର ୧୨ ତାରିଖ ୧୦ମ ଜିଲା ପରିଷଦ ବୈଠକରେ ନେପାଳ ଗାଁର ସର୍ବନିମ୍ନ ସୁବିଧା ସମାଧାନ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ନେପାଳ ଗାଁକୁ ରାସ୍ତା, ସୋଲାର ଲାଇଟ, ପ୍ରତି ଘରକୁ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ କରିବା ପାଇଁ ଜିଲା ପରିଷଦ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ପରେ ପରେ ଗାଁକୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୮ କି.ମି.ରସ୍ତାକୁ ସାମିଲ କରି ସବୁ ଦିନିଆ ମାଟି ରାସ୍ତା କରାଯାଇଥିଲା। ସେହିଭଳି ଗାଁ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ପ୍ରଶାସନ ଲାଗି ପଡିଥିଲା। ୨୦୨୫ ବର୍ଷର ଶେଷ ଡିସେମ୍ବର ୩୧ରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ,ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ଓଡଗାଁ ବିଡିଓ ପ୍ରୀତିବାଳା ରଣା, ତହସିଲଦାର ଜି ଶ୍ରୀନୁ, ଲାଇନ ଡିପାର୍ଟମେଣ୍ଟର ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଗସ୍ତକରି ବିଦ୍ୟୁତ୍, ପାଣି ପରି ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ସେହିପରି ପୁରୀ ଏମ୍‌ପି ସମ୍ବିତ୍ ପାତ୍ର, ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଜିଲା ପରିଷଦ ସଭ୍ୟ ବିରଜା ଲକ୍ଷ୍ମୀ ସାହୁ ଓ ଝିଲ୍ଲୀ ପ୍ରଧାନ, ଓଡଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ବାଣ୍ଡପୁର ସରପଞ୍ଚ ସୁନିତା ବାରିକ ପ୍ରମୁଖ ଅନୁରୂପ ଭାବେ ଯାଇ ଉନ୍ନୟନ କାର୍ଯ୍ୟରେ ସାମିଲ ହୋଇଥିଲେ।

# ବିଶ୍ୱ ଛେନାପୋଡ଼ ଦିବସ ପାଳିତ



ମଞ୍ଚାସୀନ ଅତିଥି ବୃନ୍ଦ।

ଦଶପଲ୍ଲା, ୩୧।୧୨( ପ୍ରକାଶ କୁମାର ପାଣି)

ଗାନ୍ଧୀ ମଇଦାନଠାରେ ବିଦ୍ୟାଧର ସାହୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବୁଧବାର ବିଶ୍ୱ ଛେନାପୋଡ଼ ଦିବସ ପାଳିତ ହୋଇ ଯାଇଛି। ଅନୁଷ୍ଠାନ ସଭାପତି ସୁରେଶ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା,ମୁଖ୍ୟ ବକ୍ତା ମନୋଜ ବେହେରା ଓ ଜିଆଇ ଟ୍ୟାଗ୍ ପ୍ରମୁଖ ଅନିତା ସାବତ,ସମ୍ମାନୀତ ଅତିଥି ଦଶପଲ୍ଲା ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ ଓ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଇଂ ପୁନମ ପ୍ରିୟଦର୍ଶିନୀ ଅନ୍ୟତମ ଅତିଥି ଭାବେବଣିକ ମହାସଂଘ ସଭାପତି ଅଲେଖ ସାହୁ, ଅନ୍ତର୍ଯ୍ୟାମୀ ସ୍ୱାଇଁ, ଅବଦୁଲ ରେହେମନ ଯୋଗ ଦେଇଥିଲେ। ଆଇନଜୀବୀ ବେଣୁଧର ନାୟକ ଅତିଥି ପରିଚୟ ପ୍ରଦାନ କରିଥଲେ। ସମ୍ପାଦକ ନାରାୟଣ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରିଶେଷରେ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୌହ ମାନବଙ୍କୁ ଅସମ୍ମାନ, ସାଧାରଣରେ ଅସନ୍ତୋଷ

ପାରଳାଖେମୁଣ୍ଡି,୩୧।୧୨(ଗିରିଧାରୀ ପରିଚ୍ଛା)

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଅସମ୍ମାନ କରାଯିବା ନେଇ ଗଜପତି ଜିଲା ପାରଳାଖେମୁଣ୍ଡିରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦେଶ ପାଇଁ ତାଙ୍କର ଜୀବନବ୍ୟାପୀ ଅବଦାନ ଏବଂ ତ୍ୟାଗକୁ ଦେଶବାସୀ ଏବେ ବି ଝୁରି ହେଉଛନ୍ତି। ଏହି ଲୌହମାନବଙ୍କୁ ଚିରଦିନ ପାଇଁ ମନେ ରଖିବାକୁ ସରକାର ତାଙ୍କ ଜନ୍ମ ଦିବସକୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରିଆସୁଛନ୍ତି। ଅକ୍ଟୋବର ୩୧ରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସରେ ଏକତା ପଦଯାତ୍ରା କରାଯିବା ବେଳେ ତାଙ୍କର ପ୍ରତିମୂର୍ତ୍ତି ସ୍ୱରୂପ ଏକ ସୁନ୍ଦର ଫଟୋ କରାଯାଇଥିଲା। ଏହି ଅବସରରେ ଜିଲାସ୍ତରୀୟ ଏକତା ଦିବସ ମଧ ପାଳନ ହୋଇଥିଲା। ଜିଲାର ଅଧିକାରୀମାନେ ତାଙ୍କ ଫଟୋ ଜନ୍ମ ଦିବସରେ ବ୍ୟବହାର କରି ପରେ ଦାୟିତ୍ୱ ସରିଗଲା ଭାବି ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀ ସେହି ଫଟୋ ଚିତ୍ରକୁ ଷ୍ଟାଡିୟମ ପରିସରରେ ପକାଇଦେଇ ଚାଲିଯାଇଥିଲେ। ସେଠାରେ ଦୁଇ ମାସ ପର୍ଯ୍ୟନ୍ତ ସର୍ଦ୍ଦାରବଲ୍ଲଭ ଭାଇ ପଟେଲଙ୍କ ଫଟୋଚିତ୍ର ପଡି ରହିଥିଲା। ହେଲେ କେହି ପଡିଆ ସଫେଇ ପରେ ଅଳିଆ ସହ ଉକ୍ତ ଫୋଟକୁ ପକାଇଦେଇଥିଲେ। ପରେ ଅଳିଆ ସବୁକୁ ପୋଡା ଯାଇଥିଲା। ଏହି ସମୟରେ ଲୌହମାନଙ୍କ ଫଟୋଟି ଅଧା ପୋଡ଼ା ହୋଇ ଗଜପତି ଷ୍ଟାଡିୟମ ପରିସରରେ ପଡ଼ି ରହିଥିଲା। ସୋମବାର ଓ ମଙ୍ଗଳବାର ଷ୍ଟାଡିୟମରେ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ହୋଇଥିଲା। ଏହି ମେଳା ଲାଗି ଷ୍ଟାଡିୟମ ସଫାସୁତୁରା ବେଳେ ମଧ କୌଣସି ଅଧିକାରୀ କି କର୍ମଚାରୀଙ୍କ ନଜରରେ ପଡିବାରୁ ସେ ଲୌହମାନବଙ୍କ ଦରପୋଡା ଫଟୋକୁ ଅସମ୍ମାନ ପ୍ରଦର୍ଶନ କରି ଷ୍ଟାଡିୟମର ଗୋଟିଏ କୋଣକୁ ଫିଙ୍ଗି ଦେଇଥିଲେ। ତେବେ କେତେକ ଗଣମାଧମ ଏହି ଅସମ୍ମାନ ସମ୍ପର୍କରେ ଫଟୋ ଉତ୍ତୋଳନ କରିଥିବା ଜାଣିବା ପରେ ବୁଧବାର ତରବରିଆ ଭାବରେ କେତେ ଜଣ ସଫେଇ କର୍ମୀ ଲୋହମାନବଙ୍କ ସେହି ଫଟୋକୁ ଅଳିଆ ଗାଡିରେ ନେଇ ପଳାଉଥିବା ଦେଖିବାକୁ ମିଳିଥିଲା। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଏଭଳି ଅସମ୍ମାନ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।



ଅଳିଆ ଗାଡିରେ ସଫେଇ କର୍ମଚାରୀ ନେଇଯାଉଥିବା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଫଟୋ।

# ବିପ୍ଲବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଜିଲାସ୍ତରୀୟ ଜୟନ୍ତୀ


ଅତିଥିମାନେ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

ନୟାଗଡ଼, ୩୧।୧୨(ଲୋକନାଥ ମିଶ୍ର)

ଗାନ୍ଧୀବାଦୀ ବିପ୍ଲବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ୧୩୬ ତମ ଜିଲାସ୍ତରୀୟ ଜୟନ୍ତୀ ବିପ୍ଲବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦ ନୟାଗଡ଼ ତରଫରୁ ହାଉସିଂ ବୋର୍ଡ ନିକଟ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଧର ସାହୁଙ୍କ ସଂଯୋଜନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗଦେଇ ବିଦ୍ୟାଳୟ ପରିସରରେ ସ୍ଥାପିତ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଧୂପ ଓ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବିପ୍ଲବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦ, ନୟାଗଡ଼ ସଭାପତି ପ୍ରସନ୍ନ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ସ୍ମୃତି ଚାରଣ ସଭାରେ ମୁଖ୍ୟ ଅତିଥି ସାରଗର୍ଭକ ଆଲୋଚନା କରି ବିପ୍ଲବୀ ଗୋବିନ୍ଦ ଥିଲେ ସ୍ୱାଧୀନତା ସଂଗ୍ରାମର ଏକ ଅନିର୍ବାଣ ଅଗ୍ନିଶିଖା ବୋଲି କହିବା ସହିତ ଅଧୁନା ଛାତ୍ରୀଛାତ୍ରମାନେ ଗୋବିନ୍ଦଙ୍କ ଜୀବନୀ ବିଷୟରେ ପଢିବାକୁ ଅନୁରୋଧ କରିଥିଲେ। ଏହା ସହିତ ପୂଜ୍ୟ ବିପ୍ଲବୀ ହେଉଛନ୍ତି ନୟାଗଡ଼ ମାଟିର ପ୍ରଥମ ରାଜ୍ୟ ସଭା ସଦସ୍ୟ ଓ ପ୍ରଥମ ବିଧାୟକ ବୋଲି କହିଥିଲେ। ଗାନ୍ଧୀବାଦୀ ବିପ୍ଲବୀ ଗୋବିନ୍ଦଙ୍କର ସ୍ମୃତି ଚାରଣ ହିଁ ଆମ ସମସ୍ତଙ୍କର ଜାତୀୟ କର୍ତ୍ତବ୍ୟ ବୋଲି ସମସ୍ତଙ୍କୁ ନିବେଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷ ନିରୁପମା ଖଟେଇ ଓ ସାମାଜିକକର୍ମୀ ପ୍ରମୋଦ ପଟ୍ଟନାୟକ ଯୋଗଦେଇ ପୂଜ୍ୟ ବିପ୍ଲବୀଙ୍କର ସ୍ମୃତିଚାରଣ କରି ରାଜଧାନୀ ଭୁବନେଶ୍ୱରରେ ବିପ୍ଲବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ବ୍ରୋଞ୍ଜ ନିର୍ମିତ ପୂର୍ଣ୍ଣ ଅବୟବ ମୂର୍ତ୍ତି ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ। ଅନ୍ୟପକ୍ଷେ ଓଡିଶାର ଯେଉଁ ବ୍ୟକ୍ତି ପ୍ରଥମେ ମହାତ୍ମା ଗାନ୍ଧୀଙ୍କୁ ସାକ୍ଷାତ୍ କରି ଓଡ଼ିଆଙ୍କ ଦୁରବସ୍ଥା ଓ ଦୁଃଖଦୁର୍ଦ୍ଦଶା ଜଣାଇଥିଲେ ସେ ଗୋବିନ୍ଦ ଚନ୍ଦ୍ର ମିଶ୍ର ଥିଲେ ବୋଲି ଦର୍ଶାଇ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଭାରତ ବିକାଶ ପରିଷଦ, ସିଭିଲ ସୋସାଇଟି, ସୋହମ ଆଦି ବହୁ ସାମାଜିକ ଅନୁଷ୍ଠାନ ଯୋଗଦେବା ସହିତ ନୟାଗଡ଼ର ବହୁ ସାମାଜିକକର୍ମୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ସେବାବ୍ରତୀ ଆଚାର୍ଯ୍ୟା ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲା ବେଳେ ବିପ୍ଲବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦ ସମ୍ପାଦକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଡ଼ାଘରୁ ଜଣଙ୍କ ମୃତଦେହ ଜବତ

ବାଲିଗୁଡା,୩୧।୧୨(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ଖଜୁରୀନାଳ ସାହିରେ ଏକ ଭଡାଘରୁ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଗଞ୍ଜାମ ଜିଲା ଛତ୍ରପୁରର ଜୟକୃଷ୍ଣ ଦାସ। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପରିବାର ଲୋକଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ମୃତଦେହ ଜବତ କରାଯାଇଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ କରିଛି ବାଲିଗୁଡ଼ା ପୋଲିସ।

ଜୟକୃଷ୍ଣ ଦୀର୍ଘ ବର୍ଷ ଧରି ଗ୍ରାମ ବିକାଶ ନାମକ ସ୍ୱେଚ୍ଛାସେବୀ ସଂସ୍ଥାର ବାଲିଗୁଡ଼ା ଶାଖାରେ ଫିଲ୍ଡ ଏକ୍ସପର୍ଟ ଭାବେ କାର୍ଯ୍ୟ କରୁଥିଲେ। ଗତ କିଛି ମାସ ହେବ ସେ ବାଲିଗୁଡ଼ା ସହରର ଖଜୁରୀନାଳ ସାହିରେ ଘର ଭଡ଼ା ନେଇ ରହୁଥିଲେ। ମଙ୍ଗଳବାର ଅପରାହ୍ନରେ ଘରେ ଶୋଇଥିବା ବେଳେ ଦୀର୍ଘ ସମୟ କବାଟ ନ ଖୋଲିବାରୁ ଘର ମାଲିକଙ୍କ ମନରେ ସନ୍ଦେହ ଉପୁଜିବାରୁ ସେ ପୋଲିସକୁ ସୂଚନା ଦେଇଥିଲେ। ବାଲିଗୁଡ଼ା ପୋଲିସ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ଜୟକୃଷ୍ଣଙ୍କ ସହକର୍ମୀଙ୍କ ସହ ଯୋଗାଯୋଗ କରି ପରିବାର ଲୋକଙ୍କୁ ଏ ନେଇ ସୂଚନା ଦେଇଥିଲା। ପରିବାର ଲୋକେ ପହଞ୍ଚିବା ପରେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ତଥା ବାଲିଗୁଡ଼ା ତହସିଲଦାର ଦିପ୍ତିପ୍ରକାଶ ବେହେରାଙ୍କ ଉପସ୍ଥିତିରେ କବାଟ ଭଙ୍ଗାଯିବାରେ ଜୟକୃଷ୍ଣଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ପୋଲିସ ତଦନ୍ତ ଚଳାଇଛି।

# ଚଳନ୍ତା ବସ୍‌ରୁ ଅଲଗା ହୋଇଗଲା ଚକ
## ବର୍ତ୍ତିଲେ ୪୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ

ଦିଗପହଣ୍ଡି,୩୧।୧୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି-ବ୍ରହ୍ମପୁର ୧୭ ନଂ. ରାଜ୍ୟ ରାଜପଥର ଗଣିଆନାଳ ଛକ ପୂର୍ବରୁ ମୁସ୍କାନ ନାମକ ଯାତ୍ରୀବାହୀ ବସ୍ ଏକ ବଡଧରଣର ଦୁର୍ଘଟଣାରୁ ବର୍ତ୍ତିଯାଇଛି। ବୁଧବାର ମଧ୍ୟାହ୍ନ ପ୍ରାୟ ୧ ଟାରେ ୪୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ନେଇ ଏହି ଘରୋଇ ଯାତ୍ରୀବାହୀ ବସ୍‌ଟି ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣିରୁ ଭାୟା ଦିଗପହଣ୍ଡି ଦେଇ ପୁରୀ ଅଭିମୁଖେ ଯାଉଥିଲା। ହଠାତ୍ ଗଣିଆନାଳ ଛକ ପୂର୍ବରୁ ବସ୍‌ର ସମ୍ମୁଖ ଭାଗ ବାମ ଚକଟି ଛିଣ୍ଡିଯାଇ ଗାଡିରୁ ଅଲଗା ହୋଇଯାଇଥିଲା। ଫଳରେ ବସ୍‌ଟି ପ୍ରାୟ ୨ ଶହ ମିଟର ପର୍ଯ୍ୟନ୍ତ ରାସ୍ତାରେ ଘୋଷାରି ହୋଇଯାଇଥିଲା। ବସ୍‌ରେ ଥିବା ପର୍ଯ୍ୟଟକମାନେ ଭୟଭୀତ ହୋଇ ଚିତ୍କାର କରିଥିଲେ। କିଛି ଅଘଟଣ ପୂର୍ବରୁ ଚାଳକ ଉପସ୍ଥିତ ବୁଦ୍ଧି ଖଟାଇ ବସ୍‌କୁ ରଖିବାରେ ସଫଳ ହୋଇଥିଲେ। ପର୍ଯ୍ୟଟକମାନେ ସୁରକ୍ଷିତ ଅବସ୍ଥାରେ ବସ୍‌ରୁ ଓହ୍ଲାଇଥିଲେ।

ଖବରରୁ ଜଣାପଡିଛି, ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳରୁ ୪୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ନୂଆବର୍ଷ ନିମନ୍ତେ ବିଭିନ୍ନ ଜିଲାର ପର୍ଯ୍ୟଟନ କ୍ଷେତ୍ର ବୁଲିବା ପରେ ସକାଳୁ ଗଞ୍ଜାମ ଜିଲା ତପ୍ତପାଣି ଉଷ୍ମପ୍ରସ୍ରବଣରେ ପହଞ୍ଚି ବଣଭୋଜି କରିବାସହ ସେଠାରେ ଗରମ ପାଣି କୁଣ୍ଡରେ ଗାଧୋଇ ମଜା ଉଠାଇଥିଲେ। ପରେ ସେମାନେ ପୁରୀ ଶ୍ରୀମନ୍ଦିର ଅଭିମୁଖେ ଯାଉଥିବା ବେଳେ ଏଭଳି ଅଘଟଣ ଘଟିଥିଲା। ଆବଶ୍ୟକ ଫିଟନେସ ନ ଥାଇ କେତେକ ବସ୍ ଚଳାଚଳ କରୁଛି। ଏ ଦିଗରେ ପରିବହନ ବିଭାଗ ଧରପଗଡ କରୁନାହିଁ। ବସ୍ ମାଲିକମାନେ ଆବଶ୍ୟକ ଫିଟନେସ ନଥାଇ ବସ୍ ଭଡ଼ାରେ ଛାଡୁଥିବାରୁ ଏପରି ଦୁର୍ଘଟଣାମାନ ଘଟୁଥିବା ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର କହିଛନ୍ତି।



# ଚୋରି ସୁନା କିଣିଥିବା ସନ୍ଦେହରେ ବ୍ୟବସାୟୀ ଅଟକ

ପାରଳାଖେମୁଣ୍ଡି,୩୧।୧୨(ଗିରିଧାରୀ ପରିଚ୍ଛା)

ଚୋରି ସୁନା କିଣିବା ଅଭିଯୋଗରେ ପାରଳାଖେମୁଣ୍ଡିରେ ଜଣେ ବ୍ୟବସାୟୀ ଧରା ପଡିଛନ୍ତି। ତାଙ୍କୁ ପୋଲିସ ଧରିନେଇ ଅଟକ ରଖି ପଚରାଉଚରା କରୁଛି। ସେ ହେଉଛନ୍ତି ପଟ୍ଟୁନୁରୁ ସୂର୍ଯ୍ୟା ଜୁଏଲର୍ସ ଦୋକାନର ମାଲିକ ପି. ଅଶୋକ। ଗତ କିଛି ଦିନ ଧରି ପାରଳାଖେମୁଣ୍ଡି ଅଞ୍ଚଳରେ ଚୋରି ରାହାଜନି ବୃଦ୍ଧି ପାଇ ଚାଲିଥିଲା। ଏନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଜାରି ରଖିଥିଲା। ପାରଳାଖେମୁଣ୍ଡିର ବଡ ବଡ ସୁନା ବ୍ୟବସାୟୀଙ୍କୁ ଚୋରମାନେ ସୁନା ବିକ୍ରି କରିଥିବା ସୂଚନା ପାଇ ପାରଳା ପୋଲିସ ବୁଧବାର ପି. ଅଶୋକଙ୍କୁ ଧରି ଆଣି ଅଟକ ରଖି ପଚରାଉଚରା କରୁଛି। ପାରଳାଖେମୁଣ୍ଡିରେ ବିଭିନ୍ନ ସମୟରେ ହୋଇଥିବା ଚୋରି ଘଟଣାରେ ସେ କେତେ ଜଣ ଅଭିଯୁକ୍ତଙ୍କଠାରୁ ଚୋରି ସୁନା କିଣିଥିବା ସନ୍ଦେହରେ ତାଙ୍କୁ ଉଠାଇ ଆଣି ପଚରାଉଚରା କରାଯାଉଥିବା ଥାନା ଅଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି।

# ନୂତନ ପ୍ଲାନେଟୋରିୟମ୍ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ

ଖଣ୍ଡପଡ଼ା,୩୧।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ଉମାଦେବୀ ସାହି ନିକଟରେ ନୂତନ ପ୍ଲାନେଟାରିୟମ୍ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ତଥା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ତେଲକୋଇ ବିଧାୟକ ଫକୀର ମୋହନ ନାୟକ, ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ବିଜ୍ଞାନ ଓ କାରିଗରୀ ବିଭାଗ ଉପସଚିବ ଚିନ୍ମୟୀ ଚେତନା ଦାଶ, ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ବେହେରା, ଖଣ୍ଡପଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶୁତୋଷ ମହାନ୍ତି, ଏସ୍‌ଡିଓ ରାଧେଶ୍ୟାମ କାଲୋ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ଉକ୍ତ ପ୍ରକଳ୍ପ ପ୍ରାୟ ୨୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏହା ନିର୍ମାଣ ହେବ। ଏହି ଅବସରରେ ପ୍ଲାନେଟାରିୟମ୍ ଓ ବିଜ୍ଞାନ କେନ୍ଦ୍ର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ସଫଳ ହେବା ସହିତ ଜିଲାର ପିଲାମାନେ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଆଗରେ ରୁହନ୍ତୁ ବୋଲି ମତପ୍ରକାଶ ପାଇଥିଲା।



ପ୍ଲାନେଟାରିୟମ୍ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟ ଅତିଥିମାନେ।

# ୨୮ତମ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ଭୋଗଡ଼ା ଚାମ୍ପିୟନ

ଭାପୁର,୩୧।୧୨(ପ୍ରଭାତ ବରାଡ )

ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ମରିଚିଆ ଗ୍ରାମ ଖେଳପଡିଆରେ ଚାଲିଥିବା ୨୮ ତମ ମରିଚିଆ ଲାଇନ୍ସ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାଣ୍ଡ ଫାଇନାଲ ମ୍ୟାଚରେ ଆୟୋଜକ ମରିଚିଆ କ୍ରିକେଟ ଟିମ୍‌କୁ ପରାସ୍ତ କରି ଭୋଗଡା ଟିମ୍ ଚାମ୍ପିୟନ ହୋଇଛି। ବାଲିପାହଡ, ହାଟବସ୍ତ, ବୋତଲମା, ପୁଇଚିଆ, କଡାମଲ୍ଲ, ମରିଚିଆ ଓ ଭୋଗଡା ୮ ଦଳକୁ ନେଇ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ସମସ୍ତଙ୍କୁ ପଛରେ ପକାଇ ଗ୍ରାଣ୍ଡ ଫାଇନାଲରେ ମରିଚିଆ ଲାଇନ୍ସ କ୍ରିକେଟ ଟିମ୍ ଓ ଭୋଗଡା ଟିମ୍ ପ୍ରବେଶ କରିଥିଲେ। ବୁଧବାର ଗ୍ରାଣ୍ଡ ଫାଇନାଲ ମ୍ୟାଚରେ ଭୋଗଡା ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୭ ରନ କରିଥିଲା। ଦଳ ପକ୍ଷରୁ ରାକେଶ କୁମାର ସାମଲ ସର୍ବାଧିକ ୩୨ ରନ କରିଥିଲେ। ଜବାବରେ ଆୟୋଜକ ମରିଚିଆ ୧୪.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୬୦ ରନ କରି ପରାଜୟ ବରଣ କରିଥିଲା।

ଚାମ୍ପିୟନ କ୍ରିକେଟ ଟିମ୍‌ର ରାକେଶ କୁମାର ସାମଲ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଉକ୍ତ ଗ୍ରାଣ୍ଡ ଫାଇନାଲ ମ୍ୟାଚରେ ଖେଳ ପରିଚାଳନା କରିଥିଲେ ମାନସ କୁମାର ନାୟକ ଓ ସିପୁନ ଖୁଣ୍ଟିଆ। ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ ସିଦ୍ଧାନ୍ତ ପ୍ରଧାନ ଓ ସ୍କୋର ସହାୟତା କରିଥିଲେ ସିପୁନ ଖୁଣ୍ଟିଆ ଓ ରଞ୍ଜିତ ପ୍ରଧାନ। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଜିଲା ପରିଷଦ ସଭ୍ୟ ବସନ୍ତ କୁମାର ମାଝୀ, ସରପଞ୍ଚ ରମେଶ ପ୍ରସାଦ ରାଉତ, ସାମାଜିକକର୍ମୀ ଅଜିତ କୁମାର ପାଇକରାୟ ପ୍ରମୁଖ ଯୋଗଦେଇ ସମସ୍ତ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିବା ସହିତ ଭୋଗଡା ଚାମ୍ପିୟନ କ୍ରିକେଟ ଟିମ୍‌କୁ ଚାମ୍ପିୟନ ଟ୍ରଫି ସହିତ ନଗଦ ୮ ହଜାର ଟଙ୍କା ପ୍ରଦାନ କରିଥିଲେ। ମରିଚିଆ ରନର୍ସ କ୍ରିକେଟ ଟିମକୁ ରନର୍ସ ଟ୍ରଫି ସହିତ ନଗଦ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ଖେଳକୁ ମରିଚିଆ ଗ୍ରାମର ହେମନ୍ତ ଚମ୍ପତିରାୟ, ସଞ୍ଜୟ କୁମାର ଜୟସିଂ ଓ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ମଞ୍ଚ ଦୁଲୁକାଇଲେ ରୁକୁସୋନା

**ଧର୍ମଶାଳା ମହୋତ୍ସବର ଷଷ୍ଠ ସନ୍ଧ୍ୟା**

■ ସମ୍ବଲପୁରୀ ଗୀତରେ ମତୁଆଲା ହେଲେ ଦର୍ଶକ

**କାଏମା,୩୧।୧୨(ଶିବପ୍ରାସାଦ ମହାନ୍ତି):**



କଣ୍ଠଶିଳ୍ପୀ ରୁକୁସୋନା ଓ ଜୟଶ୍ରୀ ଧଳ ସଙ୍ଗୀତ ପରିବେଷଣ କରୁଛନ୍ତି ।

ଧର୍ମଶାଳା ମହୋତ୍ସବର ବୁଧବାର ଷଷ୍ଠ ସନ୍ଧ୍ୟାରେ ପ୍ରବଳ ଜନସମାଗମ ହୋଇଛି। ବର୍ଷ ଶେଷ ଦିନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ଭରପୁର ଉପଭୋଗ କରିଛନ୍ତି। କଣ୍ଠଶିଳ୍ପୀ ରୁକୁସୋନା ମଞ୍ଚ ଦୁଲୁକାଇଛନ୍ତି। ତାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ବେଶ ଭିଡ଼ ଜମିଥିଲା। ମା' ସମଲେଇଙ୍କ ଭଜନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କଣ୍ଠଶିଳ୍ପୀ ଜୟଶ୍ରୀ ଧଳଙ୍କ ସଙ୍ଗୀତ ଦର୍ଶକଙ୍କ ମନକୁ ଜିଣିଥିଲା। ସେ ପ୍ରଥମେ ଉଠ କଙ୍କାଳ ଛିଡୁ ଶୃଙ୍ଖଳ ପରେ ଅନ୍ୟ ଗୀତ ଗାଇ ଦର୍ଶକଙ୍କୁ ଝୁମାଇଥିଲେ। ପରେ ରୁକୁସୋନା ମଞ୍ଚକୁ ଆସି ହ୍ୟୁମାନ ସାଗରଙ୍କ ସ୍ମୃତିରେ ଏକ ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ଲଚକମଣି... ଗଜମୁକୁତା..., ଏକତା ଏକତାରା... , କୁଲ୍ଫି ରାନୀ...ଚୋକୋ ବାର..., ରସବତି ବିଳାସ ଭଳି ଅନେକ ଗୀତ ଗାଇଥିଲେ। ରୁକୁସୋନା ଓ ଜୟଶ୍ରୀଙ୍କ ମୋହନ ଦାଦା ...ମୋହନ ଦାଦା... ଗୀତରେ ସମସ୍ତ ଦର୍ଶକ ଝୁମିଥିଲେ। ମଞ୍ଚ ତଳକୁ ରୁକୁସୋନା ଓହ୍ଲାଇ ଆସି ଦର୍ଶକଙ୍କ ସହ ଗୀତର ତାଳେ ତାଳେ ନାଚିଥିଲେ। ମଞ୍ଚ ସମ୍ମୁଖ ଭାଗ ଏବଂ ଦୁଇ ପାର୍ଶ୍ୱରେ ଯୁବତୀଯୁବକ ମଧ ଗୀତର ତାଳେତାଳେ ନାଚିବାରେ ଲାଗିଥିଲେ।

ଅନ୍ୟପକ୍ଷରେ ବୁଧବାର ପାଇଁ ମହୋତ୍ସବରେ ଆମିଷ ଷ୍ଟଲଗୁଡ଼ିକ ଜାମ ରହିଥିଲା। ପଡ଼ିଆ ମଧରେ ବିକ୍ରି ହେଉଥିବା ୩୦ଟଙ୍କାରେ ଚିକେନ ପକୋଡା ଓ ଚିଙ୍ଗୁଡି ପୋକୋଡା ଷ୍ଟଲରେ ଅଧିକ ଭିଡ଼ ଜମିଥିଲା। ମହୋତ୍ସବରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। କିନ୍ତୁ ପଡ଼ିଆରେ ପୋଲିସ କର୍ମଚାରୀ ଅଭାବରୁ ଲୁଟପାଟ ହେଉଥିବା ଅଭିଯୋଗ ହୋଇଛି। ଏହା ଉପରେ ଯାଜପୁର ଆରକ୍ଷୀ ଅଧୀକ୍ଷକ ଦୃଷ୍ଟିଦେବାକୁ ଦାବି ହୋଇଛି।

# ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ



ଶୁଭଶ୍ରୀ କଳା ନିକେତନର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

**ରସୁଲପୁର,୩୧।୧୨(ରଞ୍ଜିତ ରାଉତ):**

**କୁଆଖିଆ ମହୋତ୍ସବର ୭ମ ସନ୍ଧ୍ୟା**

କୁଆଖିଆ ମହୋତ୍ସବ ୭ମ ସନ୍ଧ୍ୟାରେ ବୁଧବାର ସଂସ୍କୃତି ବିଭାଗ ପକ୍ଷରୁ ପ୍ରାୟୋଜିତ ଶୁଭଶ୍ରୀ କଳା ନିକେତନ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ଓଡ଼ିଶୀ, ସମ୍ବଲପୁରୀ, ପାରମ୍ପାରିକ ନୃତ୍ୟ କଳା ପ୍ରଦର୍ଶନ କରାଯାଇଛି। ଅନୁଷ୍ଠାନର ନୃତ୍ୟାଙ୍ଗନାଙ୍କ ନୃତ୍ୟକଳା ପ୍ରଦର୍ଶନରେ ଦର୍ଶକ ଝୁମିଛନ୍ତି। ୨୦୨୫ ବର୍ଷର ଶେଷ ଦିନରେ ମହୋତ୍ସବ ପଡିଆରେ ଦର୍ଶକଙ୍କ ଖୁବ୍ ଭିଡ ଜମିଥିଲା। ଦର୍ଶକ ମଞ୍ଚ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ସନ୍ଧ୍ୟାରୁ ଆସନ ଅଧିକାର କରିନେଇଥିଲେ। ଫଳରେ ବହୁ ଦର୍ଶକ ଛିଡ଼ା ହୋଇ ନୃତ୍ୟକୁ ଉପଭୋଗ କରିଥିଲେ। କଳାକାରଙ୍କ ନୃତ୍ୟ ପ୍ରଦର୍ଶନ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଦର୍ଶକଙ୍କ କରତାଳି ସାଙ୍ଗକୁ ହୋହଲ୍ଲାରେ କଳାକାର ଉତ୍ସାହିତ ହୋଇଥିଲେ। ଦର୍ଶକମାନେ ମୁଗ୍ଧ ହୋଇ କଳାକାରଙ୍କୁ ପୁରସ୍କୃତ କରିଥିଲେ। କଳାନିକେତନର ନିର୍ଦ୍ଦେଶିକା ସୁଭଦ୍ରା ଜେନାଙ୍କ ମଞ୍ଚ ପରିଚାଳନା ଅତ୍ୟନ୍ତ ଚମତ୍କାର ରହିଥିଲା। ନୃତ୍ୟ ସଂଗଠନ ସମ୍ପର୍କରେ ଜେନାଙ୍କୁ ପଚାରିବାରୁ ସେ କହିଥିଲେ, ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟ ଓ ବାହାର ରାଜ୍ୟରେ ତାଙ୍କ ଅନୁଷ୍ଠାନର କଳାକାର ନୃତ୍ୟ ପରିବେଷଣ କରିଆସୁଛନ୍ତି। ଏହି ମଞ୍ଚରେ କଳା ପରିବେଷଣ କରି ସେ ସନ୍ତୋଷବ୍ୟକ୍ତ କରିଛନ୍ତି। ଦର୍ଶକଙ୍କ କଳା ପ୍ରତି ଆଗ୍ରହ ଓ ଉତ୍ସାହକୁ ନେଇ କଳାକାର ସେମାନଙ୍କର ଶ୍ରେଷ୍ଠ ଦେବାକୁ ଚେଷ୍ଟା କରିଛନ୍ତି, ଯାହା ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇପାରିଛି ବୋଲି ସେ ଉପଲବ୍ଧ କରିଛନ୍ତି। ମହୋତ୍ସବ କମିଟି ପକ୍ଷରୁ ସୁନ୍ଦର ଆୟୋଜନକୁ ମଧ ସେ ପ୍ରଶଂସା କରିଛନ୍ତି। ମହୋତ୍ସବ ମଞ୍ଚ ପରିଚାଳନା ଦାୟିତ୍ୱରେ ଥିବା କମିଟି ମହାସଚିବ ଅରୁଣ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ଷର ଶେଷ ଦିନରେ ଦର୍ଶକଙ୍କ ରେକର୍ଡ ସଂଖ୍ୟକ ଭିଡ ଜମିଛି। ମଞ୍ଚରେ କଳା ପ୍ରଦର୍ଶନ ଅତ୍ୟନ୍ତ ମନୋରମ ହୋଇପାରିଛି। ଟ୍ରାଫିକ ନିୟନ୍ତ୍ରଣ ସହ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ କମିଟି ପକ୍ଷରୁ ତଦାରଖ କରାଯାଉଛି।

# ଚକା ବଦଳାଉଥିବାବେଳେ ଦୁର୍ଘଟଣା: ଚାଳକ ମୃତ

**ପାଣିକୋଇଲି,୩୧।୧୨(ବିକାଶ ଚନ୍ଦ୍ର ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ଟିକର ନିକଟରେ ଗାଡ଼ି ଚକା ବଦଳାଉଥିବା ବେଳେ ଦୁର୍ଘଟଣାରେ ଜଣେ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କେନ୍ଦୁଝର ଜିଲା ଘସିପୁରା ଥାନା ବଇଲୋ ଗ୍ରାମର ମଙ୍ଗୁଳି ସାହୁଙ୍କ ପୁଅ ବିଜୟ କୁମାର ସାହୁ। ସେ କେନ୍ଦୁଝରରୁ ଭୁବନେଶ୍ୱର ଅଭିମୁଖେ ବୋଲେରୋ ଓଡି୦୧ବି୮୧୩୦ ନେଇ ଯାଉଥିବାବେଳେ ଚକା ପମ୍ପଚର ହୋଇଯାଇଥିଲା। ବିଜୟ ଗାଡ଼ି ଅଟକାଇ ଚକା ବଦଳାଉଥିବାବେଳେ ପଛରୁ ଅଜଣା ଗାଡ଼ି ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସେ ଗୁରୁତର ହୋଇଥିଲେ। ରାଜପଥ ପାଟ୍ରୋଲିଂ ଗାଡ଼ି ତାଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପାଣିକୋଇଲି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ମାମଲା ନଂ.୪୧୮/୨୫ ରୁଜୁ ହୋଇଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରିଙ୍କୁ



@ କୁନୁ



@ ବାବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ଉଦ୍‌ଯାପିତ




ପୁସ୍ତକ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

**ଯାଜପୁରଟାଉନ,୩୧।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ପଞ୍ଚଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପୁସ୍ତକ ମହୋତ୍ସବର ସଭାପତି ସନ୍ତୋଷ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ପୁସ୍ତକ ମଣିଷ ଜୀବନର ଗତିପଥ ବଦଳାଇ ତାକୁ ଗୋଟିଏ ସୋପାନରୁ ଉପରକୁ ଉନ୍ନୀତ ହେବା ପାଇଁ ମାର୍ଗ ଦର୍ଶାଇଥାଏ। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାମଲ ସ୍ତୋତ୍ର ପାଠ କରିଥିଲେ। ଖବରଦାତା ତପନ ମହାରଣା ମଞ୍ଚାସୀନ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସମ୍ପାଦକ ହୃଷୀକେଶ ପତି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କାହ୍ନୁ ଚରଣ ମିଶ୍ର ପୁସ୍ତକ ମହୋତ୍ସବର ସାରସ୍ୱତ ସମାବେଶ ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

ମୁଖ୍ୟ ଅତିଥିଭାବେ ପୂର୍ବତନ ଯାଜପୁର ଜିଲା ପରିଷଦର ସଭାପତି ଗୌତମ ରାୟ ଯୋଗଦେଇ ସାରସ୍ୱତ ସ୍ରଷ୍ଟାଙ୍କ ଅନବଦ୍ୟ ସୃଷ୍ଟିକୁ ଅଧ୍ୟୟନ କରିବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତାଭାବେ ଯାଜପୁର ଲେଖକ ସମ୍ମେଳନର ସଭାପତି ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ବହି ମଣିଷର ଭାବନାର ସ୍ରୋତକୁ ଅତିନ୍ଦ୍ରିୟ ସ୍ତରରେ ପହଞ୍ଚାଇ ଦିଏ ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥିଭାବେ ଯାଜପୁର ତହସିଲଦାର ରବିନାରାୟଣ ପାଢ଼ୀ, ଲେଖିକା ବିଦ୍ୟୁଲତା ଦାସ, ଓଡ଼ିଶା ସାରସ୍ୱତ ସମାବେଶ ମଞ୍ଚର ସଭାପତି ଘନପରିଡ଼ା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।

ମାର୍କଣ୍ଡପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସହକାରୀ ଚିକିତ୍ସାଧିକାରୀ ଡା. ରୂପାନାରାୟଣ ସାହୁ, ଜଗତ୍‌ସିଂହପୁର ପାଲାଗାୟିକା ସୁଶ୍ରୀ ପ୍ରଜ୍ଞା ରାଉତ, ସାରସ୍ୱତ ସାଧକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ବିଶିଷ୍ଟ ଦନ୍ତ ଚିକିତ୍ସକ ଡା. ସାହେବଜାଦା ଆସିଫ୍ ରିଜ୍‌ୱାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁକ୍ତ କୁଇଜ୍‌ରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗଣମାଧ୍ୟମ ସଂଯୋଜକ ଆଦିତ୍ୟ ମହାନ୍ତି ଓ ସାଂସ୍କୃତିକ ସଂପାଦକ ସନ୍ତୋଷ ମିଶ୍ର ସମସ୍ତ କାର୍ଯ୍ୟ ସୁପରିଚାଳନା କରିଥିଲେ। ଅଧ୍ୟାପକ ମଳୟ ଜେନାଙ୍କ ଅଧ୍ୟକ୍ଷତାରେ ଶ୍ରେଷ୍ଠ କୁଇଜ୍ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଖବରଦାତା ତରୁଣ ନନ୍ଦ, ସଂଗ୍ରାମ ସାହାଣୀ, କିରଣ ପ୍ରିୟଦର୍ଶିନୀ, କୈଳାସ ସ୍ୱାଇଁ, ଅଧିକାରୀ ନବକିଶୋର ଦାସ, ମଧୁସୂଦନ ଜେନା, ଗୁରୁକୃଷ୍ଣ ଦାଶ, ଦିଲୀପ ଦାଶ, ପ୍ରିୟଦର୍ଶିନୀ ସାମନ୍ତ ପ୍ରମୁଖ ସହଯୋଗ କରିଥିଲେ। କବୟିତ୍ରୀ ନିର୍ମଳା ବାଳା ମିଶ୍ରଙ୍କର ହିନ୍ଦୀ କବିତା ପୁସ୍ତକ 'ୱକ୍ତକି ଇଜାଜତ୍' ଏବଂ ଇନ୍ଦୁପ୍ରଭା ସାମଲଙ୍କ ପୁସ୍ତକ 'ସୃଜନ ସ୍ୱପନର ଉଦ୍‌ଘାଟନ' ଉନ୍ମୋଚିତ ହୋଇଥିଲା। ଉପସଭାପତି ବିଭୂତି ଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

DSPL-450

**ଜାତୀୟ ସଡ଼କ ସୁରକ୍ଷା ମାସ- ୨୦୨୬ ଅବସରରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀଙ୍କ ବାର୍ତ୍ତା**

ଜାନୁୟାରୀ ମାସକୁ 'ଜାତୀୟ ସଡ଼କ ସୁରକ୍ଷା ମାସ' ଭାବରେ ପାଳନ କରାଯାଉଅଛି । ଚଳିତ ବର୍ଷର ଆହ୍ୱାନ - "ଶିକ୍ଷାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ" । ଦେଶରେ ତଥା ଆମ ରାଜ୍ୟରେ ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁ ସଂଖ୍ୟା ଏକ ଚିନ୍ତାର ବିଷୟ ତଥା ଉଦବେଗଜନକ । ସଂପ୍ରତି ସ୍ଥିତିରେ ସୁଧାର ଆଣିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମେ ସଂକଳ୍ପବଦ୍ଧ । ବିଭିନ୍ନ ପଦକ୍ଷେପ ସହ ଛଅଟି 'ଇ' Education, Enforcement, Engineering, Emergency Care, Empathy ଓ Environment ଆଧାରରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ ବ୍ୟାପକ କରିଛୁ । ଏଥିନିମନ୍ତେ ସାମୂହିକ ଭାଗିଦାରୀର ଆବଶ୍ୟକତା ରହିଛି ।

ଗ୍ରାମାଞ୍ଚଳରେ ସଡ଼କ ଦୁର୍ଘଟଣା ମୃତକଙ୍କ ମଧ୍ୟରେ ଅଧିକାଂଶ ଦୁଇଚକିଆ ବ୍ୟବହାରକାରୀ ରହୁଛନ୍ତି । ଏହି ଆହ୍ୱାନର ମୁକାବିଲା ପାଇଁ ଦୁଇ ଚକିଆ ଯାନରେ ଗଲେ ହେଲମେଟ୍ ପିନ୍ଧିବା, ଚାରିଚକିଆ ଯାନରେ ଗଲେ ସିଟବେଲ୍ଟ ପିନ୍ଧିବା, ଦ୍ରୁତଗତି କିମ୍ବା ନିଶା ସେବନ କରି ଗାଡ଼ି ଚଲାଇବା ନାହିଁ, ଗାଡ଼ି ଚଲାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ନାହିଁ । ସେହିଭଳି ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା କରିବାରେ ଆଦୌ ପଛାଇବା ନାହିଁ ।

ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ଗୁଡ୍ ସମରିଟାନ୍ ଯୋଜନାରେ ସମ୍ମାନ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । କେନ୍ଦ୍ର ସରକାର ରାହା-ବୀର୍ ଯୋଜନାରେ ଜୀବନ ରକ୍ଷାର ଏହି ଅଭିଯାନକୁ ବ୍ୟାପକ କରିଛନ୍ତି । 'କ୍ୟାଶଲେସ୍ ଟ୍ରିଟମେଣ୍ଟ ଫର୍ ରୋଡ୍ ଆକ୍ସିଡେଣ୍ଟ ଭିକ୍ଟିମ୍' ବ୍ୟବସ୍ଥାରେ ସମସ୍ତ ସରକାରୀ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ସଂପୂର୍ଣ୍ଣ ନିଃଶୁଳ୍କରେ ଚିକିତ୍ସା ଯୋଗାଇ ଦିଆଯାଉଥିବା ବେଳେ ଅନୁବନ୍ଧିତ ଘରୋଇ ଡାକ୍ତରଖାନାରେ ପ୍ରଥମ ସାତ ଦିନରେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବାର ଯୋଜନା ହୋଇଛି ।

ସରକାରଙ୍କ ଲକ୍ଷ୍ୟ ହେଉଛି, ଅକାଳରେ ଝଡ଼ିଯାଉଥିବା ଜୀବନକୁ ରକ୍ଷା କରିବା । ଆପଣ ମଧ ଏହି ଅଭିଯାନରେ ସାମିଲ ହୁଅନ୍ତୁ । ସଡ଼କ ସୁରକ୍ଷା ନିୟମ ପାଳନ କରନ୍ତୁ ଓ ସଡ଼କ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ ।

**ଶ୍ରୀ ବିଭୂତି ଭୂଷଣ ଜେନା**
ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି

OIPR-

ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

# ମହୋତ୍ସବ ହେଉଛି ଓଡ଼ିଆ ଅସ୍ମିତା, ସ୍ୱାଭିମାନର ପ୍ରତୀକ

## ପାରାଦୀପ ମହୋତ୍ସବ ଉଦ୍‌ଯାପିତ

ଜଗତ୍‌ସିଂହପୁର/ପାରାଦୀପ, ୩୧।୧୨
(ପ୍ରମୋଦ କୁମାର ନାୟକ / ଶରତ ରାଉତ)



ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟ ଅତିଥି।

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ଅବସରରେ ଅଟଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗତ ୨୫ ତାରିଖରୁ ଚାଲୁରହିଥିବା ପାରାଦୀପ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସଭାରେ ଟ୍ରଷ୍ଟ ସଭାପତି ସୁବ୍ରତ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ବାଜପେୟୀଙ୍କ କାର୍ଯ୍ୟଦକ୍ଷତା, ଓଡ଼ିଶା ପ୍ରତି ଅବଦାନ ଉପରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ବାଜପେୟୀ ଜଣେ ବ୍ୟକ୍ତି ନ ଥିଲେ, ସେ ଜଣେ ବିଚାରଧାରା ତଥା ଲୋକ ଅଭିବ୍ୟକ୍ତିର ବଡ଼ ପ୍ରତୀକ ଥିଲେ। ଆଧୁନିକ ଭାରତ ଗଠନରେ ବାଜପେୟୀଙ୍କ ଅବଦାନ ଅବର୍ଣ୍ଣନୀୟ। ସେ ଥିଲେ ଓଡ଼ିଶାର ପ୍ରକୃତ ନିର୍ମାତା। ବିଶେଷକରି ପାରାଦୀପର ପୁନଃ ନିର୍ମାଣ ସହ ବିକଶିତ କରିବା ଦିଗରେ ତାଙ୍କ ଅବଦାନକୁ କେବେ ଭୁଲିହେବନାହିଁ। ରାସ୍ତାଘାଟ, ବିଦ୍ୟୁତୀକରଣଠାରୁ ଆରମ୍ଭକରି ପାରାଦୀପ ରିଫାଇନାରିର ପ୍ରତିଷ୍ଠା ପର୍ଯ୍ୟନ୍ତ ତାଙ୍କର ଅବଦାନ ଥିଲା ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ଏହି ଅବସରରେ ସେ ପାରାଦୀପ ପ୍ରତି ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଅବଦାନ, ମହୋତ୍ସବର ଇତିହାସ, ଲୋକଗାଥା, ସଂସ୍କୃତି ଓ ସମସ୍ତେ ଏକ୍ ହୋଇ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ମାଧ୍ୟମରେ ବିକଶିତ ପାରାଦୀପ ଗଢ଼ିବା ପାଇଁ ଆହ୍ୱାନ ଦେଇଥିଲେ। ମହୋତ୍ସବ ହେଉଛି ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ଏକ ଗୌରବମୟ ପ୍ରତୀକ। ସରକାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା, ପ୍ରସାର ପାଇଁ ସଂକଳ୍ପବଦ୍ଧ। ଓଡ଼ିଆ ଅସ୍ମିତା କେବଳ ଏକ ଆଦର୍ଶ ନୁହେଁ, ବରଂ ଶାସନ ଓ ପ୍ରଶାସନର ଏକ ଅଭିନ୍ନ ଅଙ୍ଗ। କଳା, ସଂସ୍କୃତି ଓ ବିକାଶର ସମନ୍ୱୟରେ ହିଁ ଏକ ସମୃଦ୍ଧ, ସ୍ୱାଭିମାନୀ ଓ ବିକଶିତ ଓଡ଼ିଶା ଗଠନ କରିବା ସମ୍ଭବ। ଏହାବାଦ୍ ବର୍ତ୍ତମାନର ସରକାର ଅମଳରେ ଜିଲାରେ ମେଡିକାଲ କଲେଜ ଓ ପାରାଦୀପରେ ଗ୍ରୀନ୍ ଫିଲ୍ଡ ବିମାନ ବନ୍ଦର ପ୍ରତିଷ୍ଠା ପାଇଁ ଅନୁମୋଦନ ମିଳିପାରିଛି। ବିମାନବନ୍ଦର ପ୍ରତିଷ୍ଠା ହେଲେ କେବଳ ପାରାଦୀପ ନୁହେଁ, ଜଗତ୍‌ସିଂହପୁର ଜିଲାର ବାଣିଜ୍ୟ ତଥା ପର୍ଯ୍ୟଟନ କ୍ଷେତ୍ରରେ ଅସୁମାରି ସୁଯୋଗ, ସମ୍ଭାବନା ସୃଷ୍ଟି ହେବ। ଏହାବାଦ୍ ଜିଲାର ପର୍ଯ୍ୟଟନ କ୍ଷେତ୍ରକୁ ପ୍ରାଧାନ୍ୟ ଦେଇ ପାରାଦୀପକୁ ବ୍ଲୁ-ଫ୍ଲାଗ୍ ବିଚ୍ର ମାନ୍ୟତା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ' ମନ୍ତ୍ର ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଲୋକାଭିମୁଖୀ ନୀତିକୁ ପାଥେୟକରି ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀର ବିକାଶ ଧାରା ଜାରି ରହିଛି। ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ପାରାଦୀପ ବିଧାନସଭା କ୍ଷେତ୍ରର ଜନସାଧାରଣଙ୍କ ପାଇଁ ଜନସେବା ଆପ୍ ଓ ନିଃଶୁଳ୍କ ଆମ୍ବୁଲାନ୍ସ ସେବା ଆରମ୍ଭ କରାଯାଇଛି। ପାରାଦୀପ ବନ୍ଦର ୧୫୦ ମିଲିୟନ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରି ଦେଶର ବୃହତ୍ତମ ବନ୍ଦର ଭାବେ ପରିଚୟ ପାଇଛି, ଯାହା ଆମ ଓଡ଼ିଶାର ଶିଳ୍ପଜଗତ ପାଇଁ ବଡ଼ ଉପଲବ୍ଧି ବୋଲି ମନ୍ତ୍ରୀ କହିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ତିର୍ତ୍ତୋଲ ବିଧାନସଭା ଭାଜପା ପ୍ରାର୍ଥୀ ରାଜକିଶୋର ବେହେରା, ବାଲିକୁଦା-ଏରସମା ବିଧାନସଭା ପ୍ରାର୍ଥୀ ସତ୍ୟସାରଥି ମହାନ୍ତି, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ମହୋତ୍ସବର ପ୍ରତିଷ୍ଠାତା ସଦସ୍ୟ ଭବେନ୍ଦ୍ର କୁମାର ଦାଶ, ସମ୍ପାଦକ ସର୍ବେଶ୍ୱର ବଳିୟାରସିଂ, ସୁବୋଧ ବାରିକ, ସୁଧୀର ମଲ୍ଲିକ, ତପନ ତ୍ରିପାଠୀ, ଦିଲୀପ ବେହେରା, ରଞ୍ଜନ ବାରିକ, ଶତ୍ରୁଘ୍ନ ମଲ୍ଲ, ପ୍ରତ୍ୟୁଷ ଦାସ, ପ୍ରତାପ ଦାସ, ବଜରଙ୍ଗୀ ସ୍ୱାଇଁ, ଜିତେନ୍ଦ୍ର ସାହୁ, ଦିଲୀପ ବଳିୟାରସିଂ, ସର୍ବେଶ୍ୱର ଜେନା, ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାଙ୍କ ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତି ଏବଂ ଅନୁଷ୍ଠାନଗୁଡ଼ିକୁ ସମ୍ମାନିତ କରାଯାଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରିଙ୍କୁ



@ କୁନୁ



@ ବାବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସପ୍ତମ ଅନନ୍ତ ମହୋତ୍ସବ

# ମଉଳିଯାଇଛି ଡିମିରିଫୁଲ ମହକ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଡେରାବିଶ, ୩୧।୧୨
(ବେବର୍ତ୍ତା ଅଜୟ ଦାସ)

ନାଟ୍ୟକାର ଅନନ୍ତ ଓଝାଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ବୁଧବାର ଅଷ୍ଟମ ଅନନ୍ତ ମହୋତ୍ସବ ପାଳିତ ହୋଇଯାଇଛି। ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ବୀରନୀଳକଣ୍ଠପୁରଠାରେ ଅନନ୍ତ ଓଝା ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ଡା. ଆଶୁତୋଷ ମିଶ୍ର ଯୋଗଦେଇ ନାଟ୍ୟ ଜଗତରେ ପ୍ରତିଷ୍ଠା ଅର୍ଜନ କରିଥିବା ନାଟ୍ୟକାର ଅନନ୍ତଙ୍କ ଲିଖିତ ବହୁ ନାଟକ ଯାତ୍ରା ଜଗତରେ ଚହଳ ସୃଷ୍ଟି କରିପାରିଥିଲା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ଅନନ୍ତଙ୍କ ଲିଖିତ ଲୋକପ୍ରିୟ ନାଟକ ଡିମିରି ଫୁଲର ମହକ ଆଜି ମଉଳି ଯାଇଛି ବୋଲି ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଚାରିଟେବୁଲ୍ ଟ୍ରଷ୍ଟ ସଭାପତି ହଳଧର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ସଂଯୋଜନା କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରବଚକ ଶରଣାରବିନ୍ଦ ଓଝା, ସାମାଜିକ କର୍ମୀ ରବି ସାମଲ, ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଅଭିନେତା ଦୈତାରୀ ପଣ୍ଡା, ବସନ୍ତ କୁମାର ସାହୁ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବିନୋଦ କୁମାର ରାଉତ ଯୋଗଦେଇ ଅନନ୍ତଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଅବର୍ତ୍ତମାନରେ ବୀରନୀଳକଣ୍ଠପୁର ଗାଁଦାଣ୍ଡରେ ଯାତ୍ରା କଳାକାରଙ୍କ କୋଳାହଳ ଶୂନ୍ୟ ହୋଇପଡ଼ିଛି ବୋଲି କହିଥିଲେ।

ଅତିଥି ଭାବରେ ଯାତ୍ରା କଳାକାରର ନଳିନୀ ସ୍ୱାଇଁ ଯୋଗଦେଇ ଆନନ୍ତଙ୍କ ଲିଖିତ ଏକ ସଂଳାପ ପରିବେଷଣ କରିଥିବା ବେଳେ ପିଲା ଦିନର ଗାଁ ସାଙ୍ଗ ନାରାୟଣ ଲେଙ୍କା ନାଟ୍ୟକାର ଅନନ୍ତଙ୍କ ସହ ବିତାଇଥିବା ସୁଖ ଦୁଃଖର ମୁହୂର୍ତ୍ତର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବହୁ ଚଳଚ୍ଚିତ୍ର ଓ ଯାତ୍ରା ଅଭିନେତା ଅଭିନେତ୍ରୀଙ୍କୁ ଚ୍ୟାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ଟ୍ରଷ୍ଟ କର୍ମକର୍ତ୍ତା ଆପକ ଗୋଲଖ ଚନ୍ଦ୍ର ମହାଭୋଇ ସମ୍ପାଦକୀୟ ବିବରଣୀ, ଶିକ୍ଷାବିତ୍ ପ୍ରଦୀପ ନାୟକ ଅତିଥି ପରିଚୟ ଓ ସବ୍ୟସାଚୀ ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅନନ୍ତଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିବା ପରେ ପାୟଲ ମ୍ୟୁଜିକ କଳାକାରଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଶଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରଭାକର ସାମଲ, ଭବାନୀ ପ୍ରସାଦ ଓଝା, ନାଟ୍ୟ ନିର୍ଦ୍ଦେଶକ ଶନ୍ତନୁ କୁମାର ଓଝା, ଅଭିମନ୍ୟୁ ରାଉତ, ସନ୍ତୋଷ କୁମାର ରାଉତ ଓ କୈଳାସ ଚନ୍ଦ୍ର ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।

# ବିଦାୟୀ ବର୍ଷର ଶେଷ ସୂର୍ଯ୍ୟାସ୍ତ

ମହାକାଳପଡ଼ା, ୩୧।୧୨
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ମହାନଦୀର ୨୦୨୫ ବିଦାୟୀ ବର୍ଷର ବାହାକୁଦ ସଂଲଗ୍ନ ମହାନଦୀର ଶେଷ ସୂର୍ଯ୍ୟାସ୍ତ। ଧୀବରମାନେ ଡଙ୍ଗିରେ ଜାଲ ଦେଇ ମାଛ ଧରୁଥିବା ଦେଖିବାକୁ ମିଳିଛି।



ବାହାକୁଦ ଫେରିଘାଟ ସଂଲଗ୍ନ ମହାନଦୀରେ ଶେଷ ସୂର୍ଯ୍ୟାସ୍ତ ।

# ଡିଙ୍କିଆ ପଞ୍ଚାୟତ ଗ୍ରାମସଭାକୁ ଭଣ୍ଡୁର ପାଇଁ ଉଦ୍ୟମ ଅଭିଯୋଗ

## ବଣ୍ଟାଯାଉଥିବା ଶାଢ଼ି, କପଡ଼ା ଓ ମିଠା ପ୍ୟାକେଟକୁ ଫେରାଇଲେ ଲୋକେ

କୁଜଙ୍ଗ, ୩୧।୧୨ (ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଡିଙ୍କିଆ ଚାରିଦେଶରେ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ନିର୍ମାଣାଧୀନ ଇସ୍ପାତ ଓ ସିମେଣ୍ଟ କାରଖାନା କାମ ଚାଲିଛି। ଡିଙ୍କିଆ ପଞ୍ଚାୟତରେ ଜାନୁଆରୀ ୬ରେ ହେବାକୁଥିବା ଗ୍ରାମସଭାକୁ ଭଣ୍ଡୁର କରି ଲୋକଙ୍କ ସ୍ୱରକୁ ଚାପି ଦେବାକୁ କମ୍ପାନୀ ଉଦ୍ୟମ କରୁଥିବା ଅଭିଯୋଗ ଉଠୁଛି। ଜେଏସ୍‌ଡବ୍ଲୁ ପକ୍ଷରୁ ନିର୍ବାଚିତ ପ୍ରତିନିଧିମାନଙ୍କୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ବୁଧବାର ମହିଳା ପ୍ରତିନିଧିମାନଙ୍କୁ ଶାଢ଼ି, ମିଠା ଓ ପୁରୁଷ ପ୍ରତିନିଧିମାନଙ୍କୁ ପ୍ୟାଣ୍ଟଶାର୍ଟକନା ଓ ମିଠା ବଣ୍ଟନ କରାଯାଇଛି। ଡିଙ୍କିଆ ପଞ୍ଚାୟତର ସଂଖ୍ୟାଧିକ ନିର୍ବାଚିତ ପ୍ରତିନିଧି ଏସବୁ ଜିନିଷକୁ ଫେରେଇ ଦେଇଥିବା ଜଣାପଡ଼ିଛି, ଯାହାକୁ ନେଇ ଡିଙ୍କିଆ ରାଜନୀତି ସରଗରମ ହୋଇଉଠିଛି। ସୂଚନାଯୋଗ୍ୟ, ୨୦୨୫ ଅକ୍ଟୋବର ୨୮ରେ ଡିଙ୍କିଆ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ନିମନ୍ତେ ଦିନାଙ୍କ ସ୍ଥିର ହୋଇ ନୋଟିସ ହୋଇଥିଲା। ମାତ୍ର ଅଭୟଚାନ୍ଦପୁର ପୋଲିସ, ଜଗତ୍‌ସିଂହପୁର ଉପଜିଲାପାଳ ଡିଙ୍କିଆରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରି ଭାରତୀୟ ନ୍ୟାୟ ସଂହିତା ଧାରା ୧୬୩ ଜାରି କରିଥିଲେ। ଫଳରେ ଗ୍ରାମସଭାକୁ ବାତିଲ କରାଯାଇଥିଲା। ଏହା ବିରୋଧରେ ଡିଙ୍କିଆ ପଞ୍ଚାୟତ ୧୪ ନଂ. ୱାର୍ଡ ସଭ୍ୟ ଅଜୟ ଦାସ ଓ ଅନ୍ୟ ଜଣେ ଗ୍ରାମବାସୀ କାଶୀନାଥ ମହାପାତ୍ର ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ କେସ୍ ନଂ.୩୧୬୩୯/୨୦୨୫ରେ ରିଟ୍ ପିଟିଶନ ଦାଖଲ କରିଥିଲେ। ଏ ସମ୍ପର୍କରେ ଉଚ୍ଚ ନ୍ୟାୟାଳୟ ଜଗତ୍‌ସିଂହପୁର ଜିଲାପାଳଠାରୁ ସବିଶେଷ ତଥ୍ୟ ମାଗିବାରେ ଡିଙ୍କିଆ ଅବସ୍ଥା ସ୍ୱାଭାବିକ ଅଛି ଓ ଆସନ୍ତା ୬ ତାରିଖରେ ଗ୍ରାମସଭା ହେବ ବୋଲି ଜଣାଇଥିଲେ। ସେହି ଅନୁସାରେ ଜାନୁଆରୀ ୬ରେ ଗ୍ରାମସଭା ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ନୋଟିସ୍‌ରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି, ୨୦୨୬-୨୭ ଆର୍ଥିକବର୍ଷରେ ଗ୍ରାମପଞ୍ଚାୟତର ଉନ୍ନୟନ ନିମନ୍ତେ ଆଲୋଚନା କରାଯିବ। ଯେହେତୁ ଡିଙ୍କିଆ ଅଧିବାସୀ ଜିଦ୍ ଧରି ବସିଛନ୍ତି ୨୦୦୬ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ସେମାନଙ୍କୁ ପାରମ୍ପରିକ ବନବାସୀ ମାନ୍ୟତା ପ୍ରଦାନ କରାଯାଉ। ବିନା ପଲ୍ଲିସଭା ଓ ଗ୍ରାମସଭାରେ ଜେଏସ୍‌ଡବ୍ଲ୍ୟୁ ହାତକୁ ଟେକିଦିଆଯାଇଥିବା ଜଙ୍ଗଲ ଜମିକୁ ବେଆଇନ ଘୋଷଣା କରାଯାଇ ପଲ୍ଲିସଭା ମାଧ୍ୟମରେ ନିଷ୍ପତ୍ତି ନିଆଯାଉ। କାଳେ ଗ୍ରାମସଭାରେ ଜଙ୍ଗଲ ଜମି କଥା ଉଠିବ ଆଶଙ୍କା କରି ଏଭଳି ବଣ୍ଟନ କରାଯାଇଥିବା କୁହାଯାଉଛି। ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁ ଲୋକସମ୍ପର୍କ ଅଧିକାରୀ ମିତ୍ରଭାନୁ ଚୌଧୁରୀଙ୍କୁ ପଚାରିବାରେ ନୂଆବର୍ଷ ଶୁଭେଚ୍ଛା ଜଣାଇବା ନିମନ୍ତେ କମ୍ପାନୀ ପକ୍ଷରୁ ଖାଲି ଡିଙ୍କିଆ ପଞ୍ଚାୟତ ନୁହେଁ, ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତରେ ମଧ୍ୟ ଏହା ବଣ୍ଟନ କରାଯାଉଛି। ଡିଙ୍କିଆ ପଞ୍ଚାୟତର ସଂଖ୍ୟାଧିକ ପ୍ରତିନିଧି ଗ୍ରହଣ ନ କରି ଫେରାଇ ଦେଇଥିବା କଥା ମଧ୍ୟ ଚୌଧୁରୀ ସ୍ୱୀକାର କରିଥିଲେ। ଅନ୍ୟପକ୍ଷେ ଯେଉଁମାନେ କମ୍ପାନୀ ସହ ସାଲିସ୍ କରି ଠିକାଦାରି କରୁଛନ୍ତି ସେମାନେ ମଧ୍ୟ ବିଭିନ୍ନ ଉପାୟରେ ଜନମତକୁ ବିଭ୍ରାନ୍ତକରି ଗ୍ରାମସଭା ଭଣ୍ଡୁର ପାଇଁ ଉଦ୍ୟମ କରୁଥିବା ଆଲୋଚନା ହେଉଛି। ଦେଖିବାକୁ ବାକି ରହିଲା ଜାନୁଆରୀ ୬ରେ ଗ୍ରାମସଭାରେ ଲୋକଙ୍କ ସ୍ୱରକୁ ଗ୍ରହଣ କରାଯାଉଛି କି ଭଣ୍ଡୁର ହେଉଛି।

DSPL-450

## ଜାତୀୟ ସଡ଼କ ସୁରକ୍ଷା ମାସ- ୨୦୨୬ ଅବସରରେ
## ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀଙ୍କ ବାର୍ତ୍ତା

ଜାନୁୟାରୀ ମାସକୁ 'ଜାତୀୟ ସଡ଼କ ସୁରକ୍ଷା ମାସ' ଭାବରେ ପାଳନ କରାଯାଉଅଛି । ଚଳିତ ବର୍ଷର ଆହ୍ୱାନ - "ଶିକ୍ଷାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ" । ଦେଶରେ ତଥା ଆମ ରାଜ୍ୟରେ ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁ ସଂଖ୍ୟା ଏକ ଚିନ୍ତାର ବିଷୟ ତଥା ଉଦବେଗଜନକ । ସଂପ୍ରତି ସ୍ଥିତିରେ ସୁଧାର ଆଣିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମେ ସଂକଳ୍ପବଦ୍ଧ । ବିଭିନ୍ନ ପଦକ୍ଷେପ ସହ ଛଅଟି 'ଇ' Education, Enforcement, Engineering, Emergency Care, Empathy ଓ Environment ଆଧାରରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ ବ୍ୟାପକ କରିଛୁ । ଏଥିନିମନ୍ତେ ସାମୂହିକ ଭାଗିଦାରୀର ଆବଶ୍ୟକତା ରହିଛି ।

ଗ୍ରାମାଞ୍ଚଳରେ ସଡ଼କ ଦୁର୍ଘଟଣା ମୃତକଙ୍କ ମଧ୍ୟରେ ଅଧିକାଂଶ ଦୁଇଚକିଆ ବ୍ୟବହାରକାରୀ ରହୁଛନ୍ତି । ଏହି ଆହ୍ୱାନର ମୁକାବିଲା ପାଇଁ ଦୁଇ ଚକିଆ ଯାନରେ ଗଲେ ହେଲମେଟ୍ ପିନ୍ଧିବା, ଚାରିଚକିଆ ଯାନରେ ଗଲେ ସିଟବେଲ୍ଟ ପିନ୍ଧିବା, ଦ୍ରୁତଗତି କିମ୍ବା ନିଶା ସେବନ କରି ଗାଡ଼ି ଚଲାଇବା ନାହିଁ, ଗାଡ଼ି ଚଲାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ନାହିଁ । ସେହିଭଳି ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା କରିବାରେ ଆଦୌ ପଛାଇବା ନାହିଁ ।

ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ଗୁଡ୍ ସମରିଟାନ୍ ଯୋଜନାରେ ସମ୍ମାନ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । କେନ୍ଦ୍ର ସରକାର ରାହା-ବୀର୍ ଯୋଜନାରେ ଜୀବନ ରକ୍ଷାର ଏହି ଅଭିଯାନକୁ ବ୍ୟାପକ କରିଛନ୍ତି । 'କ୍ୟାଶଲେସ୍ ଟ୍ରିଟମେଣ୍ଟ ଫର୍ ରୋଡ୍ ଆକ୍ସିଡେଣ୍ଟ ଭିକ୍ଟିମ୍' ବ୍ୟବସ୍ଥାରେ ସମସ୍ତ ସରକାରୀ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ସଂପୂର୍ଣ୍ଣ ନିଃଶୁଳ୍କରେ ଚିକିତ୍ସା ଯୋଗାଇ ଦିଆଯାଉଥିବା ବେଳେ ଅନୁବନ୍ଧିତ ଘରୋଇ ଡାକ୍ତରଖାନାରେ ପ୍ରଥମ ସାତ ଦିନରେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବାର ଯୋଜନା ହୋଇଛି ।

ସରକାରଙ୍କ ଲକ୍ଷ୍ୟ ହେଉଛି, ଅକାଳରେ ଝଡ଼ିଯାଉଥିବା ଜୀବନକୁ ରକ୍ଷା କରିବା । ଆପଣ ମଧ୍ୟ ଏହି ଅଭିଯାନରେ ସାମିଲ ହୁଅନ୍ତୁ । ସଡ଼କ ସୁରକ୍ଷା ନିୟମ ପାଳନ କରନ୍ତୁ ଓ ସଡ଼କ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ ।

ଶ୍ରୀ ବିଭୂତି ଭୂଷଣ ଜେନା
ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି

OIPR-

ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

# ହୋମ୍‌ଗାର୍ଡ ଭଣଜାଙ୍କୁ ହତ୍ୟା କଲେ ମାମୁ

## ପୁଆଣିଆଁରେ ମାମୁ, ଭଣଜା ମୃତ

- ମାମୁ ମୃତ୍ୟୁର କାରଣ ଅସ୍ପଷ୍ଟ
- ରକ୍ତଲଗା ଟାଙ୍ଗିଆ ଜବତ

ନୟାଗଡ଼/ଶରଣକୁଳ, ୩୧।୧୨
(ଲୋକନାଥ ମିଶ୍ର/ଦୀପକ କର)

ନୟାଗଡ଼ ଜିଲା ଶରଣକୁଳ ଥାନା ପୁଆଣିଆଁରେ ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ଏକ ଅଘଟଣ ଘଟିଛି। ମାମୁଘରୁ ମାମୁ ସଲିପ ରାଉତ(୪୩) ଓ ଭଣଜା ଲିଲୁ ପ୍ରଧାନ(୪୦)ଙ୍କ ମୃତଦେହ ମିଳିଛି। ମାମୁଙ୍କ ଟାଙ୍ଗିଆ ଚୋଟରେ ହୋମଗାର୍ଡ ଭଣଜାଙ୍କ ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ମାମୁଙ୍କର କିପରି ମୃତ୍ୟୁ ହେଲା ତାହା ଜଣାପଡିନି। ତେବେ ଭଣଜାଙ୍କୁ ହଣା ଯାଇଥିବା ରକ୍ତଲଗା ଟାଙ୍ଗିଆକୁ ପୋଲିସ ଜବତ କରି ଘଟଣାର ତଦନ୍ତ ଚଳାଇଛି। ମୃତଦେହ ଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପୋଲିସ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖିଛି।

ମୃତ ସଲିପଙ୍କ ଭାଇଙ୍କ ସୂଚନା ଅନୁସାରେ ଆମର ଓ ଭଣଜାଙ୍କ ଘର ଗୋଟିଏ ଗାଁରେ। ମାମୁ ସଲିପ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି, ସେ ଅବିବାହିତ। ୧୫ ବର୍ଷ ହେଲା ଘରେ ଓ ବାହାରେ କ୍ଷତି କରି ଆସୁଛନ୍ତି। କଟକ ବଡ଼ ମେଡିକାଲରେ ଚିକିତ୍ସା ପରେ ବି କିଛି ସୁଫଳ ମିଳିଲା ନାହିଁ । ଏବେ କିଛି ଦିନ ହେବ ଟାଙ୍ଗିଆ ଧରି ବିଭିନ୍ନ ଲୋକଙ୍କୁ ହାଣିବାକୁ ଗୋଡାଉଥିଲେ। ମଙ୍ଗଳବାର ତାଙ୍କ ଉତ୍ପାତ ଯୋଗୁ ଆମ୍ଭ ୨ ଭାଇଙ୍କ ପରିବାର ଘର ଛାଡିଥିଲୁ। ଅପରପକ୍ଷେ ଭଣଜା ନୟାଗଡ଼ର ଜଣେ ମାଜିଷ୍ଟ୍ରେଟଙ୍କ ପାଖରେ ହୋମ୍‌ଗାର୍ଡ ଡ୍ୟୁଟି କରି ପ୍ରତ୍ୟହ ଘରକୁ ଫେରୁଥିଲେ। ବୁଧବାର ଭଣଜା ଲିଲୁ ଗାଁ ମେଘା ପୋଖରି ମାଛ ଭାଗ ନେବା ପାଇଁ ଘରକୁ ଆସିଥିଲେ । ମାମୁ ଘରେ ବିବାଦ ଶୁଣି ମାମୁଁଙ୍କୁ ବୁଝାଇବାକୁ ଯାଇଥିଲେ ବୋଲି ଶୁଣିଛୁ। ତେବେ ମସ୍ତିଷ୍କ ବିକୃତ ମାମୁଙ୍କ ପାଖକୁ ନ ଯିବାକୁ ବାରମ୍ବାର ବାରଣ କରିଥିଲୁ। ମାମୁ ଭଣଜା ମରିବା ସମୟରେ ଆମେ ନୟାଗଡ଼ରେ ଥିଲୁ। ସଲିପଙ୍କ ପାଗଳାମି ବଢ଼ିବା ଯୋଗୁ ହସ୍ପିଟାଲରେ ଭର୍ତ୍ତି କରିବା ପାଇଁ ଜିଲାପାଳଙ୍କ ପାଖକୁ ଦୁଃଖ ଜଣାଇବାକୁ ଆସିଥିଲୁ ବୋଲି ସେ କହିଛନ୍ତି ।

ମୃତ ଲିଲୁଙ୍କ ମା’ କହିଛନ୍ତି, ମାମୁ ଭଣଜାଙ୍କୁ ମାରିଦେବ ବୋଲି ଭଣଜା ଜାଣିନଥିଲା। ମାମୁଙ୍କୁ ବୁଝାଇବାକୁ ଯାଇଥିଲା । ଭିତରେ ହଣାହଣି ଶବ୍ଦ ଶୁଣି ଗାଁଲୋକ ଘର ଭିତରକୁ ପଶିଥିଲେ ମଧ୍ୟ ଉଭୟେ ମରିଯାଇଥିଲେ । ମୋ ଭାଇଙ୍କର ମୃତ୍ୟୁ କିପରି ହେଲା ଜାଣିନି। ତେବେ ମୋ ପୁଅକୁ ମୋ ଭାଇ ହାଣି ଦେଇଛି ବୋଲି କହି କାନ୍ଦିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି।

# ଆନ୍ଧ୍ରରେ ଗାଡି ଦୁର୍ଘଟଣାରେ ଯୁବକ ମୃତ

ଖଣ୍ଡପଡା, ୩୧ ।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ କଣ୍ଟିଲୋ ପାଣ୍ଡୁସାହୁପାଟଣା ଡିଅର ସାହିର ପ୍ରଶାନ୍ତ କୁମାର ବେହେରା (୨୩) ଆନ୍ଧ୍ର ପ୍ରଦେଶ ଭେନିକୁଣ୍ଡା ଜିଲା ଅନ୍ତର୍ଗତ ତ୍ରିପାନ୍ଦିର ଥାନା ଅଞ୍ଚଳରେ ଥିବା ମାଡିପି କମ୍ପାନୀରେ କାମ କରୁଥିଲେ। ଗତ ୨୯ ତାରିଖରେ ଏକ ଅଜଣା ଗାଡି ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି । ସମ୍ପୃକ୍ତ କମ୍ପାନୀ ପକ୍ଷରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ମୃତ ଦେହ କଣ୍ଟିଲୋ ପଠାଇ ଦିଆଯାଇଥିଲା। ବୁଧବାର ପ୍ରଶାନ୍ତଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା । ଅବିବାହିତ ପ୍ରଶାନ୍ତ ପିତା ମାତାଙ୍କର ଏକମାତ୍ର ରୋଜଗାର କ୍ଷମ ପୁଅ ଥିବାରୁ କିନ୍ତୁ ଏବେ ବେସାହାରା ହୋଇ ଯାଇଛନ୍ତି।

# ଖଣ୍ଡପଡ଼ାରେ ବିଶ୍ୱ ଛେନାପୋଡ଼ ଦିବସ ପାଳିତ

ଖଣ୍ଡପଡା, ୩୧।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ମା’ ଉମାଦେବୀଙ୍କ ପୀଠରେ ଦଶପଲ୍ଲାସ୍ଥିତ ବିଦ୍ୟାଧର ସାହୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବରିଷ୍ଠ ଖବର ଦାତା ଜିତେନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ବିଶ୍ୱ ଛେନାପୋଡ ଦିବସ ବୁଧବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ମୁଖ୍ୟବକ୍ତା ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ,ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ,ପୂର୍ବତନ ଜିଲା ପରିଷଦ ସଦସ୍ୟ ରମାକାନ୍ତ ସେଠୀ, ଖବରଦାତା ଶାନ୍ତି ଶେଖର ରଥ, ଭବାନୀ ଶଙ୍କର ସିଂହସାମନ୍ତ ପ୍ରମୁଖ ଉପସ୍ଥିତ ରହି ଦିବସ ପାଳନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଆଜକୁ ପ୍ରାୟ ୮୦ ବର୍ଷ ପୂର୍ବେ ଦଶପଲ୍ଲା, ଜରିପାଟଣା ଗ୍ରାମରେ ସୁସ୍ୱାଦୁ ଛେନାପୋଡର ସ୍ରଷ୍ଟା ବିଦ୍ୟାଧର ସାହୁ ପ୍ରଥମେ ହିଁ ଏହି ଛେନାପୋଡ଼ ପ୍ରସ୍ତୁତ କରିଥିବା ବେଳେ ପରବର୍ତ୍ତୀ ସମୟରେ ଏହି ମିଠା ଜନସାଧାରଣଙ୍କ ଦ୍ୱାରା ବେଶ ଆଦୃତ ଲାଭ କରିଥିଲା। ଛେନାପୋ ଜିଆଇ ଟ୍ୟାଗ୍ ମାନ୍ୟତା ସହ ଏହାର ସ୍ରଷ୍ଟା ସାହୁଙ୍କ ତିରୋଧାନ ଦିବସ ୩୧କୁ ‘ବିଶ୍ୱ ଛେନାପୋ ଦିବସ’ ଭାବେ ବିଧିବଦ୍ଧ ଘୋଷଣା କରିବା ନିମନ୍ତେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଅତିଥି ମାନେ ମତ ଦେଇଥିଲେ। ଏ ଅବସରରେ ଛେନାପୋଡ ପ୍ରସ୍ତୁତ କରି ସାବଲମ୍ବୀ ହୋଇ ପାରିଥିବା ଖଣ୍ଡପଡ଼ା ବ୍ଲକର ଜଗନ୍ନାଥପ୍ରସାଦ ପଞ୍ଚାୟତ ଅଧୀନ ଦରଦା ଗ୍ରାମର ରେଣୁବାଳା ବେହେରାଙ୍କୁ ଅତିଥିମାନେ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# ଅଟୋ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



ଅଟୋ ସଂଘ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନୟାଗଡ଼,୩୧।୧୨
(ଲୋକନାଥ ମିଶ୍ର)

ନୟାଗଡ଼ର ମା’ ଚକ୍ରବାଉଡି ଅଟୋ ସେବାସଙ୍ଘ ତରଫରୁ ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ନୟାଗଡ଼ର ଜିଲାପାଳଙ୍କ ଜରିଆରେ ବୁଧବାର ପ୍ରଦାନ କରାଯାଇଛି। ଅଟୋ ସେବା ସଂଘ ସଭାପତି ମାନସ ରଞ୍ଜନ ଷଣ୍ଢ, ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା, ସୁଶାନ୍ତ କୁମାର ସାହୁ ପ୍ରମୁଖଙ୍କ ସମେତ ଜୟ ନୟାଗଡ଼ ଫାଉଣ୍ଡେଶନ ପ୍ରତିଷ୍ଠାତା ଶେଖ ଅବଦୁଲ ଆହାଦ, ପ୍ରକୃତିବନ୍ଧୁ ଶ୍ରୀଧର ପ୍ରଧାନ, ପ୍ରଶାନ୍ତ କୁମାର ସାହୁ, ସଂଯୋଜକ ଅମ୍ଲାନ ଅଂଶୁମାନ ସାହୁ, ଛାତ୍ର ସଂଗଠକ ଜୀବନ ଜ୍ୟୋତିପ୍ରକାଶ ରାଉତ ପ୍ରମୁଖ ଉପସ୍ଥିତ ରହି ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜୟ ନୟାଗଡ଼ ଫାଉଣ୍ଡେଶନ ଓ ନୟାଗଡ଼ବାସୀଙ୍କ ଆହ୍ୱାନରେ ଆଗାମୀ ପ୍ରତ୍ୟେକ ଦିନ ନୟାଗଡ଼ର ଗୋଟିଏ ପରେ ଗୋଟିଏ ସଂଘ, କ୍ଲବ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବାର ଲକ୍ଷ୍ୟ ରହିଛି ବୋଲି ପ୍ରତିଷ୍ଠାତା ଶେଖ ଅବଦୁଲ ଆହାଦ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି ।

## ନୟାଗଡ଼ରେ ମେଡିକାଲ କଲେଜ ଦାବି

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରିଙ୍କୁ



@ କୁନୁ



@ ବାବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବା

# ମା’ ବାଟପଣ୍ଟେଇଙ୍କ ବାର୍ଷିକ ପୂଜା ଉତ୍ସବ



ମା’ଙ୍କ ପୂଜାର୍ଚ୍ଚନା କରାଯାଉଛି ।

ଗଣିଆ, ୩୧।୧୨
(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ ଆଦିବାସୀ ବହୁଳ ଗ୍ରାମ ପଞ୍ଚାୟତର ଆରାଧ୍ୟା ଦେବୀ ମା’ ବାଟପଣ୍ଟେଇଙ୍କର ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସୋମବାର ଶୁଭାଧିବାସ ପରେ ମଙ୍ଗଳବାର ଅପରାହ୍ନରେ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା । ୩୩ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ଶହସ୍ରାଧିକ ଭକ୍ତଙ୍କର ସମାଗମ ହୋଇଥିଲା । ଆଦିବାସୀ ସମ୍ପ୍ରଦାୟର ଏହା ମୁଖ୍ୟ ପର୍ବ ହୋଇଥିବାରୁ ପରମ୍ପରା ଅନୁସାରେ ବହୁ ମାନସିକଧାରୀ ବୋଦା ଓ ଗଞ୍ଜା ବଳି ପକାଇଥିଲେ । ସେହିପରି ଗଣିଆ ବ୍ଲକର ଅନ୍ୟ ପଞ୍ଚାୟତରୁ ବହୁ ଶ୍ରଦ୍ଧାଳୁ ମା’ଙ୍କ ପାଖରେ ଭୋଗ ଲାଗି କରିବା ପାଇଁ ଆସି ଭୋଗଲାଗି ସହ ଦର୍ଶନ କରିଥିଲେ ।

ସୂଚନା ଅନୁସାରେ, ପୂର୍ବରୁ ମା’ଙ୍କ ପାଖରେ ପୋଢୁଅ ବଳି ଦିଆଯାଉଥିଲା । କିନ୍ତୁ ତାହା ବର୍ତ୍ତମାନ ବନ୍ଦକରି ବୋଦା ଓ କୁକୁଡା ବଳି ଦିଆଯାଉଛି । ପରିଚାଳନା କମିଟି ତରଫରୁ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ରାମନାଟକ ପରିବେଷଣ କରାଯାଇଥିଲା । ପୂଜା ଉତ୍ସବରେ ଶାନ୍ତି ଶୃଙ୍ଖଳାକୁ ଲକ୍ଷ୍ୟକରି ମାଦକ ଦ୍ରବ୍ୟ ସେବନ ଓ ବିକ୍ରୟ ଉପରେ କଟକଣା କରାଯାଇଛି ବୋଲି ପରିଚାଳନା କମିଟି ସମ୍ପାଦକ କହିଛନ୍ତି।

# ରହଣିସ୍ଥଳ ଥାଇ ବି ରାଜପଥରେ ରହୁଛି ବସ୍

## ନାହିଁ କାର୍ଯ୍ୟାନୁଷ୍ଠାନ, ଟ୍ରାଫିକ ସେବା ବିପର୍ଯ୍ୟସ୍ତ

ନୟାଗଡ଼,୩୧।୧୨
(ଲୋକନାଥ ମିଶ୍ର)

ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ବସ୍ ପାର୍କିଂ ବାରଣ ସତ୍ତ୍ୱେ ବସ୍‌ଗୁଡିକ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥରେ ଅଟକି ଟ୍ରାଫିକ ସେବାକୁ ବିପର୍ଯ୍ୟସ୍ତ କରି ଚାଲିଛି । ରହଣି ସ୍ଥଳ ଥାଇ ବସ୍‌ଗୁଡିକ କାହିଁକି ଜାତୀୟ ରାଜପଥରେ ରହୁଛି ବିଭିନ୍ନ ସମୟରେ ପ୍ରଶ୍ନ ଉଠିଥିଲେ ମଧ୍ୟ ଏହାକୁ ଅଣଦେଖା କରାଚାଲିଛି ବୋଲି ଅଭିଯୋଗ ହୋଇ ଆସୁଛି ।

ପ୍ରକାଶ ଯେ, ନୟାଗଡ଼ ଆଞ୍ଚଳିକ ପରିବହନ ପ୍ରାଧିକରଣ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଜିଲା ସଡକ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିପର୍ଯ୍ୟସ୍ତ ଟ୍ରାଫିକ ସେବାକୁ ଏଡାଇବାକୁ ଗୁରୁତ୍ୱ ଦିଆଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ବସ୍ ପାର୍କିଂ ନ କରିବାକୁ ଡେପୁଟି କଲେକ୍ଟର ନିର୍ଦ୍ଦେଶ ଦେଇଥିଲେ। ଗତ ୩୦ ତାରିଖର ନିର୍ଦ୍ଦେଶକୁ ୩୧ ତାରିଖରେ ବସ୍ ଚାଳକ ମାନି ନାହାନ୍ତି । ନୂଆ ବର୍ଷ ପୂର୍ବରୁ ସହରରେ ଗହଳି ବଢ଼ିଥିବାବେଳେ ବସ୍‌ଗୁଡିକ ରାସ୍ତାରେ ରହିବାରୁ ଟ୍ରାଫିକ ଜାମ ହେଉଛି। ଅନ୍ୟପକ୍ଷେ ଟ୍ରାଫିକ ସେବା ବିପର୍ଯ୍ୟସ୍ତକୁ ଏଡାଇବା ପାଇଁ ଜିଲା ସଦର ମହକୁମାର ବ୍ରଜେନ୍ଦ୍ର ହାଇସ୍କୁଲ ଓ ନାରାୟଣ ପାର୍କ ସମ୍ମୁଖରେ ୨ଟି ବସ୍ ରହଣି ସ୍ଥଳ ମ୍ୟୁନିସିପାଲିଟି ପକ୍ଷରୁ କରାଯାଇଛି। ତେବେ ବସ୍‌ଗୁଡିକ ରହଣୀ ସ୍ଥଳରେ ନ ରହି ଗୋଲେଇ ଟ୍ରାଫିକ୍ ଛକଠାରୁ ପ୍ରାୟ ୧୦୦ ମିଟର ଦୂର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଜିଲା ସଂସ୍କୃତି ଭବନ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବପରି ରହିଛି। ଟ୍ରାଫିକ୍ ପୋଲିସର ନଜର ପଡୁ ନ ଥିବାବେଳେ ପୋଲିସର ବି ଦୃଷ୍ଟିକୁ ଆସୁନିଞ୍ଚ୍। ସେହିପରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ମ୍ୟୁନିସିପାଲିଟି ପକ୍ଷରୁ ମଧ୍ୟ ପଦକ୍ଷେପ ନିଆ ଯାଉନି। ବସ୍ ରହଣି ସ୍ଥଳ ନିର୍ମାଣ ହୋଇ ନ ଥିବାବେଳେ ଯେପରି ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥରେ ରହୁଥିଲା ବସ୍ ରହଣି ସ୍ଥଳ ନିର୍ମାଣ ପରେ ବି କିଛି ପରିବର୍ତ୍ତନ ଘଟିଲାନି । ଏଣୁ ପ୍ରଶ୍ନ ଉଠୁଛି ବସ ରହଣି ସ୍ଥଳ କରି ସରକାରୀ ଅନୁଦାନକୁ ଅଯଥାରେ ଖର୍ଚ୍ଚ କରି ଲାଭ କ’ଣ ହେଲା । ଏନେଇ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କୁହନ୍ତି, କେବଳ ନିର୍ଦ୍ଦେଶ ଜାରି କରିଦେଲେ ହେବନି ଏହାକୁ କାର୍ଯ୍ୟକାରୀ କରିବା ଦରକାର। ନିଷ୍ପତ୍ତି ଓ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉଛି କି ନାଁ ସମୀକ୍ଷା କରିବା ଦରକାର। ବସ୍ ରହଣୀ ସ୍ଥଳ କରାଗଲା ମାନେ ସେଠାରେ ରଖାଯିବା ଦରକାର। ଯଦି ବସ୍ ରହୁନି ତେବେ ଆଞ୍ଚଳିକ ପରିବହନ ବିଭାଗ, ପୋଲିସ ଓ ମ୍ୟୁନିସିପାଲିଟି ପକ୍ଷରୁ ଏ ଦିଗରେ ପୂର୍ବରୁ ପଦକ୍ଷେପ ନେବାର ଆବଶ୍ୟକତା ଥିଲା । ଏଭଳିସ୍ଥଳେ ଜିଲା ସଡକ ସୁରକ୍ଷା କମିଟିର ନିର୍ଦ୍ଦେଶକୁ ଅଣଦେଖା କରିବା ଠିକ୍ ନୁହେଁ । ପ୍ରଶାସନ ଏ ଦିଗରେ ଲଗାମ ଲଗାଇବା ଦରକାର ବୋଲି କହିଛନ୍ତି ।

ନୟାଗଡର ବରିଷ୍ଠ ନାଗରିକ ପ୍ରମୋଦ ପଟ୍ଟନାୟକ କୁହନ୍ତି, ସଡକ ସୁରକ୍ଷା କମିଟି ନିର୍ଦ୍ଦେଶକୁ କାହିଁକି ଅଣଦେଖା କରାଯାଉଛି, ତାର ସମୀକ୍ଷା କରାଯିବା ଦରକାର । ବସ କର୍ତ୍ତୃପକ୍ଷ ପ୍ରଶାସନ ନିର୍ଦ୍ଦେଶକୁ ନ ମାନିଲେ ବିପର୍ଯ୍ୟସ୍ତ ଟ୍ରାଫିକର କେବେ ହେଲେ ସୁଧାର ଆସିବନି। ଜଣକ ପରେ ଜଣଙ୍କର ମୁଣ୍ଡ ଗଡି ଚାଲିବ ଓ ଆହତଙ୍କ ସଂଖ୍ୟା ବଢ଼ିବ । ପ୍ରଶାସନ ପକ୍ଷରୁ ଏହାର ସମୀକ୍ଷା କରାଯାଇ କାର୍ଯ୍ୟାନୁଷ୍ଠାନ ନକଲେ ସଡକ ସୁରକ୍ଷା କମିଟିର ନିର୍ଦ୍ଦେଶ କାଗଜ କଲମରେ ରହିଯିବ ବୋଲି କହିଛନ୍ତି ।

ନୟାଗଡ ମ୍ୟୁନିସିପାଲିଟିର ଭାଇସ୍ ଚେୟାରମ୍ୟାନ ଗୁରୁ ପ୍ରସାଦ ଜେନା କୁହନ୍ତି, ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ବସ୍ ପାର୍କିଂ ବାରଣ ସ୍ୱାଗତ ଯୋଗ୍ୟ ପଦକ୍ଷେପ। କେବଳ ନିର୍ଦ୍ଦେଶ ଦେଇଦେଲେ ସମସ୍ୟାର ସମାଧାନ ହୋଇ ଯିବନି। ନିର୍ଦ୍ଦେଶ ଦେବା ପରଦିନ ଆଇନ କଡାକଡି ହେଲେ ସମସ୍ତେ ମାନିବେ । ନିର୍ଦ୍ଦେଶ ଦେଇ ନୀରବତା ରହିଲେ ସମାଧାନ ହେବନି । ଏଣୁ ପ୍ରଶାସନ ଜିଲା ସଡକ ସୁରକ୍ଷାକ ମିଟିଂ ନିର୍ଦ୍ଦେଶକୁ କିପରି କାର୍ଯ୍ୟକାରୀ କରାଇବେ ସେନେଇ ପଦକ୍ଷେପ ନେବା ଜରୁରୀ ବୋଲି କହିଛନ୍ତି । ନଚେତ ଆଜି ଯେପରି ରାଜପଥ ଉପରେ ଗାଡି ରହିଛି ଆଗକୁ ମଧ୍ୟ ସେପରି ଗାଡି ରହିବ । ବିପର୍ଯ୍ୟସ୍ତ ଟ୍ରାଫିକକୁ ସଜାଡିବା କାଠିକର ପାଠ ହୋଇ ପଡିବ ବୋଲି କହିଛନ୍ତି ।

DSPL-450

## ଜାତୀୟ ସଡ଼କ ସୁରକ୍ଷା ମାସ- ୨୦୨୬ ଅବସରରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀଙ୍କ ବାର୍ତ୍ତା

ଜାନୁୟାରୀ ମାସକୁ ‘ଜାତୀୟ ସଡ଼କ ସୁରକ୍ଷା ମାସ' ଭାବରେ ପାଳନ କରାଯାଉଅଛି । ଚଳିତ ବର୍ଷର ଆହ୍ୱାନ - “ଶିକ୍ଷାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ” । ଦେଶରେ ତଥା ଆମ ରାଜ୍ୟରେ ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁ ସଂଖ୍ୟା ଏକ ଚିନ୍ତାର ବିଷୟ ତଥା ଉଦବେଗଜନକ । ସଂପ୍ରତି ସ୍ଥିତିରେ ସୁଧାର ଆଣିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମେ ସଂକଳ୍ପବଦ୍ଧ । ବିଭିନ୍ନ ପଦକ୍ଷେପ ସହ ଛଅଟି 'ଇ' Education, Enforcement, Engineering, Emergency Care, Empathy ଓ Environment ଆଧାରରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ ବ୍ୟାପକ କରିଛୁ । ଏଥିନିମନ୍ତେ ସାମୂହିକ ଭାଗିଦାରୀର ଆବଶ୍ୟକତା ରହିଛି ।

ଗ୍ରାମାଞ୍ଚଳରେ ସଡ଼କ ଦୁର୍ଘଟଣା ମୃତକଙ୍କ ମଧ୍ୟରେ ଅଧିକାଂଶ ଦୁଇଚକିଆ ବ୍ୟବହାରକାରୀ ରହୁଛନ୍ତି । ଏହି ଆହ୍ୱାନର ମୁକାବିଲା ପାଇଁ ଦୁଇ ଚକିଆ ଯାନରେ ଗଲେ ହେଲମେଟ୍ ପିନ୍ଧିବା, ଚାରିଚକିଆ ଯାନରେ ଗଲେ ସିଟବେଲ୍ଟ ପିନ୍ଧିବା, ଦ୍ରୁତଗତି କିମ୍ବା ନିଶା ସେବନ କରି ଗାଡ଼ି ଚଲାଇବା ନାହିଁ, ଗାଡ଼ି ଚଲାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ନାହିଁ । ସେହିଭଳି ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା କରିବାରେ ଆଦୌ ପଛାଇବା ନାହିଁ ।

ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ଗୁଡ୍ ସମରିଟାନ୍ ଯୋଜନାରେ ସମ୍ମାନ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । କେନ୍ଦ୍ର ସରକାର ରାହା-ବୀର୍ ଯୋଜନାରେ ଜୀବନ ରକ୍ଷାର ଏହି ଅଭିଯାନକୁ ବ୍ୟାପକ କରିଛନ୍ତି । ‘କ୍ୟାଶଲେସ୍ ଟ୍ରିଟମେଣ୍ଟ ଫର୍ ରୋଡ୍ ଆକ୍ସିଡେଣ୍ଟ ଭିକ୍ଟିମ୍' ବ୍ୟବସ୍ଥାରେ ସମସ୍ତ ସରକାରୀ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ସଂପୂର୍ଣ୍ଣ ନିଃଶୁଳ୍କରେ ଚିକିତ୍ସା ଯୋଗାଇ ଦିଆଯାଉଥିବା ବେଳେ ଅନୁବନ୍ଧିତ ଘରୋଇ ଡାକ୍ତରଖାନାରେ ପ୍ରଥମ ସାତ ଦିନରେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବାର ଯୋଜନା ହୋଇଛି ।

ସରକାରଙ୍କ ଲକ୍ଷ୍ୟ ହେଉଛି, ଅକାଳରେ ଝଡ଼ିଯାଉଥିବା ଜୀବନକୁ ରକ୍ଷା କରିବା । ଆପଣ ମଧ୍ୟ ଏହି ଅଭିଯାନରେ ସାମିଲ ହୁଅନ୍ତୁ । ସଡ଼କ ସୁରକ୍ଷା ନିୟମ ପାଳନ କରନ୍ତୁ ଓ ସଡ଼କ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ ।

ଶ୍ରୀ ବିଭୂତି ଭୂଷଣ ଜେନା
ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି

OIPR-

ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

# ଏ ବର୍ଷ ପରଦାରେ

ଚଳିତ ବର୍ଷ ପରଦା ଉପରକୁ ଆସିବାକୁ ଥିବା ବଲିଉଡ୍, ଓଲିଉଡ୍ ଏବଂ ହଲିଉଡ୍ ଚଳଚ୍ଚିତ୍ର ସମ୍ପର୍କରେ ସୂଚନା...

ଚଳିତବର୍ଷ କେତୋଟି ସିନେମାକୁ ନେଇ ଏବେ ଠାରୁ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ଅନୁରାଗ ସିଂଙ୍କ ନିର୍ଦ୍ଦେଶିତ 'ବର୍ଡର ୨'ରେ ସନି ଦେଓଲଙ୍କ ଆକ୍ସନ ଧମାକା ଦେଖିବାକୁ ମିଳିବ। ରାଣୀ ମୁଖାର୍ଜୀ ଅଭିନୟ କରୁଥିବା 'ମର୍ଦ୍ଦାନୀ ୩' ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା କରାଯାଏ। ୨୦୨୫ରେ ହିଟ୍ ସାବ୍ୟସ୍ତ ହୋଇଥିବା 'ଧୂରନ୍ଧର'ର ସିକ୍ୱେଲ 'ଧୂରନ୍ଧର ୨' ଏବର୍ଷ ରିଲିଜ ହେବ। ସବୁଠାରୁ ଚର୍ଚ୍ଚାରେ ରହିଛି ନୀତେଶ ତିୱାରୀଙ୍କ ନିର୍ଦ୍ଦେଶିତ 'ରାମାୟଣ ପାର୍ଟ ୧'। ଏହାବ୍ୟତୀତ ସଲମାନ ଖାନ୍‌ଙ୍କ 'ବ୍ୟାଟେଲ ଅଫ ଗଲୱାନ୍', 'ପତି ପତ୍ନୀ ଔର ୱୋ ଦୋ', 'ଆୱାରାପନ୍', 'ରାଜା ଶିବାଜୀ', 'ଏ ଜୱାନୀ ତୋ ଇସ୍କ ହୋନା ହେ' ଏବଂ 'ଦୃଶ୍ୟମ ୩' ବଡ ପରଦାରେ ଭଲ ଇନକମ୍ କରିବାକୁ ପ୍ରଯୋଜନା ସଂସ୍ଥା ଆଶା ବାନ୍ଧି ବସିଛନ୍ତି...


'ଭୂତ ବଙ୍ଗଲା' ଫିଲ୍ମରେ ଅକ୍ଷୟ କୁମାର

## ଓଡ଼ିଆ ସିନେମା


'ପରୀ' ଫିଲ୍ମର ଏକ ଦୃଶ୍ୟରେ (ବାମରୁ) ଦିବ୍ୟାଂଶୀ, ଜ୍ୟୋତି, ଅନୁରାଧା

ବେଶ୍ କିଛି ଆଶା ନେଇ ପ୍ରସ୍ତୁତ ହୋଇଥିବା ସିନେମାଗୁଡିକ ଏବର୍ଷ ପରଦା ଉପରକୁ ଆସିବାକୁ ଯାଉଛି। ଚଳିତ ବର୍ଷ ମଧ୍ୟ ଓଲିଉଡ୍‌ର ଆଗଧାଡିର ଅଭିନେତା ଅନୁଭବ ମହାନ୍ତି, ସବ୍ୟସାଚୀ ମିଶ୍ର ଏବଂ ବାବୁସାନଙ୍କ ଅଭିନୀତ ଚିତ୍ର ମୁକ୍ତିଲାଭ କରିବାର ଯୋଜନା ରହିଛି। ତେବେ ଏବର୍ଷ ମୁକ୍ତିଲାଭ କରିବାକୁ ଥିବା ଓଡ଼ିଆ ଚଳଚ୍ଚିତ୍ର ତାଲିକା ମଧ୍ୟ ବେଶ୍ ଲମ୍ବା। ଆଗଧାଡିର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ 'ମନ୍ତ୍ରମୁଗ୍ଧ' ଚଳିତବର୍ଷ ରିଲିଜ ହେବ। ଏହାର ମୁଖ୍ୟ ଭୂମିକାରେ ସନୋଜ କୁମାର, ଦ୍ୱିପନ୍ୱିତ ଦାସ ମହାପାତ୍ର, ସୂର୍ଯ୍ୟମୟୀ ମହାପାତ୍ର ପ୍ରମୁଖ ଅଭିନୟ କରିଛନ୍ତି। ଗତବର୍ଷ 'ଅନନ୍ତା'ରେ ନିଜ ଅଭିନୟ ବଳରେ ପ୍ରଶଂସା ସାଉଁଟି ଥିବା ସବ୍ୟସାଚୀ ଏବେ 'ଲ୍ୟାଣ୍ଡଫଲ୍'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଆଉ ଜଣେ ନବାଗତ ପ୍ରେମ୍ ପରିଜା ପ୍ରଥମ ଥର ପାଇଁ ଓଲିଉଡ୍‌ରେ ଏଣ୍ଟ୍ରି କରୁଛନ୍ତି। ଏହାର ମଧ୍ୟ ନିର୍ଦ୍ଦେଶନା ଦେଇଛନ୍ତି ସୁଧାଂଶୁ ସାହୁ। ସୁଶାନ୍ତ କୁମାର ମହାନ୍ତି ଏକ ସତ୍ୟ ଘଟଣାକୁ ଆଧାର କରି ପ୍ରସ୍ତୁତ କରୁଛନ୍ତି 'ଲାଇନ୍‌ବାଲା'। ଏହାର ଟାଇଟଲ ଭୂମିକାରେ ଅଛନ୍ତି ସମ୍ୱିତ ଆଚାର୍ଯ୍ୟ। ଏହାବ୍ୟତୀତ ଦୀପକ-ରିୟା ଯୋଡିକୁ ନେଇ ପ୍ରସ୍ତୁତ, ପ୍ରମୋଦ ସ୍ୱାଇଁଙ୍କ ପ୍ରଯୋଜିତ ଏବଂ ଏସ.ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶିତ 'ଆସୀକ ଦିୱାନା' ଏବର୍ଷ ରିଲିଜ ହେବାର ଯୋଜନା ରହିଛି। ଏହି ତାଲିକାରେ ରହିଥିବା ଅନ୍ୟ ପ୍ରମୁଖ ଫିଲ୍ମଗୁଡିକ ହେଉଛି- 'ବିନ୍ଦୁସାଗର'(ଦ୍ୱିପନ୍ୱିତ ଦାସମହାପାତ୍ର,ପ୍ରକୃତି ମିଶ୍ର), 'ଲାଡୋ' (ଶୁଭମ ସାଗର, ଆର୍ଲିନ ଅଙ୍କିତା) 'ଚକ୍ରାନ୍ତ'(ଶୁଭାଶିଷ ଶର୍ମା, ଭୂମିକା ଦାଶ), 'ଜଙ୍ଗଲ ଜଲୁଛେ' (ସରୋଜ ଭୂୟାଁ, ଶ୍ରଦ୍ଧାଞ୍ଜଳି ମିଶ୍ର), 'ସ୍ୱାଗ ରାଜା' (ସ୍ୱରାଜ ବାରିକ), 'ମିଡ୍ ନାଇଟ୍' (ମନୁ ଦ୍ୱିବେଦୀ), 'ମୁରବୀ'(ଚୌଧୁରୀ ଜୟପ୍ରକାଶ ଦାସ, କୁନା ତ୍ରିପାଠୀ), 'ସପନର ଆର ପାରି ଗାଁ' (ବିଶ୍ୱରୂପ ମିଶ୍ର), 'ପରୀ' (ଜ୍ୟୋତି ନାୟକ,ଡା.ଅନୁରାଧା ପାଣିଗ୍ରାହୀ), 'ଆଫା' (ପ୍ରୀତିରାଜ ଶତପଥୀ, ନୈନା ଦାସ), 'ମୁନ୍ନାଭାଇ ବିବିଏସଆର' (ଦେବରାଜ, ଆର୍ଲିନ ଅଙ୍କିତା), 'ସ୍କୁଲ ଡାଏରୀ' (ପ୍ରେମ୍, ଅକ୍‌ସିତା), 'ବିଧାୟକ', (ପ୍ରଦୀପ), 'ଜୟ ହିନ୍ଦ'(ଆକାଶ ଦାସନାୟକ) ଏବଂ 'ବିର୍ସା ମୁଣ୍ଡା' (ଭ୍ରମିତ)।


'ମନ୍ତ୍ରମୁଗ୍ଧ' ଫିଲ୍ମରେ ଭୂମିକା-ସୂର୍ଯ୍ୟମୟୀ

ଚିତ୍ରଟି ଚଳିତବର୍ଷ ରିଲିଜ ହେବାର ଯୋଜନା ରହିଛି। ସବୁଠାରୁ ଖାସ୍ କଥା ହେଲା, ଅନୁଭବ ମହାନ୍ତିଙ୍କ ଅଭିନୀତ ଦୁଇଟି ସିନେମା-'ଛକି ଶୂନ' ଏବଂ 'ରାବଣ' ଚଳିତ ବର୍ଷ ରିଲିଜ ହେବାର ଯୋଜନା ରହିଛି। ଅନ୍ୟପକ୍ଷରେ ବାବୁସାନ୍ ମଧ୍ୟ ଚଳିତବର୍ଷ ଏକ ନୂଆ ସିନେମା ପ୍ରସ୍ତୁତିରେ ବ୍ୟସ୍ତରେ ଅଛନ୍ତି। ପ୍ରମୋଦ ସ୍ୱାଇଁଙ୍କ ପ୍ରଯୋଜିତ ଏବଂ ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ 'ମଙ୍ଗଳପୁର ଡାଏରୀ'ରେ ଅମ୍ଲାନ କୁମାର ଏବଂ ତୃପ୍ତି ମିରାମ୍ବିକାଙ୍କୁ ଦେଖିବାକୁ ମିଳିବ। ଯୁବ ପ୍ରଯୋଜକ ପ୍ରୀତମ ସାହୁ ତାଙ୍କର ନୂଆ ସିନେମା 'ରାମ ରାଜ୍ୟ'କୁ ନେଇ ଆଶାବାଦୀ ଅଛନ୍ତି। ଏଥିରେ

## ହଲିଉଡ୍

ଚଳିତ ବର୍ଷ ରିଲିଜ ହେଉଥିବା ପ୍ରମୁଖ ହଲିଉଡ୍ ଚଳଚ୍ଚିତ୍ର ମଧ୍ୟରେ ରହିଛି- 'ଉଇ ବ୍ୟୁରି ଦ ଡେଡ୍ (ଡେଇସି ରିଡଲି, ମାର୍କ କୁଲେସ ସ୍ମିଥ), ଦ ଡଚ୍‌ମ୍ୟାନ୍ (ଆଣ୍ଡ୍ରେ ହଲାଣ୍ଡ,କେଟେ ମାରା), 'ଗ୍ରୀନ୍‌ଲାଣ୍ଡ ୨ : ମାଇଗ୍ରେସନ' (ଗିରାର୍ଡ ବଟଲର,ମୋରେନା ବାକ୍କାରିନ୍), 'ଡେଡ୍ ମ୍ୟାନ୍‌ସ ଓୟାର' (ସ୍କାର୍ସଗାର୍ଡ, ଡାସ୍ତି ମୋଣ୍ଟଗୋମେରି), 'ଆଇ ୱାକ୍ ଏ ଷ୍ଟ୍ରେଞ୍ଜର' (ୟସମିନ୍ ଏଏଲ ମାସ୍ରି, ଓମାର ସି), 'ୱାର୍ଲ୍ଡ ବ୍ରେକର'(ଲ୍ୟୁକ୍ ଇଭାନ୍ସ, ମିଲା ଜୋଭୋଭିଚ୍), ସିଲ୍‌ଭର ଷ୍ଟାର (ଜୋନାଥାନ ଡେଭିସ୍, ଟାମାରା ଫ୍ଲୁଟ୍ସ), 'ଡ୍ରିମ୍‌ସ'(ଜେସିକା ଚାଷ୍ଟାଇନ, ଆଇଜାକ୍ ହେରନାନ୍‌ଜେଡ୍), 'ଦେ ଉଇଲ କିଲ୍ ୟୁ' (ଜାଜି ବିଟେଜ୍, ହିଥର ଗ୍ରାହାମ), 'ଦ ଡ୍ରାମା' (ରବର୍ଟ ପ୍ୟାଟିନସନ, ମାମୁଦୁ ଆଥି), 'ଦ ମମି' (ଜ୍ୟାକ୍ ରେନର, ଲାଇଲା କୋଷ୍ଟା), 'ଆନିମଲ ଫାର୍ମ'(ସେଥ୍ ରୋଗେନ୍, ଗାଟିନ୍ ମାଟାରାଜୋ), 'ଇଜ୍ ଗଡ୍ ଇଜ୍' (କାରା ୟଙ୍ଗ, ମାଲୋରି ଜନସନ), 'ମିନିୟଅନ୍‌ସ ୩' (ପିରି କୋଫିନ୍), 'ଦ ଡଗ୍ ଷ୍ଟାରସ'(ଜ୍ୟାକବ ଇଲୋରଡି, ମାର୍ଗାନେଟ୍ କ୍ୱାଲେ), 'ଫରଗଟନ୍ ଆଇଲ୍ୟାଣ୍ଡ'(ଲିଜା ସୋଭେରାନୋ, ଡେଭ୍ ଫ୍ରାଙ୍କୋ), 'ଡିଗର' (ଟମ୍ କ୍ରୁଜ୍, ଜେସି ପ୍ଲିମୋନୋସ୍) ଏବଂ 'ଭାୟୋଲେଣ୍ଟ ନାଇଟ୍ ୨' (ଡେଭିଡ୍ ହାରବର, କ୍ରିଷ୍ଟେନ୍ ବେଲ୍)।


'ୱାର୍ଲ୍ଡ ବ୍ରେକର' ଫିଲ୍ମର ଏକ ଦୃଶ୍ୟ


'ଡଚ୍‌ମ୍ୟାନ୍' ଫିଲ୍ମର ଏକ ଦୃଶ୍ୟ

## ବଲିଉଡ୍

**ଜାନୁଆରୀ ୧**
**ଇକ୍କିସ**
ନିର୍ଦ୍ଦେଶନା : ଶ୍ରୀରାମ ରାଘବନ
-ଧର୍ମେନ୍ଦ୍ର, ଅଗସ୍ତ୍ୟା ନନ୍ଦା, ଜୟଦୀପ ଆହାଲାୱାଟ୍
**ରାହୁ କେତୁ**
ନିର୍ଦ୍ଦେଶନା : ଭିପୁଲ ଭିଗ୍
-ପୁଲକିତ ସମ୍ରାଟ, ବରୁଣ ଶର୍ମା, ଶାଲିନୀ ପାଣ୍ଡେ
**ହ୍ୟୁମାନ୍ କୋକେନ୍**
ନିର୍ଦ୍ଦେଶନା : ସରିମ ମୋମିନ୍
-ପୁଷ୍କର ଜୋଗ୍, ଇପସିତା ରାଜ
**ହାପି ପଟେଲ : ଖତରନାକ୍ ଜାସୁସ୍**
ନିର୍ଦ୍ଦେଶନା-ବୀର ଦାସ କବି ଶାସ୍ତ୍ରୀ
-ବୀର ଦାସ, ମୋନା ସିଂ
**ଜାନୁଆରୀ ୧୬**
**ମାୟାସଭା**
ନିର୍ଦ୍ଦେଶନା : ରାହି ଅନୀଲ ବାର୍ଭେ
-ଜାଭେଦ ଜାଫ୍ରି, ମହମ୍ମଦ ସମଦ
**ୱାନ୍ ଟୁ ଚା ଚା ଚା**
ନିର୍ଦ୍ଦେଶନା : ଅଭିଷେକ ରାଜ-ରଜନୀଶ ଠାକୁର
-ଲଳିତ ପ୍ରଭାକର, ଆଶୁତୋଷ ରାଣା, ନ୍ୟାରା ବାନାର୍ଜୀ


'ଚାନ୍ଦ ମେରା ଦିଲ୍' ଫିଲ୍ମରେ ଲକ୍ଷ୍ୟ-ଅନନ୍ୟା

**ଜାନୁଆରୀ ୨୩**
**ବର୍ଡର ୨**
ନିର୍ଦ୍ଦେଶନା : ଅନୁରାଗ ସିଂ
-ସନ୍ନି ଦେଓଲ, ସୋନମ ବାଜୱା
**ଫେବୃଆରୀ ୬**
**ବଧ୍ ୨**
ନିର୍ଦ୍ଦେଶନା : ଜସପାଲ୍ ସିଂ ସାନ୍ଧୁ
-ସଞ୍ଜୟ ମିଶ୍ର, ନିନା ଗୁପ୍ତା
**ଭାବିଜୀ ଘର ପର୍ ହୈ : ଫନ୍ ଅଫ ଦ ରନ୍**
ନିର୍ଦ୍ଦେଶନା :ଶଶାଙ୍କ ବାଲି
-ଆସିଫ ଶେଖ, ଶୁଭାଙ୍ଗୀ ଆତ୍ରେ
**ହଣ୍ଟେଡ ଥ୍ରୀଡି : ଗୋଷ୍ଟସ ଅଫ୍ ଦ ପାଷ୍ଟ**
ନିର୍ଦ୍ଦେଶନା : ବିକ୍ରମ ଭଟ୍ଟ
-ମହାଅକ୍ଷୟ ଚକ୍ରବର୍ତ୍ତୀ,ଚେତନା ପାଣ୍ଡେ
**ତୁ ୟା ମେଁ**
ନିର୍ଦ୍ଦେଶନା : ବିଜୟ ନାମ୍ବିଆର
-ଆଦର୍ଶ ଗୌରବ, ସନୟା କପୁର
**ଫେବୃଆରୀ ୧୩**
**ଓ ରୋମିଓ**
ନିର୍ଦ୍ଦେଶନା : ବିଶାଲ ଭରଦ୍ୱାଜ
-ଶାହୀଦ କପୁର, ତ୍ରିପ୍ତି ଡିମରି, ନାନା ପାଟେକର
**ଫେବୃଆରୀ ୨୦**
**ଦୋ ଦିୱାନେ ସହର ମେଁ**
ନିର୍ଦ୍ଦେଶନା : ରବି ଉଦୱାର
-ସିଦ୍ଧାର୍ଥ ଚତୁର୍ବେଦୀ, ମୃଣାଳ ଠାକୁର
**ଫେବୃଆରୀ ୨୭**
**ମର୍ଦ୍ଦାନୀ ୩**
ନିର୍ଦ୍ଦେଶନା :ଅଭିରାଜ ମିନାୱାଲା
-ରାଣୀ ମୁଖାର୍ଜୀ, ଜାନକୀ ବୋଧିୱାଲା
**ମାର୍ଚ୍ଚ ୪**
**ପତି ପତ୍ନୀ ଔର ୱୋ ଦୋ**
ନିର୍ଦ୍ଦେଶନା : ମୁଦାସର ଅଜିଜ
-ଆୟୁଷ୍ମାନ ଖୁରାନା, ସାରା ଅଲ୍ଲୀ ଖାଁ
**ମାର୍ଚ୍ଚ ୧୩**
**ଗର୍ବୁ**
ନିର୍ଦ୍ଦେଶନା : ଶଶାଙ୍କ ଉଦପୁରକର
-ସନ୍ନି ଦେଓଲ, ସୀମରନ୍ ବାଗ୍
**ମାର୍ଚ୍ଚ ୧୯**
**ଡକାଏତ : ଏ ଲଭ୍ ଷ୍ଟୋରି**
ନିର୍ଦ୍ଦେଶନା : ସାନିଏଲ୍ ଦେଓ
-ଆଦିଭି ଶେଷ, ମୃଣାଳ ଠାକୁର
**ମାର୍ଚ୍ଚ ୧୯**
**ଧୂରନ୍ଧର ୨**
ନିର୍ଦ୍ଦେଶନା : ଆଦିତ୍ୟ ଧର୍
ଅଭିନୟରେ : ରଣବୀର ସିଂ, ସଞ୍ଜୟ ଦତ୍ତ, ସାରା ଅର୍ଜୁନ
**ଏପ୍ରିଲ ୨**
**ଭୂତ ବଙ୍ଗଲା**
ନିର୍ଦ୍ଦେଶନା : ପ୍ରିୟଦର୍ଶନ
-ଅକ୍ଷୟ କୁମାର, ତବୁ, ପରେଶ ରାୱଲ
**ଏପ୍ରିଲ ୩**
**ଆୱାରାପନ୍ ୨**
ନିର୍ଦ୍ଦେଶନା : ନୀତିନ କକ୍କର
-ଇମ୍ରାନ ହାସମୀ, ଦିଶା ପଟାନି
**ଏପ୍ରିଲ ୧୦**
**ଚାନ୍ଦ ମେରା ଦିଲ୍**
ନିର୍ଦ୍ଦେଶନା : ବିବେକ ସୋନି
-ଲକ୍ଷ୍ୟ ଲାଲୱାନି, ଅନନ୍ୟା ପାଣ୍ଡେ
**ଏପ୍ରିଲ ୧୪**
**(ଟାଇଟଲ ଦିଆଯାଇ ନାହିଁ)**
ନିର୍ଦ୍ଦେଶନା : ଇମତିୟାଜ୍ ଅଲ୍ଲୀ
-ଦିଲଜିତ ଦୋସାନ୍‌ସ, ଶର୍ବାରୀ, ନାସିରୁଦ୍ଦିନ ଶାହା
**ଏପ୍ରିଲ ୧୭**
**ବ୍ୟାଟେଲ ଅଫ୍ ଗଲୱାନ**
ନିର୍ଦ୍ଦେଶନା : ଅପୂର୍ବ ଲଖିଆ
-ସଲମାନ ଖାନ୍, ଚିତ୍ରାଙ୍ଗଦା ସିଂ
**ମେ ୧**
**ରାଜା ଶିବାଜୀ**
ନିର୍ଦ୍ଦେଶନା : ରିତେଶ ଦେଶମୁଖ
-ରିତେଶ ଦେଶମୁଖ, ସଞ୍ଜୟ ଦତ୍ତ, ଅଭିଷେକ ବଚ୍ଚନ, ବିଦ୍ୟା ବଲାନ, ଜେନେଲିଆ ଡିସୌଜା
**ମେ ୧୫**
**ଭାନ୍ : ଫୋର୍ସ ଅଫ୍ ଦ ଫରେଷ୍ଟ**
ନିର୍ଦ୍ଦେଶନା : ଅରୁନବ କୁମାର-ଦୀପକ କୁମାର
-ସିଦ୍ଧାର୍ଥ ମାଲହୋତ୍ରା, ତମନ୍ନା ଭାଟିଆ
**ଜୁନ୍ ୫**
**ହେ ଜୱାନୀ ତୋ ଇସ୍କ ହୋନା ହେ**
ନିର୍ଦ୍ଦେଶନା : ଡେଭିଡ ଧାୱନ
-ବରୁଣ ଧାୱନ, ପୂଜା ହେଗଡେ, ମୃଣାଳ ଠାକୁର, ମୌନି ରୟ
**ଜୁଲାଇ ୩୧**
**ସାଇଡ୍ ହୀରୋଜ**
ନିର୍ଦ୍ଦେଶନା : ସଞ୍ଜୟ ତ୍ରିପାଠୀ
-ଅଭିଷେକ ବାନାର୍ଜୀ, ଅପାରଶକ୍ତି ଖୁରାନା
**ଅଗଷ୍ଟ ୧୪**
**ନାଗଜିଲ୍ଲା**
ନିର୍ଦ୍ଦେଶନା : ମ୍ରିଗଦୀପ ସିଂ ଲାମ୍ବା
-କାର୍ତ୍ତିକ ଆର୍ଯ୍ୟନ
**(ସେପ୍ଟେମ୍ବରରେ କୌଣସି ସିନେମା ରିଲିଜ ହେବାର ସୂଚନା ନାହିଁ)**
**ଅକ୍ଟୋବର ୨**
**ଦୃଶ୍ୟମ ୩**
ନିର୍ଦ୍ଦେଶନା : ଅଭିଷେକ ପାଠକ
-ଅଜୟ ଦେବଗନ, ତବୁ, ଅକ୍ଷୟ ଖାନ୍ନା, ଶ୍ରେୟା ସରନ୍
**ନଭେମ୍ବର ୬**
**ରାମାୟଣ ପାର୍ଟ ୧**
ନିର୍ଦ୍ଦେଶନା : ନିତେଶ ତିୱାରୀ
-ରଣବୀର କପୁର, ୟଶ, ସାଇ ପଲ୍ଲବୀ, ସନ୍ନି ଦେଓଲ
**ଡିସେମ୍ବର ୨୪**
**ଶକ୍ତିଶାଳିନୀ**
ନିର୍ଦ୍ଦେଶନା : ଅଜିତପାଲ୍ ସିଂ
-ଅନୀତ ପାଡ୍ଡା
(ସୂତ୍ର : ୱିକିପିଡିଆ)


'ବର୍ଡର ୨' ଫିଲ୍ମରେ ସନି

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧/୨୦୨୬ Bhubaneswar, Thursday, January 1/ 2026

# ଓଡ଼ିଶା କ୍ରିକେଟ ଦଳର ନୂଆବର୍ଷ ଭେଟି

ଭୁବନେଶ୍ୱର, ୩୧।୧୨(ତପନ ସ୍ୱାଇଁ)

ବେଙ୍ଗାଲୁରୁର ଅଲୁରସ୍ଥିତ କେଏସ୍‌ସିଏ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ବିଜୟ ହଜାରେ ଟ୍ରଫି ମ୍ୟାଚ୍‌ରେ ତାରକାଖଚିତ ଦିଲ୍ଲୀକୁ ୭୯ ରନ୍‌ରେ ହରାଇ ପ୍ରଶଂସକଙ୍କୁ ନୂଆବର୍ଷ ଭେଟି ଦେଇଛି ଓଡ଼ିଶା କ୍ରିକେଟ ଦଳ। ଟପ୍‌ରୁ ଆରମ୍ଭକରି ଲୋୟର ଅର୍ଡର ଯାଏ ସମସ୍ତ ଖେଳାଳିଙ୍କ ଉପଯୋଗୀ ଅବଦାନକୁ ପାଥେୟକରି ଓଡ଼ିଶା ୫୦ ଓଭରରେ ୮ ଉଇକେଟ

**ବିଜୟ ହଜାରେ ଟ୍ରଫି**

**ଦିଲ୍ଲୀକୁ ୭୯ ରନ୍‌ରେ ହରାଇ ଶୀର୍ଷକୁ ଉନ୍ନୀତ**



ବିପ୍ଲବ ସାମନ୍ତରାୟ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ହରାଇ ୨୭୨ ରନ୍‌ର ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଥିଲା। ଜବାବରେ ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଦଳ ଓଡ଼ିଶା ବୋଲରଙ୍କୁ ମୁକାବିଲା କରି ନ ପାରି ୪୨.୩ ଓଭରରେ ୧୯୩ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଚଳିତ ସିଜନରେ ଏହା ଥିଲା ଓଡ଼ିଶାର ସବୁଠାରୁ ବଡ଼ ବିଜୟ। ମ୍ୟାଚ୍‌ରେ ଏକମାତ୍ର ଅର୍ଦ୍ଧଶତକ ହାସଲକାରୀ ଓଡ଼ିଶା ଅଧିନାୟକ ବିପ୍ଲବ ସାମନ୍ତରାୟ(୭୨ ରନ୍) ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ରଥମ ମ୍ୟାଚ୍‌ରେ ସୌରାଷ୍ଟ୍ରଠାରୁ ହାରି ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ପରବର୍ତ୍ତୀ ୩ ମ୍ୟାଚ୍‌ରେ ସର୍ଭିସେସ୍(୪ ଉଇକେଟ), ଆନ୍ଧ୍ରପ୍ରଦେଶ(୬ ଉଇକେଟ) ଓ ଦିଲ୍ଲୀ (୭୯ ରନ୍)କୁ ହରାଇ ବିଜୟରେ ହାଟ୍ରିକ କରିଛି। ୪ ମ୍ୟାଚ୍‌ରୁ ୩ ବିଜୟ ସହ ଦଳ ୧୨ ପଏଣ୍ଟ ପାଇ ଓଡ଼ିଶା ଏଲିଟ୍ ଗ୍ରୁପ୍ 'ଡି'ର ଶୀର୍ଷସ୍ଥାନକୁ ମଧ୍ୟ ଉନ୍ନୀତ ହୋଇଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ଜାନୁଆରୀ ୩ରେ ହରିୟାଣା ବିପକ୍ଷରେ ଖେଳିବ।

### ଲୋୟର ଅର୍ଡର ପର୍ଯ୍ୟନ୍ତ ଲଢୁଆ ପ୍ରଦର୍ଶନ

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଓପନିଂ ଯୋଡ଼ିରେ ୫୮ ରନ୍ ଯୋଗକରି ଦୃଢ଼ ଭିତ୍ତି ପକାଇଥିଲା। ସବୁଠାରୁ ବଡ଼କଥା ହେଲା ଲୋୟର ଅର୍ଡର ପର୍ଯ୍ୟନ୍ତ ବ୍ୟାଟରମାନେ ଲଢୁଆ ପ୍ରଦର୍ଶନ କରିଥିଲେ। ଫଳରେ ଦିଲ୍ଲୀର ଅଭିଜ୍ଞ ବୋଲରଙ୍କ ଉପସ୍ଥିତି ସତ୍ତ୍ୱେ ଓଡ଼ିଶା ଏକ ସମ୍ମାନଜନକ ସ୍କୋର ଛିଡ଼ା କରିବାରେ ସକ୍ଷମ ହୋଇଥିଲା। ଅଧିନାୟକ ବିପ୍ଲବ ୭୪ ବଲ୍‌ରୁ ୭୨(୩ ଚୌକା, ୪ ଛକା) ରନ୍‌କରି ଦଳର ବ୍ୟାଟିଂ ମେରୁଦଣ୍ଡ ସାଜିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓମ୍ ଟି. ମୁଣ୍ଡେ ୨୬, ସ୍ୱସ୍ତିକ୍ ସାମଲ ୨୮, ଗୋବିନ୍ଦ ପୋଦ୍ଦାର ୩୫, ସମ୍ବିତ୍ ବରାଳ ୧୭, ରାଜେଶ ମହାନ୍ତି ୧୭* ଓ ୧୦ ନମ୍ବର ବ୍ୟାଟର ଦେବବ୍ରତ ପ୍ରଧାନ ମାତ୍ର ୯ ବଲ୍‌ରୁ ୨୧*(୧ ଚୌକା, ୨ ଛକା) ରନ୍‌ର ଅବଦାନ ରଖିଥିଲେ। ରାଜେଶ ଓ ଦେବବ୍ରତ ଅସମାପ୍ତ ୯ମ ଉଇକେଟରେ ମାତ୍ର ୧୬ ବଲ୍‌ରୁ ୪୩ ରନ୍ ଯୋଗକରି ମୋମେଣ୍ଟମ ବଜାୟ ରଖିଥିଲେ। ଦିଲ୍ଲୀ ବୋଲରଙ୍କ ମଧ୍ୟରେ ହ୍ରିତିକ୍ ଶୋକେନ ୪ଟି, ପ୍ରିନ୍ସ ଯାଦବ ୨ଟି ଓ ନୀତୀଶ ରାଣା ଗୋଟିଏ ଉଇକେଟ ନେଇଥିଲେ। ଦିଶା ହରାଇଥିବା ଦିଲ୍ଲୀ ବୋଲରମାନେ ଅତିରିକ୍ତ ୨୨ ରନ୍ ବ୍ୟୟ କରିଥିଲେ।

### ଓଡ଼ିଶା ବୋଲର ପ୍ରଭାବୀ

୨୭୩ ରନ୍ ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇଥିବା ଦିଲ୍ଲୀ କେବେହେଲେ ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣକୁ ନେଇପାରି ନ ଥିଲା। ଓଡ଼ିଶା ବୋଲରମାନେ ଚମତ୍କାର ବୋଲିଂକରି ଦିଲ୍ଲୀ ବ୍ୟାଟିଂ ଉପରେ ଅଙ୍କୁଶ ଲଗାଇଥିଲେ। ମାତ୍ର ୬ ରନ୍‌ରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଦିଲ୍ଲୀ ୭୫ ରନ୍ ମଧ୍ୟରେ ୬ ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ତାରକା ଖେଳାଳିଙ୍କ ମଧ୍ୟରେ ଅଧିନାୟକ ରିଷଭ ପନ୍ତ ୨୪, ନୀତୀଶ ରାଣା ୨ ଏବଂ ସମ୍ପ୍ରତି ଚର୍ଚ୍ଚାରେ ରହିଥିବା ଯୁବ ଓପନର ପ୍ରିୟାଂଶ ଆର୍ଯ୍ୟ ମାତ୍ର ୫ ରନ କରିବାକୁ ସକ୍ଷମ ହୋଇଥିଲେ। ମିଡିଲ ଅର୍ଡରରେ ହର୍ଷ ତ୍ୟାଗି ସର୍ବାଧିକ ୪୩ ଓ ଅଲ୍‌ରାଉଣ୍ଡର ହ୍ରିତିକ ଶୋକେନ ୩୨ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଓଡ଼ିଶାର ସବୁ ବୋଲର ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଦେବବ୍ରତ ପ୍ରଧାନ ଓ ସମ୍ବିତ୍ ବରାଳ ୩ଟି ଲେଖାଏ, ରାଜେଶ ମହାନ୍ତି ୨ଟି ଏବଂ ବାଦଲ ବିଶ୍ୱାଳ ଗୋଟିଏ ଉଇକେଟ ନେଇଥିଲେ। ଆୟୁଷ ଦୋଷେଜା ୨୮ ରନ୍‌କରି ମୁଣ୍ଡେଙ୍କ ଡାଇରେକ୍ଟ ଥ୍ରୋର ଶିକାର ହୋଇ ରନ୍‌ଆଉଟ ହୋଇଥିଲେ। ଫଳରେ ଆହୁରି ୪୫ ବଲ୍ ବାକିଥାଇ ଦିଲ୍ଲୀ ଇନିଂସ ଶେଷ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୫୦ ଓଭରରେ ୨୭୨/୮ (ବିପ୍ଳବ ସାମନ୍ତରାୟ-୭୨, ଗୋବିନ୍ଦ ପୋଦ୍ଦାର-୩୫, ସ୍ୱସ୍ତିକ ସାମଲ-୨୮, ଓମ୍ ଟି. ମୁଣ୍ଡେ-୨୬, ହ୍ରିତିକ୍ ଶୋକେନ-୪/୨୭, ପ୍ରିନ୍ସ ଯାଦବ-୨/୫୭, ନୀତୀଶ ରାଣା-୧/୪୮)। ଦିଲ୍ଲୀ ୪୨.୩ ଓଭରରେ ୧୯୩/ଅଲ୍‌ଆଉଟ (ହର୍ଷ ତ୍ୟାଗି-୪୩, ହ୍ରିତିକ୍ ଶୋକେନ-୩୨, ଦେବବ୍ରତ ପ୍ରଧାନ-୩/୨୮, ସମ୍ବିତ୍ ବରାଳ-୩/୩୪, ରାଜେଶ ମହାନ୍ତି-୨/୪୨, ବାଦଲ ବିଶ୍ୱାଳ-୧/୧୮)।

# ଫିଫା ବିଶ୍ୱକପ ବର୍ଷକୁ ସ୍ୱାଗତ

ବିଦାୟ ନେଇଛି ୨୦୨୫ କ୍ରୀଡ଼ା ବର୍ଷ। ଏହି ବର୍ଷ ଅନେକ ବଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା। ଏକାଧିକ ବିଶ୍ୱକପ୍‌ର ବିଜେତା ହୋଇଥିଲେ ଭାରତୀୟ ମହିଳା ଓ ପୁରୁଷ। ଦିନିକିଆ ମହିଳା କ୍ରିକେଟ ବିଶ୍ୱକପ୍‌ରୁ ଆରମ୍ଭକରି ଦୃଷ୍ଟିବାଧିତ ଟି୨୦ ମହିଳା ବିଶ୍ୱକପ୍, ମହିଳା କବାଡ଼ି ବିଶ୍ୱକପ୍, ମହିଳା ଓ ପୁରୁଷ ଖୋ ଖୋ ବିଶ୍ୱକପ୍, ପୁରୁଷ ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍‌ରୁ ଏହି ଧାରା ମହିଳା ଫିଡେ ବିଶ୍ୱକପ୍‌ରେ ଦିବ୍ୟା ଦେଶମୁଖ ଚାମ୍ପିୟନ ହେବା ପର୍ଯ୍ୟନ୍ତ ଲମ୍ବିଥିଲା। ୨୦୨୬ ହେବାକୁଯାଉଛି ମେଗା ଇଭେଣ୍ଟର ବର୍ଷ। ଏହିବର୍ଷ ସବୁଠାରୁ ଲୋକପ୍ରିୟ ଫିଫା ବିଶ୍ୱକପ୍ ଅନୁଷ୍ଠିତ ହେବ। ଜୁନ୍ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ ଏହା ପ୍ରଥମଥର ପାଇଁ ୩ ଦେଶ ଆମେରିକା, ମେକ୍ସିକୋ ଓ କାନାଡ଼ାରେ ଅନୁଷ୍ଠିତ ହେବ।




ସେହିପରି ଫେବୃଆରୀ ୬ରୁ ୨୨ ପର୍ଯ୍ୟନ୍ତ ଇଟାଲୀର ମିଲାନୋ ଓ କର୍ଟିନାରେ ୱିଣ୍ଟର ଅଲିମ୍ପିକ୍ସ, ଫେବୃଆରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ପୁରୁଷ ଟି୨୦ ବିଶ୍ୱକପ୍, ଜୁନ୍ ୧୨ରୁ ଜୁଲାଇ ୫ ପର୍ଯ୍ୟନ୍ତ ଇଂଲଣ୍ଡରେ ମହିଳା ଟି୨୦ ବିଶ୍ୱକପ୍, ୨୩ ଜୁଲାଇରୁ ୨ ଅଗଷ୍ଟ ପର୍ଯ୍ୟନ୍ତ ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନରେ ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ପ୍ରତିବର୍ଷ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ସଫଳ ଆୟୋଜନର ଛାପ ଛାଡୁଥିବା ଓଡ଼ିଶା ମଧ୍ୟ ଏହି ବର୍ଷ ଏକାଧିକ ବଡ଼ ପ୍ରତିଯୋଗିତା ଆୟୋଜନ କରିବ। କଳିଙ୍ଗ ଷ୍ଟାଡିୟମରେ ସର୍ବପ୍ରଥମ ନ୍ୟାଶନାଲ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମାର୍ଚ୍ଚ ୨୪ ଓ ୨୫ରେ ଆୟୋଜନ ହେବ। ସେହିପରି ଜୁଲାଇ ୮ରୁ ୧୨ ପର୍ଯ୍ୟନ୍ତ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍, ଅଗଷ୍ଟ ୨୨ରେ ଭୁବନେଶ୍ୱରରେ ଇଣ୍ଡିଆନ୍ ଓପନ୍ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲ୍‌ଭର ଲେଭଲ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ। ଏହା ବ୍ୟତୀତ ହକି ଇଣ୍ଡିଆ ଲିଗ୍, ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ରୋମାଞ୍ଚ ମଧ୍ୟ ଏଠାରେ ଦେଖିବାକୁ ମିଳିବ।

# ସୁର୍‌ମାକୁ ହରାଇଲା ଏସ୍‌ଜି ପାଇପର୍ସ

ରାଞ୍ଚି, ୩୧।୧୨

**ମହିଳା ଏଚ୍‌ଆଇଏଲ୍**

ହିରୋ ମହିଳା ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ୍)ର ବୁଧବାର ଅନୁଷ୍ଠିତ ମ୍ୟାଚରେ ଏସ୍‌ଜି ପାଇପର୍ସ ୧-୦ ଗୋଲରେ ଜେଏସ୍‌ଡବ୍ଲ୍ୟୁ ସୁର୍‌ମା ହକି କ୍ଲବକୁ ପରାସ୍ତ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ଅଧିନାୟିକା ନଭନିତ କୌର ମ୍ୟାଚର ୪ର୍ଥ ମିନିଟରେ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ଗୋଲ ପରିଶୋଧ ଲାଗି ସୁର୍‌ମା ଦଳ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ସଫଳ ହୋଇ ନ ଥିଲା। ୨ ମ୍ୟାଚରୁ ୨ ବିଜୟ ସହ ୬ ପଏଣ୍ଟ ପାଇ ପାଇପର୍ସ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ପୂର୍ବ ମ୍ୟାଚରେ ଏହି ଦଳ ରାଞ୍ଚି ରୟାଲ୍ସକୁ ୨-୦ ଗୋଲରେ ପରାସ୍ତ କରିଥିଲା। ରାଞ୍ଚି ରୟାଲ୍ସ ଓ ଶ୍ରାଚୀ ବେଙ୍ଗଲ ଟାଇଗର୍ସ ୩ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଥିବାବେଳେ ସୁରମା ଦଳ ପଏଣ୍ଟ ଖାତା ଖୋଲି ପାରିନାହିଁ।

# ସେକ୍ ଜାଇନୁଲ 'ମିଷ୍ଟର ଭୁବନେଶ୍ୱର'

ଭୁବନେଶ୍ୱର, ୩୧।୧୨ (ତପନ ସ୍ୱାଇଁ)

**ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ**


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର ବଡି ବିଲ୍ଡିଂ ଆସୋସିଏଶନ ଆନୁକୂଲ୍ୟରେ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଗ୍ୟାରେଜ୍‌ଛକସ୍ଥିତ 'ଦି ୱାର ହାଉସ୍' ଜିମ୍‌ରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୫୫ରୁ ୯୦ କେଜି ପର୍ଯ୍ୟନ୍ତ ବଡିବିଲ୍ଡିଂ ଏବଂ ୧୬୫ ସେମି ଉଚ୍ଚତା ଓ ମହିଳା ବର୍ଗରେ ଭୁବନେଶ୍ୱରର ବିଭିନ୍ନ ଜିମ୍ନାସିୟମ୍‌ରୁ ୬୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୭୦ କେଜି ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ସେକ୍ ଜାଇନୁଲ 'ମିଷ୍ଟର ଭୁବନେଶ୍ୱର' ଟାଇଟଲ ହାସଲ କରିଥିଲେ। ୫୫ କେଜିରେ ଅନିଲ ପାଣି, ୬୦ କେଜିରେ କିରଣ ଜେନା, ୬୫ କେଜିରେ ପ୍ରସନ୍ନ ରାଣା, ୭୫ କେଜିରେ ରଶ୍ମିରଞ୍ଜନ ଲେଙ୍କା, ୮୦ କେଜିରେ ରଞ୍ଜନ ନାୟକ, ୮୫ କେଜିରେ ଶୁଭମ୍ ମିଶ୍ର ଓ ୯୦ କେଜିରେ ଚିନ୍ମୟ କୁମାର ପଲାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦ୍ୱିତୀକୃଷ୍ଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ରାଜ୍ୟ ସଂଘ ସମ୍ପାଦକ ପ୍ରସନ୍ନ ମହାସୁଆର, ସହସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ ଓ ରାଜକିଶୋର ମଲିଆ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବିନୋଦ ମହାରଣା ଓ ଭବାନୀ ଶଙ୍କର ସାହୁ ଷ୍ଟେଜ୍ ମାର୍ଶାଲ ଥିଲେ। ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଏବଂ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ପୂର୍ବତନ କର୍ପୋରେଟର ବାବୁଲି ସମର୍ଥା ଓ ବଡଲଗଡ଼ କ୍ଲବର ରାଧାନାଥ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଇରିଗାସିଙ୍କୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଭିନନ୍ଦନ

ନୂଆଦିଲ୍ଲୀ,୩୧।୧୨(ପି.ଟି.)

ଦୋହାଠାରେ ଅନୁଷ୍ଠିତ ୱାର୍ଲ୍ଡ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ୍ ପଦକ ଜିତିଥିବା ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଇରିଗାସିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଅଭିନନ୍ଦନ ଜଣାଇଛନ୍ତି। ତାଙ୍କର ଏହି ସଫଳତା ବିଶ୍ୱ ଚେସ୍‌ରେ ଭାରତର ବୃଦ୍ଧି ପାଉଥିବା ପ୍ରଭାବକୁ ଦର୍ଶାଉଛି। ଏଥିପୂର୍ବରୁ ଇରିଗାସି ୱାର୍ଲ୍ଡ ରାପିଡ୍ ବ୍ରୋଞ୍ଜ ପଦକ ଜିତିଥିଲେ। ସେ ଭାରତର କିମ୍ବଦନ୍ତୀ ଚେସ୍ ଖେଳାଳି ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ୱାର୍ଲ୍ଡ ବ୍ଲିଜ୍ ପଦକ ଜିତିଛନ୍ତି।







# ୭ ବର୍ଷ ପରେ ଓଡ଼ିଶାର ଦିଲ୍ଲୀ ବିଜୟ

ଭୁବନେଶ୍ୱର, ୩୧।୧୨(ତପନ ସ୍ୱାଇଁ)

ବେଙ୍ଗାଲୁରୁର ଅଲୁରଠାରେ ଚାଲିଥିବା ବିଜୟ ହଜାରେ ଟ୍ରଫିର ଏଲିଟ ଗ୍ରୁପ୍ 'ଡି' ମ୍ୟାଚରେ ଓଡ଼ିଶା ବୁଧବାର ଦିଲ୍ଲୀକୁ ୭୯ ରନ୍‌ରେ ପରାସ୍ତ କରିଛି। ଦୀର୍ଘ ୭ ବର୍ଷ ବ୍ୟବଧାନରେ ଦିଲ୍ଲୀ ବିପକ୍ଷରେ ଓଡ଼ିଶାର ଏହା ପ୍ରଥମ ବିଜୟ। ଶେଷଥର ପାଇଁ ୨୦୧୮ ସେପ୍ଟେମ୍ବର ୨୬ରେ ଦିଲ୍ଲୀଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଘରୋଇ ଦଳ ବିପକ୍ଷରେ ୯ ରନ୍‌ରେ ବିଜୟ ହାସଲ କରିଥିଲା। ସେତେବେଳେ ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱାଧୀନ ଓଡ଼ିଶା ନିର୍ଦ୍ଧାରିତ ୪୮ ଓଭରରେ ୪ ଉଇକେଟ ହରାଇ ୨୪୯ ରନ୍ କରିଥିଲା। ରାଜେଶ ଧୂପର ୪୬, ଗୋବିନ୍ଦ ପୋଦ୍ଦାର ୫୬, ବିପ୍ଲବ ସାମନ୍ତରାୟ ୬୩ ରନ୍‌କରି ଆଉଟ ହୋଇଥିବାବେଳେ ଶୁଭ୍ରାଂଶୁ ସେନାପତି ୫୯ ରନ୍‌ରେ ଅପରାଜିତ ରହିଥିଲେ। ୨୫୦ ରନ୍ ବିଜୟ ଲକ୍ଷ୍ୟରେ ଦିଲ୍ଲୀ ୪୮ ଓଭରରେ ୨୪୦ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଓଡ଼ିଶାର ସବୁ ବୋଲର ପ୍ରଭାବୀ ବୋଲିଂ କରିଥିଲେ। ଏହାପରେ ୨୦୧୯ ଅକ୍ଟୋବର ୧୦ରେ ଭଦୋଦରାରେ ଅନୁଷ୍ଠିତ ବିଜୟ ହଜାରେ ଟ୍ରଫି ମ୍ୟାଚ୍‌ରେ ଦିଲ୍ଲୀ ୬୩ ରନ୍‌ରେ ବିଜୟୀ ହୋଇଥିଲା। ସେହିପରି ୨୦୧୯ ନଭେମ୍ବର ୧୮ରେ ଅନୁଷ୍ଠିତ ସୟଦ ମୁସ୍ତାକ ଅଲୀ ଟି୨୦ ଟ୍ରଫି ମ୍ୟାଚ୍‌ରେ ଦିଲ୍ଲୀ ୨୦ ରନ୍‌ରେ ବିଜୟ ହାସଲ କରିଥିଲା। ୨୦୨୪ ଫେବୃଆରୀ ୧୬ରୁ ୧୯ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ରଣ୍‌ଜୀ ଟ୍ରଫି ମ୍ୟାଚ୍‌ରେ ଦିଲ୍ଲୀ ୭ ଉଇକେଟରେ ଓଡ଼ିଶାକୁ ପରାସ୍ତ କରିଥିଲା। ୨୦୦୮ରୁ ଏପର୍ଯ୍ୟନ୍ତ ଦୀର୍ଘ ୧୭ ବର୍ଷର ରେକର୍ଡ ଦେଖିଲେ ଓଡ଼ିଶା ଆଉ ଥରେମାତ୍ର ୨୦୧୩ ମାର୍ଚ୍ଚ ୨୮ରେ ଇନ୍ଦୋରରେ ଅନୁଷ୍ଠିତ ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ମ୍ୟାଚ୍‌ରେ ଦିଲ୍ଲୀକୁ ୭ ଉଇକେଟରେ ହରାଇବାକୁ ସକ୍ଷମ ହୋଇଥିଲା।

# ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର ମାର୍ଟିନ ଗୁରୁତର

**ବ୍ରିସ୍‌ବେନ,୩୧।୧୨(ଏପି):** ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ଡାମିଏନ ମାର୍ଟିନ ଗୁରୁତର ଅବସ୍ଥାରେ ଦକ୍ଷିଣ ବ୍ରିସ୍‌ବେନସ୍ଥିତ ଗୋଲ୍ଡକୋଷ୍ଟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ଅଷ୍ଟ୍ରେଲିଆନ୍ ଗଣମାଧ୍ୟମରେ ବୁଧବାର ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଇଛି। ପୂର୍ବତନ ଡାହାଣହାତୀ ବ୍ୟାଟର ଗତ କିଛିଦିନ ତଳେ ଅସୁସ୍ଥ ହୋଇପଡ଼ିଥିଲେ। ନାଇନ୍ ଖବରକାଗଜରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ, ସେ ଏବେ କୋମାରେ ଅଛନ୍ତି ଏବଂ ମେନିଙ୍ଗିଟିସ୍ ନାମକ ଏକ ରୋଗ ସହ ସଂଘର୍ଷ କରୁଛନ୍ତି। ୫୪ ବର୍ଷୀୟ ପୂର୍ବତନ କ୍ରିକେଟର ଅଷ୍ଟ୍ରେଲିଆ ପାଇଁ ୬୭ ଟେଷ୍ଟ ଓ ୨୦୮ ଦିନିକିଆ ଖେଳି ପ୍ରାୟ ୧୦ ହଜାର ରନ କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଅଷ୍ଟ୍ରେଲିଆ ୧୯୯୯ ଓ ୨୦୦୩ ବିଶ୍ୱକପ୍ ଓ ୨୦୦୬ ଚାମ୍ପିୟନ୍ସ ଟ୍ରଫି ଜିତିଥିଲା।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

୨୦୨୬ର ଶୁଭେଚ୍ଛା

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧/୨୦୨୬ (୧୨+୮=୨୦ ପୃଷ୍ଠା) | Bhubaneswar, Thursday, January 1/2026 Page 20 | ₹ 7.00

୫୨ଶ ଭାଗ ୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 39 | ମୂଲ୍ୟ ₹୭/-










ନୂତନ ବର୍ଷ-୨୦୨୬କୁ ସ୍ୱାଗତ ଜଣାଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ଶ୍ରୀମନ୍ଦିର ପ୍ରଶାସନ କ୍ୟାଲେଣ୍ଡରରେ ତ୍ରୁଟି

**ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଇଂଲିଶ ନୂଆବର୍ଷ-୨୦୨୬ର କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି। କିଛିଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉକ୍ତ କ୍ୟାଲେଣ୍ଡର ଲୋକାର୍ପିତ ହୋଇଥିଲା। ତେବେ ଏହି କ୍ୟାଲେଣ୍ଡରରେ ସଙ୍ଗିନ ତ୍ରୁଟି ଦେଖିବାକୁ ମିଳିଛି, ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ସେହିପରି ଜଗନ୍ନାଥପ୍ରେମୀ ଓ ସେବାୟତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଉକ୍ତ କ୍ୟାଲେଣ୍ଡର ବିକ୍ରିକୁ ସ୍ଥଗିତ ରଖାଯାଇଛି।**

ପୁରୀ,୩୧।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ପ୍ରକାଶିତ ଉକ୍ତ କ୍ୟାଲେଣ୍ଡରରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଓ ଯାତ୍ରା ଆଦି ସ୍ଥାନ ପାଇଛି। ଟେବୁଲ କ୍ୟାଲେଣ୍ଡର ସହ ୱାଲ୍ କ୍ୟାଲେଣ୍ଡର ଏବଂ ଡାଏରୀରେ ସ୍ଥାନିତ କରାଯାଇଥିବା ମହାପ୍ରଭୁଙ୍କ ଚିତ୍ରରେ ତ୍ରୁଟି ଥିବା ଦେଖିବାକୁ



ମିଳିଛି। ରତ୍ନସିଂହାସନରେ ବିରାଜମାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ପ୍ରଭୁ ବଳଭଦ୍ର ଏବଂ ବଳଭଦ୍ରଙ୍କ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ଚିତ୍ର ରହିଥିବା ଏକ ପଟ୍ଟଚିତ୍ରରେ ପରିଲକ୍ଷିତ ହୋଇଛି। ସେହିପରି ରତ୍ନସିଂହାସନରେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ସ୍ଥାନିତ କରାଯାଇନାହିଁ। ଏହି କ୍ୟାଲେଣ୍ଡରରେ ପ୍ରକାଶିତ ରଥଯାତ୍ରା ଫଟୋରେ ମଧ୍ୟ ତ୍ରୁଟି ରହିଛି। ବଡ଼ଦାଣ୍ଡରେ ରଥଟଣାର ଚିତ୍ର ସ୍ଥାନିତ କରାଯାଇଛି, ଯେଉଁଥିରେ ପ୍ରଥମେ ସୁଭଦ୍ରା, ପରେ ଜଗନ୍ନାଥ ଏବଂ ଶେଷରେ ଶ୍ରୀବଳଭଦ୍ରଙ୍କ ରଥ ଟଣାଯାଉଛି। ଏପରି ତ୍ରୁଟିଥିଲେ ମଧ୍ୟ କିପରି ଶ୍ରୀମନ୍ଦିର ପ୍ରଶାସନ ଜାଣିପାରିଲା ନାହିଁ ଏବଂ କ୍ୟାଲେଣ୍ଡର ପ୍ରକାଶ କରାଗଲା ସେ ନେଇ ଜଗନ୍ନାଥପ୍ରେମୀ ପ୍ରଶ୍ନ ଉଠାଇଛନ୍ତି। ମହାପ୍ରଭୁ ଏବଂ ଜଗନ୍ନାଥ ସଂସ୍କୃତି ପରମ୍ପରାକୁ ବିକୃତ କଲାଭଳି ତ୍ରୁଟିକୁ ଜଗନ୍ନାଥପ୍ରେମୀ ଓ ଶ୍ରୀମନ୍ଦିର ସେବାୟତମାନେ ନାପସନ୍ଦ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସମ୍ପୃକ୍ତ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ତୁରନ୍ତ କ୍ୟାଲେଣ୍ଡରରୁ ତ୍ରୁଟିଯୁକ୍ତ ଚିତ୍ରକୁ ପ୍ରତ୍ୟାହାର କରି ନୂତନ କ୍ୟାଲେଣ୍ଡର ପ୍ରକାଶ କରାଯିବାକୁ ସମସ୍ତେ ମତ ଦେଇଛନ୍ତି। ତେବେ କ୍ୟାଲେଣ୍ଡର ଛପାହେବା ପୂର୍ବରୁ କାହା ☞ପୃଷ୍ଠା-୪

# କ୍ରୀଡ଼ା ପ୍ରତିଯୋଗିତାରେ ଦୌଡୁଥିବା ଛାତ୍ରଙ୍କ ମୃତ୍ୟୁ

ସୁନ୍ଦରଗଡ଼,୩୧।୧୨
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଭବାନୀପୁର ଏକଲବ୍ୟ ମଡେଲ ସ୍କୁଲରେ ବୁଧବାର ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଦୌଡୁଥିବା ବେଳେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯୁକ୍ତ୨ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ର ଜୟଦୀପସାଗର ବେକ(୧୮)। ଖବରପାଇ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଥାନା ପୋଲିସ, ପିଏଆଇଟିଡିଏ ଧୀରେନ୍ଦ୍ର କୁମାର ସେଠୀ, ଜିଲା ମଙ୍ଗଳ ଅଧିକାରୀ ଭାଗୀରଥି ପଟେଲଙ୍କ ସମେତ ଅନ୍ୟ ଅଧିକାରୀମାନେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଟାଉନ ଥାନା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ସନ୍ଧ୍ୟାରେ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଜୟଦୀପସାଗର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ। ବୁଧବାର ଦୌଡୁଥିବା ବେଳେ ହଠାତ୍ ସେ ଟଳିପଡ଼ିଥିଲେ। ବିଦ୍ୟାଳୟ ଅଧକ୍ଷା ସଂଘମିତ୍ରା ପାଣିଗ୍ରାହୀଙ୍କ ସମେତ ଶିକ୍ଷକ ଓ ଉପସ୍ଥିତ ନର୍ସ ଛାତ୍ରଙ୍କୁ ସଂଜ୍ଞାହୀନ ଅବସ୍ଥାରେ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ☞ପୃଷ୍ଠା-୪

# ନୂଆ ସିଏସ୍ ଭାବେ ଦାୟିତ୍ୱ ନେଲେ ଅନୁ ଗର୍ଗ

ଭୁବନେଶ୍ୱର, ୩୧।୧୨(ସୁନିତ୍ ମିଶ୍ର)

ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଭାବେ ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ଅନୁ ଗର୍ଗ ବୁଧବାର ଅପରାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ରାଜ୍ୟର ୪୭ତମ ନୂଆ ମୁଖ୍ୟ ଶାସନ ସଚିବ (ସିଏସ୍) ଭାବେ ଏହି ଦାୟିତ୍ୱ ନେଇଛନ୍ତି। ସେ ରାଜ୍ୟର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ। ୧୯୯୦ ବ୍ୟାଚ୍ ଆଇଏଏସ୍ ଅଫିସର ମନୋଜ ଆହୁଜାଙ୍କ କାର୍ଯ୍ୟାଳୟ ଶେଷ ହୋଇଛି। ରାଜ୍ୟରେ ଭାଜପା ସରକାର ଆସିବା ପରେ ଆହୁଜା ଜୁଲାଇ ୨୦୨୪ରେ ମୁଖ୍ୟ ସଚିବ ଭାବେ ଓଡ଼ିଶାରେ ଦାୟିତ୍ୱ ପାଇଥିଲେ। ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ତାଙ୍କର କାର୍ଯ୍ୟକାଳ ସରିଥିଲା। ହେଲେ ରାଜ୍ୟ ସରକାର ବର୍ଷକ ପାଇଁ ୨୦୨୫ ଡିସେମ୍ବର ୩୧ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକାଳ ବଢ଼ାଇଥିଲେ। ସେହି କ୍ରମରେ



ଆହୁଜାଙ୍କ କାର୍ଯ୍ୟକାଳ ବୁଧବାର ଶେଷ ହେବାପରେ ଅନୁ ଗର୍ଗଙ୍କୁ ସେ ମୁଖ୍ୟ ଶାସନ ସଚିବ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଅନୁଙ୍କ କାର୍ଯ୍ୟକାଳ ୨୦୨୯ ମାର୍ଚ୍ଚ ପର୍ଯ୍ୟନ୍ତ ରହିଛି। ଅନୁ ଦାୟିତ୍ୱ ନେବାପରେ ଗଣମାଧ୍ୟମକୁ ମୁଖ୍ୟ ଶାସନ ସଚିବ ଭାବେ ପ୍ରଥମ ପ୍ରତିକ୍ରିୟା ଦେଇ କହିଛନ୍ତି, ଏହା ଏକ ବହୁ ବଡ଼ ଦାୟିତ୍ୱ। ଏହା ବହୁତ ବଡ଼ ସୁଯୋଗ ☞ପୃଷ୍ଠା-୪

# ମୋହନା-କୋରାପୁଟ ରାସ୍ତା ପ୍ରଶସ୍ତୀକରଣକୁ କେନ୍ଦ୍ରର ମଞ୍ଜୁରୀ

## ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଗଡକରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧।୧୨(ସୁନିତ୍ ମିଶ୍ର)

ମୋହନା ଓ କୋରାପୁଟ ଦେଇ ଯାଇଥିବା ଏନ୍‌ଏଚ୍-୩୨୬ ରାସ୍ତାର ପ୍ରଶସ୍ତୀକରଣ ଏବଂ ସୁଦୃଢ଼ୀକରଣକୁ ବୁଧବାର କେନ୍ଦ୍ର ସରକାର କ୍ୟାବିନେଟ୍‌ରେ ମଞ୍ଜୁରୀ ଦେଇଛନ୍ତି। ଇପିସି ମୋଡ୍‌ରେ କାର୍ଯ୍ୟକାରୀ ହେବାକୁଥିବା ଏହି ପ୍ରକଳ୍ପ ପାଇଁ ୧୫୨୬.୨୧ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାଦ୍ୱାରା ଦକ୍ଷିଣ ଓଡ଼ିଶାର ସାମଗ୍ରିକ ବିକାଶ ହେବ ବୋଲି କେନ୍ଦ୍ର ସରକାର କହିଛନ୍ତି। କେନ୍ଦ୍ର କ୍ୟାବିନେଟ୍‌ରେ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସଡ଼କ ପରିବହନ ଏବଂ ଜାତୀୟ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ରାଜପଥ ମନ୍ତ୍ରୀ ନୀତିନ୍ ଗଡକରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଦକ୍ଷିଣାଞ୍ଚଳର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ତଥା ଅପହଞ୍ଚ ଅଞ୍ଚଳକୁ ସବୁ ପ୍ରକାର ଯୋଗାଯୋଗ ☞ପୃଷ୍ଠା-୪


DADLS-73



ନବ ବର୍ଷ-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ନବ ବର୍ଷ-୨୦୨୬ ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଓ ଶୁଭେଚ୍ଛା ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



ଇଂରାଜୀ ନୂଆବର୍ଷ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆବର୍ଷ ୨୦୨୬ ଉପଲକ୍ଷେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖମୟ ହେଉ । ୨୦୨୬ ବର୍ଷ ଓଡ଼ିଶା ପାଇଁ ଶାନ୍ତି, ପ୍ରଗତି ଓ ସମୃଦ୍ଧିର ବର୍ଷ ହେଉ । ଆସନ୍ତୁ, ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-

## ମେଷ

ବର୍ଷାରମ୍ଭରୁ ବୃହସ୍ପତି ଭାଗ୍ୟସ୍ଥାନକୁ ଅବଲୋକନ କରୁଥିବାରୁ ଅପୂରଣୀୟ ଅଭିଳାଷ ପୂରଣ ହେବ। କର୍ମକ୍ଷେତ୍ର ଓ ପାରିବାରିକ ଜୀବନକୁ ସଜାଡ଼ିନେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ପ୍ରିୟଜନଙ୍କ ସହାନୁଭୂତି ପାଇବେ। ଅର୍ଥର ପ୍ରାଚୁର୍ଯ୍ୟ ନୂଆ ନୂଆ କାମ ପାଇଁ ଅନୁପ୍ରେରିତ କରିବ। କିନ୍ତୁ ଈର୍ଷା କରୁଥିବା ବ୍ୟକ୍ତିଙ୍କ ପରୋକ୍ଷ ଶତ୍ରୁତା ଯୋଗୁ କାର୍ଯ୍ୟସାଧନରେ ପ୍ରତିବନ୍ଧକ ଦେଖାଦେବ। କ୍ରନିକ୍ ରୋଗରେ ପୀଡ଼ା ସାଙ୍ଗକୁ ବନ୍ଧୁ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇପାରେ। କଳା,ସାହିତ୍ୟ, ମନୋରଞ୍ଜନ,ବାଣିଜ୍ୟ,ବ୍ୟବସାୟ ଦିଗରୁ ସୁଫଳ ପାଇବେ। ଦ୍ୱାଦଶସ୍ଥ ଶନିଙ୍କ ପ୍ରଭାବରେ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ମିଳିବ। ବିଭିନ୍ନ ଯୋଜନା କରି ଅର୍ଥନୈତିକ, ପ୍ରଶାସନିକ, ରାଜନୈତିକ ସମସ୍ୟାର ସମାଧାନ କରିବେ। ଅଶ୍ୱିନୀ ନକ୍ଷତ୍ରର ମାଙ୍ଗଳିକ କାର୍ଯ୍ୟ ପରିପ୍ରେକ୍ଷୀରେ ବନ୍ଧୁମିଳନରେ ଘର ପୂରି ଉଠିବ। ନୂତନ କର୍ମନିଯୁକ୍ତି ଓ ମାଲିମକଦ୍ଦମାରେ ସଫଳତା ସଂଘର୍ଷମୟ ଜୀବନର ଅବସାନ ଘଟାଇବ। ବ୍ୟବସାୟିକ ଉନ୍ନତି ସହ ନୂତନ ଗୃହ, ଜମିଜମା, ଯାନବାହନ କ୍ରୟ ପାଇଁ ମନ ବଳାଇବେ। ସାମୟିକ ସନ୍ଦେହ ଓ ଭୁଲ୍ ବୁଝାମଣା ଜନିତ ସାମାଜିକ ସ୍ତରରେ ଅଶାନ୍ତି ସୃଷ୍ଟି ହୋଇପାରେ । ଦ୍ୱିଜା ନକ୍ଷତ୍ରର ବର୍ଷର ମଧ୍ୟଭାଗରେ କାର୍ଯ୍ୟହାନି ଜନିତ ମାନସିକ ଓ ଶାରୀରିକ ଅସୁସ୍ଥତା, ବାଦବିବାଦ, ଶିଳ୍ପ ବାଣିଜ୍ୟରେ କ୍ଷତି, ଯାନବାହନ ଦୁର୍ଘଟଣା, ସ୍ଥାନାନ୍ତର ଓ କୃଷି, ପଶୁହାନି ଘଟିବାର ଆଶଙ୍କା ରହିଛି। କିନ୍ତୁ ନୃତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ଓ କ୍ରୀଡ଼ାରୁ ସୁନାମ ଅର୍ଜନ କରିବେ। ଋଣ ପରିଶୋଧର ଯୋଜନା କରିପାରନ୍ତି। କୃତ୍ତିକା ନକ୍ଷତ୍ର–କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିବେ। ଉଚ୍ଚଶିକ୍ଷା,ଗବେଷଣା ଏବଂ ରଚନାତ୍ମକ କାମରେ ପୁରସ୍କୃତ ହେବେ। ବନ୍ଧୁ ବିଚ୍ଛେଦ, ପାରିବାରିକ କଳହ, ଦ୍ରବ୍ୟହାନି, ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି, କର୍ମକ୍ଷେତ୍ରରେ ବିଶୃଙ୍ଖଳା ସୃଷ୍ଟି ହେବ । ରାହୁଙ୍କ ପ୍ରଭାବରୁ ସନ୍ତାନଙ୍କ ବିଶୃଙ୍ଖଳା ସାମୟିକ ମାନସିକ ସ୍ଥିତିକୁ ବିପନ୍ନ କରିପାରେ। କିନ୍ତୁ ଶେଷଭାଗରେ ବହୁତ ଶୁଭଫଳ ପାଇବେ। ପାରିବାରିକ ଶାନ୍ତି,ଚାକିରି ଅଫର,ଦର୍ଶନୀୟସ୍ଥାନ ପରିଦର୍ଶନ ଓ ମନୋରଞ୍ଜନର ମଉକା ମିଳିବ। ଏହାସାଙ୍ଗକୁ ମାନସିକ ଅସ୍ଥିରତା,ବନ୍ଧୁ ବିରୋଧ,ଧନକ୍ଷୟ,ଆକସ୍ମିକ ଦୁର୍ଘଟଣା ଘଟିପାରେ । ମିଥ୍ୟା ଅପବାଦ, କାରଣବିହୀନ ଅଭିଯୋଗରୁ ଭୁଲ୍ ବୁଝାମଣା ସୃଷ୍ଟିହେବ। ବର୍ଷଫଳ ମଧ୍ୟମ ପ୍ରକାରର ରହିବ।

## ବୃଷ

ଜୀବେ ଦ୍ୱିତୀୟେ ଧନଧାନ୍ୟଭୋଗୀ ପରିପ୍ରେକ୍ଷୀରେ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ପାରିବାରିକ ଜୀବନରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଭୋଗବିଳାସ ଅନୁରାଗୀ ହେବେ। ନୂତନ ବନ୍ଧୁ ସମ୍ପର୍କ,ନୂତନ ଗୃହ, ଯାନବାହନାଦି କ୍ରୟ କରିବାକୁ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ସ୍ଥାନାନ୍ତର ସ୍ଥଗିତ ରହିଯିବ। ଚତୁଃଗ୍ରହ ଯୋଗଜନିତ ରାଜଯୋଗ ପ୍ରଭାବରେ ଉଚ୍ଚଶିକ୍ଷା, ରଚନାତ୍ମକ କାର୍ଯ୍ୟ,କଳା,ସାହିତ୍ୟ, ସଂସ୍କୃତି,କ୍ରୀଡ଼ା ପ୍ରଭୃତି କ୍ଷେତ୍ରରୁ ସମ୍ମାନିତ ହେବେ। ସାମୟିକ ପ୍ରତିରୋଧ, ପ୍ରତିବନ୍ଧକ,କ୍ରନିକ୍‌ରୋଗର ପ୍ରାଦୁର୍ଭାବ,ପରୋକ୍ଷ ଶତ୍ରୁତାଜନିତ ଉଦ୍ୟମହାନି ଘଟିପାରେ। ବହୁତ ଦିନରୁ ଅଟକି ରହିଥିବା ଆଶା ପୂରଣ ହେଲେ ମଧ ମାନସିକ ଅଶାନ୍ତି ମଧ ପିଛା ଛାଡ଼ିବ ନାହିଁ। କୃତ୍ତିକା ନକ୍ଷତ୍ର ଲେଖାପଢ଼ା, ମକଦ୍ଦମାରେ ବିଜୟ, ଋଣ ପରିଶୋଧ ପୂର୍ବକ ନୂତନ ଉଦ୍ୟୋଗ,ପ୍ରକଳ୍ପାଦି କାମକୁ ପୂର୍ଣ୍ଣାଙ୍ଗ କରିବେ। ସାଂସ୍କୃତିକ କିମ୍ବା ଆନୁଷ୍ଠାନିକ କାମରେ ସମ୍ବର୍ଦ୍ଧିତ ହୋଇପାରନ୍ତି। ପଦାଧିକାରୀ ଓ କମ୍ପାନୀର ବସ୍‌ଙ୍କ ସହ ମତପାର୍ଥକ୍ୟ ଓ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଫଳରେ ଘାତ ପ୍ରତିଘାତ, ବାଧାବିଘ୍ନ ଓ ପ୍ରତିବନ୍ଧକ ଜନିତ ସମସ୍ୟା,ବିଶୃଙ୍ଖଳା ପ୍ରଭୃତି ଦେଖାଦେବାର ଆଶଙ୍କା ରହିଛି। ରୋହିଣୀ ନକ୍ଷତ୍ରର କଠୋର ପରିଶ୍ରମ, ଅକ୍ଳାନ୍ତ ଉଦ୍ୟମ, ଅସୀମ ଧୈର୍ଯ୍ୟ,ଦୃଢ଼ ମନୋବଳ, କର୍ମନିଷ୍ଠା ଦ୍ୱାରା ସମସ୍ୟା ସମାଧାନ କରିପାରିବେ। ଶେୟାର ବଜାରରେ ପୁଞ୍ଜି ଲଗାଣ, କଳକାରଖାନାର ଆଧୁନିକୀକରଣ ,ଶ୍ରମଭିତ୍ତିକ କାର୍ଯ୍ୟରେ ସଫଳତା ମିଳିବ। ବର୍ଷର ଶେଷଭାଗରେ ନବଜାତ ସନ୍ତାନସୁଖ ସାଙ୍ଗକୁ କଳା,କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ରରେ ସୁନାମ ମିଳିବ । ତଥାପି ସ୍ୱାସ୍ଥ୍ୟ ଓ ଧନହାନି, ବନ୍ଧୁ ସମ୍ପର୍କରେ ହ୍ରାସ ଓ ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଦୁର୍ଘଟଣାର ସମ୍ମୁଖୀନ ହୋଇପାରନ୍ତି। ମୃଗଶିରା ନକ୍ଷତ୍ରର ଉଚ୍ଚ ସ୍ତରରେ ସମ୍ପର୍କ ପ୍ରତିଷ୍ଠିତ ହେବା ସହ ସାମାଜିକ ସମ୍ମାନ ମଧ ପାଇବେ। କାରବାର ବଢ଼ିବ, ବହୁତ ଦିନରୁ ରହିଥିବା ବକେୟା ପାଉଣା ପାଇବେ। ପ୍ରତିଯୋଗିତାରେ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳ ହେବେ ଏବଂ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ନୂତନ ନିଯୁକ୍ତି ଓ କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଏହାସାଙ୍ଗକୁ ପ୍ରତିବନ୍ଧକ,ପରୋକ୍ଷ ଶତ୍ରୁତା,ବନ୍ଧୁବିଚ୍ଛେଦ, କାର୍ଯ୍ୟହାନି ଜମିଜମାବିବାଦ, କଚେରି ମାମଲା,ପାରିବାରିକ ସମସ୍ୟା ଦେଖାଦେଇପାରେ।

## ମିଥୁନ

ଜନ୍ମରାଶିରେ ଦେବଗୁରୁ କୁମ୍ଭ ମାସ ପର୍ଯ୍ୟନ୍ତ ଅବସ୍ଥାନକରି ଆପଣଙ୍କୁ ନୂଆ ନୂଆ କାମ ପାଇଁ ପ୍ରେରଣା ପ୍ରଦାନ କରିବେ। ବିଶିଷ୍ଟ ବ୍ୟକ୍ତିଙ୍କ ମାର୍ଗଦର୍ଶନ ଏ ଦିଗରେ ସହାୟକ ହେବ। କର୍ମକ୍ଷେତ୍ରରେ ସ୍ଥାନାନ୍ତର, ଉଚ୍ଚପଦାରୂଢ଼ ହେବାର ସୌଭାଗ୍ୟପ୍ରାପ୍ତ ହେବେ। ପରିବାରରେ ନବଜାତ ସନ୍ତାନର କୁଆଁ କୁଆଁ ଶବ୍ଦ ସାଙ୍ଗକୁ ମାଙ୍ଗଳିକ କାର୍ଯ୍ୟର ସାହାନାଇ ମଧ ବାଜି ଉଠିବ। ସାମୟିକ ଦୁର୍ବଳତା, ଚୌରଭୟ, କୃଷିବାଣିଜ୍ୟ ସମସ୍ୟା, ସହକର୍ମୀଙ୍କ ସହ ଯୁକ୍ତିତର୍କ ଓ ବିବାଦ କାରଣରୁ କର୍ମପ୍ରବାହର ଗତିରୋଧ ହୋଇପାରେ। ମୃଗଶିରା ନକ୍ଷତ୍ର ସଭାସମିତିରେ ସମ୍ମାନଲାଭ ଓ ପ୍ରଶଂସିତ ହୋଇପାରନ୍ତି। ସଂଘର୍ଷମୟ ପରିସ୍ଥିତିରେ ମଧ ଲକ୍ଷ୍ୟହାସଲ କରିପାରିବେ। ପ୍ରତିଯୋଗିତାରେ ସଫଳତା ପାଇବେ। ରାଜନୈତିକ ସଙ୍ଗଠନକୁ ଦୃଢ଼ୀଭୂତ କରିପାରନ୍ତି। ଶତ୍ରୁତାର ବିଲୟ ଘଟିବ ଏବଂ ଦୂରେଇଯାଇଥିବା ଆତ୍ମୀୟସ୍ୱଜନ ପାଖେଇ ଆସିବେ। ଋଣ ପରିଶୋଧ କରିବା ସାଙ୍ଗକୁ ନୂତନ ଗୃହାଦର, ଯାନବାହନ ଏବଂ ମୂଲ୍ୟବାନ୍ ବସ୍ତ୍ରାଳଙ୍କାର କ୍ରୟକରିବେ। ବୈଷୟିକ ଅଭିବୃଦ୍ଧି ଘଟିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କାମ କଲେ ଅପଦସ୍ଥ ହେବେ। ଆର୍ଦ୍ରା ନକ୍ଷତ୍ର ବନ୍ଧୁ ପାଇଁ ତ୍ୟାଗ ସ୍ୱୀକାର କରିବେ, ମାତ୍ର ପ୍ରତିଦାନରେ କିଛି ପାଇବେ ନାହିଁ। ପୂର୍ବ ବିବାଦକୁ କେନ୍ଦ୍ରକରି ବନ୍ଧୁ ଅସହଯୋଗ, ବ୍ୟବସାୟରେ କ୍ଷତି, ଯାନବାହନରେ ଖର୍ଚ୍ଚାନ୍ତ, କର୍ମକ୍ଷେତ୍ରରେ ମନସ୍ତାପ, କଚେରି ମାମଲାରେ ହସ୍ତକ୍ଷେପ ହୋଇପାରନ୍ତି। ଅବଶ୍ୟ ଅଧ୍ୟୟନ, ଅଧ୍ୟାପନା, ବିଦେଶ ଯାତ୍ରା, ତୀର୍ଥାଟନ, ନୂତନ ନିଯୁକ୍ତି ପାଇବା ସୂଚନା ରହିଛି। ଉଚ୍ଚଶିକ୍ଷା, ସନ୍ତାନଙ୍କ ବିଶୃଙ୍ଖଳା ହେତୁକ ମାନସିକ ଦ୍ୱନ୍ଦ୍ୱ ପ୍ରାୟତଃ ଲାଗି ରହିବ। ବର୍ଷର ଶେଷଭାଗରେ ଅଟକି ରହିଥିବା କାମ ସମ୍ପନ୍ନକରି ଆଶ୍ୱସ୍ତି ଲାଭ କରିବେ। ପୁନର୍ବସୁ ନକ୍ଷତ୍ର ଭୋଗବିଳାସ, ଅର୍ଥ, ଦ୍ରବ୍ୟ ଲାଭ, ଆମୋଦ ପ୍ରମୋଦ, ବନ୍ଧୁମିଳନ ଆତ୍ମୀୟମାନଙ୍କ ସହଯୋଗରେ କାମ ହାସଲକରିବେ। ବନ୍ଧୁବିଚ୍ଛେଦ ଓ ଆକସ୍ମିକ ବିବାଦୀୟ ପରିସ୍ଥିତି ମଧ୍ୟରେ ମାନସିକ ଅଶାନ୍ତି ସୃଷ୍ଟିହେବା ଆଶଙ୍କା ରହିଛି। ପରିଭ୍ରମଣରେ ଉନ୍ନତି, ସତ୍‌ସଙ୍ଗ ଓ ଧାର୍ମିକ, ଆନୁଷ୍ଠାନିକ କ୍ଷେତ୍ରରୁ ସୁନାମ ଅର୍ଜନକରିବେ। ଶନି ଓ ରାହୁଙ୍କ କୁପ୍ରଭାବରୁ ପରୋକ୍ଷ ଶତ୍ରୁତା, ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ସମ୍ଭାବନା ରହିଛି।

## କର୍କଟ

କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟର ପ୍ରତିଶ୍ରୁତି ଓ ବନ୍ଧୁମାନଙ୍କ ସହଯୋଗ ଲାଭକରି କାମ ହାସଲକରିବେ। ଆର୍ଥିକ ଅଭିବୃଦ୍ଧି ସହ ନୂତନ କର୍ମ ନିଯୁକ୍ତିର ସମ୍ଭାବନା ରହିଛି। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ଓ ସାଂଗଠନିକ କାମରେ ନେତୃତ୍ୱ ନେବାର ସୌଭାଗ୍ୟ ଅର୍ଜନ କରିବେ। ଚୁକ୍ତିପତ୍ର ସମ୍ପାଦନ, ପ୍ଲଟିଂ କାରବାର ଓ ଶେୟାର ବଜାରରୁ ଆଶାଜନକ ଫଳ ପାଇବେ। ପିଲାମାନଙ୍କ ବାରମ୍ବାର ସ୍ୱାସ୍ଥ୍ୟଖରାପ, ବିଦେଶ ଯାତ୍ରାରେ ସ୍ଥଗିତାଦେଶ, ବନ୍ଧୁମତାନ୍ତର, ଦ୍ରବ୍ୟନଷ୍ଟ ତଥା ପାରିବାରିକ ଦ୍ୱନ୍ଦ୍ୱ ହେତୁ ମନସ୍ତାପ କରିବେ। ପ୍ରତିବନ୍ଧକ ମଧ୍ୟରେ ସ୍ଥଗିତ ରହିଥିବା କାର୍ଯ୍ୟରେ ସିଦ୍ଧଲାଭ ଘଟିବ। ନୂତନ ବନ୍ଧୁସମ୍ପର୍କ ସ୍ଥାପନ, ପାରିବାରିକ ସଦ୍‌ଭାବ ବୃଦ୍ଧି, ବାଣିଜ୍ୟ ବ୍ୟବସାୟରେ ଉନ୍ନତି, ମକଦ୍ଦମାରେ ବିଜୟ ହାସଲ କରିବାରେ ସମର୍ଥ ହେବେ। ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ନିଜ ପରିସରରେ ପ୍ରତିଷ୍ଠିତ କରାଇବ। ପୁନର୍ବସୁ ନକ୍ଷତ୍ର ବର୍ଷାରମ୍ଭରୁ ନୂତନ ଯୋଜନାରମ୍ଭରେ ସଫଳତା ପାଇବେ। ଯାନବାହନ କ୍ରୟ, ଗୃହଭୂମି ଲାଭ, ଅର୍ଥ, ସନ୍ତାନପ୍ରାପ୍ତି ସାଙ୍ଗକୁ ବୈବାହିକ କର୍ମ ସମ୍ପାଦନ କରିବେ। ଶନିଶ୍ଚରଙ୍କ କୃପାରୁ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ଚଳଚ୍ଚିତ୍ର, ଗବେଷଣା, କଣ୍ଟ୍ରାକ୍ଟରି, ଯାନ୍ତ୍ରିକ ଶିଳ୍ପରେ ଉନ୍ନତି କରିପାରନ୍ତି। ଭୁଲ୍ ବୁଝାମଣା, ପ୍ରତାରଣା, ପ୍ରତିରୋଧ, ବନ୍ଧୁବିଚ୍ଛେଦ, ଅସ୍ଥିରତା, ଦୁର୍ଘଟଣା ପ୍ରତି ସତର୍କ ରହିବା ଭଲ। ନିକଟ ସମ୍ପର୍କୀୟ ମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି। ପୁଷ୍ୟା ନକ୍ଷତ୍ର ପାରିବାରିକ ସୁଖସ୍ୱାଚ୍ଛନ୍ଦ୍ୟ ଜନିତ ମାନସିକ ଶାନ୍ତି କେତେକାଂଶରେ ପାଇ ଖୁସି ରହିବେ। କାର୍ଯ୍ୟହାନି ସାଙ୍ଗକୁ ସନ୍ଦେହ, ଭୁଲ୍‌ବୁଝାମଣା, ସ୍ୱାର୍ଥପରତା, ପାରିବାରିକ ଜୀବନକୁ କଳୁଷିତ କରିପାରେ। ସାହିତ୍ୟ, ସାମ୍ବାଦିକତାରେ ଉନ୍ନତି ଘଟିବ। ପ୍ରେସ୍, ପ୍ରକାଶନ, ପ୍ରଶାସନ, ଇନ୍ଧନ, ଆୟକର, ଜୀବନ ବୀମା, ଔଷଧ ଓ ଆଇନ ବ୍ୟବସାୟ ଭଲରେ ଚାଲିବ। ଅଶ୍ଳେଷା ନକ୍ଷତ୍ର କଳାସୌନ୍ଦର୍ଯ୍ୟକୁ ଆଦର କରିବେ। ସାମୟିକ ସ୍ଥାନାନ୍ତର ଆକସ୍ମିକ ଘଟିବାର ସୂଚନା ରହିଛି। ଅଭାବ ଅସୁବିଧା ନ ଥିଲେ ମଧ ଋଣ ପରିଶୋଧ କରିବା କାଠିକର ପାଠ ହୋଇପାରେ। ମାଙ୍ଗଳିକ କାର୍ଯ୍ୟ, ନୂତନ ବନ୍ଧୁସମ୍ପର୍କ, ପଡ଼ୋଶୀ ଏବଂ ଆତ୍ମୀୟମାନଙ୍କ ସାହାଯ୍ୟ ସହାନୁଭୂତି ଲାଭକରି ଖୁସି ରହିବେ।

## ସିଂହ

ଦେବଗୁରୁଙ୍କ ଦିବ୍ୟଦୃଷ୍ଟି ଅସଜଡ଼ା ପରିସ୍ଥିତିକୁ ସଜାଡିନେବ ଚଳିତ ବର୍ଷରେ। ଶାରୀରିକ ସୁସ୍ଥତା, ଭ୍ରାତୃସମ୍ପର୍କରେ ଉନ୍ନତି, ସହକର୍ମୀଙ୍କ ସହାନୁଭୂତି, ଆତ୍ମୀୟଙ୍କ ସାହାଯ୍ୟ ପାଇବେ। ହଜିଯାଇଥିବା ବ୍ୟକ୍ତି, ଲଢୁଥିବା କେସ୍, ପାଉ ନ ଥିବା ପ୍ରାପ୍ୟ, ଭାଙ୍ଗିପଡିଥିବା ସମ୍ପର୍କ, ମାଙ୍ଗଳିକକାମ ନିର୍ବିଘ୍ନରେ ସମ୍ପନ୍ନ ହେବ। ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଉଚ୍ଚ ପଦପଦବୀ ପ୍ରାପ୍ତ ହେବାର ସୁଯୋଗ ଜୁଟିବ। ସାହିତ୍ୟ, ସଂସ୍କୃତି, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରୁ ସୁନାମ ମିଳିବ। ସାମ୍ବାଦିକତା, ରାଜନୀତି ଓ ଆଇନ, ଅଦାଲତ, ସଂଗଠନ ପ୍ରଭୃତିରେ ଦକ୍ଷତା ବୃଦ୍ଧିପାଇବ। ଅଷ୍ଟମସ୍ଥ ଶନିଙ୍କ କର୍ମ ଓ ସନ୍ତାନଭାବ ପ୍ରତି ଅଶୁଭଦୃଷ୍ଟି କର୍ମକ୍ଷେତ୍ରରେ କାର୍ଯ୍ୟରେ ବିଳମ୍ବ ସୃଷ୍ଟି କରିବ। ସନ୍ତାନଙ୍କ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ରାହୁଙ୍କ ପ୍ରଭାବରେ ମକଦ୍ଦମା, ଧନହାନି, ଭିଜିଲାନ୍ସ ଚଢ଼ାଉ କିମ୍ବା ରାଜଦଣ୍ଡର ଆଶଙ୍କା ମଧ ରହିଛି। ମଘା ନକ୍ଷତ୍ରର ଶୁଭଫଳ ମଧ୍ୟରେ ନୂତନ ଗୃହ ନିର୍ମାଣ, ଯାନବାହନ ଓ ଯାନ୍ତ୍ରିକ ଜିନିଷ କିଣିବାର ସୁଯୋଗ ମିଳିବ। ରାଜନୈତିକ ପରିସର ଅନୁକୂଳ ରହିବ। ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ। କଚେରି ମାମଲାର ରାୟ ସପକ୍ଷରେ ଯିବ। ଶିଳ୍ପ, ବାଣିଜ୍ୟ, ପରିବହନରେ ଉନ୍ନତି କରିବେ। ପୂର୍ବାଫାଲ୍‌ଗୁନୀ ଆନୁଷ୍ଠାନିକ ଓ ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। କର୍ମକ୍ଷେତ୍ରରେ ପ୍ରାଧାନ୍ୟ ବଢ଼ିବ। ପ୍ରତିଯୋଗିତାରେ ବିଜୟ ଏବଂ ପ୍ରଶାସନିକ ସ୍ତରରେ ସଫଳତା ପାଇବେ। ପାରିବାରିକ ସମସ୍ୟାର ସମାଧାନ, ଅର୍ଥ ଦ୍ରବ୍ୟ ଲାଭ, ନୂତନ ମିତ୍ର ବନ୍ଧୁ ମାନଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ଶତ୍ରୁତା କାରଣରୁ ମିଥ୍ୟାପବାଦ, ଘାତପ୍ରତିଘାତ, ପ୍ରତିବନ୍ଧକ ଓ ମନସ୍ତାପ ମଧ ପିଛା ଛାଡ଼ିବ ନାହିଁ। ବନ୍ଧୁବିଚ୍ଛେଦ, ପାରିବାରିକ ଅଶାନ୍ତି, ଧର୍ମକାର୍ଯ୍ୟରେ ବାଧା ଦେଖାଦେଇପାରେ। ଉତ୍ତରାଫାଲ୍‌ଗୁନୀ ସକାଶେ ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ସହ ମତାନ୍ତର ଘଟିବ। ବାରମ୍ବାର ସ୍ୱାସ୍ଥ୍ୟ ଖରାପ କାରଣରୁ ମାସିକ ସ୍ଥିତି ବିପନ୍ନ ହୋଇପାରେ। ବ୍ୟବସାୟିକ ପ୍ରତିବନ୍ଧକ, କରଜଦାତାଙ୍କ ଚାପ, ଜମିଜମା ବିବାଦର ସାମ୍ନା କରିବାକୁ ପଡ଼ିପାରେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ସାହିତ୍ୟ ସାଧନା, ରଚନାତ୍ମକ କାର୍ଯ୍ୟରେ ସୁନାମ ଅର୍ଜନ କରିବେ। ନୂତନ ଯାନବାହନ, ଧାତୁଅଳଙ୍କାର, ଗୃହୋପଯୋଗୀ ଜମି ଲାଭର ସୂଚନା ରହିଛି।

## କନ୍ୟା

ବର୍ଷର ମଧ୍ୟଭାଗରୁ ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ବୈଷୟିକ ସୁଖସମ୍ପଦ ପାରିବାରିକ ଜୀବନକୁ ରସାଣିତ କରିବ। ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସାଧନ କରିବେ। ଶିକ୍ଷାରେ ଉନ୍ନତି, ସନ୍ତାନଙ୍କ କୃତି ଓ କୃତିତ୍ୱ, ନୂତନ କର୍ମନିଯୁକ୍ତି ଓ କାର୍ଯ୍ୟସିଦ୍ଧିରୁ ଖୁସିରହିବେ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସମ୍ମାନିତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ନିର୍ମାଣ, କଣ୍ଟ୍ରାକ୍ଟରି, ଏଜେନ୍ସିପ୍‌ରେ ଶୁଭଫଳ ପାଇବେ। ମିତ୍ରବନ୍ଧୁ ସମାଗମ, ନୂତନ ଗୃହ ଓ ଯାନବାହନ ଓ ସ୍ୱର୍ଣ୍ଣାଦି ଅଳଙ୍କାର ଲାଭ ଯୋଗ ରହିଛି। କିନ୍ତୁ ରାଶିକୁ ଶନିଙ୍କ ପ୍ରତ୍ୟକ୍ଷଦୃଷ୍ଟିଜନିତ ଶାରୀରିକ ଅସୁସ୍ଥତା, କାର୍ଯ୍ୟରେ ବିଳମ୍ବ, ଅପବ୍ୟୟ, ସ୍ଥାନାନ୍ତର, ଭିଜିଲାନ୍ସ ଧରପଗଡ଼ ସାଙ୍ଗକୁ ବହୁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ଜମିବାଡ଼ି କିମ୍ବା ଗୃହ ସମ୍ପର୍କିତ କଳହ, ସନ୍ତାନମାନଙ୍କ କିଛି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ପ୍ରବାସରେ କଷ୍ଟପୂର୍ଣ୍ଣ ପରିସ୍ଥିତି, ବନ୍ଧୁ ବିଚ୍ଛେଦଜନିତ ଦୁଃଖ ଓ ଶୋକ ଉତ୍ପନ୍ନହେବା ଆଶଙ୍କା ରହିଛି। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଅଟକି ରହିଯାଇଥିବା କାମକୁ ସମ୍ପନ୍ନ କରିବେ। ବନ୍ଧୁମାନଙ୍କ ସାହାଯ୍ୟରେ ଅର୍ଥ ଓ ଗୃହ,ଯାନବାହନାଦି ଲାଭହେବ। ତୀର୍ଥାଟନ ସାଙ୍ଗକୁ ନୂତନ ସ୍ଥାନ ପରିଭ୍ରମଣର ସୁଯୋଗ ମିଳିବ। ଆଧ୍ୟାତ୍ମିକତା, ସତ୍‌ସଙ୍ଗ, ମନୋରଞ୍ଜନ କାର୍ଯ୍ୟକ୍ରମ କେତେକାଂଶରେ ଶାନ୍ତି ପ୍ରଦାନରେ ସହାୟକ ହେବ। ପାରିବାରିକ ଝଡ଼ଝଞ୍ଜା , ଅପବ୍ୟୟ, ସ୍ଥାନାନ୍ତର, ଭିଜିଲାନ୍ସ ଧରପଗଡ଼ ସାମ୍ନା କରିବେ। ହସ୍ତା ନକ୍ଷତ୍ରର ଉନ୍ନତ ଚିନ୍ତା, ନୂତନ ଯୋଜନା, ଆନୁଷ୍ଠାନିକ କାମ ଓ ସାଙ୍ଗଠନିକ କ୍ଷେତରୁ ସୁନାମ ଅର୍ଜନ କରିବେ। ଶନି ଓ ରାହୁଙ୍କ କୁପ୍ରଭାବରୁ ପରୋକ୍ଷ ଶତ୍ରୁତା, ଅର୍ଥ ଓ ଦ୍ରବ୍ୟହାନି,ବନ୍ଧୁରେ ମତାନ୍ତର ଓ କଳହ ସୃଷ୍ଟି ହୋଇପାରେ। ରେଡିମେଡ୍ ଜିନିଷ ଓ ବିଦ୍ୟୁତ୍ ସରଞ୍ଜାମ ବ୍ୟବସାୟରୁ ଲାଭବାନ୍ ହେବେ। ଚିତ୍ରା ନକ୍ଷତ୍ର ଅଟକି ରହିଯାଇଥିବା କାମକୁ ସମ୍ପନ୍ନ କରିବେ। ଅର୍ଥ ଓ ଗୃହ,ଯାନବାହନାଦି ଲାଭ ହେବ। ତୀର୍ଥାଟନ,ପରିଭ୍ରମଣର ସୁଯୋଗ ମିଳିବ। ଆଧ୍ୟାତ୍ମିକ, ସତ୍‌ସଙ୍ଗ, ମନୋରଞ୍ଜନ କାର୍ଯ୍ୟକ୍ରମ କେତେକାଂଶରେ ଶାନ୍ତି ପ୍ରଦାନରେ ସହାୟକ ହେବ। ପ୍ରକାଶନ, ପ୍ରଶାସନ, ଆଇନ, ରଚନାତ୍ମକ କାର୍ଯ୍ୟ, ସାମ୍ବାଦିକତା ଏବଂ କଳା, ସଂସ୍କୃତିରେ ସୁଫଳ ପାଇବେ। ସାମୟିକ ଭାବରେ ପାରିବାରିକ ଝଡ଼ଝଞ୍ଜା, ସ୍ୱାମୀ ସ୍ତ୍ରୀ କଳହ ଓ ମତାନ୍ତର, ଜମିଜମା ବିବାଦ ଘଟିପାରେ।

## ତୁଳା

ଅନୁକୂଳ ଗ୍ରହସ୍ଥିତିର ସୁପ୍ରଭାବରେ ବଦଳିଯିବ ଜୀବନଯାତ୍ରା, ହଟିଯିବ ଦୁର୍ଦ୍ଦିନର ଅମା ଅନ୍ଧକାର। ନୂତନ ଯୋଜନାରମ୍ଭ କରି ଆର୍ଥିକ ସ୍ଥିତିକୁ ବଦଳାଇଦେବେ। ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ସାଙ୍ଗକୁ ସାମାଜିକସ୍ଥିତି ବେଶ୍ ମଜଭୁତ ରହିବ। ଲୋକ ସମ୍ପର୍କ ବୃଦ୍ଧି ସହ କର୍ମ କ୍ଷେତ୍ରରେ ଯଶ ଓ ସମ୍ମାନଲାଭର ସୌଭାଗ୍ୟ ପ୍ରାପ୍ତହେବ। ତଥାପି ସାମୟିକ ଭାବରେ ବନ୍ଧୁଙ୍କ ମିଥ୍ୟାରୋପ, ଅପପ୍ରଚାର, ଭିଜିଲାନ୍ସ ଚଢାଉ, ସ୍ତ୍ରୀଙ୍କ ସହ ସମ୍ପର୍କ ହାନିର ସୂଚନା ମଧ ରହିଛି। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। ମାଲିମକଦ୍ଦମା ଫଇସଲା ହୋଇଯିବ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହେବା ସହ ମନୋରଞ୍ଜନ ଓ ମାଙ୍ଗଳିକ କାମରୁ ଖୁସି ରହିବେ। ଅର୍ଥ ସଂକଟକୁ ବନ୍ଧୁ କିମ୍ବା ଗୁରୁଜନ ଦୂରେଇ ନେଇପାରନ୍ତି । ଚିତ୍ରା ନକ୍ଷତ୍ରର ସାମୟିକ ଉତ୍କର୍ଷ ଓ ସ୍ୱକୀୟ ପ୍ରତିଭାର ବିକାଶ ଓ ଦକ୍ଷତା ହେତୁ ବିଭିନ୍ନ ସ୍ତରରେ ପ୍ରଶଂସା ଓ ସମ୍ମାନ ପାଇବେ। ନୂତନ କର୍ମାରମ୍ଭ, ବନ୍ଧୁସମାଗମର ଯୋଗ ରହିଛି। ବୀମା, ପଲିସି, ସଞ୍ଚୟ ଜମା ମଧ କରିପାରନ୍ତି।ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ନୃତ୍ୟବାଦ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରବେ। କୁଟନୀତି ଓ କାଳକ୍ଷେପଣ ପଦ୍ଧତି ଅନୁଯାୟୀ ସମସ୍ୟାକୁ ନିୟନ୍ତ୍ରଣ କରିପାରିବେ। ସ୍ୱାତୀ ନକ୍ଷତ୍ର ନୂତନ ଗୃହନିର୍ମାଣ, ମାଙ୍ଗଳିକ କାମ, ଯାନ୍ତ୍ରିକ ଜିନିଷ, ଧାତୁ, ଅଳଙ୍କାର ପାଇବେ। ଈର୍ଷା ଓ ଅସୂୟା ମନୋଭାବ ସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପରୋକ୍ଷ ଶତ୍ରୁତା ସଂଘର୍ଷ ମଧ୍ୟରେ ଦୀର୍ଘ ଦିନର ଆଶା ଓ ଅଭିଳାଷ ପୂରଣ କରିବେ। ପାରିବାରିକ ସମସ୍ୟା, ବନ୍ଧୁମାନଙ୍କ ଶତ୍ରୁତା, ସନ୍ତାନଙ୍କ ବିଶୃଙ୍ଖଳା ଦୁଶ୍ଚିନ୍ତାର କାରଣ ହେବ। ଚୋରି, ଭିଜିଲାନ୍ସ କିମ୍ବା ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିବାର ଆଶଙ୍କା ରହିଛି। ବିଶାଖା ନକ୍ଷତ୍ର କର୍ମକ୍ଷେତ୍ରରେ ନୀତିଗତନିଷ୍ଠା, ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନ, ସାମାଜିକ ସ୍ତରରେ ବନ୍ଧୁବର୍ଗଙ୍କ ଦ୍ୱାରା ଆଦୃତି ଲାଭ କରିବେ। ବାଣିଜ୍ୟ ବ୍ୟବସାୟରେ ପ୍ରତିବନ୍ଧକ ଦୂରହେବ। ନୂତନ ଚାକିରି ଅଫର୍ ପାଇପାରନ୍ତି। ତୀର୍ଥାଟନର ସୁଯୋଗ ମିଳିବ। ସଭାସମିତି, ସାଂସ୍କୃତିକ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇପାରନ୍ତି। ସଙ୍ଗୀତ ଓ ଯୋଗସାଧନା କ୍ଷେତ୍ରରୁ ସମ୍ମାନିତ ହେବେ।

## ବିଛା

ବର୍ଷାରମ୍ଭରୁ ଅଷ୍ଟମ ବୃହସ୍ପତି ପ୍ରତ୍ୟେକ କାମରେ ବାଧାବିଘ୍ନ ସୃଷ୍ଟି କରିବେ। କିନ୍ତୁ ସମୟାନ୍ତରରେ ଭାଗ୍ୟସ୍ଥ ବୃହସ୍ପତି ଶାରୀରିକ ସୁସ୍ଥତା, ନୂତନ ବନ୍ଧୁସମ୍ପର୍କ, ସନ୍ତାନଙ୍କ ସର୍ବାଙ୍ଗୀନ ଉନ୍ନତି କରିପାରନ୍ତି। ଅଧ୍ୟୟନ, ଅଧ୍ୟାପନା ଏବଂ ରଚନାତ୍ମକ କାମରୁ ସମ୍ମାନିତ ହୋଇପାରନ୍ତି। ଆନୁଷ୍ଠାନିକକ୍ଷେତ୍ରରେ, ଆଧ୍ୟାତ୍ମିକତାରେ, ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭର ସୁଯୋଗ ମିଳିବ। ଦୁଃସ୍ଥାନସ୍ଥ ବୃହସ୍ପତିଙ୍କ ଯୋଗୁ ଛୋଟବଡ଼ ସମସ୍ୟା ମଧ ଦେଇ ପାରିବାରିକ ଜୀବନ ଉଠାପକା ମଧ୍ୟରେ ଚାଲିବ। ତଥାପି ଯାନବାହନ, ଭୋଗବିଳାସ, ପ୍ରୀତିଲାଭ, ଅର୍ଥପ୍ରାଚୁର୍ଯ୍ୟ, କାର୍ଯ୍ୟସିଦ୍ଧି, ଆଦୃତି, ସୁଖ ସମ୍ମାନ, ଉଚ୍ଚ ଆଶା ଓ ପରୋପକାର ହେତୁ ପ୍ରଶଂସିତ ହେବେ। ପ୍ରେସ୍, ପବ୍ଲିକେଶନ, ନୂତନ ପ୍ରକଳ୍ପ, କଳକାରଖାନା, କଳା, ସାହିତ୍ୟ, ଚଳଚ୍ଚିତ୍ର, ଟିଭି ଚ୍ୟାନେଲ ପ୍ରଭୃତିରେ ସୁଫଳ ପାଇବେ। ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ବନ୍ଧୁ ସମ୍ପର୍କରେ ଭଙ୍ଗା ପଡ଼ିଯାଇପାରେ। ବିଶାଖା ନକ୍ଷତ୍ର ଲୋକାଭିମୁଖୀ ଜନକଲ୍ୟାଣ କର୍ମରେ ପ୍ରବେଶକରି ଉଚ୍ଚ ପ୍ରଶଂସିତ ହେବେ। ନୂତନ କର୍ମନିଯୁକ୍ତିର ଅଫର, ବିଦେଶ ଯାତ୍ରାର ସୁଯୋଗ, ମିତ୍ରବନ୍ଧୁଙ୍କ ସମାଦର, ଗୁରୁବର୍ଗଙ୍କ ପ୍ରେରଣା ମିଳିବ। ନୂତନ ସ୍ଥାନ ପରିଭ୍ରମଣ, ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗ ଲାଭ କରିବେ। ବଡ଼ ଲୋକମାନଙ୍କ ସାନ୍ନିଧ୍ୟରୁ, ଅଧ୍ୟୟନ ଓ ଅଧ୍ୟାପନାରେ, କୃଷି, ବାଣିଜ୍ୟ, ରାଜନୀତିରେ ସଫଳତା ମିଳିବ। ଉଚ୍ଚାଶା ,ସୁଖସମ୍ମାନ, ଅର୍ଥ ଦ୍ରବ୍ୟ ଲାଭ, ଶୁଭଖବର, ଆମୋଦପ୍ରମୋଦ, ଉଚ୍ଚସମ୍ପର୍କରୁ ଖୁସି ରହିପାରନ୍ତି। ଅନୁରାଧା ନୂତନ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇବେ। ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହେବ। ଭାଙ୍ଗିପଡ଼ିଥିବା ମନ, ଅଟକି ରହିଥିବା କାମ, ପାଉ ନ ଥିବା ଧନ ମାନସିକ ଅଶାନ୍ତିର କାରଣ ହୋଇପାରେ। ସାମାଜିକ ସ୍ତରରେ କଳା, ସାହିତ୍ୟ, ସାମ୍ବାଦିକତା, ଗବେଷଣା, ପ୍ରକାଶନ ଓ ପ୍ରଶାସନ କ୍ଷେତ୍ରରୁ ସୁଫଳ ପାଇବେ। ଜ୍ୟେଷ୍ଠା ନକ୍ଷତ୍ର ସ୍ଥଗିତ କର୍ମାରମ୍ଭ, କାର୍ଯ୍ୟସିଦ୍ଧି, କଲ୍ୟାଣମୂଳକ କର୍ମ ସାଙ୍ଗକୁ ଦୀର୍ଘଦିନର ଅଭିଳାଷ ପୂରଣ ହେବ। ଲୋକସମ୍ପର୍କ ବୃଦ୍ଧିପାଇବ। ରାଜନୈତିକ ଓ ସାଙ୍ଗଠନିକ ପ୍ରକ୍ରିୟା ତ୍ୱରାନ୍ୱିତ କରିବେ। ଅର୍ଥନୈତିକ ଓ ସାମାଜିକ ସ୍ଥିତି ଭଲ ରହିବ। କୌଣସି ବିଜାତୀୟ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଋଣ ପରିଶୋଧ କରି ଆତ୍ମତୃପ୍ତି ଲାଭ କରିବେ।

## ଧନୁ

